

**୧୪ ବର୍ଷ ପରେ ଈଶା**

▶ପୃଷ୍ଠା ୧୩ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-267 ◆BHUBANESWAR ◆WEDNESDAY ◆26 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬୭ ◆ଭୁବନେଶ୍ୱର ◆ବୁଧବାର ◆୨୬ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦





**No.1** Residential CBSE School

Padma Bhushan Anupam Kher
Brand Ambassador, Krishna Vikash

**"No bigger decision for parents & students than choosing a school."**

*A legacy of creating IITians, Technocrats, Medicos and world-changing Professionals.*

krishnavikash.com

More than 2 DECADES of EXCELLENCE

Krishna Vikash portals of success in Odisha




Krishna Vikash Campus




Vikash IND Global School




Krishna Vikash Techno School




Krishna Vikash Techno School

**AISSE X 2024** School Topper



98.0% 490 MARKS SOHAN

**AISSE X 2024** School Topper



98.0% 490 MARKS AKSHITA

**AISSCE XII 2024** Science Topper



97.2% 486 MARKS ARIN

**NTA NEET (UG) 2024**



AIIMS, Kalyani

700 MARKS DIGAMBAR

**JEE Mains 2025**



99.39 Percentile TOTAL PRATYUSH

**JEE Mains & Adv. 2024**



JEE Mains 2024 — 99.646 Percentile Total — RITESH — AIR 1446 OBC JEE Adv. 2024 — IIT, Mandi, AI & Data Science Engg.

JEE Mains 2024 — 99.640 Percentile Total — PRIYANK — AIR 4565 Gen. JEE Adv. 2024 — IIT, Kharagpur, Civil Engg.

### NEET 2024

| | |
|---|---|
| DIGAMBAR SAHU | AIIMS, Kalyani |
| SANAT KU. MISHRA | SCB, Cuttack |
| SATYAM SAI PRUSTY | VIMSAR, Burla |
| UTPALA DASH | VIMSAR, Burla |
| AFIRAH NAAZ | ESIC, Faridabad |
| ARMAN MEHER | VIMSAR, Burla |
| ROHIT KU. MEHER | VIMSAR, Burla |
| SANKET BERLIA | VIMSAR, Burla |
| DEBASMITA ROUT | VIMSAR, Burla |
| PRATIK KU. PANDA | VIMSAR, Burla |

### NEET 2024

| | |
|---|---|
| PRITAM KU. MEHER | BBMCH, Balangir |
| SOUMYA BEHERA | BBMCH, Balangir |
| AYUSH R. PANIGRAHI | BBMCH, Balangir |
| KHUSHI PANDIT | BBMCH, Balangir |
| SIDRATUL MUNTAHA | FMMCH, Balasore |
| ABHISHEK SAHU | GMCH, Sundargarh |
| ARIN NANDA | GMCH, Sundargarh |
| SUBHASIS MISHRA | GMCH, Sundargarh |
| RENUKA SAHU | SCB, Cuttack |
| TUSHAR R. SAHU | GAC, Ernakulum |

### CUET 2024

| | |
|---|---|
| YASH AGRAWAL | Kirorimal College (DU) |
| PUTTA AKSHAYA | Kirorimal College (DU) |
| KRISHNA SHARMA | Guru Nanak Dev College (DU) |
| SIPUN SAHU | Hindu College (DU) |
| ADITYA A. BEHRA | Deen Dayal Upadhyaya College (DU) |
| ATASI MAHARANA | Deshbandhu College (DU) |
| TWINKLE MEHER | Shaheed Bhagat Singh College (DU) |
| DISHA AGRAWAL | Rajdhani College (DU) |
| CHINMAYA CHHATRIA | Deshbandhu College (DU) |
| HARSHITA SHUKLA | Acharya Narendra Dev College (DU) |
| RAKHI SINGH | Miranda House (DU) |
| AANCHAL MEHER | Shivaji College (DU) |
| KRISH AGARWAL | SRM Sonepat Delhi NCR |
| GRESHY N. SINGHAL | Miranda House (DU) |

### IIT & NIT 2024

| | |
|---|---|
| RITESH RAJ SAHU | IIT, Mandi |
| PRIYANK AGRAWAL | IIT, Kharagpur |
| MANISHA MEHER | NIT, Rourkela |
| SUBHANKAR SAHU | NIT, Rourkela |
| CHETAN CHOUDHARY | NIT, Rourkela |
| JAYANT KUANR | NIT, Rourkela |
| KRISHNANANDA SAHU | NIT, Rourkela |
| SUBHASHREE SAHU | NIT, Rourkela |
| KIRAN KU. BHOI | NIT, Rourkela |
| RAJAT DALAPATI | NIT, Rourkela |
| ASIM KHAMARI (IIIT, BBSR) | NIT, Rourkela |

**New Admissions are going on**

KVAST 2025 — Krishna Vikash Aptitude & Scholarship Test

## ADMISSION TESTS FOR CLASS XI / CLASS IX (CBSE)

For Admissions in **Vikash Residential School, Bargarh** & **Krishna Vikash Techno School, Angul**

| General Science | Commerce | Humanities |
|---|---|---|
| Integrated IIT-JEE | Integrated CA | Civil Services |
| Integrated NEET | Integrated CUET | Integrated CUET |
| Integrated CUET | Integrated IPMAT | Integrated IPMAT |
| NIFT/NIFD/NDA | Integrated CLAT | Integrated CLAT |

Scan QR Code to Register

Registration Link: **https://vrsbgh.krishnavikash.com/kvast**



**Test Centre : Vikash Residential School, Barahaguda, Bargarh (Odisha)**

PHASE - VI: **30th Mar. 2025** (Sunday) 9 AM-1 PM
PHASE - VII: **6th April 2025** (Sunday) 9 AM-1 PM

**Test Centre : Krishna Vikash Techno School, C/o - Sarala Devi International School, Rantalei, Angul (Odisha)**

PHASE - VI: **4th April 2025** (Friday) 9 AM-1 PM
PHASE - VII: **9th April 2025** (Wednesday) 9 AM-1 PM

APPLY NOW

## ADMISSIONS OPEN (Co-Ed. Day/Residential)
## Class Nursery to IX & XI CBSE

**Class XI Summer Foundation Course / Regular Course (Science / Commerce / Arts) from 2nd April 2025**

- **BARGARH:** 99376 18855, 63707 04779, 86583 61100, 93373 10441
- **ANGUL:** 91246 09681 / 82 • **BRAHMAPUR:** 91246 09687 / 88
- **ROURKELA:** 70778 53111 • **CEMENT NAGAR:** 94396 65394.

**Our Campuses @ Chhattisgarh & Andhra Pradesh** - **RAIPUR:** 77519 93222 | **BHILAI:** 91245 71067 / 68 / 69 | **JAGDALPUR:** 91240 87305 / 06 / 07 | **VISAKHAPATNAM:** 99662 12217 / 63014 64656.

Admissions open also for **CHSE +2 1st Year (Sc./Com.) Free* Foundation Classes @ Vikash Higher Secondary School, Bargarh** - 94393 53433 / 94380 69105 / 70641 40000.

Enrollments Open for Admissions in **New Batch of Super-40** (**1 Year Extended NEET/JEE Classroom Programme**) @ Bargarh Campus - Contact: 99376 18855, 63707 04779, 91245 99099.

Krishna **Vikash** Group of CBSE Schools
Krishna Vikash Edu. Network
Odisha | Chhattisgarh | Andhra Pradesh

### ଭିଜିଲାନ୍ସ ଜାଲରେ ଜଟଣୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ

# ବାବୁଙ୍କ 'ଜମି ଓ କୋଠା' ସଉକ

**ଭୁବନେଶ୍ୱର/ଜଟଣୀ, ୨୫ ।୩ (ସମିସ):** ନୂଆନୂଆ ଶୈଳୀରେ ନିର୍ମାଣ ହୋଇଛି ବହୁତଳ ଅଟ୍ଟାଳିକା। ଅଚଳାଚଳ ସମ୍ପତ୍ତି, କୋଠା, ପ୍ଲଟ ଓ ନଗଦ ଟଙ୍କା ଓ ସୁନାଗହଣା ଦେଖି ଭିଜିଲାନ୍ସ ବି ତାଜୁବ୍। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ

- ୪ଟି ଫ୍ଲାଟ୍, ୧୧ଟି ପ୍ଲଟ ଓ ଲକର ଠାବ
- ନଗଦ ୧୭ ଲକ୍ଷ ଟଙ୍କା, ୧୫୦ ଗ୍ରାମ ସୁନା ଜବତ

ପଡ଼ିଛନ୍ତି ଜଟଣୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ। ମଙ୍ଗଳବାର ସୂର୍ଯ୍ୟମଣିଙ୍କ ଘର ସମେତ ୧୦ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛି ଭିଜିଲାନ୍ସ। କାର୍ଯ୍ୟନିବାହୀ ଅଧିକାରୀଙ୍କ ଅମାପ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଜଳକା ହୋଇଯାଇଛନ୍ତି। ତାଙ୍କ ଘରୁ ପୁଳାପୁଳା ବିଡ଼ା ଟଙ୍କା ମଧ୍ୟ ଜବତ ହୋଇଛି। ଟଙ୍କାଗୁଡ଼ିକୁ ଗଣିବା ପାଇଁ ଭିଜିଲାନ୍ସକୁ ଟଙ୍କାଗଣା ମେସିନ୍ ବ୍ୟବହାର କରିବାକୁ ପଡ଼ିଥିଲା।

ସୂର୍ଯ୍ୟମଣିଙ୍କ ଜାଗମରାରେ ଷ୍ଟଲୱାଟ ପ୍ରଭାତୀ ମାନିଶନ ଥିବା ଫ୍ଲାଟ୍, ଖାରବେଳନଗର ଥାନା ୟୁନିଟ୍-୩ରେ ଶ୍ରୀରାମ ମାନିଶନରେ ଥିବା ୮୫୦ ବର୍ଗଫୁଟ୍ ୨ ବିଏଚ୍‌କେ ଫ୍ଲାଟ୍, ଡେଲଟାରେ ହରପ୍ରିୟା କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ ଲିମିଟେଡ୍‌ରେ କାର୍ଯ୍ୟ ଚାଲୁଥିବା ଆପାର୍ଟମେଣ୍ଟରେ ୪.୫ ବିଏଚ୍‌କେ ଫ୍ଲାଟ୍ ଲାଗି ସେ ୫୬.୪୦ ଲକ୍ଷ ଟଙ୍କା ଆଗ୍ରୀମ ଦେଇଛନ୍ତି। ତାଙ୍କ ପତ୍ନୀ ଦୀପିକା ମହାପାତ୍ରଙ୍କ ନାମରେ ଉକ୍ତ ଫ୍ଲାଟ୍ ରହିଛି। ଏଥିସହ ବିଜେବିନଗର ଗ୍ରୀନ ସ୍କୋୟାର





ରେସିଡେନ୍ସିରେ ୨ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁରରେ ଆଙ୍କୁଲିରେ ୫୫୦୦ ବର୍ଗଫୁଟ୍‌ରେ ୪ମହଲା କୋଠା, ବ୍ରହ୍ମପୁର ପନକଲାପଲ୍ଲୀରେ ୩୩୬୦ ବର୍ଗଫୁଟ୍‌ରେ ଦୁଇ ମହଲା କୋଠା ରହିଛି। ସେହିପରି ଜଟଣୀ, ଭୁବନେଶ୍ୱର ଓ ବ୍ରହ୍ମପୁର ଓ ଗଞ୍ଜାମର ପ୍ରମୁଖ ସ୍ଥାନରେ ୧୧ଟି ଦାମୀ ପ୍ଲଟ୍ ମିଳିଛି। ସୂର୍ଯ୍ୟମଣିଙ୍କର ଏହି ସବୁ ଘର ଓ ପ୍ଲଟଗୁଡ଼ିକର ମାପଚୁପ ଏବଂ ମୂଲ୍ୟାୟନ କାର୍ଯ୍ୟ ଜାରି ରଖିଛି ଭିଜିଲାନ୍ସର ବୈଷୟିକ ଟିମ୍।

ଅନୁରୂପ ଭାବେ ସୂର୍ଯ୍ୟମଣିଙ୍କ ଘରୁ ନଗଦ ୧୭ଲକ୍ଷ ଟଙ୍କା, ୧୫୦ ଗ୍ରାମ ସୁନା, ବ୍ୟାଙ୍କ, ପୋଷ୍ଟାଲରେ ୭୬ଲକ୍ଷ ୧୫ହଜାର ୬୯୫ ଟଙ୍କାର ଜମାରାଶି, ଗୋଟିଏ ଦାମୀ କାର, ୩ଟି ବାଇକ ଓ ବ୍ରହ୍ମପୁର ମେଡିକାଲ କ୍ୟାମ୍ପସ ଏସ୍‌ବିଆଇ ଶାଖାରେ ଗୋଟିଏ ଲକର ଠାବ ହୋଇଛି। ଉକ୍ତ ଲକର ତାଙ୍କ ପତ୍ନୀଙ୍କ ନାମରେ ରହିଥିବା ବେଳେ ଏହାକୁ ଖୋଲିବା ଲାଗି ପ୍ରକ୍ରିୟା ଜାରି ରହିଛି। ସୂର୍ଯ୍ୟମଣି ଓ ତାଙ୍କ ପରିବାର ନାମରେ ରହିଥିବା କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ତେଣୁ ସୂର୍ଯ୍ୟମଣିଙ୍କୁ ଅଟକ ରଖି ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛି ଭିଜିଲାନ୍ସ।

ଆଜି ଏକାସାଥୀରେ ଭିଜିଲାନ୍ସ ପକ୍ଷରୁ ସୂର୍ଯ୍ୟମଣିଙ୍କ ଜାଗମରାସ୍ଥିତ ବାସଭବନ, ଗଞ୍ଜାମ ସୋରଡାରେ ଥିବା ପୈତୃକ ଘର, ବ୍ରହ୍ମପୁର, ଭୁବନେଶ୍ୱର ଓ ଗଞ୍ଜାମରେ ଥିବା ସମ୍ପର୍କୀୟଙ୍କ ଘର ଓ ଜଟଣୀରେ ଥିବା କାର୍ଯ୍ୟାଳୟ ଓ ଭଡ଼ାଘର ସମେତ ୧୦ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳ ବଡ଼ଧରଣର ଚଢ଼ଉ କରାଯାଇଥିଲା। ଏଥିରେ ୯ଜଣ ଡିଏସ୍‌ପି, ୪ଜଣ ଇନ୍ସପେକ୍ଟର, ୧୩ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ସୂର୍ଯ୍ୟମଣୀ ୧୯୯୪ ମସିହାରେ ନବରଙ୍ଗପୁର ପୌରପାଳିକାରେ କନିଷ୍ଠ ଯନ୍ତ୍ରୀ ଭାବେ ଚାକିରି କରିଥିଲେ। ୧୯୯୬ରୁ ୨୦୦୬ ମସିହା ପର୍ଯ୍ୟନ୍ତ ସେ ବିଭିନ୍ନ ଏନ୍‌ଏସିରେ କାର୍ଯ୍ୟ କରିଥିଲେ। ୨୦୦୭ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ସେ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବେ ବିଭିନ୍ନ ପୌରପାଳିକାରେ କାର୍ଯ୍ୟ କରିଥିଲେ। ୨୦୨୩ରେ ନିର୍ବାହୀ ଯନ୍ତ୍ରୀ ଅଧିକାରୀ ଭାବେ ପଦୋନ୍ନତି ପାଇ ଯାଜପୁର ପୌରପାଳିକାରେ କାର୍ଯ୍ୟ କରିଥିଲେ। ୨୦୨୪ରୁ ସେଠାରୁ ବଦଳି ହୋଇ ଜଟଣୀ ପୌରପାଳିକାରେ କାର୍ଯ୍ୟନିବାହୀ ଅଧିକାରୀ ଭାବେ କାର୍ଯ୍ୟ କରି ଆସୁଥିଲେ।

## ମହାପ୍ରଭୁଙ୍କ ଦର୍ଶନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି



**ପୁରୀ,୨୫।୩(ସମିସ):** ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଓଡ଼ିଶା ହାଇକୋର୍ଟର ନବନିଯୁକ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ। ଶପଥ ଗ୍ରହଣ ପୂର୍ବରୁ ମଙ୍ଗଳବାର ପୁରୀ ଆସି ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ମୁଖ୍ୟ ବିଚାରପତି ପହଞ୍ଚିବା ପରେ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ମୁଖ୍ୟ ବିଚାରପତିଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ପରେ ବେଢ଼ା ପରିସର ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ଫେରିବା ବେଳେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ବୁଧବାର ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଶପଥ ନେବେ ଜଷ୍ଟିସ୍ ହରିଶ ଟଣ୍ଡନ।

## ୫ ହଜାର ଲାଞ୍ଚ ନେଇ ପିଇଓ ଓ ସ୍ୱାମୀ ଗିରଫ

**ଭୁବନେଶ୍ୱର, ୨୫ ।୩ (ସମିସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଇଦେବାକୁ କହି ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ଝାନ ପଞ୍ଚାୟତର କାର୍ଯ୍ୟନିର୍ବାହୀ




ଅଧିକାରୀ (ପିଇଓ) ନୁପୂର ସେଠୀ ଓରଫ୍ ନୁରା ଏବଂ ତାଙ୍କ ସ୍ୱାମୀ ବେଦପ୍ରକାଶ ବିଶ୍ୱାଲଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି।

ସୂଚନାନୁଯାୟୀ, ଝାନ ପଞ୍ଚାୟତର ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚୂଡ଼ାନ୍ତ ତାଲିକାରେ ଭର୍ତ୍ତି କରିବା ଲାଗି ପିଇଓ ନୁପୂର ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିନ୍ତୁ ଏଥିରେ ସଂପୃକ୍ତ ହିତାଧିକାରୀ ଅକ୍ଷମତା ପ୍ରକାଶ କରିବାରୁ ନୁପୂର ତାଙ୍କୁ ୫ ହଜାର ଟଙ୍କା ଦେବାକୁ ଚାପ ପକାଉଥିଲେ। ତେବେ ଏ ସଂପର୍କରେ ସମ୍ପୃକ୍ତ ହିତାଧିକାରୀ ଭିଜିଲାନ୍ସରେ ଅଭିଯୋଗ କରିବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ହିତାଧିକାରୀଙ୍କଠାରୁ ୫ହଜାର ନେବାକୁ ନୁପୂରଙ୍କ ସ୍ୱାମୀ ବେଦପ୍ରକାଶ ଆସିଥିଲେ। ହିତାଧିକାରୀଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ କାବୁ କରିବା ସହ ୫ ହଜାର ଟଙ୍କା ଜବତ କରାଯାଇଥିଲା। ପରେ ଦମ୍ପତିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବି ନୁପୂରଙ୍କ ଘର ସମେତ ଏକାଧିକ ସ୍ଥାନରେ ଚଢ଼ଉ ଜାରି ରଖିଛି ଭିଜିଲାନ୍ସ।

## କମେଣ୍ଟମରାରୁ ଜଘନ୍ୟ ହତ୍ୟା
## ୪ ଜଣଙ୍କୁ ଆଜୀବନ

**ଭୁବନେଶ୍ୱର, ୨୫ ।୩ (ସମିସ):** ଜଟଣୀ ଥାନା ଅଧୀନ ଷଣ୍ଢପୁର ଗାଁରେ ୨୦୧୭ ମସିହାରେ ସଂଘଟିତ ଅନୁପ ବେହେରା ହତ୍ୟା ମାମଲାର ବିଚାର କରି ଭୁବନେଶ୍ୱର, ଖୋର୍ଦ୍ଧା ଅତିରିକ୍ତ ଦୌରାଜଜ୍ ବନ୍ଦନା କର ମଙ୍ଗଳବାର ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୫ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ହୁଲୁ ବେହେରା, ମୃଣାଳ ବେହେରା ଓରଫ୍ କାହ୍ନା, ଗୋପୀନାଥ ବେହେରା ଓରଫ୍ ଗୋପିଆ ଏବଂ ନଲୁ ବେହେରା। ୧୬ଜଣଙ୍କ ସାକ୍ଷ୍ୟ ଓ ୨୦ଟି ପ୍ରଯୁଜ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

ସୂଚନାନୁଯାୟୀ, ଅନୁପଙ୍କ ଘର ଜଟଣୀ ଥାନା ଅଧୀନ ଷଣ୍ଢପୁର ଗାଁରେ। ହତ୍ୟାକାରୀଙ୍କ ମଧ୍ୟରୁ ଜଣେ ମୃତ ଅନୁପଙ୍କ ଭଉଣୀକୁ କମେଣ୍ଟ ମାରିବାରୁ ସେ ପ୍ରତିବାଦ କରିଥିଲେ। ଏହାକୁ ନେଇ ହତ୍ୟାକାରୀମାନେ ପ୍ରତିହିଂସା ପରାୟଣ ହୋଇଉଠିଥିଲେ। ସେମାନେ ଅନୁପକୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚିଥିଲେ। ୨୦୧୭ ସେପ୍ଟେମ୍ବର ୨ ରାତିରେ ଷଣ୍ଢପୁରରେ ଥିବା ଏକ ପାନ ଦୋକାନରେ ଶୋଇବାକୁ ଅନୁପ ଏକ ବାଇକ୍‌ରେ ଯାଉଥିବା ବେଳେ ହତ୍ୟାକାରୀମାନେ ସଂଘବଦ୍ଧ ହୋଇ ଅନୁପଙ୍କୁ ଗୋଡ଼େଇ ଗୋଡ଼େଇ ଭୁଜାଲି ଓ ଖଣ୍ଡାରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଭାଇ ସ୍ୱରୂପ ଓ ମା' ଘଟଣାସ୍ଥଳକୁ ଆସିଥିଲେ। କିନ୍ତୁ ସେମାନଙ୍କୁ ବି ହତ୍ୟାକାରୀମାନେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଜଟଣୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଅନୁପଙ୍କ ଭାଇ ସ୍ୱରୂପ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ୍ ୪ ଜଣଙ୍କୁ ଗିରଫ କରିଥିଲା। ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ।

## ଚାକିରିରୁ ବିଦା ହେବେ ଅପାରଗ ଓ ଦୁର୍ନୀତିଗ୍ରସ୍ତ

### ୨୦୧୯ର ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନିମନ୍ତେ ମୁଖ୍ୟସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୩(ସମିସ):** ଦୁର୍ନୀତିରେ ଲିପ୍ତ ରହିଲେ କିମ୍ବା କର୍ତ୍ତବ୍ୟରେ ଅବହେଳା କଲେ ଅବଧିପୂର୍ବରୁ ସରକାରୀ ବାବୁଙ୍କୁ ଦିଆଯିବ ବାଧ୍ୟତାମୂଳକ ଅବସର। ଏ ସଂକ୍ରାନ୍ତରେ ୨୦୧୯ ସେପ୍ଟେମ୍ବର ୨୪ରେ ଜାରି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।

ମୁଖ୍ୟ ସଚିବ ସମସ୍ତ ବିଭାଗୀୟ ସଚିବମାନଙ୍କୁ ଲେଖିଥିବା ପତ୍ରରେ କହିଛନ୍ତି ଯେ ପ୍ରଶାସନରେ ଦକ୍ଷତା ଓ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ୨୦୧୯ ମସିହାରେ ନିର୍ଦ୍ଦେଶନାମା ଜାରି କରିବା ସହ ସେହି ଅନୁସାରେ କାର୍ଯ୍ୟ କରିବା ପାଇଁ ଅଧିକାରୀ ତଥା କର୍ମଚାରୀମାନଙ୍କୁ ଚେତାବନୀ ଦେଇଥିଲେ; କିନ୍ତୁ ଏହା ଦେଖାଯାଇଛି ଯେ ଅନେକ ବିଭାଗ ଏହି ନିର୍ଦ୍ଦେଶକୁ ଅଣଦେଖା କରି ଚାଲିଛନ୍ତି। ଫଳସ୍ୱରୂପ ସରକାରଙ୍କ ନିର୍ଦ୍ଦେଶନାମା ନିଷ୍ଫଳ ହୋଇ ଚାଲିଥିବା ବେଳେ ଅପାରଗ ଅଧିକାରୀ ଏବଂ କର୍ମଚାରୀମାନେ ପୂର୍ବବତ୍ ସରକାରୀ ଚାକିରୀରେ ତିଷ୍ଠି ରହିଛନ୍ତି। ଏହା ଦ୍ୱାରା ପ୍ରଶାସନରେ କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସହ ଜନସାଧାରଣଙ୍କ ସ୍ୱାର୍ଥ ଗୁରୁତର ବାଧାପ୍ରାପ୍ତ ହେଉଛି। ତେଣୁ ଏପରି ଅଧିକାରୀ, କର୍ମଚାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବିଭାଗୀୟ ସଚିବମାନେ ନିୟମିତ ଭାବେ ସେମାନଙ୍କ କାର୍ଯ୍ୟାବଳୀର ସମୀକ୍ଷା କରିବା ଆବଶ୍ୟକ।

ଦୁର୍ନୀତି ଓ ଅପାରଗତା ଅଭିଯୋଗରେ ୨୦୨୦ରୁ ୨୦୨୪ ମଧ୍ୟରେ ୧୨୦ ଜଣ ସରକାରୀ ଅଧିକାରୀଙ୍କୁ ତତ୍‌କାଳୀନ ସରକାର ଚାକିରିରୁ ବହିଷ୍କାର କରିଥିଲେ ଓ ୩୯ ଜଣଙ୍କୁ ବାଧ୍ୟତାମୂକ ଅବସର ଦେଇଥିଲେ। ସେମାନଙ୍କଠାରୁ ପ୍ରାୟ ୬୦ କୋଟି ଟଙ୍କା ଜବତ କରାଯାଇଥିଲା। ନିକଟରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ପ୍ରଶ୍ନରେ ସୂଚନା ଦେଇଥିଲେ। ସମ୍ପ୍ରତି ରାଜ୍ୟ ସରକାର ମଧ୍ୟ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ୨ ଗଞ୍ଜେଇ ମାଫିଆଙ୍କୁ ଏନ୍‌କାଉଣ୍ଟର୍

**ବଲାଙ୍ଗିର,୨୫।୩(ସମିସ):** ବଲାଙ୍ଗିର-ସୋନପୁର ସୀମାନ୍ତ ତରଭା ଥାନା ଅଧୀନ ଖାରି ବ୍ରିଜ୍ ନିକଟରେ କିଛି ଗଞ୍ଜେଇ ଚାଲାଣକାରୀଙ୍କୁ କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଏନକାଉଣ୍ଟର୍ କରିଛି। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ସେମାନଙ୍କୁ ପ୍ରଥମେ ବଲାଙ୍ଗିର ଭୀମଭୋଇ ମେଡିକାଲ ଏବଂ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗଞ୍ଜେଇ ଚାଲାଣକାରୀମାନେ ଏକ ଚାରିଚକିଆ ଗାଡ଼ିରେ ପାଖାପାଖି ୩ କ୍ୱିଣ୍ଟାଲ ଗଞ୍ଜେଇ ନେଇ ଆସୁଥିଲେ। ଏସ୍‌ଟିଏଫ ସେମାନଙ୍କୁ ଧରିବାକୁ ଛକି ବସିଥିଲା। କିନ୍ତୁ ମାଫିଆମାନେ ଏସଟିଏଫ୍ ଟିମ୍‌କୁ ଦେଖି ଖସି ପଳାଇବାକୁ ଚେଷ୍ଟା କରିଥିଲେ। ଏହା ଦେଖି ସେମାନଙ୍କୁ କାବୁ କରିବାକୁ ଏସ୍‌ଟିଏଫ୍ ଗୁଳି ଚଳାଇଥିଲା। ଏଥିରେ ଦୁଇ ଗଞ୍ଜେଇ ଚାଲାଣକାରୀଙ୍କ ଗୋଡ଼ରେ ଗୁଳି ବାଜିଥିଲା। ସୋମବାର ବିଳମ୍ବିତ ରାତିରେ ସେମାନଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଣାଯାଇଥିବା ବେଳେ ସେଠାରୁ ପୁଣି ବୁର୍ଲା ସ୍ଥାନାନ୍ତର କରାଯାଇଥିବା କୁହାଯାଉଛି।

## ଦୁର୍ଗାମଣ୍ଡପରେ ଭୟାବହ ଅଗ୍ନିକାଣ୍ଡ
## ୯ ବର୍ଷର ଶିଶୁ ଜୀବନ୍ତ ଦଗ୍ଧ

**ରାଉରକେଲା,୨୫।୩(ସମିସ):** ରାଉରକେଲା ସେକ୍ଟର-୬ ଟେଲିଫୋନ୍ ଭବନସ୍ଥିତ ଦୁର୍ଗା ମଣ୍ଡପରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ଜଣେ ୯ ବର୍ଷର ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛି। ଏଥିସହ ଅନେକ ସାଜଦଜ୍ଜା ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସେଠାରେ ଖେଳୁଥିବା ଆଉ ୪/୫ ଜଣ ଶିଶୁ ମଧ୍ୟ ଏହି ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତି ଯାଇଥିବା

### ନିଆଁରେ ପୋଡ଼ି ମୁଣ୍ଡ ବିସ୍ଫୋରଣ

ଜଣାପଡ଼ିଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଶିଶୁ ହେଉଛି ସେକ୍ଟର-୬ ବିବେକାନନ୍ଦପାଲ୍ଲୀର ଅଜୟ ମହାରଣାଙ୍କ ପୁଅ ବାଦଲ ମହାରଣା (୯)।

ସୂଚନାନୁସାରେ, ସେକ୍ଟର-୬ ଟେଲିଫୋନ୍ ଭବନରେ ବନ୍ଦ ଥିବା ଦୁର୍ଗା ପୂଜାମଣ୍ଡପର ଗଳାବାଟ ଦେଇ ପିଲାମାନେ ପଶି ଖେଳାଖେଳି କରନ୍ତି। ଅନ୍ୟ ଦିନ ପରି ଆଜି ମଧ୍ୟ ଅପରାହ୍ଣରେ କିଛି ପିଲା ଖେଳିବା ପାଇଁ ପଶିଥିଲେ। ସେମାନେ ସେଠାରେ ଖେଳୁଥିବା ବେଳେ ଆଜି ଅପରାହ୍ନ ପ୍ରାୟ ଅଢ଼େଇଟା ବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। ଚାହୁଁଚାହୁଁ ସେଠାରେ ଥିବା ବହୁ ସାଜସଜ୍ଜା ସାମଗ୍ରୀ ହୁ' ହୁ' ଜଳିଯାଇଥିଲା।



ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ହଠାତ୍ ଏକ ବିସ୍ଫୋରଣ ହୋଇଥିଲା। ତେବେ ନିଆଁ ଆୟତ୍ତ ପରେ ଏକ ଶିଶୁର ଦଗ୍ଧ ମୃତଦେହ ଦେଖିବାକୁ ମିଳିଥିଲା। ନିଆଁରେ ଜଳି ଶିଶୁର ମୁଣ୍ଡ ଫାଟିବାରୁ ଏହି ବିସ୍ଫୋରଣ ହୋଇଥିବା ଅନୁମାନ କରାଯାଉଛି। ମୃତ ଶିଶୁ ସେକ୍ଟର-୭ ମାର୍କେଟସ୍ଥିତ ଏକ କୁକୁଡ଼ା ଦୋକାନରେ କାମ କରୁଥିବା ଅଜୟ ମହରାଣାଙ୍କ ୯ ବର୍ଷର ପୁଅ ବାଦଲ ମହାରଣାର ବୋଲି ପୁଲିସ ତଦନ୍ତ ପରେ ଜଣାପଡ଼ିଥିଲା।

ତେବେ ଅନ୍ୟ ୪ଜଣ ଶିଶୁ ସେଠାରୁ ଦୌଡ଼ି ପଳାଇବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବାଦଲ ଭିତରୁ ବାହାରି ନପାରି ପ୍ରାଣ ହରାଇଥିବା ଜଣାପଡ଼ିଛି। ସେକ୍ଟର-୭ ଥାନା ପୁଲିସ ପହଞ୍ଚି ମୃତ ଶିଶୁକୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ପୂଜା ମଣ୍ଡପ ଭିତରେ ରହିଥିବା ମେଢ଼, କାଠ ବଟମ୍, ଡେକୋରେସନ୍ ସାମଗ୍ରୀ ସମେତ ସାଜସଜ୍ଜା କପଡ଼ା ଆଦି ରହିଥିଲା। ନିଆଁ ଲାଗିବା ଦ୍ୱାରା ସେ ସମସ୍ତ ସାମଗ୍ରୀ ପାଉଁଶ ହୋଇଯାଇଛି। ତେବେ ପ୍ରତିଦିନ ପିଲାମାନେ ସେଠାରେ ଖେଳୁଥିବାବେଳେ ଆଜି କିପରି ନିଆଁ ଲାଗିଲା ତାକୁ ନେଇ ପ୍ରଶ୍ନ ଉଠିଛି। ସେକ୍ଟର-୭ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଘର ଜାଳିଦେଲା ମଦ୍ୟପ ବାପା
## ଜିଅନ୍ତା ଜଳିଗଲା ଦେଢ଼ବର୍ଷର ଶିଶୁକନ୍ୟା

**ହିନ୍ଦୋଳ/ଖଜୁରିଆକଟା,୨୫ ।୩(ସମିସ):** ଢେଙ୍କାନାଳ ଜିଲ୍ଲାର ବାଲିମି ଥାନା ଖଜୁରିଆକଟା ନିକଟ ବାର୍ସିଙ୍ଗା ଗ୍ରାମରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଦେଢ଼ବର୍ଷର ଜଣେ ଶିଶୁକନ୍ୟା ଜୀବନ୍ତ ଦଗ୍ଧ ହୋଇଛି। ମଦ୍ୟପ



ଯୁବକ ତାଙ୍କ ମାଆ ଓ ପତ୍ନୀକୁ ଘରୁ ବାହାର କରି ଘରେ ନିଆଁ ଲଗାଇଦେବାରୁ ଶିଶୁକନ୍ୟା ଜିଅନ୍ତା ଜଳିଯାଇଛି। ତେବେ ତାଙ୍କ ୪ବର୍ଷର ଶିଶୁପୁତ୍ର ଅଳ୍ପକେ ବର୍ତ୍ତିଯାଇଛି। ଗ୍ରାମର ବାବୁଲି ସାହୁ ମଙ୍ଗଳବାର ଅପରାହ୍ଣରେ ଅତ୍ୟଧିକ ମଦ୍ୟପାନ କରି ଘରକୁ ଆସିଥିଲେ। ନିଶାସକ୍ତ ଅବସ୍ଥାରେ ପତ୍ନୀକୁ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଥିଲେ। ପରେ ମାଆ ଓ ପତ୍ନୀଙ୍କୁ ଘରୁ ବାହାର କରି ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ଘରେ ତାଙ୍କ ୪ ବର୍ଷର ପୁଅ ଓ ଦେଢ଼ ବର୍ଷର ଝିଅ ରହିଥିଲେ। ଘର ଜଳୁଥିବା ଦେଖି ପୁଅ ବାହାରକୁ ଦୌଡ଼ି ପଳାଇ ଆସିଥିଲା। କିଛି ସମୟ ମଧ୍ୟରେ ନିଆଁ ଏତେ ତୀବ୍ର ହୋଇଥିଲା ଯେ ଝିଅ କୀର୍ତ୍ତିକାକୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ଅଗ୍ନିକାଣ୍ଡରେ ବାବୁଲିଙ୍କ ୩ ବଖରା ଚାଳଘର ସହ ସମସ୍ତ ଆସବାବପତ୍ର, ଧାନଚାଉଳ ପୋଡ଼ି ପାଉଁଶ ହୋଇଛି। ଖଜୁରିଆକଟା ଅଗ୍ନିଶମବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିବା ସହ ଘର ମଧ୍ୟରୁ ଶିଶୁକନ୍ୟାର ଦଗ୍ଧ ଶରୀର ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ପୁଲିସ ପହଞ୍ଚି ବାବୁଲିଙ୍କୁ ଗିରଫ କରିବା ସହ ଶିଶୁକନ୍ୟାର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଚଳାଇଛି। ବାବୁଲିଙ୍କୁ କଠୋର ଦଣ୍ଡ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦାଦନ ଶ୍ରମିକଙ୍କୁ ତାମିଲନାଡୁରେ ଅପହରଣ

**ପାତ୍ରପୁର, ୨୫ ।୩ (ସମିସ):** ଦାଦନ ଖଟିବାକୁ ଯାଇଥିବା ୩ ଓଡ଼ିଆ ଶ୍ରମିକ ତାମିଲନାଡୁରେ ଅପରାଧର ଶିକାର ହୋଇଛନ୍ତି। ଷ୍ଟେସନ୍‌ରେ ଓହ୍ଲାଉଓହ୍ଲାଉ କିଛି ଦୁର୍ବୃତ୍ତ ସେମାନଙ୍କୁ ଅପହରଣ କରି ୫ଘଣ୍ଟା ଧରି ନିର୍ଯାତନା ଦେବା ଓ ଜଣ ପିଛା ୧୫ହଜାର ଟଙ୍କା ଆଦାୟ କରି ଛାଡ଼ିଦେବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ସୁରଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ସିନ୍ଧିପଙ୍କ ଓ ତୁମ୍ବା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ୩ଜଣ ଓଡ଼ିଆ ଶ୍ରମିକ ଏପରି ପାଶବିକ ଅତ୍ୟାଚାରର ସମ୍ମୁଖୀନ ହୋଇଛନ୍ତି।



ସୂଚନାନୁଯାୟୀ. ଗତ ଗୁରୁବାର ଦିନ ସିନ୍ଧିପଙ୍କ ଗ୍ରାମର ଭୀମ ବେହେରା (୩୭), ଗଙ୍ଗାପୁର ଗ୍ରାମର କୃଷ୍ଣ କାର୍ଯି(୧୮) ଓ ଟୁନା ଶବର (୨୦) ଦାଦନ ଖଟିବାକୁ କେରଳ ଯାଇଥିଲେ। ସେଲାମ ଷ୍ଟେସନ୍ ନିକଟରେ କିଛି ଯୁବକ ସେମାନଙ୍କୁ ଭିଜିଟିଂ କାର୍ଡ ପ୍ରଦାନ କରି ପାର୍ଲେଜି ବିସ୍କୁଟ କାରଖାନାରେ କାମ କରିବା ପାଇଁ ଶ୍ରମିକ ଆବଶ୍ୟକ ଅଛି ବୋଲି ସେମାନଙ୍କୁ କହିଥିଲେ। ଯୁବକମାନେ ପୂର୍ବ ନିର୍ଧାରିତ ସ୍ଥାନ କେରଳରେ ପହଞ୍ଚିବା ପରେ ସେଠାରେ କାମ ତୁଳନାରେ ଦରମା କମ୍ ମିଳୁଥିବା ଜାଣି ନିରାଶ ହୋଇଥିଲେ। ତେଣୁ ଉକ୍ତ ଭିଜିଟିଂ କାର୍ଡରେ ଥିବା ଫୋନ ନମ୍ବରରେ ଯୋଗାଯୋଗ କରି ସେଲାମ ଷ୍ଟେସନରେ ପହଞ୍ଚିଥିଲେ।

କିନ୍ତୁ ସେଠାରେ ପହଞ୍ଚୁ ପହଞ୍ଚୁ ଦୁଇଜଣ ବ୍ୟକ୍ତି ସେମାନଙ୍କୁ ଗୋଟିଏ କାର୍‌ରେ ଅପହରଣ କରିନେଇଥିଲେ। ଷ୍ଟେସନ୍‌ଠାରୁ ପ୍ରାୟ ଦୁଇ ତିନି ଘଣ୍ଟା ଜଙ୍ଗଲ ରାସ୍ତାରେ ନେବା ପରେ ଗୋଟିଏ ବନ୍ଦ କୋଠରିରେ ରଖି ନିର୍ଯାତନା ଦେଇଥିଲେ। ତିନି ଜଣଙ୍କୁ ନିର୍ଘାତ ମାଡ଼ ମାରିବା ସହ ଜଣ ପିଛା ୧୫ ହଜାର ଟଙ୍କା ଲେଖାଏଁ ଏକ ଘଣ୍ଟା ଭିତରେ ଦେବାକୁ କହିଥିଲେ। ଏଥିରେ ଭୟଭୀତ ହୋଇ ଭୀମ ତୁରନ୍ତ ଘରକୁ ଫୋନ୍ କରି ୧୫ ହଜାର ଟଙ୍କା ଫୋନ୍-ପେ' ମାଧ୍ୟମରେ ଦେଇଥିଲେ। ତେବେ ଟଙ୍କା ଦେବାରେ ଅଧଘଣ୍ଟା ବିଳମ୍ବ ହେବାରୁ ଅନ୍ୟ ଦୁଇଜଣ ୨୦ ହଜାର ଟଙ୍କା ପୈଠ କରିବାକୁ ବାଧ ହୋଇଥିଲେ। ମୋଟ ୫୫ ହଜାର ଟଙ୍କା ପାଇବା ପରେ ଦୁର୍ବୃତ୍ତମାନେ ସେମାନଙ୍କ ଆଖିରେ ପଟି ବାନ୍ଧିବା ସହ ବେକରେ ଧାରୁଆ ଅସ୍ତ୍ର ରଖି ତିନି ଘଣ୍ଟା ଚଲାପଥରେ ନେବା ପରେ ତାଙ୍କୁ ମୁଖ୍ୟ ରାସ୍ତାରେ ଛାଡ଼ି ଚମ୍ପଟ ମାରିଥିଲେ। ସେଠାରୁ କୌଣସି ମତେ ନିଜ ଗ୍ରାମରେ ପହଞ୍ଚି ଚିକିତ୍ସା ହେଉଥିବା ସୂଚନା ମିଳିଛି। ଅନ୍ୟ ପକ୍ଷରେ ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ଉକ୍ତ ଦୃର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି ହୋଇଛି।

### ବଢ଼ି ଚାଲିଛି ବେରୋଜଗାରୀ
# ହୋମ୍‌ଗାର୍ଡ ପଦ ପାଇଁ ଏମବିଏ, ପିଏଚ୍‌ଡି ଡିଗ୍ରୀଧାରୀ

**ବାରିପଦା, ୨୫ ।୩ (ସମିସ):** ବେରୋଜଗାରୀ ସମସ୍ୟା ଏବେ ପୂରା ଦେଶରେ ଉତ୍କଟ ରୂପ ଧାରଣ କରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରୁ ଏହାର ଏକ ନିଛକ ଚିତ୍ର ସାମ୍ନାକୁ ଆସିଛି। ୧୭୫ଟି ହୋମଗାର୍ଡ

- ଆଶାୟୀ ତାଲିକାରେ ଇଞ୍ଜିନିୟରିଂ ଡିଗ୍ରୀଧାରୀ
- ୧୭୫ ପଦ ପାଇଁ ୨୦ ହଜାରରୁ ଅଧିକ ଆବେଦନକାରୀ

ପଦବୀ ନିମନ୍ତେ ଜିଲ୍ଲାରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଆଶାୟୀ ଆବେଦନ କରିଛନ୍ତି। କିନ୍ତୁ ଉଦ୍‌ବେଗର କଥା ହେଲା, ଆବେଦନକାରୀଙ୍କ ମଧ୍ୟରେ ଏମ୍‌ବିଏ, ଇଞ୍ଜିନିୟରିଂ, ପିଏଚ୍‌ଡି ଡିଗ୍ରୀଧାରୀ ଭଳି ବହୁ ଉଚ୍ଚଶିକ୍ଷିତ ଆବେଦନକାରୀ ରହିଛନ୍ତି।

ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ପକ୍ଷରୁ



ପୁଲିସ୍ ଗ୍ରୁପ୍-ବି ହୋମଗାର୍ଡ ପଦ ନିଯୁକ୍ତି ନିମନ୍ତେ ରାଜ୍ୟବ୍ୟାପି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ନିମନ୍ତେ ୧୭୫ଟି ହୋମଗାର୍ଡ ପଦବୀ ରହିଛି। ଏଥି ନିମନ୍ତେ ଆବେଦନକାରୀ ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ବୋଲି ମାନଦଣ୍ଡ ରହିଛି। ଏହା ସାଙ୍ଗକୁ ପ୍ରାର୍ଥୀ ଓଡ଼ିଆ କହି, ଲେଖି, ପଢ଼ି ପାରୁଥିବା ସହ ବୟସ ୨୦-୬୦ ବର୍ଷରେ ମଧ୍ୟରେ ହୋଇଥିବା ଆବଶ୍ୟକ। ଏଥିରେ ଡ୍ରାଇଭିଂ, କମ୍ପ୍ୟୁଟର, ଲୁଗାସଫା, ଇଲେକ୍ଟ୍ରିସିଆନ, କୁକ, ସେଲୁନ୍ ଆଦି ଅନ୍ୟାନ୍ୟ କ୍ଷେତ୍ରରେ ଅଭିଜ୍ଞତା ଥିବା ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଉଲ୍ଲେଖ ରହିଛି।

କିନ୍ତୁ ଦୁର୍ଭାଗ୍ୟର କଥା ହେଲା, ପଞ୍ଚମ ଶ୍ରେଣୀ ଯୋଗ୍ୟତା ଆବଶ୍ୟକ ଥିବା ଏହି ଚାକିରି ନିମନ୍ତେ ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି, ଇଞ୍ଜିନିୟରିଂ, ଏମ୍‌ବିଏ ଆଦି ଅନେକ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ଡିଗ୍ରୀଧାରୀ ଆବେଦନ କରିଛନ୍ତି। ଶିକ୍ଷା ଅନୁଯାୟୀ ଉଚ୍ଚ ବେତନରେ ନିଯୁକ୍ତି ପାଇବା ନିମନ୍ତେ ଯୋଗ୍ୟ ଥିବା ସତ୍ତ୍ୱେ ଉତ୍କଟ ବେକାରୀ ସମସ୍ୟା ପାଇଁ ସ୍ୱଳ୍ପ ବେତନରେ କାର୍ଯ୍ୟ କରିବା ନିମନ୍ତେ ବାଧ ହୋଇ ଆବେଦନ କରିଛନ୍ତି।

ଚାକିରି ଆଶାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବକ/ଯୁବତୀମାନେ ଆସି ବାରିପଦାର ଭଞ୍ଜପୁରସ୍ଥିତ ଗୃହରକ୍ଷୀ ବିଭାଗ କାର୍ଯ୍ୟାଳୟରେ ଉହଡହ ଖରାରେ ସିଝି ଦିନତମାମ ଅପେକ୍ଷା କରି ଆବେଦନ କରୁଥିବା ଦେଖିବାକୁ ମିଳିଛି। ମାତ୍ର ୧୭୫ ପଦବୀ ଥିବା ବେଳେ ମାର୍ଚ୍ଚ ୨୫ ତାରିଖ ଆବେଦନ ଶେଷ ତାରିଖ ଥିଲା। ଶେଷ ଦିନ ସୁଦ୍ଧା ୨୦ହଜାରରୁ ଅଧିକ ପ୍ରାର୍ଥୀ ଆବେଦନ କରିଥିବା ସୂଚନା ମିଳିଛି।



## ଶ୍ରେୟସ୍ ଶତକରୁ ବଞ୍ଚିତ

▶ପୃଷ୍ଠା ୧୪ ଦେଖନ୍ତୁ...


# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-267 ◆BHUBANESWAR ◆WEDNESDAY ◆26 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬୭ ◆ଭୁବନେଶ୍ୱର ◆ବୁଧବାର ◆୨୬ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


# ଏନ୍‌କାଉଣ୍ଟର୍‌ରେ ୩ ମାଓବାଦୀ ନିହତ

### ବହୁ ମାଓ ସାମଗ୍ରୀ ଜବତ

■ **ମାଲକାନଗିରି, ୨୫।୩ (ସମିସ):** ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ାରେ ସୁରକ୍ଷା ଯବାନଙ୍କ ସହ ଏନ୍‌କାଉଣ୍ଟର୍‌ରେ ଆଜି ୩ ମାଓବାଦୀ ନିହତ ହୋଇଛନ୍ତି। ମୋଷ୍ଟୱାଣ୍ଟେଡ୍ ମାଓବାଦୀ ସୁଧୀର ଓରଫ୍ ସୁଧାକର ମଧ୍ୟ ନିହତ ହୋଇଛି। ତା' ନାମରେ ୨୫ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଘଟଣାସ୍ଥଳରୁ ଗୋଟିଏ ଇନ୍‌ସାସ୍ ରାଇଫଲ୍ ସମେତ ଅନ୍ୟ ଅସ୍ତ୍ରଶସ୍ତ୍ର ଏବଂ ମାଓ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଛତିଶଗଡ଼ର ଦାନ୍ତେୱାଡ଼ାର ଭୈରମଗଡ଼ ମାଓ କମିଟିର କିଛି ମାଓବାଦୀ ଗିଦମ ଥାନା ଅଞ୍ଚଳର ଗିରସାପାରା ଜଙ୍ଗଲରେ ମେଳି କରିଥିବା ସୂଚନା ପାଇ ୫୦୦ରୁ ଊର୍ଦ୍ଧ୍ୱ ଯବାନଙ୍କୁ ନେଇ ଅପରେସନ ଆରମ୍ଭ କରାଯାଇଥିଲା। କିଛି ଘଣ୍ଟା ଧରି ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ତଲାସୀ ଅଭିଯାନ ବେଳେ ୩ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ସଂଖ୍ୟା ବଢ଼ିବା ନେଇ ଅନୁମାନ କରାଯାଉଛି।



# ବିନା ଦୋଷରେ ୫୦ ବର୍ଷ ଜେଲ୍

### ୧୨.୩୨ କୋଟି କ୍ଷତିପୂରଣ ଦେଲେ ଜାପାନ ସରକାର

■ **ଟୋକିଓ, ୨୫।୩ (ଏଜେନ୍ସି):** ଜାପାନରେ ଜଣେ ବ୍ୟକ୍ତିଙ୍କୁ ଏକ ହତ୍ୟାକାଣ୍ଡ ଘଟଣାରେ ଭୁଲରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ବେଳେ ସେ ପ୍ରାୟ ୫୦ ବର୍ଷ ଧରି ଜେଲ୍ କାଟିଥିଲେ। କିନ୍ତୁ ଗତ ବର୍ଷ ସେ ଜେଲରୁ ମୁକ୍ତ ହେବା ପରେ ଏହି ଘଟଣା ନୂଆ ମୋଡ଼ ନେଇଥିଲା। ଏଠାକାର ଅଦାଲତ ଅଭିଯୁକ୍ତ ଇୱାଓ ହାକାମାଦାଙ୍କୁ ସଂପୃକ୍ତ ହତ୍ୟାଘଟଣାରେ ଭୁଲରେ ଦଣ୍ଡିତ କରାଯାଇଥିବା ରାୟ ଦେଇଥିଲେ। ୧୯୬୬ରେ ହୋଇଥିବା ଏହି ହତ୍ୟାକାଣ୍ଡରେ ପୂର୍ବତନ ମୁଷ୍ଟିଯୋଦ୍ଧା ହାକାମାଦାଙ୍କୁ ସେତେବେଳେ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡିତ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଅଦାଲତ ତାଙ୍କୁ ଦୋଷମୁକ୍ତ କରିବା ପରେ ସେ ଯେତେ ଦିନ ଜେଲ ଭୋଗିଥିଲେ ସେଥିପାଇଁ କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୈନିକ ହାକାମାଦାଙ୍କୁ ୮୩ ଡଲାର ଦେବାକୁ ଅଦାଲତ କହିଥିଲା ବେଳେ ୫୦ ବର୍ଷ ପାଇଁ ମୋଟ ୨୧୭ ଜାପାନୀ ୟେନ ବା ୧.୪୪ ନିୟୁତ ଡଲାର ଦେବାକୁ କହିଥିଲେ। ସେହି ଅନୁସାରେ ଏବେ ହାକାମାଦାଙ୍କୁ ଭାରତୀୟ ମୁଦ୍ରା ଅନୁସାରେ ୧୨ କୋଟି ୩୨ ଲକ୍ଷ ଟଙ୍କା ମିଳିଥିବା କୁହାଯାଇଛି। ଜାପାନରେ ଏଭଳି ଘଟଣାରେ କାହାକୁ ଏତେ ପରିମାଣରେ କ୍ଷତିପୂରଣ ଦିଆଯିବା କ୍ଷେତ୍ରରେ ଏହା ପ୍ରଥମ ଘଟଣା ବୋଲି କୁହାଯାଇଛି।

### ଜଷ୍ଟିସ୍ ବର୍ମାଙ୍କ ଘରୁ ଟଙ୍କା ମିଳିବା ଘଟଣା

# ମତ ଲୋଡ଼ିଲେ ସରକାର



### ଧନଖଡ଼ଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

### ତଦନ୍ତ ଆରମ୍ଭ କଲେ ତିନି ଜଣିଆ ବିଚାରପତି କମିଟି

■ **ନୂଆଦିଲ୍ଲୀ, ୨୫।୩ (ଏଜେନ୍ସି):** ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଘରୁ ୧୫ କୋଟି ଟଙ୍କା ମିଳିବା ଘଟଣା ବିବାଦୀୟ ହେବାରେ ଲାଗିଛି। ସୁପ୍ରିମକୋର୍ଟ ଦ୍ୱାରା ତିନି ଜଣିଆ ବିଚାରପତି କମିଟି ଏହାର ତଦନ୍ତ ଆରମ୍ଭ କରିଥିବା ବେଳେ ଏହି ମାମଲାରେ କେନ୍ଦ୍ର ସରକାରଙ୍କର ଭୂମିକା କଣ ରହିବ? ଏସଂପର୍କରେ କେନ୍ଦ୍ର ସରକାର ବିଭିନ୍ନ ରାଜନୈତିକ ଦଳଙ୍କ ସହିତ ବିଚାରବିମର୍ଶ ଆରମ୍ଭ କରିଛନ୍ତି। ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ପୂର୍ବରୁ ଦଳମାନଙ୍କର ମତାମତ ଲୋଡ଼ିଛନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଆଜି ସର୍ବଦଳୀୟ ବୈଠକ ଡାକିଥିଲେ। ସନ୍ଧ୍ୟା ବେଳେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ ତୃଣମୂଳ କଂଗ୍ରେସ, ଡିଏମକେ, ବିଜେଡି, ବିଆରଏସ୍, ୱାଇଏସ୍ଆରସିପି ଏବଂ ଶିବସେନା (ଉଦ୍ଧବ)ର ସଂସଦୀୟ ଦଳ ନେତା ଉପସ୍ଥିତ ଥିଲେ। କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ଏହି ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ନିଜ ନିଜ ଦଳର ମୁଖ୍ୟଙ୍କ ସହିତ ▶ପୃଷ୍ଠା-୭

### ବିଧାନସଭା ଇତିହାସରେ ପ୍ରଥମ

# ୧୨ କଂଗ୍ରେସ ବିଧାୟକ ୭ ଦିନ ନିଲମ୍ବିତ

### ଗୃହରେ କଂଗ୍ରେସ ବିଧାୟକ-ସୁରକ୍ଷା କର୍ମୀ ମୁହାଁମୁହିଁ

### ବଳପୂର୍ବକ ବିଧାୟକଙ୍କୁ ଗୃହରୁ ବାହାର କରିବାକୁ ଉଦ୍ୟମ

### କାର୍ଯ୍ୟାନୁଷ୍ଠାନକୁ ବିଜେପିର ସମର୍ଥନ, ବିଜେଡିର ବିରୋଧ

■ **ଭୁବନେଶ୍ୱର, ୨୫।୩ (ସମିସ):** କିଛି ଦିନ ଧରି ବିଧାନସଭାରେ ଲାଗି ରହିଥିବା ଅଚଳାବସ୍ଥା ମଙ୍ଗଳବାର ନାଟକୀୟ ମୋଡ଼ ନେଇଛି। ଗୃହରେ ଶୃଙ୍ଖଳା ଭଙ୍ଗ ଓ ଅଶୋଭନୀୟ ଆଚରଣ ଅଭିଯୋଗରେ କଂଗ୍ରେସର ୧୨ ଜଣ ବିଧାୟକଙ୍କୁ ୭ ଦିନ ନିଲମ୍ବନ କରାଯାଇଛି। ତେବେ ଏହି ନିଲମ୍ବନ ନିର୍ଦ୍ଦେଶରୁ ପୂର୍ବରୁ ନିଲମ୍ବିତ ବିଧାୟକ ତାରାପ୍ରସାଦ ବାହିନୀପତି ଓ ରମେଶ ଜେନାଙ୍କୁ ବାଦ ଦିଆଯାଇଛି। ଶାସକ ଦଳ ମୁଖ୍ୟ ସଚେତକ ଆଗତ କରିଥିବା ନିଲମ୍ବନ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି କଂଗ୍ରେସ୍ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଡ଼ା ସିଏସ୍ ରାଜନ୍ ଏକ୍କା, ଦାଶରଥୀ ଗମାଙ୍ଗ, ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋଶ, ସତ୍ୟଜିତ ଗମାଙ୍ଗ, ସାଗର ଦାସ, ପବିତ୍ର ସାଉଁତା, କାଡ୍ରାକା ଆପ୍ପାଲା ସ୍ୱାମୀ, ପ୍ରଫୁଲ୍ଲ ପ୍ରଧାନ, ମଙ୍ଗୁ ଖିଲ ଓ ନୀଳମାଧବ ହିକକାଙ୍କୁ ନିଲମ୍ବିତ କରିଛନ୍ତି। ଏତେ ସଂଖ୍ୟକ ବିଧାୟକ ଏକ ସମୟରେ ଗୃହ କାର୍ଯ୍ୟରୁ ନିଲମ୍ବିତ ହେବା ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ନିଲମ୍ବନ ଆଦେଶ ପରେ କଂଗ୍ରେସ ବିଧାୟକମାନେ ▶ପୃଷ୍ଠା-୭



### ବିଧାନସଭା ଚତୁଃପାର୍ଶ୍ୱରେ ୧୬୩ ଜାରି

■ **ଭୁବନେଶ୍ୱର, ୨୫।୩ (ସମିସ):** ଗୃହରେ ଧାରଣାରତ ତଥା ନିଲମ୍ବିତ କଂଗ୍ରେସ୍ ସଦସ୍ୟମାନଙ୍କୁ ବାହାର କରିବାବେଳେ ସୁରକ୍ଷା କର୍ମୀଙ୍କ ସହ ସୃଷ୍ଟି ହୋଇଥିବା ଅପ୍ରୀତିକର ପରିସ୍ଥିତିକୁ ନେଇ ଘମାଘୋଟ ହୋଇଛି ରାଜନୀତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ଆହତ ହୋଇଥିବା ଖବର ପାଇ ଶହଶହ କଂଗ୍ରେସ କର୍ମୀ ବିଧାନସଭା ଫାଟକ ଆଗରେ ଧାରଣା ଦେଇଥିବା ବେଳେ ପୁଲିସ୍ ସହ ଧସ୍ତାଧସ୍ତି ହୋଇଥିଲା। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ▶ପୃଷ୍ଠା-୭

### ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ବାପା-ମା'ଙ୍କୁ ବାନ୍ଧିଲେ

# ଅଧକେଜି ସୁନା ସହ ୩୦ ଲକ୍ଷ ଟଙ୍କା ଲୁଟ୍

■ **ସାଲେପୁର, ୨୫।୩ (ସମିସ):** ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ବାପା-ମା'ଙ୍କ ହାତଗୋଡ଼ ବାନ୍ଧିଦେଲେ। ପରେ ଘରୁ ନଗଦ ୩୦ଲକ୍ଷ ଟଙ୍କା ଓ ଅଧକେଜି ଓଜନର ସୁନା ଅଳଙ୍କାର ଲୁଟି ନେଇ ପଳାଇଲେ। ସାଲେପୁର ଥାନା ଅଧୀନ ଜାହାଙ୍ଗିରାବାଦ ଗ୍ରାମର ବିଜୟ ମହାନ୍ତିଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ଏପରି ଏକ ସଶସ୍ତ୍ର ଡକାୟତି ହୋଇଛି। ୫ଜଣ ଡକାୟତ ଏହି କାଣ୍ଡ କରିଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ୍ ଏନେଇ ନଂ-୧୧୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ୍ ଆଜି ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛି। ସନ୍ଧାନୀ କୁକୁର ପ୍ରଥମେ ଯାହା ଘର ସମ୍ମୁଖରେ ପହଞ୍ଚିଥିଲା, ସଂପୃକ୍ତ ବ୍ୟକ୍ତିଙ୍କର ପୁଅକୁ ଥାନାରେ ଅଟକ ରଖି ପୁଲିସ ପଚରାଉଚୁରା କରୁଥିବା ସାଲେପୁର ଥାନା ଅଧିକାରୀ ଅନିତା ସାହୁ ପ୍ରକାଶ କରିଛନ୍ତି।

ଅପରପକ୍ଷେ, ତଦନ୍ତ ବେଳେ ବିଜୟଙ୍କ ଘରେ ୨୯ରୁ ଊର୍ଦ୍ଧ୍ୱ ମୋଟର ସାଇକଲ ଓ ୨ଟି କାର୍ ଥିବା ଜଣାପଡ଼ିବା ପରେ ଏହି ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ପୁଲିସ ଉଭୟ ଦିଗକୁ ଲକ୍ଷ୍ୟ ରଖି ତଦନ୍ତ ଚଳାଇଛି। ପୁଲିସ୍ ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତ୍ରିରେ ଜାହାଙ୍ଗିରାବାଦ ଗ୍ରାମର ବିଜୟ ମହାନ୍ତି, ତାଙ୍କ ପତ୍ନୀ ଓ ସାନଝିଅ ଘରେ ଥିଲେ। ୫ଜଣ ଦୁର୍ବୃତ୍ତ ମୁହଁରେ ଗାମୁଛା ପିନ୍ଧି ଶିଡ଼ି ଘରର ଗ୍ରୀଲ୍ ତାଲା ଭାଙ୍ଗି ଘର ଭିତରେ ପଶିଥିଲେ। ଦୁର୍ବୃତ୍ତମାନେ ସାନଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ବିଜୟ ଓ ତାଙ୍କ ସ୍ତ୍ରୀଙ୍କୁ ଭୟଭୀତ କରାଇବା ସହ ତାଙ୍କ ହାତଗୋଡ଼ ▶ପୃଷ୍ଠା-୭

# ୧୮ ଦିନ ହେଲା ଅଚଳାବସ୍ଥା

### ସରକାର ଚାହୁଁ ନାହାନ୍ତି, ବିରୋଧୀ ନଉଁ ନାହାନ୍ତି



### କଂଗ୍ରେସର ଘଣ୍ଟମାଡ଼, ବିଜେଡିର ପୋଷ୍ଟର ପ୍ରଦର୍ଶନ

■ **ଭୁବନେଶ୍ୱର, ୨୫।୩ (ସମିସ):** ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ୭ ତାରିଖରୁ ଆରମ୍ଭ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ହୋଇ ପାରିନାହିଁ ବିଧାନସଭା। ହଟ୍ଟଗୋଳ, ଘଣ୍ଟମାଡ଼ ସହ ବିରୋଧୀଙ୍କ ବିରୋଧ ଯୋଗୁଁ ପ୍ରତିଦିନ ଗୃହର ପ୍ରଥମାର୍ଦ୍ଧ ସମ୍ପୂର୍ଣ୍ଣ ବାତିଲ ହେଉଛି। ଫଳରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ଏକପ୍ରକାର ଧୋଇଯାଉଛି। ରାଜ୍ୟରେ ମହିଳା ହିଂସା ପ୍ରସଙ୍ଗରେ ଗୃହ କମିଟି ଗଠନ ଦାବିରେ କଂଗ୍ରେସ ଜିଦ୍‌ରେ ଅଟଳ ରହିଛି। କୌଣସି ପରିସ୍ଥିତିରେ ଏହି ଜିଦ୍‌ରୁ ହଟିବାକୁ କଂଗ୍ରେସ ନାରାଜ। ଅନ୍ୟପକ୍ଷରେ ଶାସକ ବିଜେପି ମଧ୍ୟ କଂଗ୍ରେସର ଦାବିକୁ ମାନିନେବାକୁ ପ୍ରସ୍ତୁତ ନୁହେଁ। ଯାହା ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅନୁରୂପ ଭାବରେ ବିଜେଡି ମଧ୍ୟ ବିଭିନ୍ନ ପ୍ରସଙ୍ଗକୁ ନେଇ ସରକାରଙ୍କୁ ପ୍ରତିଦିନ ଘେରି ଚାଲିଛି। ଗୃହ ମଧ୍ୟରେ ପୋଷ୍ଟରବ୍ୟାନର ପ୍ରଦର୍ଶନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ସକାରାତ୍ମକ ଭାବରେ ନିଜର ଅଭିମୁଖ୍ୟକୁ ବିଧାନସଭାରେ ରଖିଛି। ଏହାସତ୍ତ୍ୱେ ବିଧାନସଭା ଶୃଙ୍ଖଳିତ ହୋଇ ପାରିନାହିଁ। ଅନ୍ୟଦିନଗୁଡ଼ିକ ପରି ଆଜି ମଧ୍ୟ ବିଧାନସଭାର ପ୍ରଥମାର୍ଦ୍ଧ ପ୍ରଭାବିତ ହୋଇଛି।

ମଙ୍ଗଳବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସ ଘଣ୍ଟ ବଜାଇ ହୋ ହାଲ୍ଲା କରିଥିବା ବେଳେ ବିଜେଡି ପୋଷ୍ଟର ଓ ପ୍ଲାକାର୍ଡ ପ୍ରଦର୍ଶନ କରି ସ୍ଲୋଗାନ ଦେଇଥିଲା। ▶ପୃଷ୍ଠା-୭

### ବ୍ରହ୍ମପୁରରେ କାଷ୍ଟିଂ କାଉଚ୍

# ବିଜେପି ନେତ୍ରୀଙ୍କୁ ଦୁଷ୍କର୍ମ !



■ **ବ୍ରହ୍ମପୁର, ୨୫।୩ (ସମିସ):** ଚଳଚ୍ଚିତ୍ରରେ ହିରୋଇନ୍ କରାଇଦେବାକୁ କହି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଞ୍ଚଳର ଜଣେ ଆଗଧାଡ଼ିର ବିଜେପି ନେତ୍ରୀଙ୍କୁ ଦୁଷ୍କର୍ମ। କାଷ୍ଟିଂକାଉଚ୍‌ର ଏଭଳି ଏକ ସାଂଘାତିକ ଅଭିଯୋଗ ହୋଇଛି ବ୍ରହ୍ମପୁର ନିମଖଣ୍ଡି ଥାନାରେ। ବ୍ରହ୍ମପୁର ଉପକଣ୍ଠର ଯୁବକ ତଥା ନିର୍ଦ୍ଦେଶକ ଶିବ ନାହାକ ତାଙ୍କୁ ଦୁଷ୍କର୍ମ କରିଛନ୍ତି ବୋଲି ନେତ୍ରୀଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନାନୁଯାୟୀ, ଶିବ ନିଜକୁ ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକ ପରିଚୟ ଦେବା ସହ ତାଙ୍କର ଏକ ଚ୍ୟାନେଲ ଥିବା ମଧ୍ୟ କହିଥିଲେ। ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ ଉପରେ ଆଧାରିତ ଏକ ଚଳଚ୍ଚିତ୍ର ନିର୍ମାଣ ପାଇଁ ସେ କହିଥିଲେ। ଏଥିରେ ଅଭିନୟ କରିବା ପାଇଁ ଯୁବତୀଙ୍କ ସହ ଏଗ୍ରିମେଣ୍ଟ ମଧ୍ୟ ହୋଇଥିଲା। ଏହି ଚଳଚ୍ଚିତ୍ର କରିବା ଉଦ୍ଦେଶ୍ୟରେ ଶିବ ଫୋନ କରି ଯୁବତୀଙ୍କୁ ଡାକି ତାଙ୍କ ସହ ବିଭିନ୍ନ ସ୍ଥାନ ବୁଲାବୁଲି କରିଥିଲେ। ଦୀର୍ଘ ଦିନର ବନ୍ଧୁତା ପରେ ନିର୍ଦ୍ଦେଶକ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ଚାହୁଁଥିବା ନେଇ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ କିଛି ଦିନ ଉଭୟଙ୍କ ▶ପୃଷ୍ଠା-୭

# ବର୍ଷକରେ ୩୦୫୪ ଦୁଷ୍କର୍ମ, ୧୨୫୮ ହତ୍ୟା, ୧୪୭୧ ଦଙ୍ଗା

### ବିଧାନସଭାରେ ସରକାରଙ୍କ ଶ୍ୱେତପତ୍ର



### ରାଜ୍ୟରେ ବଢ଼ିଛି ଦୁଷ୍କର୍ମ, ଠକେଇ, ସାଇବର ଅପରାଧ

### ଏସ୍‌ସି, ଏସ୍‌ଟିଙ୍କ ଉପରେ ୩୩୦୩ ନିର୍ଯାତନା ମାମଲା

### ୨୦୨୪ରେ ୨୧୪୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ

■ **ଭୁବନେଶ୍ୱର, ୨୫।୩ (ସମିସ):** ରାଜ୍ୟ ସରକାରଙ୍କ ବିଧାନସଭାରେ ଉପସ୍ଥାପନ କରିଛନ୍ତି ୨୦୨୪ ମସିହାରେ ଆଇନଶୃଙ୍ଖଳା ସଂକ୍ରାନ୍ତ ଶ୍ୱେତପତ୍ର। ଏହିବର୍ଷ ରାଜ୍ୟରେ ମୋଟ ୨୧୪୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି ଓ ଏହାମଧ୍ୟରୁ ୨୦୭୨୦୪ଟି ମାମଲା ସତ୍ୟ ଆଧାରିତ ଏଥିରେ ଉଲ୍ଲେଖ ରହିଛି। ସେହିପରି ଏହି ବର୍ଷ ରାଜ୍ୟରେ ୩୫୬ ଡକାୟତି, ୨୫୮୨ ଲୁଣ୍ଠନ, ୬୪୦୮ଟି ସିନ୍ଧିଚୋରି, ୧୭୮୦୫ଟି ଚୋରି, ୬୩୦୭ଟି ପ୍ରତାରଣା, ୧୪୭୧ଟି ଦଙ୍ଗା, ୩୦୫୪ଟି ଦୁଷ୍କର୍ମ, ୧୨୩୫୭ଟି ମୋଟରଯାନ ଦୁର୍ଘଟଣା ଓ ୧୬୨୪୯୭ଟି ବିବିଧ ମାମଲା ଅନ୍ତର୍ଭୁକ୍ତ ରହିଛି। ରୁଜୁ ହୋଇଥିବା ୧୨୫୮ଟି ହତ୍ୟା ମାମଲାରେ ୧୨୧୫ଟି ମାମଲା ସତ୍ୟ ଉପରେ ଆଧାରିତ ବୋଲି ସରକାର ସ୍ୱୀକାର କରିଛନ୍ତି। ସେଥିମଧ୍ୟରୁ ବର୍ଷ ଶେଷ ସୁଦ୍ଧା ୫୪୨ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ଶ୍ୱେତପତ୍ର ଅନୁଯାୟୀ ରାଜ୍ୟରେ ୨୦୨୩ ତୁଳନାରେ ୨୦୨୪ରେ ଦୁଷ୍କର୍ମ, ସାଇବର ଅପରାଧ, ଆର୍ଥିକ ଠକେଇ ସଂଖ୍ୟା ବୃଦ୍ଧି ପାଇଛି। ତେବେ ୨୦୨୪ ମସିହାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିବା ସରକାର କହିଛନ୍ତି।

ଶ୍ୱେତପତ୍ର ଅନୁଯାୟୀ ବିଦାୟୀ ବର୍ଷରେ ରାଜ୍ୟରେ ୩୫୬ଟି ଡକାୟତି ମାମଲା ରୁଜୁ ହୋଇଥିବା ବେଳେ ୩୪୮ଟି ମାମଲା ସତ୍ୟ ଉପରେ ଆଧାରିତ । ଏହାମଧ୍ୟରୁ ପୁଲିସ ବର୍ଷ ଶେଷ ସୁଦ୍ଧା ମାତ୍ର ୭୯ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରିଛି। ବିଭିନ୍ନ ଘଟଣାରେ ପୁଲିସ ଦ୍ୱାରା ୪୫ ଜଣ ଆନ୍ତଃରାଜ୍ୟ ଡକାୟତ ସହିତ ମୋଟ ୮୭୩ ଜଣ ଡକାୟତଙ୍କୁ ଗିରଫ କରାଯାଇଛି। ସେହିପରି ମୋଟ ୨୫୮୨ଟି ଲୁଣ୍ଠନ ମାମଲାରୁ ୨୫୪୦ଟି ମାମଲା ସତ୍ୟ ଉପରେ ଆଧାରିତ ଓ ଏହାମଧ୍ୟରୁ ମାତ୍ର ୯୯୦ଟି ମାମଲାରେ ବର୍ଷ ଶେଷ ସୁଦ୍ଧା ଦୋଷାରୋପ ଫର୍ଦ୍ଦ ଦାଖଲ କରିବାରେ ପୁଲିସ ସକ୍ଷମ ହୋଇଛି।

ଶ୍ୱେତପତ୍ର ଅନୁଯାୟୀ ୨୦୨୪ ମସିହାରେ ଏସସି ଓ ଏସଟି ଙ୍କ ଉପରେ ୩୩୦୩ଟି ନିର୍ଯାତନା ସମ୍ପର୍କିତ ମାମଲା ରୁଜୁ ହୋଇଥିଲା। ତନ୍ମଧ୍ୟରୁ ଏଯାବତ୍ ୧୦୯୪ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ୫୬ଟି ଚୂଡ଼ାନ୍ତ ରିପୋର୍ଟ ସତ୍ୟ ହୋଇଥିବା ବେଳେ ୬୬ଟି ଭ୍ରମାତ୍ମକ, ୪ଟି ଅଧର୍ତ୍ତବ୍ୟ, ୩୬୫ଟି ମିଥ୍ୟା ପ୍ରମାଣିତ ହୋଇଛି। ତେବେ ୨୦୨୪ରେ ରାଜ୍ୟରେ ସାଇବର ଅପରାଧ ସଂଖ୍ୟା ବଢ଼ୁଥିବା ନେଇ ଶ୍ୱେତପତ୍ରରେ ସ୍ୱୀକାର କରିଛନ୍ତି ସରକାର। ୨୦୨୩ରେ ରାଜ୍ୟରେ ▶ପୃଷ୍ଠା-୭




# ନୂଆ ଭିଡିଓରେ ଶିବସେନାକୁ ପୁଣି ଟାର୍ଗେଟ କଲେ କୁନାଲ



ମୁମ୍ବାଇ,୨୫ା୩(ଏଜେନ୍ସି): ଶିବସେନା ଏବଂ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପ୍ରତି ଷ୍ଟାଣ୍ଡ ଅପ୍ ହାସ୍ୟ ଅଭିନେତା କୁନାଲ କାମରାଙ୍କ କଟାକ୍ଷକୁ ନେଇ ମହାରାଷ୍ଟ୍ର ରାଜନୀତିରେ ସୃଷ୍ଟି ହୋଇଥିବା ବିବାଦ ଏବେ ଆହୁରି ତୀବ୍ର ହେବାରେ ଲାଗିଛି। ଏହି ବିଷୟକୁ ନେଇ ଗତକାଲି ଶିବସେନା ଏବଂ ଉଦ୍ଧବ ଠାକରେଙ୍କ ଦଳ ମୁହାଁମୁହିଁ ହୋଇଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କ ପ୍ରତି କୁନାଲ ରଖିଥିବା ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିନାହାନ୍ତି। ବରଂ ମଙ୍ଗଳବାର ସେ ସିନ୍ଦେଙ୍କୁ ନିଶାଣ କରି ପୁଣି ଏକ ଭିଡିଓ ଜାରି କରିଛନ୍ତି।

କୁନାଲ ନିକଟରେ ମୁମ୍ବାଇସ୍ଥିତ ହାବିଟାଟ୍ ଷ୍ଟୁଡିଓରେ ଏକ କାର୍ଯ୍ୟକ୍ରମ ରେକର୍ଡିଂ କରିଥିଲା ବେଳେ ଏଥିରେ ସେ ଉପ ମୁଖ୍ୟମନ୍ତ୍ରୀ ସିନ୍ଦେଙ୍କୁ କମେଡି ମାଧ୍ୟମରେ କଟାକ୍ଷ କରିଥିଲେ। ସେ ସିନ୍ଦେଙ୍କୁ ବିଶ୍ୱାସଘାତକ ବୋଲି ଅଭିହିତ କରିବା ସହିତ ୨୦୨୨ରେ ଦଳ ବିଭାଜନକୁ ନେଇ ହୋଇଥିବା ଘଟଣା ସମ୍ପର୍କରେ ଏକ ଗୀତ (ପାରୋଡି) ମଧ୍ୟ ଗାଇଥିଲେ। ଏହାକୁ ନେଇ ଶିବସେନା କର୍ମୀମାନେ କ୍ଷୁବ୍ଧ ହୋଇଥିଲା ବେଳେ କୁନାଲଙ୍କ ବିରୋଧରେ ବିଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ ସହ ଏତଲା ଦାଏର ହୋଇଥିଲା। ପରେ ପରେ ଉକ୍ତ ଶିବସେନା କର୍ମୀମାନେ କୁନାଲ ରେକର୍ଡ କରିଥିବା ହାବିଟାଟ୍ ଷ୍ଟୁଡିଓରେ ଭଙ୍ଗାରୁଜା କରିଥିଲେ। କୁନାଲଙ୍କ ବିରୋଧରେ ଏତଲା ଦାଏର କରାଯିବା ପରେ ପୁଲିସ ତାଙ୍କୁ ଫୋନରେ ପଚରାଉଚରା କରିଥିଲେ ହେଁ ସେ ନିଜର କମେଡି ପାଇଁ କାହାକୁ କ୍ଷମା ମାଗିବେ ନାହିଁ ବୋଲି ଦୃଢୋକ୍ତି କରିଥିଲେ। ଯଦି ତାଙ୍କ ଗୀତକୁ ନେଇ ଅଦାଲତ କିଛି ନିର୍ଦ୍ଦେଶ ଦିଅନ୍ତି ତେବେ ତାହାକୁ ସେ ମାନି ନେବେ ବୋଲି କହିଥିଲେ। କୁନାଲଙ୍କ ଏଭଳି ଆଭିମୁଖ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ତାଙ୍କୁ ଅର୍ବାଚୀନ ନକ୍କଲ ଭାବେ ଅଭିହିତ କରିଥିଲା ବେଳେ ଶିବସେନା(ୟୁବିଟି) ପ୍ରମୁଖ ଉଦ୍ଧବ ଠାକରେ କୁନାଲଙ୍କୁ ସମର୍ଥନ କରିଥିଲେ। କୁନାଲ ନିଜ ଗୀତ ମାଧ୍ୟମରେ ଯାହା କହିଛନ୍ତି ତା' କିଛି ଭୁଲ ନୁହେଁ ବୋଲି ଉଦ୍ଧବ କହିଥିଲେ। ଷ୍ଟୁଡିଓରେ ଭଙ୍ଗାରୁଜା କରିବା ଘଟଣାରେ ପୁଲିସ ଶିବସେନା ନେତା ରାହୁଲ କାନାଲଙ୍କ ସମେତ ୧୧ କର୍ମୀଙ୍କୁ ଗିରଫ କରିଥିଲା। କିନ୍ତୁ ଅଦାଲତ ଏହି ୧୧ ଜଣଙ୍କୁ ମଙ୍ଗଳବାର ଜାମିନ ଦେଇଛନ୍ତି। କିନ୍ତୁ ଏହା ମଧ୍ୟରେ ଏହି ବିବାଦ ଆହୁରି ତେଜିଛି। ଶିବସେନା କର୍ମୀ ହାବିଟାଟ୍ କମେଡି କ୍ଲବରେ ଭଙ୍ଗାରୁଜା କରିବା ପରେ କୁନାଲ ଆଉ ଏକ ଭିଡିଓରେ ଏହାର ଜବାବ ଦେଇଛନ୍ତି। ଏଥିରେ ସେ 'ହମ୍ ହୋଙ୍ଗେ କାଙ୍ଗାଲ୍' ଗୀତ ଗାଉଥିବା ନଜରକୁ ଆସିଛି। ନୂଆ ଭିଡିଓରେ କୁନାଲ ନିଜ ଶୈଳୀରେ ଶିବସେନାକୁ କଟାକ୍ଷ କରି 'ହମ୍ ହୋଙ୍ଗେ କଙ୍ଗାଲ୍ ଏକ୍ ଦିନ୍, ମନ୍ ମୈ ହେ ଅନ୍ଧବିଶ୍ୱାସ୍, ଦେଶକା ସତ୍ୟାନାସ୍...' ଗାଉଥିଲା ବେଳେ ଉକ୍ତ ଭିଡିଓରେ ଶିବସେନା କର୍ମୀଙ୍କ ଦ୍ୱାରା ଷ୍ଟୁଡିଓ ଭଙ୍ଗାରୁଜା କରାଯିବା ଫୁଟେଜ୍ ମଧ୍ୟ ଦେଖିବାକୁ ମିଳୁଛି। ଭିଡିଓରେ ସେ ନାଥୁରାମ ଗୋଡସେ ଓ ଆସାରମ ବାପୁଙ୍କ ମଧ୍ୟ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ସିନ୍ଦେଙ୍କ ଉପରେ କଥିତ ଭାବେ ଅପମାନଜନକ ଟିପ୍ପଣୀ କରିବା ମାମଲାରେ କୁନାଲଙ୍କୁ ନୋଟିସ ଜାରି କରିଛି। ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ କୁହାଯାଇଥିଲା ବେଳେ କୁନାଲ ନ ପହଞ୍ଚିବାରୁ ପୁଲିସ ତାଙ୍କ ଘରେ ପହଞ୍ଚିଥିବା ଜଣାପଡ଼ିଛି।

**କୁନାଲଙ୍କ ଘରେ ପହଞ୍ଚିଲା ପୁଲିସ**

**ଶିବସେନା, ୟୁବିଟି ମଧ୍ୟରେ ବିବାଦ ତୀବ୍ର**



## ଶାଢ଼ି ଓ ଚପଲ ପିନ୍ଧି ଲଣ୍ଡନ ରାସ୍ତାରେ ମମତା

ଲଣ୍ଡନ,୨୫ା୩(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସଂପ୍ରତି ଲଣ୍ଡନ ଗସ୍ତରେ ଯାଇଥିଲା ବେଳେ ସେଠାରେ ହାଇଡ୍ ପାର୍କରେ ମର୍ଣ୍ଣିଂଓ୍ୱାକ୍ କରୁଥିବା ଦେଖିବାକୁ ମିଳିଛି। ହେଲେ ଏହି ସମୟରେ ବି ସେ ତାଙ୍କ ଚିରାଚରିତ ବସ୍ତ୍ର ପିନ୍ଧିଥିବା ଏବଂ କୌଣସି ପରିବର୍ତ୍ତନ ନଥିବା ଦେଖାଯାଇଛି। ସେ ସୁରକ୍ଷା ଅଧିକାରୀଙ୍କ ସହିତ ଧଳା ଶାଢ଼ି ଏବଂ ସ୍ଲିପର୍ ଚପଲ ପିନ୍ଧି ପାର୍କରେ ମର୍ଣ୍ଣିଂଓ୍ୱାକ୍ କରୁଥିବା ନଜର ଆସିଛନ୍ତି। ଟିଏମସି ନେତା କୁନାଲ ଘୋଷ ସୋସିଆଲ ମିଡିଆରେ ମମତାଙ୍କ ଲଣ୍ଡନ ଗସ୍ତର ଫଟୋ ଏବଂ ଭିଡିଓ ସେୟାର କରିଛନ୍ତି। ଯେଉଁଥିରେ ମୁଖ୍ୟମନ୍ତ୍ରୀ ମମତା ବକିଂହାମ ପ୍ୟାଲେସରୁ ହାଇଡ ପାର୍କ ପର୍ଯ୍ୟନ୍ତ ତାଙ୍କର ଚିରାଚରିତ ବସ୍ତ୍ରରେ ବୁଲୁଥିବା ଦେଖିବାକୁ ମିଳିଛି। ତେବେ ଲଣ୍ଡନରେ ଅତ୍ୟଧିକ ଥଣ୍ଡା ପଡୁଥିବାରୁ ମମତା ଏକ କଳା କାର୍ଡିଗାନ୍ ଏବଂ ଶାଲ୍ ଘୋଡାଇ ହୋଇଥିବା ଦେଖାଯାଇଛି। ମମତା ୨୦୨୩ରେ ସ୍ପେନ ଗସ୍ତରେ ଯାଇଥିଲା ବେଳେ ସେଠାରେ ମଧ୍ୟ ସେହି ଧଳା ଶାଢ଼ି ଏବଂ ଚପଲ ପିନ୍ଧି ଜଗିଂ କରିଥିଲେ।



### ପୁଣି ନୀତୀଶ-ରାବ୍ରୀ ମୁହାଁମୁହିଁ

## 'ଦଳ ତୁମର ନୁହେଁ; ତୁମ ସ୍ୱାମୀଙ୍କର'

ପାଟନା,୨୫ା୩(ଏଜେନ୍ସି): ବିହାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆରଜେଡି ନେତ୍ରୀ ରାବ୍ରୀ ଦେବୀ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। ଗତ ସପ୍ତାହରେ ଏକ ପ୍ରସଙ୍ଗକୁ ନେଇ ଉଭୟ ନେତାଙ୍କ ମଧ୍ୟରେ କଥାକଟି ହୋଇଥିଲା। ତେବେ ମଙ୍ଗଳବାର ବିଧାନସଭା ଚାଲିଥିଲା ପୁଣି ସେଭଳି ସ୍ଥିତି ଦେଖିବାକୁ ମିଳିଛି। ବିଧାନସଭା ଚାଲିଥିଲା ବେଳେ ସବୁ ଆରଜେଡି ସଦସ୍ୟମାନେ ସବୁଜ ବ୍ୟାଚ୍ ପିନ୍ଧି ଗୃହକୁ ଆସିବା ସହିତ ତେଜସ୍ୱୀ ଯାଦବ ଉପମୁଖ୍ୟମନ୍ତ୍ରୀ ଥିଲା ବେଳେ ଦଳିତ ଏବଂ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ସଂରକ୍ଷଣ କୋଟା ବଢାଇଥିଲେ ବୋଲି କହିଥିଲେ। କିନ୍ତୁ ଏନଡିଏ ସରକାର ଏହାକୁ ହରଣ କରିନେଲେ ବୋଲି କହି ହୋହଲ୍ଲା କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ନୀତୀଶ ଜଣେ ଆରଜେଡି ସଦସ୍ୟଙ୍କୁ ଠିଆ ହୋଇ ଏହି କଥା କହିବାକୁ କହିଥିଲେ। ଏଭଳି କଥା କେବଳ ଆରଜେଡି ସଦସ୍ୟମାନେ ହିଁ କହିପାରନ୍ତି ବୋଲି ନୀତୀଶ କହିଥିଲା ବେଳେ ରାବ୍ରୀ ଦେବୀ ଏହାକୁ ବିରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଦଳର ସଦସ୍ୟଙ୍କୁ କାହିଁକି ଛିଡା ହୋଇ କହିବାକୁ କହିଲେ ବୋଲି ରାବ୍ରୀ ପ୍ରଶ୍ନ କରିବାରୁ ନୀତୀଶ କୁମାର ରାବ୍ରୀ ଦେବୀଙ୍କୁ କଟାକ୍ଷ କରି କହିଥିଲେ ଯେ ଆପଣ ଏହି ପ୍ରସଙ୍ଗରୁ ଦୂରରେ ରୁହନ୍ତୁ। କାରଣ ଦଳ ଆପଣଙ୍କର ନୁହେଁ, ଆପଣଙ୍କ ସ୍ୱାମୀଙ୍କର। ସ୍ୱାମୀଙ୍କ କ୍ଷମତା ଯୋଗୁଁ ଆପଣ ଏଠି ପହଞ୍ଚିପାରିଛନ୍ତି। ତେଣୁ ଆପଣଙ୍କୁ ଗୁରୁତ୍ୱ ସହ ନିଆଯାଇପାରିବ ନାହିଁ ବୋଲି ନୀତୀଶ କହିବା ପରେ ଆରଜେଡି ସଦସ୍ୟମାନେ ପୁଣି ହଙ୍ଗାମା କରିଥିଲେ।



### ଦିଶା ସାଲିଆନ୍ ମୃତ୍ୟୁ ଘଟଣା

## ଆଦିତ୍ୟ ଠାକ୍‌ରେ, ରିଆଙ୍କ ବିରୋଧରେ ଏତଲା

ମୁମ୍ବାଇ,୨୫ା୩(ଏଜେନ୍ସି): ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ଘଟଣାରେ ଯାଞ୍ଚ କରୁଥିବା ସିବିଆଇ ଏହି ମାମଲା ବନ୍ଦ କରିବା ପରେ ପୁଣି ମୁଣ୍ଡ ଟେକିଛି ଦିଶା ସାଲିଆନଙ୍କ ମୃତ୍ୟୁ ଘଟଣା। ସିବିଆଇ ସୁଶାନ୍ତଙ୍କ ମୃତ୍ୟୁକୁ ଆତ୍ମହତ୍ୟାଜନିତ କହିବା ସହିତ ଏଥିପାଇଁ କୌଣସି ଷଡ଼ଯନ୍ତ୍ର ହୋଇ ନଥିବା ନିଜ କ୍ଲୋଜର ରିପୋର୍ଟରେ ଦର୍ଶାଇଥିଲା। ଏହାଦ୍ୱାରା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟମାନଙ୍କୁ ଆଶ୍ୱସ୍ତି ମିଳିଥିଲା। କିନ୍ତୁ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଦିଶାଙ୍କ ବାପା ହାଇକୋର୍ଟରେ ଏକ ପିଟିସନ ଦାଏର କରି ତାଙ୍କ ଝିଅର ମୃତ୍ୟୁ ଘଟଣାର ଯାଞ୍ଚ ପାଇଁ ପୁଣି ଦାବି କରିଥିଲେ। ଏହାପରେ ଏବେ ଶିବସେନା(ୟୁବିଟି) ନେତା ଆଦିତ୍ୟ ଠାକେରେଙ୍କ ସମେତରିଆ ଚକ୍ରବର୍ତ୍ତୀ, ଦିନୋ ମୋରିଆ, ସୂରଜ ପାଞ୍ଚୋଲି ଏବଂ ଅନ୍ୟ କେତେକ ବ୍ୟକ୍ତିଙ୍କ ବିରୋଧରେ ଏତଲା ଦାଏର ହୋଇଛି।

### ଋଣ ଫାଙ୍କିବାକୁ ନକଲି ମୃତ୍ୟୁ ପ୍ରମାଣପତ୍ର

## ୪ ମହିଳାଙ୍କୁ ବାନ୍ଧିଲା ୟୁପି ପୁଲିସ

ଲକ୍ଷ୍ନୌ,୨୫ା୩(ଏଜେନ୍ସି): ବ୍ୟାଙ୍କ ଋଣ ଫାଙ୍କିବା ପାଇଁ ଉତ୍ତରପ୍ରଦେଶ ଗୋରଖପୁରରେ କିଛି ମହିଳା ଯେଉଁ ଷଡ଼ଯନ୍ତ୍ର କରିଥିଲେ ସେଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ମହିଳାମାନେ ଋଣ ଫାଙ୍କିବା ପାଇଁ ସେମାନଙ୍କ ସ୍ୱାମୀଙ୍କ ନକଲି ମୃତ୍ୟୁପ୍ରମାଣ ପତ୍ର ବ୍ୟାଙ୍କକୁ ଦେଇଥିଲେ। କିନ୍ତୁ ସନ୍ଦେହ ହେବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଯାଞ୍ଚ କରି ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ୪ ମହିଳାଙ୍କୁ ଗିରଫ କରିଛି। ମହିଳା ସ୍ୱାବଲମ୍ବୀ ଯୋଜନାରେ ଏହି ମହିଳାମାନେ ବ୍ୟାଙ୍କରୁ ବହୁବାର ଗୋଷ୍ଠୀ ଋଣ ଉଠାଇଥିଲେ। କିନ୍ତୁ ଠିକଣା ସମୟରେ ଋଣ ପରିଶୋଧ କରି ନଥିଲେ।

# ଢାକାରେ ସାମରିକ ବିଦ୍ରୋହ ଆଶଙ୍କା



ନୂଆଦିଲ୍ଲୀ, ୨୫ା୩: ବାଂଲାଦେଶରେ ଯେକୌଣସି ମୁହୂର୍ତ୍ତରେ ସାମରିକ ବିଦ୍ରୋହ ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି। ଏସଂପର୍କରେ କେହି ମୁହଁ ଖୋଲୁନଥିଲେ ମଧ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ସେନା ଅଧକ୍ଷଙ୍କ ଜରୁରୀ ବୈଠକରୁ ଏଭଳି ସଙ୍କେତ ମିଳିଛି। ହସିନାଙ୍କୁ ହଟାଇ କ୍ଷମତାରେ ଥିବା ୟୁନୁସ ସରକାରର ବିଫଳତା ଯୋଗୁଁ ଦେଶରେ ଅରାଜକତା ସୃଷ୍ଟି ହୋଇଥିବାରୁ କ୍ଷମତା ଦଖଲ ଲାଗି ସେନା ଯୋଜନା କରୁଥିବାର ଖବର ମିଳିଛି।

ୟୁନୁସ ସରକାର ବିରୋଧରେ ଦେଶ ସାରା ଅସନ୍ତୋଷ ଲାଗି ରହିଛି। ଉତ୍ତ୍ୟକ୍ତ ଲୋକେ ରାଜରାସ୍ତାକୁ ଆସିଲେଣି। ବିଭିନ୍ନ ସ୍ଥାନରେ ସରକାର ବିରୋଧରେ ଆନ୍ଦୋଳନ ମଧ୍ୟ ଆରମ୍ଭ ହୋଇଗଲାଣି। ଏହାର ସୁଯୋଗ ନେଇ ଆତଙ୍କବାଦୀ ହିଂସାକାଣ୍ଡ ଘଟାଇପାରନ୍ତି ବୋଲି ଇତିମଧ୍ୟରେ ସେନା ସତର୍କ କରାଇଦେଇଛି। ଏହିସବୁ ଖବର ମଧ୍ୟରେ ଗତକିଛି ଦିନ ଧରି ବରିଷ୍ଠ ସେନା ଅଧିକାରୀଙ୍କ ସହିତ ବିଚାର ଆଲୋଚନା ଚଳାଇଛନ୍ତି ସେନା ଅଧକ୍ଷ ଜେନେରାଲ ୱକାରୁ ଜମାନ୍। ଆଜି ମଧ୍ୟ ସେ ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି। ୟୁନୁସ ସରକାରକୁ ହଟାଇ ସେନା ନିଜ ହାତକୁ କ୍ଷମତା ନେବାର ଯଥେଷ୍ଟ ସମ୍ଭାବନା ରହିଥିବା ଏହି ଘଟଣାବଳୀରୁ ସଙ୍କେତ ମିଳିଛି।

ୟୁନୁସ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଦେଶରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଓ ମୌଳବାଦୀ ସକ୍ରିୟ ହୋଇପଡ଼ିଛନ୍ତି। ସେମାନେ ହିଂସାକାଣ୍ଡ ଘଟଣାଇବାକୁ ଯୋଜନା କରୁଥିବାର ଖବର ମଧ୍ୟ ମିଳୁଛି। ଏହାକୁ ନେଇ ସେନା ଅଧକ୍ଷ ଜେନେରାଲ ଜମାନ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦେଶରେ ଆଇନ ଶୃଙ୍ଖଳା ଦିନକୁ ଦିନ ଖରାପ ହୋଇ ଚାଲିଥିବାରୁ ସେନା ଅଧକ୍ଷ ୟୁନୁସ ସରକାରକୁ ଚେତାଇ ଦେଇଥିଲେ।

ଇତିମଧ୍ୟରେ ଜେନେରାଲ ଜମାନ୍ କହିଛନ୍ତି ଯେ ଗତ ୭-୮ ମାସ ଭିତରେ ଏମିତି ପରିସ୍ଥିତି ସୃଷ୍ଟି ହୋଇଛି ଯାହାକି ଦେଶର ସ୍ୱାଧୀନତା ଏବଂ ସବୋଭୌମତ୍ୱ ପ୍ରତି ବିପଦ ରୂପେ ଉଭା ହୋଇଛି। ଏହାକୁ ଏବେ ନିୟନ୍ତ୍ରଣ କରାନଗଲେ ଆଗକୁ ପରିସ୍ଥିତି ଖରାପ ହୋଇପାରେ।

**ବରିଷ୍ଠ ଅଧିକାରୀମାନଙ୍କ ସହ ସେନାଧ୍ୟକ୍ଷଙ୍କ ବୈଠକ**

**ବିରୋଧ କରିବ ଛାତ୍ର ସଂଗଠନ**

ଜେନେରାଲ ଜମାନଙ୍କ ଏଭଳି ଆଭିମୁଖ୍ୟ ନେଇ ଛାତ୍ର ନେତାମାନେ ଭାରୀ କ୍ଷୁବ୍ଧ। ସେମାନେ ଅଭିଯୋଗ କରିଛନ୍ତି ଜେନେରାଲ ଜମାନ୍ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସହ ସଂପର୍କ ରଖି ଅସ୍ଥିରତା ସୃଷ୍ଟି କରୁଛନ୍ତି। ସେମାନେ କହିଛନ୍ତି ଯେ ସେନା ଅଧକ୍ଷଙ୍କ ଯୋଜନା କାର୍ଯ୍ୟକାରୀ ହେବାକୁ ଦିଆଯିବ ନାହିଁ।

ସୂଚନାଯୋଗ୍ୟ ଯେ ଗତବର୍ଷ ଅଗଷ୍ଟରେ ଶେଖ୍ ହସିନା ସରକାରକୁ ଗାଦିଚ୍ୟୁତ କରି ସରକାର ଗଠନ କରିଥିଲେ ଛାତ୍ର ସଂଗଠନ। ସରକାରର ନେତୃତ୍ୱ ନେଇଥିଲେ ମହମ୍ମଦ ୟୁନୁସ।

## ସୁନା ଚାଲାଣ କଥା ମାନିଲେ ରନ୍ୟା

### ହାୱାଲା ଜରିଆରେ ଯାଉଥିଲା ଟଙ୍କା



ବେଙ୍ଗାଲୁରୁ, ୨୫ା୩ (ଏଜେନ୍ସି): କନ୍ନଡ ଅଭିନେତ୍ରୀ ରନ୍ୟା ରାଓଙ୍କ ଦ୍ୱାରା ହୋଇଥିବା ବହୁ ଚର୍ଚ୍ଚିତ ସୁନା ଚାଲାଣ ମାମଲାକୁ ନେଇ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ(ଡିଆରଆଇ) ପକ୍ଷରୁ ଅଦାଲତରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦାଖଲ କରାଯାଇଛି। ସୁନା ଚାଲାଣ ମାମଲାକୁ ନେଇ ଡିଆରଆଇ ପକ୍ଷରୁ ଗତ କିଛି ଦିନ ଧରି ରନ୍ୟାଙ୍କୁ ପଚରାଉଚରା ଚାଲିଥିଲା ବେଳେ ସେ ସତ ଓଗାଳିଛନ୍ତି। ଦୁବାଇରେ ସୁନା କିଣିବାକୁ ହାୱାଲା ଜରିଆରେ ଟଙ୍କା କାରବାର ହେଉଥିଲା ବୋଲି ରନ୍ୟା ସ୍ୱୀକାର କରିଥିବା ଡିଆରଆଇ ଅଦାଲତଙ୍କୁ ଜଣାଇଛି। ରନ୍ୟାଙ୍କ ବାରମ୍ବାର ଦୁବାଇ ଗସ୍ତକୁ ନେଇ ମଧ୍ୟ ଡିଆରଆଇ ପକ୍ଷରୁ ତର୍ଜମା କରାଯାଇଥିଲା। ତାଙ୍କର ଏହି ଗସ୍ତକୁ ନେଇ ଡିଆରଆଇ ପକ୍ଷରୁ ପ୍ରଶ୍ନ କରାଯାଇଥିଲା ବେଳେ ରନ୍ୟା ଏଭଳି ବିଷୟ କହିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସରେ ରନ୍ୟା ଦୁବାଇରୁ ଆସି ବେଙ୍ଗାଲୁରୁ ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜସ୍ୱ ଗୁଇନ୍ଦା ବିଭାଗ ଅଧିକାରୀମାନେ ଚଢଉ କରି ତାଙ୍କ ଠାରୁ ୧୪.୮ କିଲୋ ସୁନା ଜବତ କରିଥିଲେ।

**ଉତ୍ତରପ୍ରଦେଶରେ ପୁଣି ଚାଞ୍ଚଲ୍ୟ**

# ବିବାହର ୧୫ ଦିନ ପରେ ସ୍ୱାମୀକୁ ହତ୍ୟାକଲେ ପତ୍ନୀ-ପ୍ରେମିକ



ଲକ୍ଷ୍ନୌ,୨୫ା୩(ଏଜେନ୍ସି): ପ୍ରେମ ବ୍ୟାପାରକୁ ନେଇ ଉତ୍ତରପ୍ରଦେଶରୁ ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ଖବର ଆସିବାରେ ଲାଗିଛି। କିଛି ଦିନ ତଳେ ମିରଟ୍‌ରେ ଜଣେ ଲଣ୍ଡନ ଫେରନ୍ତା ସ୍ୱାମୀଙ୍କୁ ତାଙ୍କ ପତ୍ନୀ ଏବଂ ପ୍ରେମିକ ହତ୍ୟ କରିବା ସହିତ ମୃତଦେହକୁ ୧୫ ଖଣ୍ଡ କରି ଡ୍ରମ୍‌ରେ ପୋତି ଦେଇଥିଲେ। ଏହାପରେ ମଙ୍ଗଳବାର ପୁଣି ସେଭଳି ଏକ ଖବର ସାମ୍ନାକୁ ଆସିଛି। ଜଣେ ୨୨ ବର୍ଷୀୟା ମହିଳା ବିବାହର ମାତ୍ର ଦୁଇ ସପ୍ତାହ ପରେ ତାଙ୍କ ପ୍ରେମିକଙ୍କ ସହିତ ମିଶି ସ୍ୱାମୀଙ୍କ ହତ୍ୟା କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଉତ୍ତର ପ୍ରଦେଶର ଆଉରିଆ ଜିଲ୍ଲାରେ ଘଟିଛି। ସ୍ୱାମୀଙ୍କୁ ହତ୍ୟା କରିବାକୁ ପତ୍ନୀ ଏବଂ ତାଙ୍କ ପ୍ରେମିକ କଣ୍ଟ୍ରାକ୍ଟ କିଲର୍‌ଙ୍କୁ ନିଯୁକ୍ତ କରିଥିଲେ। ପୁଲିସ ସୂଚନା ଅନୁଯାୟୀ, ପ୍ରଗତି ଯାଦବ ଓ ଅନୁରାଗ ଯାଦବଙ୍କ ମଧ୍ୟରେ ଚାରି ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। କିନ୍ତୁ ସେମାନଙ୍କ ପରିବାର ଉଭୟଙ୍କ ବିବାହ ପାଇଁ ରାଜି ହୋଇ ନଥିଲେ। ଚଳିତ ମାସ ୫ ତାରିଖରେ ପ୍ରଗତିଙ୍କୁ ତାଙ୍କ ଘର ଲୋକ ଜୋରଜବରଦସ୍ତ ଦିଲୀପଙ୍କ ସହିତ ବିବାହ କରାଇ ଦେଇଥିଲେ। ହେଲେ ମାର୍ଚ୍ଚ ୧୯ ତାରିଖରେ ପୁଲିସ ଦିଲୀପଙ୍କୁ ଏକ କ୍ଷେତରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କ ଦେହରେ ଗୁଳି ବାଜିଥିବାରୁ ସେ ଗୁରୁତର ଆହତ ଅବସ୍ଥାରେ ପଡ଼ିଥିବା ପୁଲିସ ଦେଖି ଉଦ୍ଧାର କରିଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ପୀଡିତଙ୍କ ଭାଇ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ବିବାହ ପରେ ପ୍ରଗତି ଏବଂ ପ୍ରେମିକ ଅନୁରାଗ ପରସ୍ପରକୁ ଭେଟି ପାରୁ ନଥିବାରୁ ସେମାନେ ଦିଲୀପଙ୍କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ ବୋଲି ପୁଲିସ ତଦନ୍ତରୁ ଜାଣିପାରିଥିବା ପ୍ରକାଶ କରିଛି। ଏପରିକି ଦିଲୀପଙ୍କୁ ହତ୍ୟା କରିବା ପାଇଁ ଦୁହେଁ କଣ୍ଟ୍ରାକ୍ଟ କିଲର ରାମାଜୀ ଚୌଧୁରୀଙ୍କୁ ନିଯୁକ୍ତ କରିଥିଲେ ଏବଂ ୨ ଲକ୍ଷ ଟଙ୍କା ଦେଇଥିଲେ ବୋଲି ପୁଲିସ କହିଛି।

### ଇଦ୍ ପାଇଁ 'ସୌଗତ୍-ଇ-ମୋଦୀ' ଅଭିଯାନ

## ୩୨ ଲକ୍ଷ ଦୁର୍ବଳ ଶ୍ରେଣୀ ମୁସଲମାନଙ୍କୁ ମିଳିବ ସ୍ୱତନ୍ତ୍ର ଉପହାର

ନୂଆଦିଲ୍ଲୀ,୨୫ା୩(ଏଜେନ୍ସି): ଆଗକୁ ଇଦ୍ ଆସୁଥିବାରୁ ବିଜେପି ସମାଜର ଦୁର୍ବଳ ଶ୍ରେଣୀ ମୁସଲମାନଙ୍କ ଉଦ୍ଦେଶ୍ୟରେ ଏକ ନୂଆ ଅଭିଯାନ ଆରମ୍ଭ କରିଛି। 'ସୌଗତ୍-ଇ-ମୋଦୀ' ନାମରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ପ୍ରାୟ ୩୨ ଲକ୍ଷ ଦୁର୍ବଳ ଶ୍ରେଣୀ ମୁସଲମାନ ଲୋକଙ୍କୁ ଇଦ୍ ଉତ୍ସବ ପାଳନ ଅବସରରେ ସ୍ୱତନ୍ତ୍ର ଉପହାର ଦେବାକୁ ବ୍ୟବସ୍ଥା କରାଯାଇଛି। ଏହି ଉପହାର କିଟ୍‌ରେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ବସ୍ତ୍ର, ସିମିଆ, ଖଜୁର, ଡ୍ରାଏ ଫ୍ରୁଟସ୍ ଏବଂ ମିଠା ଆଦି ରହିଛି। ଗୋଟିଏ ଉପହାର କିଟ୍‌ର ମୂଲ୍ୟ ୫୦୦ରୁ ୬୦୦ ଟଙ୍କା ହେବ ବୋଲି କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ଜେ ପି ନଡ୍ଡା ଦିଲ୍ଲୀସ୍ଥିତ ନିଜାମୁଦ୍ଦିନରୁ ଏହି ଅଭିଯାନ ମଙ୍ଗଳବାର ଆରମ୍ଭ କରିଛନ୍ତି। ସାମାଜିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ପାଇଁ କରାଯାଇଥିବା ଏହି ବ୍ୟବସ୍ଥାକୁ ନେଇ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଜାତୀୟ ସଭାପତି ଜମ୍ମାଲ ସିଦ୍ଧିକି ଖୁସି ବ୍ୟକ୍ତ କରିଛନ୍ତି। ଦେଶର ପ୍ରାୟ ୩୨ ଲକ୍ଷ ମୁସଲମାନ ବ୍ୟକ୍ତି ଏହି ଅଭିଯାନ ଦ୍ୱାରା ଉପକୃତ ହେବେ ବୋଲି ସେ କହିଛନ୍ତି।

## ତେଲଙ୍ଗାନା ଟନେଲ ଦୁର୍ଘଟଣା; ଆଉ ଏକ ମୃତଦେହ ଉଦ୍ଧାର

ହାଇଦରାବାଦ୍,୨୫ା୩(ଏଜେନ୍ସି): ତେଲଙ୍ଗାନାର ନଗରକୁର୍ନୁଲ ଠାରେ ଏସଏଲବିସି ଟନେଲ ଭୁଶୁଡ଼ିବା ଘଟଣାକୁ ଇତିମଧ୍ୟରେ ଏକ ମାସରୁ ଅଧିକ ସମୟ ବିତିଛି। କିନ୍ତୁ ଏହାମଧ୍ୟରେ ଫସି ରହିଥିବା ୮ କର୍ମଚାରୀଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନାହିଁ। ସେମାନଙ୍କୁ ଉଦ୍ଧାର କରିବା ଲାଗି ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ଉଦ୍ୟମ ଏଯାବତ୍ ସଫଳ ହୋଇ ନାହିଁ। ପୂର୍ବରୁ ଜଣଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ଏହାପରେ ମଙ୍ଗଳବାର ଆଉ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଟନେଲ ଭୁଶୁଡିବା ଘଟଣାକୁ ଏତେ ଦିନ ବିତିଥିବାରୁ କେହି ଜୀବିତ ରହିଥିବା ଆଶା କ୍ଷୀଣ ବୋଲି ବିଚାର କରାଯାଉଛି। ଏହାମଧ୍ୟରେ ତେଲାଙ୍ଗାନା ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶିଦ୍ୱୋକୁ ଘୋଷଣା କରାଯାଇଛି।

# ଦୁଷ୍କର୍ମ ଉଦ୍ୟମ ; ଚଳନ୍ତା ଟ୍ରେନରୁ ଡେଇଁପଡ଼ିଲେ ମହିଳା

ହାଇଦରାବାଦ୍,୨୫ା୩(ଏଜେନ୍ସି): ତେଲଙ୍ଗାନାରେ ଚଳନ୍ତା ଟ୍ରେନରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯିବା ପରେ ଏଥିରୁ ରକ୍ଷା ପାଇବାକୁ ସଂପୃକ୍ତ ଯୁବତୀ ଜଣକ ଟ୍ରେନରୁ ଡେଇଁ ପଡ଼ିଥିବା ଖବର ସାମ୍ନାକୁ ଆସିଛି। ଏହି ଘଟଣାରେ ଯୁବତୀ ଜଣକ ଆହତ ହୋଇଥିଲା ବେଳେ ତାଙ୍କୁ ଜିଆରପି ଉଦ୍ଧାର କରି ଚିକିତ୍ସା ପାଇଁ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି କରିଛି। ଏହି ଘଟଣା ଗତ ୨୨ ତାରିଖରେ ତେଲଙ୍ଗାନାର ଅଲୱାଲ ଷ୍ଟେସନ ନିକଟରେ ଘଟିଛି। ସୂଚନା ଅନୁସାରେ ଏହି ଯବୁତୀ ଜଣକ ସିକନ୍ଦରାବାଦ୍‌ରୁ ଏମଏମଟିଏସ୍ ଟ୍ରେନରେ ମେଡଚଲ ଯାଉଥିଲେ। ସେ ମହିଳା ବଗିରେ ବସିଥିଲା ବେଳେ ଏହି ବଗିରେ ଯାଉଥିବା ଅନ୍ୟ ଦୁଇ ମହିଳା ଯାତ୍ରୀ ଅଲୱାଲ ଷ୍ଟେସନରେ ଓହ୍ଲାଇ ଯାଇଥିଲେ। କିନ୍ତୁ ଏହାପରେ ଜଣେ ଯୁବକ ତାଙ୍କ ନକିଟକୁ ଆସି ସମ୍ଭୋଗ କରିବାକୁ ଉଦ୍ୟମ କରିବାରୁ ସେ ଚଳନ୍ତା ଟ୍ରେନରୁ ଡେଇଁ ପଡ଼ିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ କେନ୍ଦ୍ରମନ୍ତ୍ରୀ ବନ୍ଦି ସଞ୍ଜୟ କୁମାର ସଂପୃକ୍ତ ଯୁବତୀଙ୍କ ପରିବାର ସହିତ କଥା ହେବା ସହ ଅଭିଯୁକ୍ତକୁ ଗିରଫ କରାଯିବ ଏବଂ ପୀଡ଼ିତାଙ୍କୁ ନ୍ୟାୟ ମିଳିବ ବୋଲି କହିଛନ୍ତି। ଏହାଛଡ଼ା ଚିକିତ୍ସା ପାଇଁ ମହିଳାଙ୍କୁ ସୁପର ସ୍ପେଶାଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ କେନ୍ଦ୍ରମନ୍ତ୍ରୀ ତେଲଙ୍ଗାନା ବିଜେପି ମହିଳା ମୋର୍ଚ୍ଚା ସଭାପତି ଶିଲ୍ପା ରେଡ୍ଡିଙ୍କୁ ନିର୍ଦ୍ଦେଶ ଦେବା ସହିତ ତାଙ୍କୁ ସମସ୍ତ ସହାୟତା କରିବାକୁ କହିଛନ୍ତି।

### ୯୨ ବର୍ଷ ପରେ ପ୍ରଥମ

# ଆଇଏମ୍‌ଏରେ ପ୍ରଶିକ୍ଷଣ ନେବେ ମହିଳା କ୍ୟାଡେଟ୍



ନୂଆଦିଲ୍ଲୀ,୨୫ା୩(ଏଜେନ୍ସି): ୯୨ ବର୍ଷରେ ପ୍ରଥମ ଥର ପାଇଁ ଡେହରାଡୁନସ୍ଥିତ ପ୍ରତିଷ୍ଠିତ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀ (ଆଇଏମ୍‌ଏ) ରେ ମହିଳା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଆସନ୍ତା ଜୁଲାଇ ମାସରେ ପ୍ରଥମ ବ୍ୟାଚ୍ ଆରମ୍ଭ ହେବ। ମହାରାଷ୍ଟ୍ରର ଖଡ଼କଭାସଲାସ୍ଥିତ ନ୍ୟାସନାଲ ଡିଫେନ୍ସ ଏକାଡେମୀ(ଏନଡିଏ)ରୁ ଉତ୍ତୀର୍ଣ୍ଣ ହୋଇଥିବା ମହିଳା କ୍ୟାଡେଟ୍‌ମାନେ ଏହି ବ୍ୟାଚ୍‌ରେ ପ୍ରଶିକ୍ଷଣ ନେବେ। ତିନି ବର୍ଷ ପୂର୍ବେ ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ ପରେ ଚଳିତ ବର୍ଷ ଜୁଲାଇରେ ଆଇଏମ୍‌ଏରେ ମହିଳା ଅଫିସର କ୍ୟାଡେଟ୍‌ଙ୍କ ପ୍ରଥମ ବ୍ୟାଚ୍ ସାମିଲ ହେବାକୁ ଯାଉଛି ବୋଲି କୁହାଯାଇଛି। ତିନି ବର୍ଷ ତଳେ ଏନ୍‌ଡିଏରେ ମହିଳାଙ୍କୁ ଏହି ସୁଯୋଗ ମିଳିବା ଆରମ୍ଭ ହୋଇଥିଲା। ଏବେ ଏନ୍‌ଡିଏରୁ ପାସ୍ ହେବା ପରେ ମହିଳା କ୍ୟାଡେଟମାନେ ଏଠାକୁ ପ୍ରଶିକ୍ଷଣ ପାଇଁ ଆସିବେ। ବର୍ତ୍ତମାନ ଏନଡିଏରେ ଷଷ୍ଠ ଏବଂ ଶେଷ ପର୍ଯ୍ୟାୟରେ ପାଠ ପଢୁଥିବା ୧୮ ମହିଳା କ୍ୟାଡେଟ୍‌ଙ୍କୁ ଏହି ସୁଯୋଗ ମିଳିବ। ଉଲ୍ଲେଖଯୋଗ୍ୟ, ଆଇଏମ୍‌ଏ ହେଉଛି ଦେଶର ଏକମାତ୍ର ସେନା ପ୍ରଶିକ୍ଷଣ ପ୍ରତିଷ୍ଠାନ ଯେଉଁଠି ଆଜି ଯାଏ ମହିଳାଙ୍କୁ ପ୍ରଶିକ୍ଷଣ ମିଳିପାରୁ ନଥିଲା। ତେବେ ୨୦୨୫ ଜୁଲାଇରେ ଏନଡିଏରୁ ମହିଳା ଅଧିକାରୀଙ୍କ ପ୍ରଥମ ବ୍ୟାଚ୍ ପାସ୍ ଆଉଟ୍ ହେବା ପରେ ସେମାନଙ୍କୁ ତିନି ସେନାର ଭିନ୍ନ ଭିନ୍ନ ପ୍ରଶିକ୍ଷଣ ପାଇଁ ପୃଥକ ସଂସ୍ଥାକୁ ପଠାଯିବ।





୧୨ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ପ୍ରତିବାଦରେ ମଙ୍ଗଳବାର ରାତିରେ ବିଧାନସଭା ଆଗରେ କଂଗ୍ରେସ ପକ୍ଷରୁ ଧାରଣା ଓ ନାରାବାଜି

# ରାଜ୍ୟରେ ଅହଂକାରୀ ଓ ମହିଳା ବିରୋଧୀ ସରକାର: ଏଆଇସିସି

**ଭୁବନେଶ୍ୱର, ୨୫।୩(ସମିସ):** ଓଡ଼ିଶାରେ ମହିଳା, ବିଶେଷ କରି ଛାତ୍ରୀମାନେ ଆଜି ଅସୁରକ୍ଷିତ। ମହିଳା ଅସଦାଚରଣ, ବର୍ବରତା, ଧର୍ଷଣ ଓ ଗଣଧର୍ଷଣ ଆଜି ସାରା ରାଜ୍ୟରେ ସବୁ ଜିଲ୍ଲାରେ ହୁହୁ ହୋଇ ବଢ଼ି ଚାଲିଛି। ଡବଲ ଇଞ୍ଜିନ ସରକାରର ପ୍ରଥମ ୫୦ଦିନରେ ୧୧ଜଣ ମହିଳାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା କରାଯାଇଛି। ବିଜେପି ସରକାରର ପ୍ରଥମ ୮ ମାସରେ ଏହି ସଂଖ୍ୟା ୧୧ରୁ ବଢ଼ି ୫୪କୁ ଅତିକ୍ରମ କରିସାରିଲାଣି। ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଆଜି ସବୁ ସୀମା ଟପି ଯାଇଛି ବୋଲି କହିଛନ୍ତି ଏଆଇସିସି ମୁଖପାତ୍ର ସୁପ୍ରିୟା ଶ୍ରୀନେତ୍। ପିସିସି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୁପ୍ରିୟା ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଡବଲ ଇଞ୍ଜିନ୍ ସରକାର ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ବୋଲି କହିଛନ୍ତି।

ସୁପ୍ରିୟା କହିଛନ୍ତି ଯେ ବିଭିନ୍ନ ପ୍ରକାର ନାରୀ ନିର୍ଯାତନା ଯଥା ଗଣଦୁଷ୍କର୍ମ, ଦୁଷ୍କର୍ମ, ହତ୍ୟା ଓ



ନିଖୋଜରେ ଓଡ଼ିଶା ରେକର୍ଡ ସୃଷ୍ଟି କରିଛି। ମାତ୍ର ଏନେଇ ଜାତୀୟ ଗଣମାଧ୍ୟମ ଏବଂ ସ୍ଥାନୀୟ ଗଣମାଧ୍ୟମ ଚର୍ଚ୍ଚା କରୁନାହାନ୍ତି। ଏତେ ଘଟଣା ଘଟିଲା ପରେ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଏକ ଦୁର୍ଭାଗ୍ୟଜନକ। ମହିଳାଙ୍କ ଉପରେ ଅତ୍ୟାଚାରରେ ଓଡ଼ିଶା ଆଜି ଚତୁର୍ଥ ସ୍ଥାନରେ ରହିଛି। ଏହା ଆମ କଂଗ୍ରେସ ଦଳର ହିସାବ ନୁହେଁ, ବିଜେପି ସରକାର ଦେଇଥିବା ତଥ୍ୟ ଆଧାରରେ ଆମେ କହୁଛୁ। ସରକାର ଦେଇଥିବା ସୂଚନା ଅନୁସାରେ, ପାଖାପାଖି ୪୪ ହଜାର ମହିଳା ନିଖୋଜ। ଯେଉଁଥିରେ ୩୬୪୦୦ ମହିଳା ଏବଂ ୮୪୩୦ ଶିଶୁ ସାମିଲ। ଦେଶରେ ଦୈନିକ ୩୯ଜଣ ମହିଳା ନିଖୋଜ ହେଉଥିବା ବେଳେ ସେଥିରୁ ୧୩ ମହିଳା ଓଡ଼ିଶାର। କଂଗ୍ରେସ ବିଧାୟକ ଦଳ ବିଧାନସଭା ଭିତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ମୁଲତବୀ ପ୍ରସ୍ତାବ ଆଣିଲା। ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବି କରିବା ସହ ଗୃହ କମିଟି

**ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟାରେ ଓଡ଼ିଶା ରେକର୍ଡ ସୃଷ୍ଟି କରିଛି**

ଗଠନ ପ୍ରସ୍ତାବ ଦେଲା। ମାତ୍ର ସରକାରୀ ଦଳର ମନ୍ତ୍ରୀ ତଥା ବିଧାୟକ ଏ ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱର ସହ ବିଚାର କରିବା ପରିବର୍ତ୍ତେ କଂଗ୍ରେସ ବିଧାୟକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ପ୍ରତି ମରଣାନ୍ତକ ଆକ୍ରମଣ କଲେ। ମାତ୍ର ମହିଳା ବାଚସ୍ପତି ମହିଳାଙ୍କ ପ୍ରତି ସାମାନ୍ୟତମ ଦରଦ ଦେଖାଇବା ପରିବର୍ତ୍ତେ ବାଚସ୍ପତି କଂଗ୍ରେସ ଦଳର ବରିଷ୍ଠ ବିଧାୟକଙ୍କୁ ଅଗଣତାନ୍ତ୍ରିକ, ଅଣସମ୍ବିଧାନିକ ଉପାୟରେ ତାଙ୍କୁ ୭ ଦିନ ପାଇଁ ଗୃହରୁ ନିଲମ୍ବନ କଲେ। ମହିଳା ହେଉଛନ୍ତି, ରାଜ୍ୟର ସମୁଦାୟ ଜନସଂଖ୍ୟାର ଅଧାଅଧି। କଂଗ୍ରେସ ଦଳର ସମସ୍ତ ବିଧାୟକ, ନେତୃବର୍ଗ ଏବଂ କର୍ମୀ ଦୃଢ଼ ଭାବରେ ନାରୀ ନ୍ୟାୟ ପାଇଁ ଅଟଳ ରହିଛନ୍ତି ଏବଂ ସଂକଳ୍ପ ନେଇଛନ୍ତି ଏ ଲଢ଼େଇକୁ ଏକ ନିର୍ଣ୍ଣାୟକ ସ୍ତରକୁ ନେବା ପାଇଁ।

ସେ ପୁଣି କହିଛନ୍ତି ଯେ ମଣିପୁରର ଦୁଇଟି ଆଦିବାସୀ ମହିଳାଙ୍କୁ ସଂପୂର୍ଣ୍ଣ ଉଲଗ୍ନ କରି ରାସ୍ତାରେ ଚଲାଇବା ସହ ତାଙ୍କ ପ୍ରତି ଅମାନୁଷିକ ଭାବେ ପାଶବିକ ଅତ୍ୟାଚାର କରାଗଲା। କିନ୍ତୁ ପ୍ରଧାନମନ୍ତ୍ରୀ ଏ ବାବଦରେ ପଦୁଟିଏ ମୁହଁ ଖୋଲିଲେ ନାହିଁ। ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ। ମାତ୍ର ଆଦିବାସୀ ବର୍ଗର ସ୍କୁଲ ଛାତ୍ରୀ ଓ ମହିଳାଙ୍କ ପ୍ରତି ହେଉଥିବା ଗଣଧର୍ଷଣ ଓ ଅତ୍ୟାଚାର ବିରୋଧରେ ମୁହଁ ଖୋଲୁନାହାନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସହ ପ୍ରଭାରୀ ରୋଜାଲିନା ତିର୍କୀ, ସସ୍ମିତା ବେହେରା, ଜୟଶ୍ରୀ ପାତ୍ର ଓ ଅଖିଳ ଭାରତ କଂଗ୍ରେସ କମିଟିର ସାମାଜିକ ଗଣମାଧ୍ୟମ ବିଭାଗର ଓଡ଼ିଶା ପ୍ରଭାରୀ ସୁମିତ ଦୁବେ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କର ମହାସ୍ନାନ

**ପୁରୀ, ୨୫।୩(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ସିଂହାସନ ଉପରେ ଥିବା ପାଳିଆ ସେବକଙ୍କୁ ଅନ୍ୟଜଣେ ସେବକ ଛୁଇଁ ଦେବାରୁ ଏହି ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଛି। ମଙ୍ଗଳବାର ଭୋର ୫ଟା ୫୦ରେ ଦ୍ୱାର ଫିଟାଯାଇ ଭିତର ଶୋଧ ପରେ ସକାଳ ୬ଟା ୩୦ରେ ମଙ୍ଗଳ ଆଳତି ବଢ଼ିଥିଲା। ମଇଲମ ଚାଲିଥିବା ବେଳେ ଜଣେ ପାଳିଆ ସେବକ ସିଂହାସନରେ ଥିଲେ। ଏହି ସମୟରେ ଅନ୍ୟ ଜଣେ ସେବକ (ଶାଢ଼ୀବନ୍ଧା ନୁହେଁ) ତାଙ୍କୁ ଛୁଇଁ ଦେଇଥିଲେ। ଫଳରେ ଛୁଆଁ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ସକାଳ ୭ଟା ୫୫ରେ ମହାସ୍ନାନ ପୂଜା କରିଥିଲେ। ୮ଟା ୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହାପରେ ଭକ୍ତମାନଙ୍କ ଦର୍ଶନ ପୁଣି ସ୍ୱାଭାବିକ ହୋଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।

## କୋଇଲା ଟ୍ରେନ୍‌ରେ ଅଗ୍ନିକାଣ୍ଡ

**ବସ୍ତା ବ୍ଲକ,୨୫।୩(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଅମର୍ଦ୍ଦାରୋଡ ରେଳଷ୍ଟେସନରେ ମଙ୍ଗଳବାର ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଆଜି ସକାଳ ସମୟରେ ବାଲେଶ୍ୱରରୁ ଖଡ଼ଗପୁର ଅଭିମୁଖେ ଯାଉଥିବା ଏକ କୋଇଲା



ବୋଝେଇ ମାଲଗାଡ଼ିର ବଗିରେ ନିଆଁ ଲାଗିଥିବା ଜାଣି ଡ୍ରାଇଭର୍ ଷ୍ଟେସନ୍‌ରେ ଟ୍ରେନ୍‌କୁ ଅଟକାଇ ରଖିଥିଲେ। ଏନେଇ ଷ୍ଟେସନ୍ ମ୍ୟାନେଜର୍ ରାସଗୋବିନ୍ଦପୁର ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ଓ କେତେ କ୍ଷୟକ୍ଷତି ହୋଇଛି ସେନେଇ କିଛି ସୂଚନା ମିଳିପାରିନାହିଁ।

**ଜଙ୍ଗଲରୁ ଯୁବତୀଙ୍କ ନର କଙ୍କାଳ ଉଦ୍ଧାର ଘଟଣା**

## ଗଣଦୁଷ୍କର୍ମ ପରେ ହତ୍ୟା; ଦୁଇ ଗିରଫ

**ସୋରଡ଼ା, ୨୫ ।୩(ସମିସ):** ସୋରଡ଼ା ଥାନା ଖଜୁରୀପଲ୍ଲୀ ଗାଁ ନିକଟ କେଟାମଣି ପାହାଡ଼ ତଳୁ ୧୬ ବର୍ଷୀୟ ଯୁବତୀଙ୍କ ନରକଙ୍କାଳ ମିଳିବା ଘଟଣାରେ ପୁଲିସ୍ ଆଜି ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ବିଜୟ କୁମାର ନାୟକ ଓ ସଂଜୀବ ସାହୁ। ଉଭୟଙ୍କ ଘର ଟିକାବାଲି ଥାନା ଗୁଡ଼ାରି ଗାଁରେ। ନାବାଳିକାଙ୍କୁ ଦୁହେଁ ଗଣଦୁଷ୍କର୍ମ ପରେ ହତ୍ୟା କରିଛନ୍ତି ବୋଲି ପୁଲିସ୍ କହିଛି। କଙ୍କାଳଟି ଟିକାବାଲି ଅଞ୍ଚଳର ୧୬ ବର୍ଷୀୟ ଜଣେ ନାବାଳିକାର ବୋଲି ଜଣାପଡ଼ିବା ପରେ ପୁଲିସ୍ ତଦନ୍ତକୁ ଜୋରଦାର୍ କରିଥିଲା।



ପୁଲିସ୍ ତଦନ୍ତରୁ ଜଣାପଡ଼ିଛି, ମୃତ ନାବାଳିକା ସହ ବିଜୟ କୁମାର ନାୟକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଗତ ଫେବୃଆରୀ ୨୭ ତାରିଖରେ ନାବାଳିକା ଜଣଙ୍କ ଟିଉସନ୍ ଯାଇଥିବା ବେଳେ ବିଜୟ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅପହରଣ କରିନେଇଥିଲା। ପରେ ବିଜୟ ଓ ସଂଜୀବ ତାଙ୍କୁ ଗଣଦୁଷ୍କର୍ମ କରି ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ ପାଇଁ ପାହାଡ଼ ତଳକୁ ନେଇ ଶବକୁ ଜାଳି ଦେଇ ଫେରାର୍ ହୋଇଯାଇଥିଲେ। ତେବେ ଗତ ୨୨ ତାରିଖରେ ପାହାଡ଼ ତଳୁ ନରକଙ୍କାଳ ଉଦ୍ଧାର ପରେ ପୁଲିସ ତନାଘନା କରିଥିଲା। ମଙ୍ଗଳବାର ଉଭୟ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏସନ୍ କରାଇଛି। ଏନେଇ ସୋରଡ଼ା ଓ ଟିକାବାଲି ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି। ଆଜି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆସ୍କା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା କହିଛନ୍ତି। ଅନ୍ୟପଟେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ବିଧାନ ପାଇଁ ନାବାଳିକାଙ୍କ ବାପା ଦାବି କରିଛନ୍ତି।

## ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦାବିରେ ୧୨ଘଣ୍ଟିଆ ଟିକାବାଲି ବନ୍ଦ

**ଟିକାବାଲି, ୨୫।୩ (ସମିସ):** ଏହି ହତ୍ୟା ଘଟଣାର ପ୍ରତିବାଦରେ ମଙ୍ଗଳବାର ୧୨ ଘଣ୍ଟିଆ ଟିକାବାଲି ବନ୍ଦ ପାଳନ କରାଯାଇଥିଲା। ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଗିରଫ ହୋଇଥିବା ଦୁଇଜଣ ଅଭିଯୁକ୍ତଙ୍କ ସହ ଏହି ସିବିଆଇକୁ ହସ୍ତାନ୍ତର କରାଯିବା ସହ ଅଭିଯୁକ୍ତଙ୍କ ବିଚାର ଫାଷ୍ଟଟ୍ରାକ୍ କୋର୍ଟରେ କରାଯିବା ଓ ପୀଡ଼ିତା ନାବାଳିକାକୁ ଗଣଦୁଷ୍କର୍ମ ସହ ନୃଶଂସ ଭାବେ ହତ୍ୟା କରାଯାଇଥିବାରୁ ସମସ୍ତ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡ ଦେବାକୁ



ଘଟଣାରେ ଜଡ଼ିତ ସେମାନଙ୍କ ସହଯୋଗୀଙ୍କୁ କଠୋର୍ ଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବି କରାଯାଇଥିଲା। ଉକ୍ତ ଘଟଣାର ତୁରନ୍ତ ଏବଂ ନିରପେକ୍ଷ ତଦନ୍ତ ନିମନ୍ତେ ମାମଲାକୁ ଦାବି କରାଯାଇଥିଲା। ଏଥିସହ ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ କରାଯିବାକୁ ମଧ୍ୟ ଦାବି କରାଯାଇଛି। ଏଭଳି ୬ଦଫା ଦାବି ନେଇ ଟିକାବାଲିର ବିଭିନ୍ନ ସଂଘ ଏବଂ ଜନସାଧାରଣ ମିଳିତ ଭାବେ ବନ୍ଦ ପାଳନ କରିଥିଲେ।

ତେବେ ପରୀକ୍ଷା ଚାଲିଥିବା ସ୍କୁଲ, କଲେଜ, ସ୍ୱାସ୍ଥ୍ୟସେବା, ଔଷଧ ଦୋକାନକୁ ବନ୍ଦ ପାଳନରୁ ମୁକ୍ତ ରଖାଯାଇଥିଲା। ବନ୍ଦ ପାଳନ ବେଳେ ଯାନବାହାନ ଚଳାଚଳ, ଦୋକାନ ବଜାର, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ଅପରାହ୍ଣ ୩ଟା ବେଳେ ଥାନା

**ସନ୍ଧ୍ୟାରେ ମହମବତି ଶୋଭାଯାତ୍ରା**

ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକାରୀ, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପୁଲିସ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ମୃତ ନାବାଳିକାଙ୍କ ସ୍ମୃତିରେ ସନ୍ଧ୍ୟାରେ ମହମବତି ଶୋଭାଯାତ୍ରା କରାଯିବା ସହ ବସ୍‌ଷ୍ଟାଣ୍ଡ ଏକ ସ୍ମୃତିସଭା କରାଯାଇଥିଲା।

# ଜିଲ୍ଲା ଗସ୍ତରେ ଯାଉନାହାନ୍ତି ବାବୁ

**୩୦ରୁ ଆଦେଶ ପାଳନ କଲେ ମାତ୍ର ୫**

**ଭୁବନେଶ୍ୱର,୨୫।୩(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନେ ଜିଲ୍ଲା ଗସ୍ତରେ ଯିବେ। ସେଠାରେ ଦୁଇଦିନ ରହଣି ସମୟରେ ବିଭିନ୍ନ ବ୍ଲକ୍ ଗସ୍ତ କରି ପ୍ରମୁଖ କଲ୍ୟାଣକାରୀ ଯୋଜନାଗୁଡ଼ିକର ସମୀକ୍ଷା କରିବେ। ଜିଲ୍ଲାରେ ଥିବା ଜଟିଳ ସମସ୍ୟାକୁ ନିକଟରୁ ଦେଖି ସମାଧାନ ପାଇଁ ପଦକ୍ଷେପ ନେବେ। ରାଜ୍ୟ ପ୍ରଶାସନର ସର୍ବୋଚ୍ଚ ଅଧିକାରୀମାନଙ୍କୁ ସରକାର ଏପରି ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୫ଜଣ ଅଧିକାରୀ ଜିଲ୍ଲା ଗସ୍ତ କରିବାକୁ ସକ୍ଷମ ହେଲେ। ସିଂହଭାଗ

**୧୦ ମାସରେ ଥରେ ବି ଜିଲ୍ଲା ମାଟି ମାଡ଼ିଲେନି ୧୦ ଆଇଏଏସ୍**

ଅଧିକାରୀଙ୍କ ପାଇଁ ଏପରି ଏକ କଡ଼ା ନିର୍ଦ୍ଦେଶନାମା କିଛି ଗୁରୁତ୍ୱ ବହନ କଲା ନାହିଁ। ଲୋକଙ୍କ ସରକାରରେ ଏପରି ବିଚିତ୍ର ବିଡ଼ମ୍ବନା ଦେଖିବାକୁ ମିଳିଛି।

ସରକାରୀ ପ୍ରକଳ୍ପ, ଯୋଜନା ତଥା କାର୍ଯ୍ୟକ୍ରମ ଠିକ୍ ଭାବେ ଚାଲିଛି କି ନାହିଁ, ଲୋକେ ଉପକୃତ ହେଉଛନ୍ତି କି ନାହିଁ; ତାହା ଜାଣିବା ପାଇଁ ଏବଂ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସଚିବସ୍ତରୀୟ ଅଧିକାରୀମାନେ ଜିଲ୍ଲା ଗସ୍ତ କରିଥା'ନ୍ତି। ରାଜ୍ୟ ପ୍ରଶାସନରେ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ପ୍ରଶାସନର ମୁଖିଆ କ୍ଷେତ୍ର ଉପରେ ପହଞ୍ଚିବା ଦ୍ୱାରା ତାହାର ବଡ଼ ପ୍ରଭାବ ମଧ୍ୟ ପଡ଼ିଥାଏ। ନୂଆ ସରକାର ଆସିବା ପରେ ମଧ୍ୟ ସେହି ଧାରା ଜାରି ରହିଲା। ପ୍ରଥମେ ଗତ ସେପ୍ଟେମ୍ବର ଏବଂ ପରେ ଜାନୁଆରୀରେ ଜିଲ୍ଲା ଗସ୍ତ ପାଇଁ ଅଧିକାରୀଙ୍କ ତାଲିକା ପ୍ରକାଶ ପାଇଲା। ପ୍ରଥମ ନିର୍ଦ୍ଦେଶନାମାରେ କୁହାଯାଇଥିଲା, ଅଧିକାରୀମାନେ ପ୍ରତି ତିନି ମାସରେ ଅନ୍ତତଃ ଥରେ ଜିଲ୍ଲା ଗସ୍ତ କରିବେ। ତା' ପରେ ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଗଲା, ଅଧିକାରୀମାନେ ଫେବୃଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ନିଶ୍ଚିତ ଭାବେ ଜିଲ୍ଲା ଗସ୍ତ କରିବା ଆବଶ୍ୟକ। ସେହିପରି ୧୬ ଜିଲ୍ଲାର ୨୯ଟି ଆକାଂକ୍ଷୀ ବ୍ଲକ୍‌କୁ ମଧ୍ୟ ଅଧିକାରୀଙ୍କ ଗସ୍ତ ସୂଚୀରେ ସ୍ଥାନ ଦିଆଯାଇଥିଲା। ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ଶାସନ ସଚିବ ପାହ୍ୟାର ପ୍ରାୟ ୩୦ ଅଧିକାରୀଙ୍କୁ ସେମାନଙ୍କ ଜିଲ୍ଲା ଗସ୍ତ ତାଲିକା ମଧ୍ୟ ଦିଆଗଲା।

ହେଲେ ସରକାରଙ୍କ ତଥ୍ୟ ଅନୁସାରେ, ଫେବୃଆରୀରୁ ମାର୍ଚ୍ଚ ଭିତରେ ମାତ୍ର ୫ ଜଣ ଅଧିକାରୀଙ୍କୁ ବାଦ୍ ଦେଲେ ଆଉ କେହି ଜିଲ୍ଲା ଗସ୍ତରେ ଯାଇନାହାନ୍ତି। କିଛି ଅଧିକାରୀ ଗତବର୍ଷ ଜିଲ୍ଲା ଗସ୍ତରେ ଯାଇଥିଲେ। ତେବେ ଏପରି ୧୦ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ଅଛନ୍ତି, ଯେଉଁମାନେ ଗତ ୬ ମାସ ଭିତରେ ଦିନଟିଏ ବି ଜିଲ୍ଲା ମାଟି ମାଡ଼ିନାହାନ୍ତି।

ଅଧିକାରୀମାନେ ଜିଲ୍ଲା ବୁଲି ସେଠାରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଗୃହ ଯୋଜନା, ସୁଭଦ୍ରା, ପୋଷଣ ଅଭିଯାନ, ଅମୃତ ପ୍ରକଳ୍ପ, ଗ୍ରାମ୍ୟ ବିଦ୍ୟୁତୀକରଣ, ଗ୍ରାମାଞ୍ଚଳ ଶିଳ୍ପ ପାର୍କ, ଖାଉଟି ବିତରଣ ବ୍ୟବସ୍ଥା, ଶିକ୍ଷା, ପାନୀୟ ଜଳ, ଗମନାଗମନ ଭଳି କ୍ଷେତ୍ରର ସମୀକ୍ଷା କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ସମୟରେ ଅଧିକାରୀମାନେ ଜନସାଧାରଣ, ଛାତ୍ରଛାତ୍ରୀ, ସ୍ୱାସ୍ଥ୍ୟ ଓ ପରିମଳ କର୍ମୀଙ୍କ ସମେତ ନାଗରିକ ଅନୁଷ୍ଠାନମାନଙ୍କ ସହ ଆଲୋଚନା କରିବା, ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଗସ୍ତ କରି ସେଠାକାର ପରିସ୍ଥିତି ଅନୁଧ୍ୟାନ କରିବା, ଖଣି ଜିଲ୍ଲାରେ ଉନ୍ନୟନ କାର୍ଯ୍ୟ ଆଦି ପରଖିବା ପାଇଁ କୁହାଯାଇଥିଲା।

# କ୍ଷତି ତୁଳନାରେ କମ୍ ସହାୟତା ଓଡ଼ିଶା ପ୍ରତି ଉପହାସ: ମାନସ

**ଓଡ଼ିଶା କ୍ଷତି ସହିଛି ୮.୫ ଲକ୍ଷ କୋଟି, ପାଇଛି ୭୫୦୦ କୋଟି**

**ଭୁବନେଶ୍ୱର,୨୫।୩(ସମିସ):** ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ବା ଏନ୍‌ଡିଆରଏଫର ବ୍ୟବହାରକୁ ବିକେନ୍ଦ୍ରୀକରଣ କରିବା ବଦଳରେ କେନ୍ଦ୍ର ସରକାର ଏହା ଉପରେ ଅଧିକ ନିୟନ୍ତ୍ରଣ ଜାହିର କରିଛନ୍ତି। ମୂଳ ଆଇନରେ ଜାତୀୟ, ରାଜ୍ୟ ଓ ଜିଲ୍ଲା ସ୍ତରରେ ପଦାଧିକାରୀମାନଙ୍କ ଦାୟିତ୍ୱକୁ ଗୁରୁତ୍ୱ ଦିଆଯାଇଥିବାବେଳେ ନୂଆ ବିଲରେ ଏସବୁର ବିପରୀତ ଦିଗକୁ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ଏହାର ଉପଯୁକ୍ତ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟସଭାରେ ଦାବି କରିଛନ୍ତି ବିଜେଡି ସାଂସଦ ମାନସ ମଙ୍ଗରାଜ।

ଆଜି ରାଜ୍ୟସଭାରେ ବିଲ୍ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଗତ ୨୫ ବର୍ଷରେ ଓଡିଶା ୧୭ଟି ବଡ ବନ୍ୟା, ୧୧ଟି ମରୁଡି, ୧୨ରୁ ଅଧିକ ବାତ୍ୟାର ସମ୍ମୁଖୀନ ହୋଇଛି। ଏହି ସବୁ କାରଣରୁ ୨୦୦୦ରୁ ୨୦୨୦ ମଧ୍ୟରେ ଓଡ଼ିଶା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର କ୍ଷତି ସହିଛି। ମାତ୍ର କେନ୍ଦ୍ର ସରକାର ଏହି କ୍ଷତିର ଏକ ଦଶମାଂଶ ଅର୍ଥାତ ମାତ୍ର ୭ ହଜାର ୫୦୦ କୋଟିରୁ କମ୍ ଟଙ୍କା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନଗଣ୍ୟ ଅନୁଦାନ ଅତ୍ୟନ୍ତ ଦୁଃଖଦାୟକ ଏବଂ ବିପୁଳ କ୍ଷତିର ସମ୍ମୁଖୀନ ହୋଇଥିବା ପୀଡ଼ିତଙ୍କ ପ୍ରତି ଉପହାସ। ତେଣୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାର ନିଜର ମାନସିକତାରେ ପରିବର୍ତ୍ତନ କରିବା ଆବଶ୍ୟକ। ୨୯ ଅକ୍ଟୋବର ୧୯୯୯ ମହାବାତ୍ୟାରେ ଓଡ଼ିଶା ଭୟଙ୍କର କ୍ଷତିଗ୍ରସ୍ତ ହୋଇଥିଲା। ୧୦ ହଜାର ଲୋକ ପ୍ରାଣ ହରାଇଥିବା ନେଇ ସରକାରୀ ରିପୋର୍ଟ ଥିଲେ ବି ଏହି ସଂଖ୍ୟା ବହୁତ ଅଧିକ ଥିଲା। ଏଥିରେ ୧୩ ଲକ୍ଷ ହେକ୍ଟର ଧାନଚାଷ, ୧ ଲକ୍ଷ ୭୬ ହଜାର ହେକ୍ଟର ଉଦ୍ୟାନ ଚାଷ, ୨ ଲକ୍ଷ ୫୭ ହଜାର ହେକ୍ଟର ଅନ୍ୟାନ୍ୟ ଚାଷ ନଷ୍ଟ ହୋଇଯାଇଥିଲା। ଏସବୁକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ପଦକ୍ଷେପ ସ୍ୱରୂପ ବିପର୍ଯ୍ୟୟ ପରିଚାଳନା ନିଷ୍ପତ୍ତି ନେଇଥିଲେ। ୨୦୧୩ରେ ଫାଇଲିନ, ୨୦୧୪ରେ ହୁଡହୁଡ, ୨୦୧୮ ରେ ତିତ୍‌ଲି, ୨୦୧୯ରେ ଫନି, ୨୦୨୦ରେ ଅମ୍ଫନ, ୨୦୨୧ରେ ଯସ ବାତ୍ୟା ଓଡିଶାକୁ ଦୋହଲାଇ ଦେଇଥିଲା; କିନ୍ତୁ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ଦୃଢ ନେତୃତ୍ୱ ବଳରେ ଏହି ସମସ୍ତ ବିପର୍ଯ୍ୟୟର ସଫଳ ମୁକାବିଲା

- **ବିକେନ୍ଦ୍ରୀକରଣ ଅପେକ୍ଷା ସଂକୁଚିତ କରିବା ଉଦ୍ୟମ ଗ୍ରହଣୀୟ ନୁହେଁ**
- **ନବୀନଙ୍କ ବିପର୍ଯ୍ୟୟ ପରିଚାଳନା ସାରା ଦେଶ ପାଇଁ ଆଲୋକବର୍ତ୍ତିକା**

କରାଯାଇଥିଲା। ଶୂନ୍ୟ ଜୀବନହାନୀ ସହିତ କ୍ଷୟକ୍ଷତି ପରିମାଣ ବି ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା। ଏହି ସଫଳତା କାରଣରୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବା ଓସଡମା କେନ୍ଦ୍ର ସରକାରଙ୍କ ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର ଲାଭ କରିଥିଲା। ପ୍ରତିଟି ଜୀବନ ମୂଲ୍ୟବାନ ସଂକ୍ରାନ୍ତ ନବୀନଙ୍କ ବାର୍ତ୍ତାକୁ ବି ଜାତିସଂଘ ପ୍ରଶଂସା କରିଥିଲା। ଓଡ଼ିଶାକୁ ଏକ ବିପର୍ଯ୍ୟୟ ପ୍ରତିରୋଧୀ ରାଜ୍ୟରେ ପରିଣତ କରିବାରେ ନବୀନଙ୍କ ଭୂମିକା ଅଗ୍ରଗଣ୍ୟ। ଏହି ସଫଳତା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଓଡିଶାକୁ ପର୍ଯ୍ୟାପ୍ତ ସହାୟତା ଯୋଗାଯାଇନାହିଁ। ପ୍ରସ୍ତାବିତ ସଂଶୋଧନ ବିଲ୍ ଏହି ପାଣ୍ଠିର ବ୍ୟବସ୍ଥା ନେଇ ଅଧିକ ଆଶଙ୍କା ସୃଷ୍ଟି କରୁଛି। ୨୦୦୫ର ମୂଳ ଆଇନରେ ବିପର୍ଯ୍ୟୟ ମୁକାବିଲାକୁ ଏକ ବିପଜ୍ଜନକ ବିପର୍ଯ୍ୟୟ ସ୍ଥିତି ବା ବିପର୍ଯ୍ୟୟ ବୋଲି ଦର୍ଶାଯାଇଛି। ମାତ୍ର ନୂଆ ବିଲରେ ବିପର୍ଯ୍ୟୟ ପରିଚାଳନାରର ବିଭିନ୍ନ ଦିଗକୁ ବିଚାର କରାଯିବ ବୋଲି ରହିଛି। ଏହି ପରିବର୍ତ୍ତନ ଅତ୍ୟନ୍ତ ଚିନ୍ତାଦାୟକ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ପାଣ୍ଠିର ବ୍ୟବହାରକୁ ବିକେନ୍ଦ୍ରୀକରଣ କରିବା ବଦଳରେ କେନ୍ଦ୍ର ସରକାର ଏହା ଉପରେ ଅଧିକ ନିୟନ୍ତ୍ରଣ ଜାହିର କରିଛନ୍ତି। ବିପର୍ଯ୍ୟୟ ସମୟରେ ରିଲିଫ ସଂକ୍ରାନ୍ତ କାର୍ଯ୍ୟକ୍ରମରେ ଏହା ବାଧା ସୃଷ୍ଟି କରିବ। ନୀତି ଆୟୋଗ ରିପୋର୍ଟ ଅନୁସାରେ ଦେଶର ଜିଡିପିକୁ ସହରାଞ୍ଚଳ ୬୦ପ୍ରତିଶତ ଅବଦାନ ଦେଇଥାଏ। ମାତ୍ର ସଂଶୋଧନ ବିଲରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବା ଏନ୍‌ଡିଏମ୍ଏ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବା ଏସଡିଏମଏ ଜରିଆରେ ବିପର୍ଯ୍ୟୟ ପରିଚାଳନାକୁ ବିକେନ୍ଦ୍ରୀକରଣ କରାଯାଇଛି। ଆର୍ଥିକ ସଶକ୍ତୀକରଣ ବଦଳରେ ଏହି ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଏବଂ ଅଧିକ ସମସ୍ୟା ସୃଷ୍ଟି କରିବ। ତତ୍କାଳୀନ ବିଜୁ ଜନତା ଦଳ ନେତୃତ୍ୱାଧୀନ ସରକାରଙ୍କ ଆଖିଦୃଶିଆ ଉଦାହରଣ ସତ୍ତ୍ୱେ ପାଣ୍ଠି କ୍ଷେତ୍ରରେ ରାଜ୍ୟକୁ ବାରମ୍ବାର ଅବହେଳିତ କରାଯାଉଛି। ତେଣୁ ରାଜ୍ୟକୁ ଉପକୃତ କରିପାରିବା ପରି ଏକ ବିପର୍ଯ୍ୟୟ ପରିଚାଳନା ନୀତି ସରକାର ଆଣନ୍ତୁ ବୋଲି ଦାବି କରିଛନ୍ତି ସାଂସଦ ମାନସ ମଙ୍ଗରାଜ।



# ଭୁବନେଶ୍ୱର ସିଟି

## ନକଲି 'ଡିଏସ୍‌ପି'ର ଖୋଲୁଛି ଗୁମର

# ଭଦ୍ରକରୁ ଭୁବନେଶ୍ୱର ଠକେଇ ସାମ୍ରାଜ୍ୟ

■ ଠକେଇ ଟଙ୍କାରେ ଲକ୍ଷପତି; ସମ୍ପତ୍ତିର ଆର୍ଥିକ ଖୋଳତାଡ଼

■ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପିଙ୍କୁ ତାଗିଦ୍

ଭୁବନେଶ୍ୱର, ୨୫।୩(ସମିସ): ଅସଲି ପୁଲିସ ପଞ୍ଝାରେ ପଡ଼ି ଗିରଫ ହୋଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତିର ଖୋଲୁଛି ଗୁମର। ଯେତିକି ତଦନ୍ତ ବଢ଼ୁଛି, ସେତିକି ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ନିଜକୁ ପୁଲିସର ପରିଚୟ ଦେଇ ଚଳାଇଥିଲା ଠକେଇର ସାମ୍ରାଜ୍ୟ। ଭଦ୍ରକରୁ ଭୁବନେଶ୍ୱର, ପୁରୀରୁ କଟକ ଯାଏଁ ଥିଲା ନକଲି ପୁଲିସର କଳାସାମ୍ରାଜ୍ୟ। ପୁଲିସ ପୋଷାକରେ ସାଧାରଣ ଲୋକଙ୍କ ଯିବାଆସିବା ଲାଗି କଟକଣା ଥିବା ସ୍ଥାନକୁ ବିନା ଦ୍ୱିଧାରେ ଚଳପ୍ରଚଳ କରୁଥିଲା। ପୁଲିସ ପୋଷାକରେ ବିଲ୍ଡର, ପ୍ରତିଷ୍ଠିତ ବ୍ୟକ୍ତି ଓ ବ୍ୟବସାୟୀଙ୍କ ସହ ବସାଉଠା କରୁଥିଲା। ପାଠପଢ଼ା ଯୁକ୍ତ ୩ ଛୁଇଁ ନ ଥିବାବେଳେ କଥାବାର୍ତ୍ତାରୁ ସେ ଜଣେ ଧୂର୍ତ୍ତ ବୋଲି କେହି ବି ଠଉରାଇ ପାରିବେନି। ସେହିପରି ମାନସ ୩ରୁ ୪ ବର୍ଷ ହେବ ନିଜକୁ ପୁଲିସ ଅଫିସର ପରିଚୟ ଦେଇ ଆସୁଥିଲା। ପୁଲିସ ପୋଷାକ ଓ ପରିଚୟକୁ ଢାଲ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଛି। ଏମିତିକି ନକଲି ନୋଟ୍‌ର କାରବାର ବି ଚଳାଇ ଆସୁଥିଲା। ପୂର୍ବରୁ ମାନସ ରୋଜଗାର କରୁନଥିବା ବେଳେ ଚାଲିବା କଷ୍ଟସାଧ୍ୟ ଥିଲା। କିନ୍ତୁ ପୁଲିସ ପୋଷାକ ପିନ୍ଧିବା ସହ ପରିଚୟ ଦେବାରୁ ଦିନ କେଇଟାରେ ସେ ଲକ୍ଷପତି ହୋଇଯାଇଥିଲା। ଭଦ୍ରକ ବାସୁଦେବପୁରରେ ରାଜପ୍ରାସାଦ ଭଳି ଘର ନିର୍ମାଣ, ଭୁବନେଶ୍ୱରରେ ଫ୍ଲାଟ୍, ଏକାଧିକ ଦାମୀ କାର୍ ଚଳାଇବା ସହ ଅଏସ୍ ଜୀବନ ବିତାଉଥିଲା। ଠକେଇ ଟଙ୍କାରେ ସେ ଘର, ଗାଡ଼ି ଆଦି କରି ରାଜକୀୟ ଜୀବନଯାପନ କରିଥିବା ତଦନ୍ତରୁ ଜଣାପଡ଼ିଛି। ତେଣୁ ମାନସର ଆର୍ଥିକ କାରବାର ଖୋଳତାଡ଼ ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି।

ଅନୁରୂପ ଭାବେ ମଡର୍ଣ୍ଣ କଣ୍ଟ୍ରୋଲ ରୁମ୍ ଭିତର ଫଟୋ ବି ମାନସ ନିଜର ଆକାଉଣ୍ଟରେ ସେୟାର୍ କରିଥିଲା। ଏହି ସ୍ଥାନଟି ସହରକୁ ସିସିଟିଭି ନିୟନ୍ତ୍ରଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଫଟୋ ଭାଇରାଲ ହେବା ପରେ ପୁଲିସର ଚିନ୍ତା ଆହୁରି ବଢ଼ିଛି। ତେଣୁ ଉକ୍ତ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ବାନାମ୍ବର ସେଠୀଙ୍କୁ ପୁଲିସ କମିସନର ଡାକି ତାଗିଦ୍ କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଉକ୍ତ ଫଟୋ ଭାଇରାଲ ହୋଇଛି, ସେ ବାବଦରେ ଲିଖିତ ଉତ୍ତର ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ରବିବାର ରାତିରେ ଆଇଡିବିଆଇ ଛକରେ ପୁଲିସ ଯାଞ୍ଚରେ ଡିଏସ୍‌ପି ପରିଚୟ ଦେଉଥିବା ମାନସ ଓ କନଷ୍ଟେବଳ ପରିଚୟ ଦେଉଥିବା ସହଯୋଗୀ ଆଶିଷ ସ୍ୱାଇଁ ଧରାପଡ଼ିଥିଲେ। ସେମାନଙ୍କଠାରୁ ପୁଲିସ ପୋଷାକ, ନକଲି ନିଯୁକ୍ତିପତ୍ର ଓ ୧ ଲକ୍ଷ ୯୬ହଜାର ଟଙ୍କାର ଜାଲ୍ ନୋଟ୍ ଜବତ କରାଯାଇଥିଲା।





### ୟୁଟ୍ୟୁବ୍‌ରୁ ଶିଖିଥିଲା ଟଙ୍କା ଛପା ପ୍ରଣାଳୀ

ମାନସଠାରୁ ପୁଳାପୁଳା ୫୦୦ ଟଙ୍କିଆ ଜାଲ୍ ନୋଟ୍ ଜବତ କରାଯାଇଥିଲା। ତା'ଠାରୁ ପ୍ରାୟ ୧ ଲକ୍ଷ ୯୩ ହଜାର ଜାଲ୍ ନୋଟ୍ ମିଳିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ମାନସ ୟୁଟ୍ୟୁବ୍‌ରୁ ଦେଖି ନକଲି ନୋଟ୍ ଛାପିବା ପ୍ରଣାଳୀ ଶିଖିଥିଲା। ନୋଟ୍ ପ୍ରସ୍ତୁତ ଲାଗି କଞ୍ଚାମାଲ୍ କୋଲକାତାରୁ ଆଣୁଥିଲା। ନୋଟ୍‌କୁ ଛାପିବା ପରେ ବିଭିନ୍ନ ସ୍ଥାନରେ ଦେଉଥିଲା। ପୁଲିସ ପୋଷାକରେ ସେ ଜାଲ୍ ନୋଟ୍‌କୁ ଅସଲି କରି ଦେଉଥିଲା। ଜାଲ୍ ନୋଟ୍‌ର ଚେର ବିଭିନ୍ନ ଜିଲ୍ଲାକୁ ଲମ୍ବିଛି। ତେଣୁ ତାକୁ ରିମାଣ୍ଡରେ ଆଣି ଜେରା କରିବା ପରେ ଜେଲ୍ ନୋଟ୍ ନେଟ୍‌ୱର୍କ ପଦାକୁ ଆସିବ ବୋଲି ପୁଲିସ ଆଶା ରଖିଛି। ଏନେଇ ପୁଲିସ କମିସନର ଦେବଦତ୍ତ ସିଂ କହିଛନ୍ତି, ମାନସଠାରୁ ୪ ବଣ୍ଡଲ୍ ଜାଲ୍ ନୋଟ୍ ଜବତ ହେବା ପରେ ଆଉ ଗୋଟିଏ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ନକଲି ନୋଟ୍ ଦେଖିବାକୁ ଅସଲି ଭଳି; ଯିଏ ବି ଧୋକା ଖାଇଯିବ। ସେ କେଉଁଠୁ ଏହି ଜାଲ୍ ନୋଟ୍ ଆଣୁଥିଲା ଓ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି, ସେ ଦିଗରେ ଅନୁସନ୍ଧାନ ଜାରି ରହିଛି।

### ପଦୋନ୍ନତି ଖୁସିରେ ଝୁମୁକାରେ ଭୋଜି

ପଦୋନ୍ନତି ପାଇବା ଖୁସିରେ ମାନସ ଦୁଇଟି ସ୍ଥାନରେ ଭୋଜି ଦେଇଥିଲା। ଝୁମୁକାରେ ବନ୍ଧୁଙ୍କୁ ନେଇ ଭୋଜି କରି ସେଠାରେ ଝୁମାଇଥିଲା। ସେଠାରେ ଭଳିକି ଭଳି ଖାଦ୍ୟ, ପାନୀୟ ଓ ଗୀତ ବଜାଇ ୫୦ରୁ ଅଧିକ ବନ୍ଧୁଙ୍କୁ ନେଇ ସେଠାରେ ଭୋଜିଭାତର ଆସର ଜମାଇଥିଲା। ସବୁଠାରୁ ବଡ଼ କଥା, ଏହି ଭୋଜି ଆୟୋଜନରେ ଜଣେ ଅସଲି ସବ୍‌ଇନ୍ସପେକ୍ଟର ପୂରା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଝୁମୁକା ନୁହେଁ, ୟୁନିଟ୍-୯ ହରପାର୍ବତୀ କ୍ଲବ୍‌ରେ ବି ଏକ ଭୋଜି ଦେଇଥିଲା। ଉକ୍ତ ଭୋଜିରେ ୧୦୦ରୁ ଅଧିକ ଲୋକ ସାମିଲ୍ ହୋଇଥିଲେ। ଅନୁରୂପ ଭାବେ ମାନସ ଟାର୍ଗେଟ୍‌ରେ ଥିଲେ ନିଶା ବେପାରୀ। ସେ ନିଶା ବେପାରୀଙ୍କୁ ଡିଏସ୍‌ପିର ପରିଚୟ ଦେଉଥିଲା। ସେମାନଙ୍କ ପ୍ରଚ୍ଛଦପଟ୍ଟରେ ଥିବା ନିଶା ବେପାର ଲାଗି ପ୍ରୋତ୍ସାହିତ କରୁଥିଲା। ଏ ବାବଦରେ ନିଶା ବେପାରୀଙ୍କଠାରୁ ମାସିକିଆ ବଟି ଆଦାୟ କରୁଥିଲା। ନିଶା ବେପାରୀ ବଟି ଦେଉଥିବାବେଳେ ଏ ସଂକ୍ରାନ୍ତରେ କାହାରିକୁ ଜଣାଉ ନ ଥିଲା। ତେଣୁ ଦୀର୍ଘଦିନ ଧରି ମାନସ ଡିଏସ୍‌ପି ସାଜି ନିଜର କଳାକାରନାମା ଚଳାଇଥିଲା।

### ଭାଇରାଲ୍ ପୁଲିସ

ମାନସ ଗିରଫ ହେବା ପରେ ପୁଲିସ ପୋଷାକରେ କିଛି ଫଟୋ ଓ କାଗଜପତ୍ର ଭାଇରାଲ ହୋଇଛି। ଏଥିସହ ଗୃହ ବିଭାଗ ପକ୍ଷରୁ ପଦୋନ୍ନତି ପାଇଥିବାର ଏକ ବିଜ୍ଞପ୍ତି ବି ଭାଇରାଲ ହେଉଛି। ଏଥିରେ ସେ ଡିଏସ୍‌ପି ଭାବେ ପଦୋନ୍ନତି ପାଇଥିଲା। ଗତବର୍ଷ ଅଗଷ୍ଟ ମାସ ୧ ତାରିଖରେ ମାନସକୁ ମିଶାଇ ୪ଜଣ ଅଧିକାରୀ ପଦୋନ୍ନତି ପାଇଥିବା ଉକ୍ତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହି ବିଜ୍ଞପ୍ତିକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ମାନସ ସେୟାର କରିଥିଲା। ଏଥିରେ ନିଜେ ଡିଏସ୍‌ପି ହୋଇଥିବା ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲା। ଏହି ବିଜ୍ଞପ୍ତିର ସତ୍ୟତା ବର୍ତ୍ତମାନ ତଦନ୍ତସାପେକ୍ଷ ଥିବା ବେଳେ ପୁଲିସ ଏହାର ଖୋଳତାଡ଼ ଆରମ୍ଭ କରିଛି। ଅନୁରୂପ ଭାବେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ପୁଲିସ ପୋଷାକ ପିନ୍ଧି ବିଭିନ୍ନ ପୁଲିସିଆ ଠାଣିରେ ଫଟୋ ଉଠାଇଛି। ଭୁବନେଶ୍ୱର ଡିସିପି ଅଫିସ ସହ ଭଦ୍ରକ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଫଟୋ ଉଠାଇ ନକଲି ପୁଲିସ ମାନସ ନିଜକୁ ଅସଲି ବୋଲି ପ୍ରମାଣ କରୁଥିଲା।

ନାବାଳିକାକୁ ଉଠାଇ ନେଇ ଅସଦାଚରଣ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୫।୩(ସମିସ): ନାବାଳିକାକୁ ଅସଦାଚରଣ ମାମଲାରେ ଅଭିଯୁକ୍ତ ବଣ୍ଟି ସାହୁକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଏଥିସହ ୫ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍ସୋ)। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ଏହି ମାମଲାରେ ନାବାଳିକା ପୀଡ଼ିତାଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଚାରପତି ସରୋଜ କୁମାର ସାହୁ ସମସ୍ତ ଦସ୍ତାବିଜ୍ ଏବଂ ସାକ୍ଷ୍ୟ ଆଧାରରେ ଏହି ରାୟ ଶୁଣାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ (ନାବାଳିକା ପୀଡ଼ିତାଙ୍କ ବାପା) ତାଙ୍କର ପରିବାର ସହିତ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଦୀର୍ଘଦିନ ହେବ ରହି ଆସୁଥିଲେ। ଅଭିଯୁକ୍ତ ବଣ୍ଟି ସାହୁ ଉକ୍ତ ଅଞ୍ଚଳରେ ଭଡ଼ାରେ ରହୁଥିଲା। ୨୦୧୯ ମେ' ୨୫ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ବଣ୍ଟି ସାହୁ ନାବାଳିକାକୁ ଉଠାଇ ନେଇ ରହୁଥିବା ଭଡ଼ାଘର ନିକଟରେ ଅସଦାଚରଣ କରିଥିଲା। ବିଳମ୍ବିତ ରାତି ପ୍ରାୟ ୧୨ଟା ୧୦ରେ ପୀଡ଼ିତାଙ୍କ ପରିବାର ସଦସ୍ୟ ବହୁ ଖୋଜିବା ପରେ ତାଙ୍କୁ ଅଭିଯୁକ୍ତ ରହୁଥିବା ଭଡ଼ାଘର ନିକଟରୁ ଚେତାଶୂନ୍ୟ ଅବସ୍ଥାରେ ପାଇଥିଲେ। ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ଓ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ମାମଲାକୁ ଭିତ୍ତିକରି ଅଭିଯୋଗକାରୀଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ଥାନା କେସ୍ ନଂ-୨୦୨/୨୦୧୯, ଦଫା-୩୬୩/୩୨୩/୩୭୬(୩) ଆଇପିସି ଓ ଦଫା-୬ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଏହାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ଦିଗ୍‌ବିଜୟିନୀ ବାଗଙ୍କୁ ଦିଆଯାଇଥିଲା। ଏହି ମାମଲାକୁ ସଠିକ୍ ଭାବେ ତଦନ୍ତ କରିବା ସହିତ ଅଭିଯୁକ୍ତ ବଣ୍ଟି ସାହୁକୁ ତୁରନ୍ତ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଅଦାଲତ ୧୨ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ୍‌କୁ ଆଧାର କରି ମଙ୍ଗଳବାର ବଣ୍ଟିକୁ ଉକ୍ତ ସଜା ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ପେସାଲ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ।

## ଲୁହାଛଡ଼ରେ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୨୫।୩(ସମିସ): ଲୁହାଛଡ଼ରେ ଆକ୍ରମଣ କରି ମୁଣ୍ଡ ଫଟାଇବା ଘଟଣାରେ ଏୟାରଫିଲ୍ଡ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମିର୍ଜା ତହୁର ବାଗ ଓରଫ ପିଣ୍ଟୁ। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଲୁହାଛଡ଼କୁ ଜବତ କରାଯାଇଛି। ସୋମବାର ରାତି ୮ଟା ସମୟରେ ଅଭିଯୋଗକାରୀ ଅନମ ସାହୁ ପୁରୁଣା ମସ୍‌ଜିଦ୍ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ହଠାତ୍ ମିର୍ଜା ତହୁର କାଠ ଫାଳିଆ ଏବଂ ଲୁହାଛଡ଼ରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଅନମଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଏହି ସମୟରେ ସେଠାରୁ ଅଭିଯୁକ୍ତ ଚମ୍ପଟ ମାରିଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତାକୁ ଗିରଫ କରିଛି।

ବଦଳୁଛି ସାଇବର ଠକେଇର ତରିକା

# ପୁଲିସ ଅଧିକାରୀଙ୍କୁ ଦିଆଯାଉନି ସାଇବର ଟ୍ରେନିଂ

■ ୯ ମାସ ହେବ ସାଇବର ଟ୍ରେନିଂ କମ୍ପ୍ଲେକ୍ସ ବନ୍ଦ

■ ସାଇବର ଥାନାରେ ବଢ଼ୁଛି ମାମଲା, ମାନବସମ୍ବଳ ଅଭାବ

ଭୁବନେଶ୍ୱର, ୨୫।୩(ସମିସ): ରାଜଧାନୀରେ ଏବେ ଠକେଇର ତରିକା ବଦଳିଛି। ସବୁ ଠକେଇର ଏବେ ଡିଜିଟାଲ ଲିଙ୍କ୍ ରହୁଛନ୍ତି। ତେଣୁ ହାଇଟେକ୍ ଉପାୟରେ ଡିଜିଟାଲ ଠକେଇ ହେଉଥିବାରୁ ତଦନ୍ତ ସମୟରେ ପୁଲିସର ମୁଣ୍ଡ ଗୋଲ୍ ହୋଇଯାଇଛି। ଯଦି ସମସ୍ତ ଥାନାର ଅଧିକାରୀ ଏବଂ ଏସ୍‌ଆଇଙ୍କୁ ସାଇବର ଟ୍ରେନିଂ ଦିଆଯାଆନ୍ତା, ତେବେ ଏଭଳି ଠକେଇର ତଦନ୍ତ ସଠିକ୍ ଭାବେ କରିପାରନ୍ତେ। କିନ୍ତୁ ଗତ ୮ ମାସରୁ ଊର୍ଦ୍ଧ୍ୱ ହେବ ପୁଲିସକୁ ସାଇବର ଠକେଇ ସମ୍ପର୍କିତ ଟ୍ରେନିଂ ଦିଆଯାଇ ନାହିଁ। ଏପରିକି ରାଜ୍ୟ ବାହାରର ଏକ୍ସପର୍ଟଙ୍କୁ ମଧ୍ୟ ଡକାଯାଇ ପ୍ରଶିକ୍ଷଣ ଦିଆଯାଇନାହିଁ। ଯେଉଁଥିପାଇଁ ଥାନାରେ କାମ କରୁଥିବା କର୍ମଚାରୀ କମ୍ପ୍ୟୁଟର ଚଳାଇବା ପାଇଁ ସକ୍ଷମ ହେଉନାହାନ୍ତି। ଯଦି ଠକେଇରେ ସାଇବର ଲିଙ୍କ୍ ରହୁଛି, ତେବେ ମାମଲା ରୁଜୁ କରିବା ବାହାନା ଦେଖାଇ ଥାନା କର୍ମଚାରୀ ସାଇବର ଥାନାକୁ ପଠାଇ ଦେଉଛନ୍ତି। ଯେଉଁଥିପାଇଁ ସାଇବର ଥାନାରେ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ସାଇବର ଥାନାରେ ମାନବସମ୍ବଳର ଅଭାବ ଥିବାରୁ ଏତେ ଠକେଇ ମାମଲାର ତଦନ୍ତ କରିବା କଷ୍ଟକର ହୋଇପଡୁଛି। ବାଧ୍ୟ ହୋଇ ସାଇବର ମାମଲା ଇନ୍ସପେକ୍ଟର ନେବା ବଦଳରେ ଏସ୍‌ଆଇଙ୍କୁ ଦିଆଯାଉଛି। ଯାହାଫଳରେ ଏସ୍‌ଆଇଙ୍କ ସାଇବର ଜ୍ଞାନର ଅଭାବ ଥିବାରୁ ସଠିକ୍ ଭାବେ ତଦନ୍ତ ହୋଇପାରୁନାହିଁ।

ସେହିପରି ସାଇବର ଅପରାଧର ମୁକାବିଲା ଲାଗି ସାଇବର କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ୨୦୨୦ ନଭେମ୍ବର ୨ରେ ଏହାକୁ ଶୁଭାରମ୍ଭ କରାଯାଇଥିଲା। ସାଇବର ମୁକାବିଲାରେ ଏହି କମ୍ପ୍ଲେକ୍ସ ପ୍ରମୁଖ ଭୂମିକା ନେବ ବୋଲି କୁହାଯାଇଥିଲା। ସୋସିଆଲ ମିଡିଆ ଅପରାଧକୁ ରୋକିବା ସହ ଅପରାଧୀଙ୍କୁ ଧରିବା, ମହିଳା ଏବଂ ଶିଶୁମାନଙ୍କ କ୍ଷେତ୍ରରେ ଘଟୁଥିବା ସାଇବର ଅପରାଧର ଖୁଲାସା କରିବା ପାଇଁ କୁହାଯାଇଥିଲା। ଏହି କମ୍ପ୍ଲେକ୍ସ ସିଡିଆର ଆନାଲାଇଜର, ହାର୍ଡ ଡିସ୍କ ଇମାଜିଂ ଟୁଲ୍, ଫରେନ୍‌ସିକ୍ ଟୁଲ, ଭୋଲାଟାଇଜର ଡାଟା ଆନାଲାଇଜର ଟୁଲ୍, ମୋବାଇଲ୍ ଫରେନ୍‌ସିକ୍ ୟୁନିଟ୍, ସେଲ ଆଇଡି ଆଦି ରହିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହି କମ୍ପ୍ଲେକ୍ସ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନଥିବାରୁ ଥାନାର ପୁଲିସମାନେ ଟ୍ରେନିଂ ପାଇପାରୁ ନାହାନ୍ତି। ପ୍ରତି ଥାନାର ଜଣେ ଲେଖାଏଁ ପୁଲିସ ଏସ୍‌ଆଇଙ୍କୁ ଟ୍ରେନିଂ ଦିଆଯିବାକୁ କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ମନେପଡ଼ିଲେ ସାଇବର ଟ୍ରେନିଂ ଦିଆଯାଉଛି। ଆହୁରି ମଧ୍ୟ ସାଇବର ମାମଲାର ଦଣ୍ଡହାର କମ୍ ଥିବାରୁ ଏହାକୁ ବଢ଼ାଇବା ପାଇଁ ଉଦ୍ୟମ କରାଯାଇଥିଲା। ଏପରିକି ଓକିଲ ଏବଂ ଜୁଡିସିଆଲ ଅଫିସର ରଖାଯିବାକୁ ବ୍ୟବସ୍ଥା ହୋଇଥିଲା। କିନ୍ତୁ ବର୍ତ୍ତମାନ ତାହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସାଇବର ତଦନ୍ତ ଉପରେ ଏହାର ପ୍ରଭାବ ପଡୁଛି।

ଗୋପି ଗୁନି ହତ୍ୟା ମାମଲା

# ଧରାପଡ଼ିଲା ଆଉ ଜଣେ ଅଭିଯୁକ୍ତ



ଭୁବନେଶ୍ୱର, ୨୫।୩(ସମିସ): ହୋଲି ଦିନ ଶାନ୍ତିପଲ୍ଲୀ ବସ୍ତିରେ ଗୋପି ଗୁନିଙ୍କୁ ହତ୍ୟା ମାମଲାରେ ପୁଲିସକୁ ଆଉ ଏକ ସଫଳତା ମିଳିଛି। ହତ୍ୟାକାଣ୍ଡର ୧୦ ଦିନ ପରେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଶାନ୍ତିପଲ୍ଲୀ ବସ୍ତିର ପିଙ୍କୁ ଗୁନି (୩୦)। ତା'ଠାରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ପୂର୍ବରୁ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ରହିଥିବା ବାନା ଗୁନି ଓ ଜଣେ ନାବାଳକକୁ ଗିରଫ କରାଯାଇଛି।

ପୁଲିସର କହିବା ଅନୁଯାୟୀ, ଗତ ୧୫ ତାରିଖ ହୋଲି ଉତ୍ସବ ଥିବାରୁ ଶାନ୍ତିପଲ୍ଲୀ ବସ୍ତିର କିଛି ଯୁବକ ଡିଜେ ବଜାଇ ମୃତ ଗୋପି ଘର ଦେଇ ଯାଉଥିଲେ। ସେଠାରେ କୌଣସି କାରଣରୁ ଗୋପିଙ୍କ ସମ୍ପର୍କୀୟ ଦାଦା ଆକାଶ ଗୁନି ସହ ଅଭିଯୁକ୍ତଙ୍କର ବଚସା ହୋଇଥିଲା। ଗୋପି ଘରେ ଖାଉଥିବାବେଳେ ପାଟିତୁଣ୍ଡ ଶୁଣି ସେଠାକୁ ଯାଇଥିଲେ। ଅଭିଯୁକ୍ତ ସହ ଗୋପିଙ୍କର ବଚସା ହୋଇ ଧୀରେ ଧୀରେ ଉଗ୍ରରୂପ ନେଇଥିଲା। ୩ ଅଭିଯୁକ୍ତ ପିଙ୍କୁ, ବାନା ଓ ଜଣେ ନାବାଳକ ମିଶି ଗୋପିଙ୍କୁ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତମାନେ ଏକ ଧାରୁଆ ଅସ୍ତ୍ରରେ ଗୋପିଙ୍କ ପେଟ ଓ ଛାତିକୁ ଭୁସି ଦେଇଥିଲା। ସେଠାରେ ସେ ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼େଇ ଗୋଡ଼େଇ ଧାରୁଆ ଅସ୍ତ୍ରରେ ହାଣି ପକାଇଥିଲେ। ପ୍ରାୟ ୨୦ରୁ ୨୫ ମିନିଟ୍ ଗୋପିଙ୍କୁ ହାଣି ଅତି ନିର୍ମମ ଭାବେ ହତ୍ୟା କରି ସେଠାରୁ ପଳାଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଗୋପିଙ୍କ ଚିତ୍କାର ଶୁଣି ପତ୍ନୀ ବଞ୍ଚାଇବାକୁ ଆସିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଘଟଣାରେ ଦୁଇ ଅଭିଯୁକ୍ତ ବାନା ଓ ଜଣେ ନାବାଳକକୁ ଗିରଫ କରାଯାଇଥିବା ବେଳେ ପିଙ୍କୁ ଫେରାର୍ ହୋଇଯାଇଥିଲା। ତାକୁ ଧରିବାକୁ ଗୋଟିଏ ଟିମ୍ ପିଛା କରୁଥିଲା।

### ପତ୍ନୀକୁ ଦେଖା କରିବାକୁ ଆସି ଫସିଗଲା

ଧରାପଡ଼ିଥିବା ପିଙ୍କୁ ଦୁଇଟି ବିବାହ କରିଛି। ଦ୍ୱିତୀୟ ପତ୍ନୀ ପଥରବନ୍ଧ ବସ୍ତିରେ ରହୁଥିଲା। ପିଙ୍କୁ ହତ୍ୟା କରିବା ପରେ ଘଟଣାସ୍ଥଳରୁ କଟକ ଚମ୍ପଟ୍ ହୋଇଯାଇଥିଲା। ସେଠାରୁ ଯାଜପୁର, ଭଦ୍ରକ, ନୟାଗଡ଼ ଆଦି ପଳାଇଥିଲା। ହାଣ୍ଡିଆ ପିଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲିଚାଲି ପଳାଉଥିଲା। ସେ ଦ୍ୱିତୀୟ ପତ୍ନୀକୁ ଦେଖା କରିବାକୁ ଓଲ୍ଡଟାଉନ୍‌କୁ ଡାକିଥିଲା। ମଙ୍ଗଳବାର ପିଙ୍କୁ ଏକ ଅଟୋରେ ପୁରୁଣା ଭୁବନେଶ୍ୱର ଏକ ସ୍ଥାନରେ ପହଞ୍ଚି ଦ୍ୱିତୀୟ ପତ୍ନୀକୁ ଦେଖା କରିବାକୁ ଅପେକ୍ଷା କରିଥିଲା। ଏହି ସମୟରେ ସହିଦନଗର ଥାନା ପୁଲିସର ଗୋଟିଏ ଟିମ୍ ତାକୁ ପିଛା କରି ସେଠାରୁ କାବୁ କରି ନେଇଥିଲା।

## ସରୋଜ ନାମରେ ଲାଗିଲା ଲଟ୍‌କା

ଭୁବନେଶ୍ୱର, ୨୫।୩(ସମିସ): ପୁଲିସ ସହ ଲୁଚକାଳି ଖେଳୁଥିବା ଅପରାଧୀଙ୍କ ବିରୋଧରେ ଲାଗିଲା ଲଟ୍‌କା। ନୋଟିସ ବା ସମନ ପାଇ ହାଜର ହେଉ ନ ଥିବା ଦାଗୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ସୋମବାର ଖଣ୍ଡଗିରି ଥାନା ଅଧୀନ ଜାଗମରାର ଅଭିଯୁକ୍ତ ବିମଳ ପଟ୍ଟନାୟକଙ୍କ ଘର ସାମ୍ନାରେ ଡେଙ୍ଗୁରା ବାଜିବା ସହ ଲଟ୍‌କା ଲାଗିଛି। ଅଭିଯୁକ୍ତମାନେ ହାଜର ନ ହେଲେ ସେମାନଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଆରମ୍ଭ ହେବ ପ୍ରକ୍ରିୟା। ମଙ୍ଗଳବାର ଲକ୍ଷ୍ମୀସାଗର ଥାନା ଝାରପଡ଼ାର ପେସାଦାର ଅପରାଧୀ ସରୋଜ ଜେନା ବିରୋଧରେ ଲାଗିଛି ଲଟ୍‌କା। ବାଜା ବଜାଇ ପୁଲିସ ଲଗାଇଛି ଲଟ୍‌କା। ଆଗକୁ ଏହାକୁ ସମସ୍ତ ଥାନା ଅଞ୍ଚଳରେ ଥିବା ଦାଗୀଙ୍କ ବିରୋଧରେ ଲଟ୍‌କା ଜାରି କରିବାକୁ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡିସିପି ସୂଚନା ଦେଇଛନ୍ତି।

## ପେସାଦାର ମୋବାଇଲ୍ ଚୋର ଗିରଫ

ଭୁବନେଶ୍ୱର, ୨୫।୩(ସମିସ): ଜନଗହଳି ସ୍ଥାନରୁ ମୋବାଇଲ୍ ଚୋରି କରୁଥିବା ଜଣେ ପେସାଦାର ମୋବାଇଲ୍ ଚୋରକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ବୁଦ୍ଧବିହାରର ବିଷ୍ଣୁ ବିଶ୍ୱାଳ। ତା' ନିକଟରୁ ପୁଲିସ ୭ଟି ମୋବାଇଲ୍ ଫୋନ୍ ଜବତ କରିଛି। ସୂଚନା ଅନୁସାରେ, ଗତ ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ବିଷ୍ଣୁ ନୀଳାଦ୍ରି ବିହାର ପାୱାର ଗ୍ରୀଡ୍ ଅଫିସ୍ ନିକଟରେ ଚୋରା ମୋବାଇଲ୍ ଫୋନ୍ ବିକ୍ରି କରୁଥିଲା। ଖବର ପାଇ ପାଟ୍ରୋଲିଂ ଭ୍ୟାନ୍ ସେଠାରେ ପହଞ୍ଚି ତୁରନ୍ତ ବିଷ୍ଣୁକୁ ଧରିବା ପରେ ପଚରାଉଚରା କରିଥିଲେ। ହେଲେ ସେ ବିକ୍ରି କରୁଥିବା ମୋବାଇଲ୍ ସମ୍ପର୍କରେ କିଛି ବି ଡକ୍ୟୁମେଣ୍ଟ ଦେଖାଇ ନ ପାରିବାରୁ ତାହା ଚୋରା ବୋଲି ସ୍ପଷ୍ଟ ହୋଇଥିଲା। ଶେଷରେ ପୁଲିସ ମାମଲା ରୁଜୁ କରି ତାକୁ ଗିରଫ କରିଛି।

# ଅନ୍‌ଲାଇନ୍‌ରେ ଚାଲାଣ କାଟିବାକୁ ପୁଲିସ ନାରାଜ

■ ପକେଟ୍ ଗରମ ପାଇଁ ପୁଲିସ ସବୁବେଳେ ପ୍ରସ୍ତୁତ

■ ନଗଦ ଜରିମାନା ଟଙ୍କା ନ ଦେଲେ ନାଲିଆଖି

■ ପର୍ଯ୍ୟାପ୍ତ ପୋସ୍ ମେସିନ୍ ରହିଥିଲେ ବି କାଢ଼ୁନାହାନ୍ତି



ଭୁବନେଶ୍ୱର, ୨୫।୩(ସମିସ): ଅମାନିଆ ଗାଡ଼ି ଚାଳକଙ୍କଠାରୁ ଅନ୍‌ଲାଇନ୍‌ରେ ଚାଲାଣ କାଟିବାର ବ୍ୟବସ୍ଥା ରହିଛି। ଗାଡ଼ି ଚାଳକଙ୍କଠାରୁ ଜରିମାନା ଅର୍ଥ ଡିଜିଟାଲ୍ ଉପାୟରେ ଆଦାୟ କରିବା ପାଇଁ ପୁଲିସ ଅମଙ୍ଗ ହେଉଛି। ପୁଲିସ ନିକଟରେ ଏଥିପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପୋସ୍ ମେସିନ୍ ରହିଥିଲେ ବି ତାହାକୁ ବାହାର କରିବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। କାରଣ ପୁଲିସ ସବୁବେଳେ ନିଜ ପକେଟ୍ ଗରମ କରିବାରେ ବ୍ୟସ୍ତ ରହୁଛି। ଅଫ୍‌ଲାଇନ୍ ଟଙ୍କା ଦେଲେ ପୁଲିସ ମନଇଚ୍ଛା ଚାଲାଣ କାଟି ପକେଟ୍ ଗରମ କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ଗାଡ଼ି ଚାଳକମାନଙ୍କଠାରୁ ଡିଜିଟାଲ୍ ଉପାୟରେ ଜରିମାନା ଅର୍ଥ ଆଦାୟ ପାଇଁ ପୁଲିସ ବିଭାଗକୁ ପରିବହନ କର୍ତ୍ତୃପକ୍ଷ ୯୦୦ରୁ ଅଧିକ ପୋସ୍ ମେସିନ୍ ଯୋଗାଇ ଦେଇଛନ୍ତି। ଏହି ମେସିନ୍ ଜରିଆରେ ଉଭୟ କାର୍ଡ ଏବଂ ୟୁପିଆଇ ଜରିଆରେ ଅର୍ଥ ପଇଠ କରିହେବ। ପରିବହନ ବିଭାଗ ମଧ୍ୟ ନିଜ ପାଖରେ ୨୫୧ଟି ମେସିନ୍ ରଖିଛି। ତେବେ ପୋସ୍ ମେସିନ୍ ଥିବା ସତ୍ତ୍ୱେ ପୁଲିସ କର୍ତ୍ତୃପକ୍ଷ କିନ୍ତୁ ନଗଦ ଆଦାୟକୁ ଅଗ୍ରାଧିକାର ଦେଉଛନ୍ତି। ଯିଏ ଡିଜିଟାଲ ପଦ୍ଧତିରେ ଅର୍ଥ ଦେବାକଥା କହୁଛନ୍ତି, ତାକୁ ନାଲିଆଖି ଦେଖାଇବାକୁ ପଛାଉ ନାହାନ୍ତି। ନିକଟରେ ଖୋଦ୍ ରାଜଧାନୀରେ ନଗଦ ଅର୍ଥ ନ ଥିବାରୁ ଜଣେ ବକ୍ତିଙ୍କ ଛୋଟି ପିଲାଟିକୁ ଚାରିଚକିଆ ଯାନ ଭିତରେ ଭୋକ ଉପାସରେ ଅଟକ ରଖି ପୁଲିସ କର୍ମଚାରୀମାନେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି। ସେହି ଗାଡ଼ିର ଡ୍ରାଇଭର ଜରିମାନା ଅର୍ଥ ଡିଜିଟାଲ୍ ମାଧ୍ୟମରେ ଦେବାକୁ କହିଥିଲେ ମଧ୍ୟ ପୁଲିସ ବାବୁମାନେ ଶୁଣିନଥିଲେ। ପ୍ରାୟ ୩ ବର୍ଷ ହେଲା ପରିବହନ ଓ ପୁଲିସ ବିଭାଗ ଏହି ପୋସ୍ ମେସିନ୍ ପାଇଥିଲେ ମଧ୍ୟ ଅଳ୍ପ ମେସିନ୍‌ରେ ପରିବହନ ବିଭାଗ ଅଧିକ ଅର୍ଥ ଆଦାୟ କରିଛି। ପରିବହନ ବିଭାଗ ଏହି ସମୟ ମଧ୍ୟରେ ୧୭୦ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଥିବାବେଳେ ପୁଲିସ୍ କର୍ତ୍ତୃପକ୍ଷ ୨୯ କୋଟି ଟଙ୍କାରୁ କମ୍ ଅର୍ଥ ଆଦାୟ କରିଛନ୍ତି।

ଉଲ୍ଲେଖନୀୟ ଯେ, ପୋସ୍ ମେସିନ୍‌ରେ ଅର୍ଥ ଆଦାୟ କଲେ ତାହା ସିଧାସଳଖ ରାଜକୋଷକୁ ଯିବ। ଏଥିରେ ପୁଲିସ ବାବୁମାନଙ୍କ ହାତରେ ଟଙ୍କାଟିଏ ବି ଲାଗିବ ନାହିଁ। ତେଣୁ ପୋସ୍ ମେସିନ୍ ପର୍ଯ୍ୟାପ୍ତ ସଂଖ୍ୟକ ରହିଥିଲେ ବି କମିସନରେଟ୍ ପୁଲିସ କ'ଣ ପାଇଁ ବ୍ୟବହାର କରୁନି ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଉଲ୍ଲେଖନୀୟ ଯେ, ହେଲ୍‌ମେଟ୍ ନଥିବା ହେଉ କିମ୍ବା ଜେବ୍ରା କ୍ରସିଂ ଅତିକ୍ରମ ହେଉ ପୁଲିସ ବାବୁମାନଙ୍କ ନିକଟରେ ଜରିମାନା ପଇଠ ପାଇଁ ପହଞ୍ଚିଲେ ସେମାନେ ସିଧାସଳଖ ନଗଦ ମାଗୁଛନ୍ତି। ପୋସ୍ ମେସିନ୍ ରହିଥିବାର କୌଣସି ସୂଚନା ବି ଦେଉନାହାନ୍ତି। ତେଣୁ ପୁଲିସ କମିସନର ଏହା ଉପରେ ନଜର ଦେବା ପାଇଁ ଏବେ ସାଧାରଣରେ ମତ ପ୍ରକାଶ ପାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ୍ ନେଣଦେଣ ଉପରେ ଜୋର୍ ଦେବା ସହିତ ପ୍ରୋତ୍ସାହିତ କରୁଥିବାବେଳେ କମିସନରେଟ୍ ପୁଲିସ ପାଇଥିବା ପୋସ୍ ମେସିନ୍‌କୁ ବାହାର ନ କରିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କୋଟିଆରେ ପୁଣି ଆନ୍ଧ୍ରର ଦାଦାଗିରି

## ଓଡ଼ିଶା ସରକାରଙ୍କ ବିରୋଧରେ ଗ୍ରାମବାସୀଙ୍କୁ ମତାଇଲେ



ଜୋରଜବରଦସ୍ତ ରାସ୍ତାରେ ବସାଇଲେ
ଉନ୍ନୟନ କାର୍ଯ୍ୟ ବନ୍ଦ ପାଇଁ ଆନ୍ଧ୍ର ସିପିଏମ୍‌ର ପ୍ରୟାସ

**ପଟ୍ଟାଙ୍ଗି,୨୫।୩(ସମିସ):** ଆନ୍ଧ୍ରର ସିପିଏମ ନେତୃମଣ୍ଡଳୀ ପୁଣି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ବିବାଦୀୟ କୋଟିଆ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଲିଥିବା କାର୍ଯ୍ୟ ବନ୍ଦ ପାଇଁ ପ୍ରୟାସ କରିଛନ୍ତି। ଗ୍ରାମବାସୀଙ୍କୁ ମେଳି କରି ଗ୍ରାମ ନିକଟ ରାସ୍ତାରେ ଧାରଣା ଦେବା ସହ ଓଡ଼ିଶା ସରକାର କୋଟିଆବାସୀଙ୍କ ଉପରେ ଅତ୍ୟାଚାର କରୁଥିବା ନେଇ ଅପପ୍ରଚାର କରିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ମଙ୍ଗଳବାର ସୀମାନ୍ତ ସିପିଏମ୍ ସାଲୁରୁ ମଣ୍ଡଳର ନେତୃମଣ୍ଡଳୀ ଉପରସେମ୍ବ୍ରୀ ଗ୍ରାମରେ ଅନୁପ୍ରବେଶ କରି ଗ୍ରାମର ମହିଳା ଓ ପୁରୁଷଙ୍କୁ ଏକତ୍ରିତ କରିଥିଲେ। ସେମାନଙ୍କୁ ନିଜ ଦଳୀୟ ପତାକା ଧରାଇ ରାସ୍ତାରେ ବସାଇ ଧାରଣା ଦେଇଥିଲେ। ଉକ୍ତ ଧାରଣାସ୍ଥଳରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଏହି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରୁନାହାନ୍ତି। ଆଦିବାସୀଙ୍କ ଅଜାଣତରେ ଏବଂ ଗ୍ରାମସଭାର ଅନୁମୋଦନ ବିନା ଆଦିବାସୀଙ୍କ ଜମି ହଡ଼ପ ଏବଂ ବାଡ଼ ନିର୍ମାଣ କରାଯାଇଛି। ଓଡ଼ିଶା ସରକାର ତୁରନ୍ତ ବାଡ଼ ହଟାନ୍ତୁ। ଦୁଇ ରାଜ୍ୟ ସରକାର ପ୍ରତିକ୍ରିୟାଶୀଳ ହୋଇ ସୀମା ବିବାଦର ସମାଧାନ କରିବାର ଆବଶ୍ୟକ ଅଛି। ଉକ୍ତ ବାଡ ଗୁଡ଼ିକୁ ହଟା ନଗଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେଠାରେ ଆଲୋଚନା କରାଯାଇଥିବା ନେଇ ଜଣାପଡିଛି।

ପ୍ରକାଶଥାଉକି, କିଛି ଦିନ ତଳେ ଟିପିଏସଓଡିଏଲ ବିଭାଗ ପକ୍ଷରୁ ସବଷ୍ଟେସନ ନିର୍ମାଣ କରିବା ନିମନ୍ତେ ନଡ଼ିଆ ଭାଙ୍ଗି ଶୁଭ ଦିଆଯାଇଥିଲା। ଏହାପରେ ଆନ୍ଧ୍ର ପ୍ରଦେଶର କିଛି ଜନପ୍ରତିନିଧି ସ୍ଥାନୀୟ ଲୋକଙ୍କୁ ସେହି ସ୍ଥାନରେ ଓଡ଼ିଶା ସରକାର ଖଣି ଖନନ କରିବ ବୋଲି କହିଥିଲେ। ଏହାପରେ ସେଠାରେ ଗ୍ରାମବାସୀ ପହଞ୍ଚି ତାର ବାଡ଼ ନିମନ୍ତେ ପୋତାଯାଇଥିବା ଖୁଣ୍ଟକୁ ଉପାଡ଼ି ଦେଇଥିଲେ। ଆନ୍ଧ୍ର ଜନପ୍ରତିନିଧିମାନେ ସ୍ଥାନୀୟ ଲୋକଙ୍କୁ ନେଇ କିଛି ଆନ୍ଧ୍ର ତହସିଲଦାରଙ୍କ ନିକଟରେ ପହଞ୍ଚି ସ୍ଥାନୀୟ ବାସୀନ୍ଦାଙ୍କ ଜମିରେ ଉକ୍ତ ନିର୍ମାଣ କାର୍ଯ୍ୟ କରାଯାଉଥିବା ନେଇ ଅଭିଯୋଗ କରିଥିଲେ। ଲୋକଙ୍କୁ ଭୁଆଁ ବୁଲେଇବା ନିମନ୍ତେ ନିର୍ମାଣ ସ୍ଥାନରେ ଆନ୍ଧ୍ରର ରାଜ୍ୟ ଆଦିବାସୀ ଆଇନ ପରାମର୍ଶଦାତା ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ଫେରିଥିଲେ। ସୋମବାର ଆନ୍ଧ୍ରର ରାଜସ୍ୱ ନିରୀକ୍ଷକ, ଜଙ୍ଗଲ ବିଭାଗ ଅଧିକାରୀ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ପହଞ୍ଚି ସବଷ୍ଟେସନର ନିର୍ମାଣ କାର୍ଯ୍ୟ ପାଇଁ ଚିହ୍ନଟ ସ୍ଥାନଟି ସରକାରୀ ଜମିରେ ହୋଇଥିବା ଜାଣିବା ପରେ ସେମାନେ ସେଠାରୁ ଫେରିଯାଇଥିଲେ।

### ରାଉରକେଲା ବିମାନବନ୍ଦର ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ଆଶା ସଞ୍ଚାର

## ଭିତ୍ତିଭୂମି ଅନୁଧ୍ୟାନ କଲେ ଏଏଆଇର ସ୍ୱତନ୍ତ୍ର ଟିମ୍

**ରାଉରକେଲା,୨୫।୩(ସମିସ):** ଏକ ପୂର୍ଣ୍ଣ କାର୍ଯ୍ୟକ୍ଷମ ରାଉରକେଲା ବିମାନବନ୍ଦର ପାଇଁ ଏବେ ଆଶା ସଞ୍ଚାର ହୋଇଛି। ଭାରତୀୟ ବିମାନବନ୍ଦର ପ୍ରାଧିକରଣ(ଏଏଆଇ)ର ୬ ଜଣିଆ ପ୍ରତିନିଧି ଦଳ ଆଜି ରାଉରକେଲା ବିମାନ ବନ୍ଦର ଯାଇ ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ଏହି ଦଳରେ ଡିଜିଏମ୍(ସିଭିଲ୍) ଭି. ଆର୍ ଟପ୍ପୋ, ଡିଜିଏମ୍(ସିଏନ୍ଏସ୍) କେ. କେ ବିନ୍ଧାଣୀ, ଡିଜିଏମ୍(ଏଟିଏମ୍-ଏଫ୍‌ପିଡି) ପ୍ରବୀଣ ଉନ୍ନିକ୍ରିଷ୍ଣନ, ବରିଷ୍ଠ ମ୍ୟାନେଜର ଅବଦୁଲ ଅଜିଜ୍, ମ୍ୟାନେଜର ଅଜୟ କୁମାର ଓ ସହକାରୀ ମ୍ୟାନେଜର ମେଘା ରୋହିଲ୍ଲା ସାମିଲ ଅଛନ୍ତି। ଏହି ଟିମ୍ ମଙ୍ଗଳବାର ବିମାନବନ୍ଦରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ରନ୍‌ୱେ ବୃଦ୍ଧି ପାଇଁ ଆବଶ୍ୟକ ଜମି, ବିମାନବନ୍ଦର ଜମିର ମାଲିକାନାସତ୍ତ୍ୱ ହସ୍ତାନ୍ତର ପ୍ରକ୍ରିୟା, ୪ସି ଲାଇସେନ୍ସ, ଇନ୍‌ଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ୍ (ଆଇଏଲ୍ଏସ୍), ରାତ୍ରିକାଳୀନ ବିମାନ ଅବତରଣ, ସୋଲାର ପ୍ୟାନେଲ ସ୍ଥାପନ, ୨୫୦ ସିଟ୍ ବିଶିଷ୍ଟ ଟର୍ମିନାଲ ବିଲ୍ଡିଂ, କନ୍‌ଭେନ୍‌ସନାଲ ହଲ୍ ନିର୍ମାଣ, କ୍ୟାଫେଟେରିଆ ଲାଉଞ୍ଜ ଆଦି ଭିତ୍ତିଭୂମି ବିକାଶ ପାଇଁ ଜମି ତଥା ଅନ୍ୟାନ୍ୟ ସୁବିଧାସୁଯୋଗର ସ୍ଥିତି ନିରୀକ୍ଷଣ କରିଥିଲେ।

**ଏପ୍ରିଲ ଦ୍ୱିତୀୟ ସପ୍ତାହ ସୁଦ୍ଧା ରିପୋର୍ଟ**

ପୂର୍ଣ୍ଣାଙ୍ଗ ରାଉରକେଲା ବିମାନବନ୍ଦରର କାର୍ଯ୍ୟକ୍ଷମ ପାଇଁ ମୋଟ ୩୦୦ ଏକର ଜମିର ଆବଶ୍ୟକତା ରହିଥିବା ବେଳେ ଏବେ ଆର୍ଏସ୍‌ପିର ୧୫୦ ଏକର ଜମିରେ ରାଉରକେଲା ବିମାନ ବନ୍ଦର ରହିଛି। ଏହାର ରନୱେର ଦୂରତା ୨.୫ କିଲୋମିଟରରୁ ୨.୭ କିଲୋମିଟର ହେବାର ଆବଶ୍ୟକତା ରହିଛି ବୋଲି ସେମାନେ ହୃଦ୍‌ବୋଧ କରିଥିଲେ। ଏହାମଧ୍ୟରେ ଏକ ସ୍ଥାୟୀ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ବିଭାଗକୁ ପ୍ରଦାନ କରିବାକୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏଏଆଇକୁ କହିଥିବା ବେଳେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଆଗାମୀ ୫୦ ବର୍ଷ ପାଇଁ ବିମାନବନ୍ଦର ଭିତ୍ତିଭୂମିର ଆବଶ୍ୟକ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିମାନବନ୍ଦରର ବିକାଶ ପାଇଁ ଫେବୃଆରୀ ୧୫ ତାରିଖରେ ରାଜ୍ୟ ସରକାର ଏଏଆଇ ଅଧ୍ୟକ୍ଷ ବିପିନ କୁମାରଙ୍କୁ ପତ୍ର ଲେଖିଥିଲେ। ଏଏଆଇ ପକ୍ଷରୁ ଓଏଲ୍ଏସ୍ ସର୍ଭେ କରି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ନିବେଦନ କରାଯିବା ସହ ଏ ବାବଦକୁ ହେବାକୁ ଥିବା ସମସ୍ତ ବ୍ୟୟ ଓଡ଼ିଶା ସରକାର ବହନ କରିବେ ବୋଲି ପତ୍ରରେ ଉଲ୍ଲେଖ କରିଥିଲେ। ପରେ ଫେବୃଆରୀ ୨୧ ତାରିଖରେ ଏଏଆଇ ପକ୍ଷରୁ ସର୍ଭେ ପାଇଁ ଆବଶ୍ୟକ ଅର୍ଥ ଡିପୋଜିଟ୍ କରିବା ବିଷୟରେ ପତ୍ର ମାଧ୍ୟମରେ ଜଣାଇଥିଲେ। ନିର୍ଦ୍ଧାରିତ ନିୟମାନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଚ୍ଚ ୬ ତାରିଖରେ ୪୦,୫୨,୯୪୬ ଟଙ୍କା ପୈଠ କରାଯାଇଥିଲା। ଆଜି ଉକ୍ତ ଟିମ୍ ବିମାନ ବନ୍ଦର ପରିଦର୍ଶନ କରିବା ସହ ଏହାର ଆଖପାଖ ଏରିଆ ଅନୁଧ୍ୟାନ କରିଥିଲେ।

## ଅବଶିଷ୍ଟାଂଶ

### ମତ ଲୋଡ଼ିଲେ...

ଏସଂପର୍କରେ ଆଲୋଚନା କରିବା ଲାଗି ନେତାମାନଙ୍କୁ କୁହାଯାଇଥିଲା। ପୁଣି ହେବାକୁ ଥିବା ସର୍ବଦଳୀୟ ବୈଠକରେ ଏହି ନେତାମାନେ ସେମାନଙ୍କ ଦଳର ଆଭିମୁଖ୍ୟ କଥା ଜଣାଇବେ। ଇତିମଧ୍ୟରେ ଏହି ଘଟଣାରେ ଆଜି ବିଚାର ବିଭାଗୀୟ କମିଟି ଯାଞ୍ଚ ଆରମ୍ଭ କରିଛି। ସୁପ୍ରିମ କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖନ୍ନାଙ୍କ ଦ୍ୱାରା ଗଠିତ ତିନି ଜଣିଆ କମିଟି ଆଜି ଦିଲ୍ଲୀ ସ୍ଥିତ ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନ ଯାଇଥିଲେ। ସେଠାରେ ୩୦ରୁ ୩୫ ମିନିଟ ଧରି ଯାଞ୍ଚ କରିବା ପରେ ସେମାନେ ଫେରିଛନ୍ତି। ତଦନ୍ତ କମିଟିରେ ଥିବା ବିଚାରପତିମାନେ ହେଲେ ପଞ୍ଜାବ ଓ ହରିଆଣା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୀଲ ନାଗୁ, ହିମାଚଳ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଜିଏସ୍ ସନ୍ଧାୱାଲିଆ ଏବଂ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଜଷ୍ଟିସ ଅନୁ ଶିବରମଣ। ସେମାନେ ଖୁବଶୀଘ୍ର ରିପୋର୍ଟ ପ୍ରଦାନ କରିବେ ବୋଲି କୁହାଯାଇଛି। ତେବେ ରିପୋର୍ଟ ପ୍ରଦାନ ଲାଗି ସେମାନଙ୍କୁ କୌଣସି ସମୟସୀମା ଦିଆଯାଇ ନାହିଁ।

ସୂଚନାଯୋଗ୍ୟ ଯେ ଗତ ୧୪ ତାରିଖରେ ଜଷ୍ଟିସ ବର୍ମାଙ୍କ ଘରେ ନିଆଁ ଲାଗିଥିଲା ଏବଂ ନିଆଁ ଲିଭାଇବା ସମୟରେ ନଗଦ ୧୪ କୋଟି ଟଙ୍କା ମିଳିଥିଲା। ଅନେକ ଟଙ୍କା ପୋଡ଼ିଯାଇଥିବାର ମଧ୍ୟ ଖବର ମିଳିଥିଲା। ଜଷ୍ଟିସ ବର୍ମା ଏତେ ଟଙ୍କା କେଉଁଠୁ ଆଣିଲେ ଏବଂ କାହିଁକି ଘର ଭିତରେ ବସ୍ତାରେ ଲୁଚାଇ ରଖିଥିଲେ। ଏସଂପର୍କରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା। ମାତ୍ର ଏଟଙ୍କା ତାଙ୍କର ନାହିଁ ବୋଲି ଜଷ୍ଟିସ ବର୍ମା ସଫେଇ ଦେଇଥିଲେ। ସେ ଅଭିଯୋଗ କରିଥିଲେ ଯେ ତାଙ୍କୁ ଫସାଇବା ଲାଗି କେହି ଏ ଟଙ୍କା ଆଣି ତାଙ୍କ ଘରେ ରଖିଥିଲା। ତେବେ ସୁପ୍ରିମ କୋର୍ଟ କଲେଜିଅମ୍ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜଷ୍ଟିସ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିବା ସହିତ ତଦନ୍ତ ନସରିବା ପର୍ଯ୍ୟନ୍ତ କୌଣସି ବିଚାର ବିଭାଗ କାମ ନ କରିବା ଲାଗି ତାଙ୍କୁ କୁହାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ବାର୍ ଆସୋସିଏସନ୍ ଜଷ୍ଟିସ ବର୍ମାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏପରିକି ତାଙ୍କୁ ବିରୋଧ କରି ଆହ୍ଲାବାଦ ହାଇକୋର୍ଟ ବାର ଆସୋସିଏସନ୍ ଆଜି ଠାରୁ ଧର୍ମଘଟ ଆରମ୍ଭ କରିଛି।

### ୧୨ କଂଗ୍ରେସ ବିଧାୟକ...

ବିଧାନସଭା ଗୃହ ମଧ୍ୟରେ ଅହୋରାତ୍ର ଧାରଣା ଦେଇଛନ୍ତି। ବିଳମ୍ବିତ ସନ୍ଧ୍ୟାରେ ବାଚସ୍ପତିଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ଗୃହରୁ ବାହାର କରାଯିବାବେଳେ ସୁରକ୍ଷା କର୍ମୀଙ୍କ ସହ କଂଗ୍ରେସ ବିଧାୟକମାନଙ୍କର ଧସ୍ତାଧସ୍ତି ହୋଇଛି। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ସୁରକ୍ଷା କର୍ମୀମାନେ ବିଧାୟକମାନଙ୍କୁ ବାହାର କରିବା ବେଳେ ମାଡ଼ ମାରିଥିବା ଓ ଅସଦ୍‌ବ୍ୟବହାର କରିଥିବା କଂଗ୍ରେସ କର୍ମୀମାନେ ଅଭିଯୋଗ କରିଛନ୍ତି। ଏପରିକି ସୁରକ୍ଷା କର୍ମୀଙ୍କ ଆକ୍ରମଣରେ ଆହତ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କୁ ଆମ୍ବୁଲାନ୍ସ ଯୋଗେ ଡ଼ାକ୍ତରଖାନା ପଠାଯାଇଛି।

କଂଗ୍ରେସ୍ ବିଧାୟକଙ୍କ ନିଲମ୍ବନ ଆଦେଶକୁ ଶାସକ ବିଜେପି ବିଧାୟକମାନେ ସମର୍ଥନ ଜଣାଇଥିବାବେଳେ ବିଜେଡି ଏହାକୁ ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ଅଭିହିତ କରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଗୃହ ଭିତରେ କଂଗ୍ରେସ୍ ସଦସ୍ୟମାନେ ଯେଉଁ ଆଚରଣ ପ୍ରଦର୍ଶନ କରୁଛନ୍ତି ତାକୁ ବିଜୁ ଜନତା ଦଳ ସମର୍ଥନ କରୁ ନାହିଁ; କିନ୍ତୁ ବାଚସ୍ପତି ଯେଉଁ କାର୍ଯ୍ୟାନୁଷ୍ଠାନ ଆଦେଶ ଦେଇଛନ୍ତି ତାହା ମଧ୍ୟ ଗ୍ରହଣୀୟ ନୁହେଁ। ଗଣତନ୍ତ୍ର ପାଇଁ ଏହା ବିପଜ୍ଜନକ । ବାଚସ୍ପତି ଚାହିଁଥିଲେ କଂଗ୍ରେସ୍ ସଦସ୍ୟଙ୍କ ସହ ଆଲୋଚନା କରି ଅଚଳାବସ୍ଥା ଦୂର କରିପାରିଥାନ୍ତେ। ମାତ୍ର ଏହା ପରିବର୍ତ୍ତେ ଏକପାଖିଆ ନିଷ୍ପତ୍ତି ନେଇ ବିରୋଧୀଙ୍କ କଣ୍ଠରୋଧ ଉଦ୍ୟମ କରାଯାଇଛି। ସମସ୍ତ କଂଗ୍ରେସ୍ ସଦସ୍ୟମାନଙ୍କୁ ଗୃହକୁ ଫେରାଇ ଆଣିବା ଲାଗି ବାଚସ୍ପତି ଉଦ୍ୟମ କରନ୍ତୁ ବୋଲି ଶ୍ରୀମତି ମଲ୍ଲିକ କହିଛନ୍ତି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ଗତ କିଛି ଦିନ ହେଲା କଂଗ୍ରେସ୍ ଗୃହରେ ଯେଉଁ ବାତାବରଣ ସୃଷ୍ଟି କରିଛି ତାକୁ ଆମେ କଦାପି ସମର୍ଥନ କରୁ ନାହୁଁ; କିନ୍ତୁ ସରକାର ମନେ ରଖିବା ଉଚିତ ଯେ ବିଧାନସଭା ହେଉଛି ବିରୋଧୀଙ୍କର। ସରକାର ଯଦି କଂଗ୍ରେସ୍ ସଦସ୍ୟଙ୍କ ଦାବି ମୂଳରୁ ମାନି ନେଇ ବର୍ଦ୍ଧିତ ଅପରାଧ ଓ ନାରୀ ନିର୍ଯ୍ୟାତନା ଉପରେ ଆଲୋଚନା କରିଥାନ୍ତେ ତା ହେଲେ ଆଜି ଏପରି ସ୍ଥିତି ସୃଷ୍ଟି ହୋଇନଥାନ୍ତା। ଗୃହର ନେତା ମୁଖ୍ୟମନ୍ତ୍ରୀ ଏହା ଉପରେ ଗୃହରେ ବିବୃତି ରଖିପାରିଥାନ୍ତେ। ଆଜି ବାଚସ୍ପତି କଂଗ୍ରେସ୍ ବିଧାୟକଙ୍କ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ତାହା ମନ୍ଦିରକୁ ମୁଖଶାଳା ବଳିଯିବା ସଦୃଶ ହେଲା। ଗୃହରେ ଏପରି ନଜିର ସୃଷ୍ଟି କରନ୍ତୁ ନାହିଁ ଯାହାକୁ ନେଇ ଭବିଷ୍ୟତରେ ଆମ ମୁଣ୍ଡ ତଳକୁ ହୋଇଯିବ। ଗଣତନ୍ତ୍ରରେ ସର୍ବଦା ଆଲୋଚନା ଜରିଆରେ ସମସ୍ୟା ସମାଧାନ ପାଇଁ ସୁଯୋଗ ରହିଛି ବୋଲି ଶ୍ରୀ ସ୍ୱାଇଁ କ୍ଷୋଭ ସହ କହିଥିଲେ। ବିଜେଡିର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ଆଜି ଆମେ ସମସ୍ତେ ବିଧାନସଭାରେ ଏକ ଦୁଃଖଦାୟକ ସ୍ଥିତିର ସାମ୍ନା କରୁଛେ। କଂଗ୍ରେସ୍ ବିଧାୟକଙ୍କ ବିରୋଧରେ ଯେଉଁ ନିର୍ଦ୍ଦେଶ ଦିଆଗଲା ତାହା ଏକ ବିବାଦୀୟ ଅଧ୍ୟାୟ ସୃଷ୍ଟି କରିଛି। ସରକାର କ'ଣ ପାଇଁ କଂଗ୍ରେସ୍ ସଦସ୍ୟମାନଙ୍କ ଦାବିକୁ ଉପେକ୍ଷା କରି ଚାଲିଲେ ଆଉ ଆଜି ଏପରି ପରିସ୍ଥିତିର ସାମ୍ନା କରିବାକୁ ପଡିଲା? ବାଚସ୍ପତି ଗଣତନ୍ତ୍ରକୁ ପୁନର୍ଜୀବିତ କରନ୍ତୁ। ସେମାନଙ୍କ ସହ ଆଲୋଚନା କରି ନିଲମ୍ବନ ଆଦେଶ ପ୍ରତ୍ୟାହର କରାଯାଉ ବୋଲି ଶ୍ରୀ ବେହେରା ଦାବି କରିଥିଲେ। ଅପରପକ୍ଷେ ଶାସକ ଦଳର ବିଧାୟକ ସନାତନ ବିଜୁଳି, ସିଦ୍ଧାନ୍ତ ମହାପାତ୍ର ଏବଂ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ କଂଗ୍ରେସ୍ ସଦସ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ କହିଛନ୍ତି। ବାଚସ୍ପତିଙ୍କ ନିର୍ଦ୍ଦେଶ ଆଦୌ ଏକପାଖିଆ ନୁହେଁ, ସେମାନଙ୍କୁ ତିନି ଥର ଆଲୋଚନା ପାଇଁ ଡକାଗଲା। କିନ୍ତୁ ସମାଧାନର ବାଟ ବାହାରି ପାରିଲା ନାହିଁ। ବିଧାନସଭାରେ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରାଯିବା କଥା। ଲୋକଙ୍କ ଟଙ୍କାରେ ବିଧାନସଭା ଚାଲୁଛି ବୋଲି ସେମାନେ କହିଛନ୍ତି।

### ବିଧାନସଭା ଚତୁଃପାର୍ଶ୍ୱରେ...

ନିରଞ୍ଜନ ପଟ୍ଟନାୟକ, ଶରତ ରାଉତଙ୍କ ସମେତ ବରିଷ୍ଠ କଂଗ୍ରେସ୍ ନେତୃବୃନ୍ଦ ବିଧାନସଭା ନିକଟରେ ପହଞ୍ଚି ଭିତରକୁ ପ୍ରବେଶ ଉଦ୍ୟମ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପୁଲିସ ବିଧାନସଭା ଚାରିପଟେ ୧୬୩ ଧାରା ଜାରି କରିଛି। ସେମାନେ ବିଧାନସଭା ଭିତରେ ପ୍ରବେଶ ପାଇଁ ଉଦ୍ୟମ କରିବାକୁ ପୁଲିସ ସେମାନଙ୍କୁ ଅଟକାଇଛି। ଯାହାକୁ ନେଇ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଓ ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା।

ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ, ଆମେ ବିଧାନସଭା ଭିତରକୁ ଯାଇ କ'ଣ ଗଣ୍ଡଗୋଳ କରିବୁ? ପୂର୍ବତନ ବିଧାୟକଙ୍କୁ ଗୃହର ଲବି ମଧ୍ୟକୁ ଯିବାକୁ ନିୟମ ରହିଛି। ମାତ୍ର ଆମକୁ ପୁଲିସ ଏଠାରେ ଅଟକାଉଛି। ଆମର ବିଧାୟକ କେମିତି ଅଛନ୍ତି, ଆମେ ଦେଖିବାକୁ ଚାହୁଁଛୁ। ତେଣୁ ନିୟମ ଅନୁଯାୟୀ ଆମେ ୫ ଜଣ ପୂର୍ବତନ ବିଧାୟକ ଗୃହ ମଧ୍ୟକୁ ଯିବାକୁ ଯାଉଛୁ। ଆମକୁ କ'ଣ ପାଇଁ ଗୃହ ମଧ୍ୟକୁ ଛଡ଼ାଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଶେଷରେ କଂଗ୍ରେସର ଏହି ବରିଷ୍ଠ ନେତାଙ୍କୁ ବିଧାନସଭା ଆଗରୁ ପୁଲିସ ଉଠାଇ ନେଇଥିବା ବେଳେ ଖବର ଲେଖାହେବା ବେଳକୁ କଂଗ୍ରେସର ବିଧାୟକମାନେ ବିଧାନସଭା ଭିତରେ ଥିବା ସୂଚନା ରହିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

### ୧୮ ଦିନ ହେଲା...

ଗୋଟିଏ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ଗୃହକୁ ସାଢେ ୧୧ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଗୃହ ମୁଲତବୀ ପରେ ବିଜେଡି ବିଧାନସଭା ପ୍ରବେଶ ଦ୍ୱାରରେ ଧାରଣା ଦେବା ସହ ନାରାବାଜି କରିଥିଲେ। ଦଳର ପ୍ରତିଟି ସଦସ୍ୟ ଡବଲ ଇଞ୍ଜିନ ସରକାର ବିରୋଧରେ ନାରାବାଜି କରିବା ସହ ରାଜ୍ୟରେ ଜାତିଭିତ୍ତିକ ଜନଗଣନା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ପଛୁଆ ବର୍ଗଙ୍କୁ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଦେବାକୁ ଦାବି ରଖିଥିଲେ। ବାବା ସାହେବ ଆମ୍ବେଦକରଙ୍କ ଫଟୋ ରଖି ବିଜେଡି ବିଧାୟକମାନେ ନାରାବାଜି କରୁଥିବା ବେଳେ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅରୁଣ ସାହୁ ଏହାର ନେତୃତ୍ୱ ନେଇଥିଲେ। ଜଣେ ପରେ ଜଣେ ବିଧାୟକ ସଂରକ୍ଷଣ ଏବଂ ଜାତି ଜନଗଣନା ନେଇ ଦାବି କରୁଥିବା ବେଳେ ଉଭୟ ରଣେନ୍ଦ୍ର ଏବଂ ଅରୁଣ ସେମାନଙ୍କୁ ଉତ୍ସାହିତ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ପରେ ୧୧ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉପ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ସର୍ବଦଳୀୟ ବୈଠକରେ କୌଣସି ନିଷ୍କର୍ଷର୍ ବାହାରି ପାରି ନଥିଲା । ୧୨ଟା ୪୬ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ନିଜ ଆସନରେ ଛିଡା ହୋଇ କଂଗ୍ରେସ ସଦସ୍ୟଙ୍କ ପ୍ଲାକାର୍ଡ ପ୍ରଦର୍ଶନ ଏବଂ ଗୃହ ମଧ୍ୟରେ ଘଣ୍ଟା ବଜାଇବାକୁ ଅଶୋଭନୀୟ କହିବା ସହ ନିଜ ନିଜ ଆସନକୁ ଫେରିଯିବାକୁ ନିବେଦନ କରିଥିଲେ। ମାତ୍ର କଂଗ୍ରେସ ସଦସ୍ୟ ନିଜ ପ୍ରତିବାଦ ଜାରି ରଖିବାରୁ ବାଚସ୍ପତି ଗୃହକୁ ୧୨ଟା ୫୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ।

### ବର୍ଷକରେ ୩୦୫୪...

ମୋଟ ପଞ୍ଜୀକୃତ ହୋଇଥିବା ବେଳେ ୨୦୨୪ରେ ଏହା ୨୫୦୧କୁ ବୃଦ୍ଧି ପାଇଛି। ଏହି ମାମଲାରେ ସଂପୃକ୍ତି ଅଭିଯୋଗରେ ମୋଟ ୫୮୧ଜଣଙ୍କୁ ଗିରଫ ହୋଇଛନ୍ତି ଓ ସେମାନେ ୧୫୪ କୋଟି ୪୫ ଲକ୍ଷ ୮୭ ହଜାର ଠକେଇରେ ଜଡ଼ିତ ଅଛନ୍ତି। ୨୦୨୩ ତୁଳନାରେ ୨୦୨୪ରେ ମଧ୍ୟ ଆର୍ଥିକ ଠକେଇ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୩ରେ ରାଜ୍ୟରେ ୧୩୬୨ଟି ଆର୍ଥିକ ଠକେଇ ମାମଲା ସାମ୍ନାକୁ ଆସିଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ୧୫୫୩କୁ ବୃଦ୍ଧି ପାଇଛି।

ଅପରପକ୍ଷେ ୨୦୨୪ରେ ୪୩ ହଜାର ୭୪୦ଟି ଏନସିଆରପି ଅଭିଯୋଗ ହୋଇଥିବା ବେଳେ ୧୯୩୦ ହେଲ୍ପଲାଇନ ମାଧ୍ୟମରେ ମୋଟ ୩୮୧୩୫ ଜଣ ଅଭିଯୋଗ କରିଛନ୍ତି। ୨୦୨୪ରେ ପୁଲିସ ପକ୍ଷରୁ ରାଜ୍ୟରେ ୧୪ ଥର ଗୁଳିଚାଳନା କରାଯାଇଥିବା ବେଳେ ମୋଟ ୨୦୦ଟି ଯୌତୁକ ଜନିତ ହତ୍ୟା ମମାଲା ରୁଜୁ କରାଯାଇଛି। ଏଥିମଧ୍ୟରୁ ମାତ୍ର ୬୯ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ପୁନଶ୍ଚ ୨୦୨୪ରେ ରାଜ୍ୟରେ ୨୧୬୦ଟି ମାଦକ ଦ୍ରବ୍ୟ ନିରୋଧୀ ଆଇନ ଅଧିନରେ ମାମଲା ପଞ୍ଜୀକୃତ ହୋଇ ୨୨୭୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧୪୫୨ କ୍ୱିଣ୍ଟାଲ ୭୬ କିଗ୍ରା ୯୧୦ ଗ୍ରାମ ଗଞ୍ଜେଇ, ୧୦ କିଗ୍ରା ୦୦୨ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି।

### ଅଧକେଜି ସୁନା...

ବାନ୍ଧି ପକାଇଥିଲେ। ପରେ ବିଜୟ ଝିଅ ବିବାହ ପାଇଁ ଜମି ବିକ୍ରି କରି ଘରେ ରଖିଥିବା ୩୦ ଲକ୍ଷ ଟଙ୍କା ଓ ୨୦ଭରି ସୁନା ଓ ତାଙ୍କ ପତ୍ନୀଙ୍କ ସୁନା ଗହଣା ଲୁଟି ନେଇଥିଲେ। ଲୁଟ୍ ଅଳଙ୍କାରର ଓଜନ ୫ଶହ ଗ୍ରାମରୁ ଊର୍ଦ୍ଧ୍ୱ ହେବ।

ବିଜୟଙ୍କ କହିବାନୁଯାୟୀ, ଜଣେ ବ୍ୟକ୍ତି ୪ଦିନ ହେବ ତାଙ୍କ ଘରକୁ ଯିବା ଆସିବା କରୁଥିବା ବେଳେ ସେ ଜମି ବିକି ଟଙ୍କା ରଖିବା ଘଟଣା ମଧ୍ୟ ଜାଣିଥିଲା। ଘଟଣା ଦିନ ସଂପୃକ୍ତ ବ୍ୟକ୍ତିଜଣକ ତାଙ୍କ ମୋବାଇଲକୁ ବାରମ୍ବାର ଫୋନ୍ କରିଥିବାରୁ ଏହି ଡକାୟତି ଘଟଣାରେ ତା'ର ସିଧାସଳଖ ସଂପୃକ୍ତି ଥିବା ସେ ସନ୍ଦେହ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ଗ୍ରାମାଞ୍ଚଳ ଏସ୍‌ପି ସାଲେପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏକ ଅନ୍ତଃଜିଲ୍ଲା ଚୋର ଦଳକୁ ଠାବ କରିଥିବାରୁ ଏହି ଅଞ୍ଚଳରେ ଚୋରି ଘଟଣା ହ୍ରାସ ପାଇବ ବୋଲି ଲୋକମାନେ ଯାହା ଚିନ୍ତା କରିଥିଲେ, ଗତକାଲିର ଲୁଟ୍ ଘଟଣାରୁ ତାହା ଭୁଲ୍ ପ୍ରମାଣିତ ହୋଇଛି। ଏବେ ସମାନ ଢଙ୍ଗରେ ଡକାୟତମାନେ ଘରର କବାଟ ଓ ଛାତଘର କବାଟ ଭାଙ୍ଗି ଘର ମଧ୍ୟରେ ପଶି ଲୁଟ୍‌ତରାଜ ଚଳାଇ, ପୁଲିସ୍‌ର ମୁଣ୍ଡବିନ୍ଧାର କାରଣ ପାଲଟିଛି।

### ବିଜେପି ନେତ୍ରୀଙ୍କୁ...

ମଧ୍ୟରେ କଥାବାର୍ତ୍ତା ବନ୍ଦ ହୋଇଥିଲା। ଏହା ପରେ ଚଳଚ୍ଚିତ୍ର ଲାଗି ଏନ୍‌ଓସି ମିଳିଥିବା ଓ ଏହାର ସୁଟିଂ ଖୁବଶୀଘ୍ର ଆରମ୍ଭ ହେବା ନେଇ ସେ ଯୁବତୀଙ୍କୁ ସୂଚନା ଦେଇଥିଲେ। ଏହି ସୂଚନା ପାଇବା ପରେ ଉଭୟଙ୍କ ମଧ୍ୟରେ ପୁଣି କଥାବାର୍ତ୍ତା ଆରମ୍ଭ ହୋଇଥିଲା।

୨୦୨୪ ଜୁନ୍ ୧୦ ତାରିଖରେ ଶିବ ବାଲିଗୁଡ଼ାରୁ ଯୁବତୀଙ୍କୁ ନେଇ ବ୍ରହ୍ମପୁର ଆସିଥିଲେ। ବ୍ରହ୍ମପୁରର ନିମଖଣ୍ଡି ଥାନା ଅନ୍ତର୍ଗତ ଶକ୍ତି ନଗରରେ ଏକ ଘରଭଡ଼ା ନେଇ ରହିଥିଲେ। ଏଠାରେ ଘର ମାଲିକଙ୍କୁ ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ରହିଥିଲେ। ଏହି ସମୟରେ ସେ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ବାରମ୍ବାର ଦୁଷ୍କର୍ମ ଯୋଗୁଁ ଯୁବତୀଜଣଙ୍କ ଅସୁସ୍ଥ ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସା କରାଇଥିଲେ। ତେବେ, ପରେ ଯୁବତୀଜଣଙ୍କ ଶିବଙ୍କୁ ବିବାହ କରିବାକୁ କହିବାରୁ ସେ ଆଉ ଶୁଣିନଥିଲେ। ଏପରିକି, ଯୁବତୀଜଣଙ୍କ ଶିବଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଜଣାଇଥିଲେ ମଧ୍ୟ ତାଙ୍କ ପରିବାରଲୋକ ରାଜି ହୋଇନଥିଲେ। ତେଣୁ, ଅନ୍ୟ ଉପାୟ ନ ପାଇ ଶେଷରେ ଯୁବତୀଜଣଙ୍କ ଆଇନର ଆଶ୍ରୟ ନେଇନ୍ତି।

**ମହିଳାଙ୍କ ସହ ସୁନାହାତୀ ଓ ଗଦାଗଦା ଟଙ୍କା ଭିଡିଓ ଭାଇରାଲ ଘଟଣା**

## ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

**ପୁରୀ, ୨୫।୩ (ସମିସ):** ଚନ୍ଦନପୁର ଥାନା ପୁଲିସ ଏକ ଠକେଇ ମାମଲାରେ ସୋମବାର ତାଳବଣିଆ ଥାନା ବାଲିଘାଟ ଶ୍ରୀରାମନଗରରେ ରହୁଥିବା ସତ୍ୟବାଦୀ ଥାନା ଅନ୍ତର୍ଗତ ପରାହାଟ ଗ୍ରାମର ତିଲୋତ୍ତମା ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତିଲୋତ୍ତମାଙ୍କ ଗିରଫ ପରେ ପୁଳାପୁଳା ସୁନା ଏବଂ ଗଦା ଗଦା ଟଙ୍କା ସହ ତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏସବୁ ଟଙ୍କା ଏବଂ ସୁନା ତିଲୋତ୍ତମାଙ୍କୁ ଗିରଫ ବେଳେ ପୁଲିସ ତାଙ୍କ ଘରୁ ଜବତ କରିଥିଲା ବୋଲି ପ୍ରଚାର ହୋଇଥିଲା। ହେଲେ ଏହାକୁ ପୁଲିସ ଅସ୍ୱୀକାର କରିଥିବା ବେଳେ ମଙ୍ଗଳବାର ଏ ସମ୍ପର୍କରେ ପ୍ରତିକ୍ରିୟା ରଖିଛନ୍ତି ଏସ୍‌ପି ବିନୀତ୍ ଅଗ୍ରୱାଲ। ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଶ୍ରୀ ଅଗ୍ରୱାଲ କହିଛନ୍ତି, ଚନ୍ଦନପୁର ଥାନା ପୁଲିସ ଦ୍ୱାରା ଠକେଇ ଅଭିଯୋଗରେ ସୋମବାର ଗିରଫ ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଅଚଳ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ତେବେ, ଭାଇରାଲ ହୋଇଥିବା ସୁନା ଓ ଟଙ୍କା ସହ ମହିଳାଙ୍କ କିଭଳି ସମ୍ପୃକ୍ତି ରହିଛି, ତାହାର ମଧ୍ୟ ତଦନ୍ତ କରାଯିବ। ଠକେଇର ଶିକାର ହୋଇଥିବା ଲୋକେ କିଭଳି ଟଙ୍କା ଫେରି ପାଇବେ, ସେନେଇ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତା ମହିଳା ଅପରାହ୍ଣରେ ଗିରଫ ହୋଇ ରାତିରେ ଜାମିନ ପାଇଥିବା ଜଣାପଡ଼ିଛି।

**ସୁନା, ଟଙ୍କା ସହ ମହିଳାଙ୍କ ଫଟୋର ହେବ ତଦନ୍ତ**

ସୂଚନାନୁଯାୟୀ, କମ୍ ଦିନରେ ଅଧିକ ସୁଧ ପାଇବାର ଲୋଭ ଦେଖାଇ ତିଲୋତ୍ତମା ୧୦୦୦ ଲୋକଙ୍କଠାରୁ ପାଖାପାଖି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଚନ୍ଦନପୁର ପୁଲିସ୍ ଏକ ମାମଲା ରୁଜୁ କରି ଗତକାଲି ତାଙ୍କୁ ଗିରଫ କରିଥିଲା।


**NOTICE**

By virtue of an affidavit sworn before EXECUTIVE MAGISTRATE, BADASAHI MAYURBHANJ, dated 25-3-2025, I, LAKHMI MARNDI, W/O-SUKUL MARNDI of At-Chakradharpur, Po-Kuradiha, Ps-Badasahi, Dist-Mayurbhanj, State – Odisha, Pin-757017 declare that I have changed my son's name from DAKTAR MARNDI to BISWANATH MARNDI. Henceforth, he shall be known as BISWANATH MARNDI for all purposes.

Sd/- LAKHMI MARNDI

**OFFICE OF THE NOTIFIED AREA COUNCIL: KESINGA.**

No. 747 / NAC (K) dt. 24.03.2025

1st Corrigendum Notice to the Short Quotation Call Notice No. 653 dt. 12.03.2025

The following changes are hereby made.

1. Sale of quotation schedule — 27.03.2025 up to 5.00 P.M.
2. Receive of quotation schedule — 29.03.2025 up to 3.00 P.M.
3. Opening of quotation schedule — 29.03.2025 up to 4.00 P.M.

All other terms and condition remain unaltered.

Executive Office
N.A.C., Kesinga

OIPR-13109/11/0028/2425 C-1992

**ବିଜ୍ଞାପିତ ଅଞ୍ଚଳ ପରିଷଦପାଟଣାଗଡ ,** C-1978

Ph. No.- 06658-222247 e-mail:- nac_ptg@yahoo.co.in
web-site- www.nacpatnagarh.in

**E-Procurement Notice**

Tender Call Notice No- 632_21_03_2025_NACPTG
Bid identification No- 2025_ORULB_111845_1

1. Name of the Work : Construction of C.C. Drain near Luharpali Chowk Dhumabhata Road to Belal Singh Dansena house & near Gouranga Kharsel house to Minaketan Meher house in ward No.10 & 11 under N.A.C. Patnagarh.
2. No of works put to tender : 1 Nos. individual works
3. Estimated cost : As per DTCN
4. Period of completion : 6 Month.
5. Date and time of availability : from 10.00 hours of Dt. 24/03/2025 to 17.00 hour of Dt. 15/04/2025. of bid document in the portal
6. Last date/Time for receipt of bids : 17.00 hours of Dt. 15/04/2025
7. Date and time of opening of bid : 11.00 hours of Dt. 16/04/2025
8. Name and address of the Officer Inviting Bid : Executive Officer, NAC, Patnagarh, Patnagarh

Further details can be seen from the e-procurement portal https://tenderorissa.gov.in

Executive Officer
NAC, Patnagarh

OIPR-13102/11/0024/2425

**AFFIDAVIT**

I, **Sumanjit Pradhan,** S/o.: Bijay Kumar Pradhan, resident of At: Giringo, PO./P.S.: Balipatna, Dist.: Khorda, PIN-752102, Odisha, declare by this affidavit No.: 16, dated-24/03/2025, that now onwards I shall be known as **SUMANJEET PRADHAN** for all future purposes.

**AFFIDAVIT**

By Virtue of an affidavit C.F.No.-89, Dated 24.03.2025 before the Executive Magistrate, Bhubaneswar, I, Sujata Dixit have changed my name from Sujata Nayak to Sujata Dixit. Henceforth I Shall be Known as Sujata Dixit for all purposes.

Sd/- Sujata Dixit

**AFFIDAVIT**

By virtue of an affidavit No. 71, dated 24.03.2025 before the Executive Magistrate, Bijepur, Dist.- Bargarh, I, Jaganath Kumbhar have changed my minor daughter's name from Nena Kumbhar to Naina Kumbhar. Henceforth she will be known as Naina Kumbhar for all purposes.

Sd/- Jaganath Kumbhar

**AFFIDAVIT**

By Virtue of an Affidavit before the Executive Magistrate. Affidavit No- 4179,dated 11-11-2024 . I Jhunarani Biswal, W/o. Muktikanta Behera , Resident of Village Itua, Po-Nuagan Ichhapur , Ps- Chandabali , Dist-Bhadrak , Pin- 756132 , Declare that ,I have Changed my Son's Name From Budhaditya Behera to Omm Prasad Behera . Henceforth My Son shall be Known as OMM PRASAD BEHERA For all future Purposes

**AFFIDAVIT**

By virtue of an affidavit sworn before Executive Magistrate, Sukinda, dated 21.03.2025. I, Basudeb Puhan, S/o-Swapneswar Puhan, At Jamuposi, Ampolaba, Sukinda, Jajpur declare that I have changed my name from Basudev Puhan to Basudeb Puhan. Henceforth, I shall be known as Basudeb Puhan for all purposes.

Sd/- Basudeb Puhan

**AFFIDAVIT**

I, Madan Mohan Mohapatra, S/o- Late Narayan Chandra Behera, Resident of At- Jagulaigadia, PO- Barundai, P.S.-Korai, Dist- Jajpur, Pin-755025, Odisha declare by this Affidavit No.999, Dated 21.03.2025, that now onwards I shall be known as **MADAN MOHAN BEHERA** for all future purposes.

**AFFIDAVIT**

I, Pratyusha Ranjan Dash, S/o- Shiba Prasad Dash, resident of At-Deuli, Po- Kamalpur, Ps-Biramaharajpur, Dist-Subarnapur, Pin Code-767018, Odisha declare by this affidavit No- 691, dated- 25/03/2025 that now onwards I shall be known as **PRATYUSH RANJAN DASH** for all future purposes.

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 20/03/2025. **I, Rabindra Nath Padhy, S/o- Bijaya Chandra Padhy,** resident of Flat No. 801, Block-D, Dian River Front Naranapur, Cuttack, Near KMBB College, PO-Belagachhia, Dist- Cuttack, Pin-754005, Odisha have corrected my father's name from **Bijoya Chandra Padhy** To **Bijaya Chandra Padhy** in my passport bearing No. M6675184. That, I do hereby declare that henceforth my father's name shall be written as **Bijaya Chandra Padhy** for all purposes.

**AFFIDAVIT**

By an affidavit sworn before Executive Magistrate, Nayagarh I, **Roji Jayasingh,** R/o Rameswarasahi, PO/PS/Dist.-Nayagarh declare that I Have changed my name from **Roji Biswal, D/o-Sitaram Biswal to Roji Jayasingh, D/o-Duryodhan Jayasingh.** Henceforth, I shall be known as **Roji Jayasingh, D/o-Duryodhan Jayasingh** for all purposes.



ଜନସାଧାରଣ ଦେଶର ବ୍ୟାଙ୍କିଙ୍ଗ ଓ ଆର୍ଥିକ ବ୍ୟବସ୍ଥା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ ହାସଲ କରିଦେଲେ, ଆସନ୍ତା କାଲିର ସୂର୍ଯ୍ୟୋଦୟ ପୂର୍ବରୁ ହିଁ ବୈପ୍ଳବିକ ପରିବର୍ତ୍ତନ ଆସିଯିବ ।
-ହେନେରି ଫୋର୍ଡ

ସକାଳ
THE SAKALA

# ଆସ୍ଥାର ଦୋଳନ

ସ୍ୱାଧୀନତାର ୭୮ ବର୍ଷର ଦୀର୍ଘଯାତ୍ରାରେ ଭାରତ ଆଜି ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ବଜାୟ ରଖିବା ପଛରେ ରହିଛି ଏହାର ସାମ୍ବିଧାନିକ ଲକ୍ଷ୍ମଣରେଖା ଓ ଗଣତାନ୍ତ୍ରିକ ସ୍ତମ୍ଭ ପ୍ରତି ପାରିସ୍ପରିକ ସମ୍ମାନବୋଧ । ଏହି କାରଣରୁ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ବିଶେଷକରି ଲକ୍ଷ୍ମଣରେଖା, ଆତ୍ମମର୍ଯ୍ୟାଦା, ଦାୟିତ୍ୱବୋଧ ଓ ନିରପେକ୍ଷତା ଯୋଗୁଁ ଭାରତୀୟ ନ୍ୟାୟପାଳିକା ପ୍ରତି ୧୪୫ କୋଟି ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସ ଅତୁଟ ରହିଛି । ଶାସନ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରରୁ ସମାଜର ସର୍ବନିମ୍ନ ବର୍ଗ ପର୍ଯ୍ୟନ୍ତ ଧନୀ-ଗରିବ, ପ୍ରତିପତ୍ତି-ଅବହେଳିତ, ଜାତି-ସମ୍ପ୍ରଦାୟ ନିର୍ବିଶେଷରେ ନ୍ୟାୟପାଳିକା 'ନ୍ୟାୟମନ୍ଦିର' ଏବଂ ବିଚାରପତିମାନେ 'ନ୍ୟାୟମୂର୍ତ୍ତି' ରୂପେ ଆତ୍ମସ୍ଥ ହୋଇସାରିଛନ୍ତି । ଭାରତୀୟଙ୍କ ମନରେ ନ୍ୟାୟାଳୟ ପ୍ରତି ଥିବା ଏହି ପବିତ୍ର ଓ ଶାଶ୍ୱତ ଭାବନା ବିଚାରପତିମାନଙ୍କୁ ସମାଜ ଓ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ସ୍ଥାନ, ସମ୍ମାନ, ଅଧିକାର ଓ ମର୍ଯ୍ୟାଦା ଦେଇଛି ଏବଂ ସାଧାରଣ ଜନଜୀବନରୁ ଉଚ୍ଚତର ଓ ସ୍ୱତନ୍ତ୍ର ସୋପାନରେ ଅଧିଷ୍ଠିତ କରିଛି । କିନ୍ତୁ ବେଳେ ବେଳେ ନ୍ୟାୟମନ୍ଦିରମାନଙ୍କରେ ଏଭଳି କିଛି ଅବାଞ୍ଛିତ ଘଟଣାମାନ ଘଟୁଛି, ଯାହା କୋଟି କୋଟି ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସରେ ଦୋଳନ ସୃଷ୍ଟି କରୁଛି; ନିରପେକ୍ଷତା ନେଇ ପ୍ରଶ୍ନବାଚୀଟିଏ ଆଙ୍କି ହୋଇଯାଉଛି ଏବଂ ବିଶ୍ୱାସ-ଅବିଶ୍ୱାସର ଦ୍ୱନ୍ଦ୍ୱଟିଏ ଜନ୍ମନେଉଛି । ସେହିଭଳି ଏକ ଘଟଣା ସମ୍ପ୍ରତି ଜାତୀୟସ୍ତରରେ ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ପାଲିଟିଛି ।

ଆସ୍ଥା ଓ ବିଶ୍ୱାସର ମନ୍ଦିରରେ ଏଭଳି ଅବାଞ୍ଛିତ ବାତାବରଣ ବିଷୟରେ ଆଲୋଚନା କରିବା ପୂର୍ବରୁ ଘଟଣା ସମ୍ପର୍କରେ ଚୁମ୍ବକରେ ଅବତାରଣା କରିବା ଉଚିତ ହେବ । ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ବିଚାରପତି ଯଶବନ୍ତ ବର୍ମାଙ୍କ ସରକାରୀ ବାସଭବନକୁ ଘେରି ରହିଥିବା ପ୍ରାଚୀର ଭିତରେ ଥିବା ଏକ ଆଉଟହାଉସ୍ ବା ଷ୍ଟୋରରୁମ୍‌ରେ ମାର୍ଚ୍ଚ ୧୪ ରାତି ୧୧.୩୦ରେ ଅଗ୍ନିକାଣ୍ଡ ଘଟେ । ସେତେବେଳେ ବିଚାରପତି ବର୍ମା ଦିଲ୍ଲୀରେ ଅନୁପସ୍ଥିତ ଥିବା ବେଳେ ତାଙ୍କ ଝିଅ ଦିଲ୍ଲୀ ପୁଲିସ୍‌କୁ ଅଗ୍ନିକାଣ୍ଡ ସମ୍ପର୍କରେ ବିଚାରପତି ବର୍ମାଙ୍କ ବ୍ୟକ୍ତିଗତ ସଚିବଙ୍କ ଜରିଆରେ ସୂଚନା ଦିଅନ୍ତି । ଏହି ସାଧାରଣ ଘଟଣା ଅସାଧାରଣ ହୋଇ ନଥା'ନ୍ତା ଯଦି ଗଣମାଧ୍ୟମରେ ସେ ସମ୍ପର୍କିତ ଭିଡିଓ ଚିତ୍ର ତଥ୍ୟସମ୍ବଳିତ ଏକ ଖବର ପ୍ରକାଶ ପାଇ ନଥା'ନ୍ତା, ଯେଉଁଥିରେ ବିଚାରପତି ବର୍ମାଙ୍କ ସେହି ଆଉଟ୍‌ହାଉସ୍‌ରୁ ପ୍ରାୟ ୧୫ କୋଟି ଟଙ୍କାର ନୋଟ୍ ବିଡ଼ା ଉଦ୍ଧାର ହୋଇଥିବା କଥା ଉଲ୍ଲେଖ ହୋଇ ନଥା'ନ୍ତା । ସେହିଭଳି ନ୍ୟାୟମନ୍ଦିର ପ୍ରତି ଥିବା ଆସ୍ଥା ଓ ବିଶ୍ୱାସ ଉପରେ ପ୍ରଶ୍ନଚିହ୍ନଟିଏ ଲାଗି ନ ଥା'ନ୍ତା ଯଦି ଏହି ଘଟଣା ସମ୍ପର୍କିତ ତଥ୍ୟ ପ୍ରଘଟ ହେବାରେ ଦୃଷ୍ଟିକଟୁ ବିଳମ୍ବ ହୋଇ ନଥା'ନ୍ତା । ଯେହେତୁ ଏହି ଘଟଣା ଭାରତବର୍ଷର ସାମଗ୍ରିକ ଭାବେ ନ୍ୟାୟ ବ୍ୟବସ୍ଥା ସହିତ ଜଡ଼ିତ, ସେଥିପାଇଁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟ ବିଚାରବନ୍ତ, ଯତ୍ନ ଓ ସତର୍କତାର ସହିତ ନ୍ୟାୟିକ, ବିଧିବଦ୍ଧ ଓ ପ୍ରକ୍ରିୟା ଅନୁମୋଦିତ ପଦକ୍ଷେପମାନ ଯେ ନେଇଥିବେ - ଏହାକୁ ନିଶ୍ଚୟ ଅସ୍ୱୀକାର କରାଯାଇପାରିବ ନାହିଁ । ବିଚାରପତି ବର୍ମା ତାଙ୍କ ପକ୍ଷ ରଖି ଯେଉଁକେତେକ ଯୁକ୍ତି ଉପସ୍ଥାପନ କରିଛନ୍ତି ତାହାକୁ ମଧ୍ୟ ଆମ ନ୍ୟାୟବ୍ୟବସ୍ଥା ଯଥାର୍ଥ ସମ୍ମାନ ଦେଇ ଗ୍ରହଣ କରିଛି ଏବଂ ବିଚାରପତି ବର୍ମା ସ୍ୱଚ୍ଛ ନ୍ୟାୟିକ ତଦନ୍ତକୁ ସ୍ୱାଗତ କରିଛନ୍ତି ।

ଏବେ କିନ୍ତୁ ଯେଉଁ କେତେକ ପ୍ରଶ୍ନ ବିଭିନ୍ନ ମହଲକୁ ଆନ୍ଦୋଳିତ କରୁଛି ତାହା ହିଁ ଘଟଣାକୁ ସ୍ପର୍ଶକାତର କରିବାରେ ଇନ୍ଧନ ଯୋଗାଉଛି । ଯଦି ବିଚାରପତି ବର୍ମା ଉତ୍କୋଚ ବଦଳରେ ରାୟ ଦେଇଥିବା ତଦନ୍ତରୁ ପ୍ରମାଣିତ ହୁଏ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ହେବ; କିନ୍ତୁ ତାଙ୍କ ଲେଖନୀମୁନରୁ ବାହାରି ଥିବା ରାୟ ନିରପେକ୍ଷ ବୋଲି ଧରାଯିବ କେମିତି? ସବୁଜାଣିବା ଓ ଦୁର୍ନୀତି ପ୍ରମାଣିତ ହେବା ପରେ ମଧ୍ୟ ପ୍ରଭାବିତ ବାଦୀ-ପ୍ରତିବାଦୀମାନଙ୍କୁ ଉପେକ୍ଷିତ କରାଯିବ କି? କଲିକତା ଉଚ୍ଚ ନ୍ୟାୟାଳୟର ବିଚାରପତି ସୌମିତ୍ର ସେନ୍, ସିକ୍କିମ୍ ଉଚ୍ଚ ନ୍ୟାୟାଳୟର ବିଚାରପତି ପି ଡି ଦିନାକରନ୍‌ଙ୍କ ବିରୋଧରେ ଆଗତ ଦୁର୍ନୀତି ଅଭିଯୋଗ ଏବଂ ସେମାନେ ସେଥିଯୋଗୁଁ ଇସ୍ତଫା ଦେବା ଆଦି ଘଟଣା ଆଧାରରେ ଏହି ପ୍ରଶ୍ନଗୁଡ଼ିକୁ ହଠାତ୍ ଅପ୍ରାସଙ୍ଗିକ ବୋଲି କହିହେଉନାହିଁ । ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ବାର ଆସୋସିଏସନ୍ ପକ୍ଷରୁ ବିଚାରପତି ବର୍ମାଙ୍କ ବଦଳିକୁ ବିରୋଧ କରି ଧର୍ମଘଟ ଡାକରା ଦିଆଯିବା ପରେ ଘଟଣା ଅଧିକ ବିବାଦୀୟ ଓ ବିତର୍କିତ ହୋଇପଡ଼ିଛି । ଘଟଣାର ପୁଙ୍ଖାନୁପୁଙ୍ଖ ନିରପେକ୍ଷ ତଦନ୍ତ କରିବାରେ ବିଳମ୍ବ କେଉଁଠି ରହିଲା ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ବିଚାର, ନ୍ୟାୟ ଓ ରାୟକୁ ପକ୍ଷପାତୀ କରିବା ପାଇଁ ବିଚାରପତି ବର୍ମା ଉତ୍କୋଚ ନେଇଥାଇପାରନ୍ତି ବୋଲି ଯେଉଁ ଗୁରୁତର ଅଭିଯୋଗ ଉଠିଛି ତାହାର ନିରପେକ୍ଷ ତଦନ୍ତ ପାଇଁ ଇତିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ତିନିଜଣିଆ ଆନ୍ତଃକମିଟି ଗଠନ କରିଛନ୍ତି । ବିଚାରପତି ବର୍ମାଙ୍କୁ ନ୍ୟାୟିକ ପ୍ରକ୍ରିୟା ବା କର୍ତ୍ତବ୍ୟ ସମ୍ପାଦନରୁ ସାମୟିକ ଅବ୍ୟାହତି ଦିଆଯାଇଛି । ଭାରତୀୟ ନ୍ୟାୟବ୍ୟବସ୍ଥାର ମୌଳିକତା ଅକ୍ଷୁର୍ଣ୍ଣ ରହିଛି ଏବଂ ଭାବମୂର୍ତ୍ତି ନିଷ୍କଳଙ୍କ ଅଛି ତାହାର ପ୍ରମାଣ ସ୍ୱରୂପ ସର୍ବୋଚ୍ଚ ନ୍ୟାୟାଳୟ ଏ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ, ଅନ୍ତରୀଣ ଆଦେଶ, କାର୍ଯ୍ୟାନୁଷ୍ଠାନ ଓ ସମ୍ପୃକ୍ତ ପ୍ରଘଟ ଭିଡିଓକୁ ସାର୍ବଜନୀନ କରିଛନ୍ତି ।

ଘଟଣା ସହିତ ସମ୍ପୃକ୍ତ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କମିଟି ରିପୋର୍ଟ ପରେ ସ୍ପଷ୍ଟ ହେବ । ତେଣୁ ତା' ପୂର୍ବରୁ ଆମେ କହିରଖୁଛୁ ଯେ ଗଣମାଧ୍ୟମର ମର୍ଯ୍ୟାଦା ଓ ଲକ୍ଷ୍ମଣରେଖା ସମ୍ପର୍କରେ ଆମେ ସଚେତନ ଓ ଅବଗତ ଅଛୁ ଏବଂ ନ୍ୟାୟାଳୟ କିମ୍ବା ତଦନ୍ତ ପ୍ରକ୍ରିୟାକୁ ନେଇ କୌଣସି ଟିପ୍ପଣୀ ଦେବାର କିମ୍ବା ନିଷ୍କର୍ଷରେ ପହଞ୍ଚିବାର ଧୃଷ୍ଟତା କରୁନାହୁଁ । କେବଳ ଜନମାନସର ସଂଶୟ ଓ ଆସ୍ଥାର ଦୋଳନକୁ ସୂଚିତ କରିବାର ପ୍ରଚେଷ୍ଟା କରୁଛୁ । ଏକ ଦାୟିତ୍ୱସମ୍ପନ୍ନ ଗଣମାଧ୍ୟମ ସଂସ୍ଥା ଭାବରେ ଆମେ ବ୍ୟବସ୍ଥା ଓ ସମାଜ ଭିତରେ ଏକ ସେତୁ ଓ ଦର୍ପଣର ଭୂମିକା ନିର୍ବାହ କରୁଛୁ । ଏଠାରେ ଆମେ ଉଲ୍ଲେଖ କରିବା ଉଚିତ ମଣୁଛୁ ଯେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ହିସାବରେ ଆମର ପ୍ରତିଟି ସମ୍ବେଦନଶୀଳ ଘଟଣା ଉପରେ ବିଶ୍ୱର ଦୃଷ୍ଟି ନିରନ୍ତର ନିବଦ୍ଧ ରହିଛି । ଉପରୋକ୍ତ ଘଟଣା ସହିତ କେବଳ ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସ ନୁହେଁ, ବରଂ ଭାରତୀୟ ସମ୍ବିଧାନ ଏବଂ ଶାସନବ୍ୟବସ୍ଥାର ମର୍ଯ୍ୟାଦା ଓ ପ୍ରତିଷ୍ଠାର ପ୍ରଶ୍ନ ମଧ୍ୟ ଜଡ଼ିତ ରହିଛି । ଆମର ଏହି ବିଶ୍ୱାସ ମଧ୍ୟ ରହିଛି ଯେ ନିରପେକ୍ଷ ତଦନ୍ତ ଜରିଆରେ ଖୁବ୍‌ଶୀଘ୍ର ସତ୍ୟାସତ୍ୟ ସାର୍ବଜନୀନ ହେବ ଏବଂ ଏହି ଅଗ୍ନିପରୀକ୍ଷାରେ ବିଶ୍ୱ ଦରବାରରେ ଭାରତ ଓ ତା'ର ନ୍ୟାୟିକ ବ୍ୟବସ୍ଥା ଚିରଶାଶ୍ୱତ ବୋଲି ପୁଣି ଥରେ ପ୍ରମାଣିତ କରିବ ।

# ପ୍ରଶ୍ନଘେରରେ 'ବାଲ୍‌ବାଟିକା'ର ରୂପାୟନ

**ଶ୍ରୀବତ୍ସ ନାୟକ**

ଯେପରି ଆଜିର ଅଙ୍କୁର କାଲି ହୁଏ ବିଶାଳ ଦ୍ରୁମ, ସେହିପରି ଆଜିର ଅସହାୟ ଶିଶୁ ଆସନ୍ତାକାଲିର ନାଗରିକ । ଶିଶୁର ବିକାଶ, ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବନବ୍ୟାପୀ ଶିକ୍ଷା ନିମନ୍ତେ ଶୈଶବ ବର୍ଷ(ଜୀବନର ପ୍ରଥମ ୬ବର୍ଷ)ରେ ମଜଭୁତ ଭିତ୍ତିଭୂମି ନିର୍ମିତ ହୁଏ । ଜୀବନର ଅନ୍ୟ ପର୍ଯ୍ୟାୟଗୁଡ଼ିକ ଅପେକ୍ଷା ପ୍ରାରମ୍ଭିକ ଶୈଶବାସ୍ଥାରେ ବିକାଶର ହାର ତୁଳନାତ୍ମକ ଭାବେ ଦ୍ରୁତ ହୋଇଥିବାରୁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକ ବେଶ୍ ଗୁରୁତ୍ୱ ବହନ କରିଥାଏ । ଏହି ପର୍ଯ୍ୟାୟରେ ଶିଶୁକୁ ଯଦି ଏକ ଉତ୍ସାହଜନକ ଓ ମନୋସାମାଜିକ ପରିବେଶ ନ ମିଳେ ତେବେ ମସ୍ତିଷ୍କର ସମ୍ପୂର୍ଣ୍ଣ କ୍ଷମତା ବିକଶିତ ନ ହେବାର ଯଥେଷ୍ଟ ଆଶଙ୍କା ଥାଏ । ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ପିଲାମାନେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଉତ୍ତମ ମାନର ପ୍ରାରମ୍ଭିକ ଶିଶୁ ଯତ୍ନ ଏବଂ ଶିକ୍ଷା ସୁବିଧା ଯୋଗାଇ ଦେବା ପାଇଁ ପ୍ରଥମଥର ଲାଗି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ୨୦୨୦ରେ 'ବାଲବାଟିକା' କାର୍ଯ୍ୟକ୍ରମ ଲାଗୁ ହୋଇଛି । ଏହାଦ୍ୱାରା ଯେ କେବଳ ପିଲାମାନଙ୍କର ବିଦ୍ୟାଳୟ ପ୍ରଦର୍ଶନ ଭଲ ହେବ ତାହା ନୁହେଁ, ବରଂ ଜୀବନବ୍ୟାପୀ ଶିକ୍ଷା ଏବଂ ବିକାଶ ଉପରେ ମଧ୍ୟ ଅନୁକୂଳ ପ୍ରଭାବ ପଡ଼ିବ ।

ଆସନ୍ତା ଶିକ୍ଷା ବର୍ଷ ଆରମ୍ଭରୁ ଅର୍ଥାତ୍ ୨୦୨୫ ମସିହା ଏପ୍ରିଲ ମାସ ୨ ତାରିଖରୁ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ୪୫, ୦୦୦ ପ୍ରାଥମିକ ବିଦ୍ୟାଳୟରେ ଏକ ଅତିରିକ୍ତ ଶ୍ରେଣୀ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି, ଯାହାକୁ 'ଶିଶୁ ବାଟିକା' ବା 'ବାଲ୍ ବାଟିକା' ନାମରେ ନାମିତ କରାଯାଇଛି । ପ୍ରାକ୍ ବିଦ୍ୟାଳୟ ଶିକ୍ଷା ନିମନ୍ତେ ୩ ରୁ ୬ ବର୍ଷର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ । ଏଥିନିମନ୍ତେ ଆସନ୍ତା ମାସ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ 'ଖଡ଼ିଛୁଆଁ' ବା 'ପ୍ରବେଶ ଉତ୍ସବ' ଅଭିଯାନ ପାଳନ କରାଯିବ । 'ବାଲ୍ ବାଟିକା' ରେ ଯୋଗ ଦେଇଥିବା ପିଲାମାନଙ୍କର ଅଭିଭାବକମାନଙ୍କୁ ଏହି ଅଭିଯାନର ମହତ୍ତ୍ୱ ସମ୍ପର୍କରେ ସଚେତନତା ପାଇଁ ମାର୍ଚ୍ଚ ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମ ପାଳନ କରାଯିବ । ସ୍କୁଲ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରାଯିବା ସହ ଉଚିତ୍ ବୟସରେ ସେମାନଙ୍କର ନାମଲେଖା ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ।

ମସ୍ତିଷ୍କର ପାଖାପାଖି ୮୦ ପ୍ରତିଶତ ବିକାଶ ୬ ବର୍ଷ ପୂର୍ବରୁ ହୋଇଥାଏ । ତେଣୁ ପ୍ରାକ୍ ଶୈଶବାବସ୍ଥାରେ ମସ୍ତିଷ୍କର ସୁସ୍ଥ ବିକାଶ ପାଇଁ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମସ୍ତିଷ୍କର ଉପଯୁକ୍ତ ଯତ୍ନ ନେବା ନିହାତି ଜରୁରୀ । ୩ ରୁ ୬ ବର୍ଷର ଶିଶୁମାନେ ଏହି 'ବାଲ୍ ବାଟିକା' ଶ୍ରେଣୀରେ ସକ୍ରିୟ ଅଂଶଗ୍ରହଣ କଲେ ସେମାନଙ୍କର ପ୍ରାକ୍ ବିଦ୍ୟାଳୟ ଭିତ୍ତିଭୂମି ସ୍ଥାପନ ହୋଇପାରିବ । ଏହି ଅଭିଯାନ ମାଧ୍ୟମରେ ଶିଶୁମାନଙ୍କୁ ମାଗଣା, ସୁରକ୍ଷିତ, ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶିକ୍ଷାଦାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଛି । 'ବାଲ୍ ବାଟିକା' ଶ୍ରେଣୀରେ ଶିଶୁମାନଙ୍କୁ ଜ୍ଞାନଗତ ଦକ୍ଷତା, ଶାରୀରିକ ଦକ୍ଷତା, କୌଶଳ ବିକାଶ, ଜ୍ଞାନାତ୍ମକ ବିକାଶ, ଭାଷା, ସୃଜନଶୀଳତା, ସୌନ୍ଦର୍ଯ୍ୟବୋଧ, ସାମାଜିକ ଓ ଭାବନାତ୍ମକ ଦକ୍ଷତା ବିକାଶ ନିମନ୍ତେ ଶିକ୍ଷାଦାନ କରିବା ସହ ଶିଶୁର ଆଜୀବନ ଶିକ୍ଷଣ ପ୍ରବୃତ୍ତିକୁ ଆଗେଇ ନେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମସ୍ତିଷ୍କ ବିକାଶ ନିମନ୍ତେ କ୍ରୀଡ଼ା ମାଧ୍ୟମରେ ଶିକ୍ଷା ଦାନ କରିବା, ସଂଖ୍ୟା ଓ ପ୍ରତୀକ ସହ ଅକ୍ଷର ଚିହ୍ନିବା, ଶିଶୁର ଶିକ୍ଷଣ ଅଭିଜ୍ଞତାରେ ପିତାମାତାଙ୍କ ସକ୍ରିୟ ଅଂଶଗ୍ରହଣ କରି ବିଦ୍ୟାଳୟରେ ଶ୍ରେଣୀ ୧ ରେ ନାମଲେଖା ନିମନ୍ତେ ଶିଶୁକୁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ ।

ନୂତନ ଶିକ୍ଷାନୀତିରେ 'ବାଲବାଟିକା' ଅଭିଯାନ ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ବାସ୍ତବତା ଦୃଷ୍ଟିରୁ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଅଧୁନା ସମସ୍ୟା ଘେରରେ ରହିଛି ରାଜ୍ୟ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ବର୍ତ୍ତମାନ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଶିକ୍ଷକ ନାହାନ୍ତି । ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକ ଅଛନ୍ତି । ଏକାଧିକ ବିଦ୍ୟାଳୟରେ ଗୋଟିଏ ଘରେ ୧ ରୁ ୫ ଶ୍ରେଣୀ ଶିକ୍ଷାଦାନ ଚାଲିଛି । ୨୧, ୧୭୯ଟି ପ୍ରାଥମିକ ବିଦ୍ୟାଳୟ ଭଡ଼ା ଘରେ ଚାଲିଛି । ଅଧିକାଂଶ ବିଦ୍ୟାଳୟର ଆବଶ୍ୟକ ଶିକ୍ଷକ ନାହାନ୍ତି । ଯେଉଁଠି ଶିକ୍ଷକ ଅଛନ୍ତି ସେଠି ପିଲାଙ୍କ ପାଇଁ ବସିବାକୁ ଘର ନାହିଁ । ବହୁ ମେଧାବୀ ଶିକ୍ଷକତା ବୃତ୍ତିକୁ ନାପସନ୍ଦ କରୁଛନ୍ତି ।

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା; କିନ୍ତୁ ଆବଶ୍ୟକୀୟ ଶିକ୍ଷକ ପଦ ସୃଷ୍ଟି ହୋଇପାରିଲା ନାହିଁ । ଅତୀତରେ ବିଦ୍ୟାଳୟରେ କୋଠା ନ ଥିଲା କି କୌଣସି ରଙ୍ଗ ନଥିଲା । କିନ୍ତୁ ମେଧାବୀ ସୃଷ୍ଟି ହେଉଥିଲେ । ଏହିଭଳି ଅବସ୍ଥା ଯୋଗୁଁ ସରକାରୀ ବିଦ୍ୟାଳୟ ପ୍ରତି ଅଧିକାଂଶ ଅଭିଭାବକ ମୁହଁ ଫେରାଇ ନେଉଛନ୍ତି । ଘରୋଇ ବିଦ୍ୟାଳୟରେ ଚାହିଦା ବଢ଼ିଛି । ସରକାରୀ ଓ ବେସରକାରୀ ବିଦ୍ୟାଳୟ ମଧ୍ୟରେ ବିଭାଜନ ରେଖା ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିସାରିଲାଣି । ଅନ୍ୟ ପକ୍ଷରେ ଦେଖିଲେ 'ବାଲ୍‌ବାଟିକା' ମହିଳା ଓ ଶିଶୁ ବିକାଶ ବିଭାଗର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନ୍ତର୍ଭୁକ୍ତ । ତେଣୁ ଦୁଇଟି ପୃଥକ୍ ପୃଥକ ବିଭାଗ ମଧ୍ୟରେ ଯଦି ଉଚିତ ସମନ୍ୱୟ ନ ରହେ, ତେବେ ସବୁ ଯୋଜନା ଫସର ଫାଟିଯିବ । ଯଦିଓ ସରକାର ତରବରିଆ ଭାବେ ପର୍ଯ୍ୟାୟକ୍ରମେ ଶିକ୍ଷକମାନଙ୍କୁ ତାଲିମ ଦେବା ଆରମ୍ଭ କଲେଣି, ତଥାପି 'ବାଲ୍‌ବାଟିକା' ଶ୍ରେଣୀରେ ଶିକ୍ଷାଦାନର ସଫଳତା ପାଇଁ ଉଚ୍ଚମାନର ଇସିସିଇ ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି । ସରକାରୀ ଛାଟକୁ ଭୟ କରି ନିଜର ଅନିଚ୍ଛା ସତ୍ତ୍ୱେ ଶିକ୍ଷକମାନେ ଏହି ତାଲିମରେ ଯୋଗଦାନ କରୁଥିବା ଅଭିଯୋଗ ହେଉଛି । ତେଣୁ ତାଲିମ୍ ଓ କାର୍ଯ୍ୟକ୍ରମ କେତେଦୂର ଫଳପ୍ରଦ ହେବ ତାହା ଦେଖିବାର କଥା ।

ଏହିଭଳି ପରିସ୍ଥିତିରେ ଛୋଟ ପିଲାଙ୍କର ଯତ୍ନ ନେବ କିଏ? ସେମାନଙ୍କୁ ପଢ଼ାଇବ କିଏ? ସେମାନେ କେଉଁଠି ପଢ଼ିବେ? ଅଣତାଲିମ ପ୍ରାପ୍ତ ଶିକ୍ଷକମାନଙ୍କୁ ନେଇ, ଆବଶ୍ୟକ ଭିତ୍ତିଭୂମି ନଥାଇ, ଶିକ୍ଷକମାନଙ୍କ ସହ ବିଚାରବିମର୍ଶ ନକରି ତରବରିଆ ଭାବେ ବିଦ୍ୟାଳୟରେ 'ବାଲ୍‌ବାଟିକା' ଶ୍ରେଣୀକୁ ଅନ୍ତର୍ଭୁକ୍ତ କରିବା ଆଦୌ ସମୀଚୀନ ନୁହେଁ । ପ୍ରଥମେ ସରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇଦିଅନ୍ତୁ । ବିଦ୍ୟାଳୟର ଶୈକ୍ଷିକ ପରିସରକୁ ଋଦ୍ଧିମନ୍ତ କରନ୍ତୁ । ଉପଯୁକ୍ତ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି କରନ୍ତୁ । ଶିକ୍ଷକମାନଙ୍କ ସମସ୍ୟାକୁ ସମାଧାନ କରନ୍ତୁ । ଅନ୍ୟଥା ସରକାରଙ୍କ ଯେଉଁ ଉଦ୍ଦେଶ୍ୟ ରଖି 'ବାଲ୍ ବାଟିକା' ଅଭିଯାନ ଆରମ୍ଭ କରିଛନ୍ତି, ତାହା ଆଦୌ ଫଳପ୍ରଦ ହୋଇପାରିବ ନାହିଁ ।

**(ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)**
**କଟକ, ମୋ: ୯୪୩୮୦୭୦୮୪୯**

# ସମାଜ ସଂସ୍କାରର ଅମୋଘ ଅସ୍ତ୍ର

**ଲିଙ୍ଗରାଜ ନାହାକ**

ସଂସ୍କୃତିର ବାହକ, ମନୋରଞ୍ଜନର ମାଧ୍ୟମ ଓ ସଭ୍ୟତାର ବାର୍ତ୍ତାବହନ ନାଟକ । ଏଣୁ ଇଂରାଜୀ ସାହିତ୍ୟରେ ଉଲ୍ଲେଖ ଅଛି - 'ଏ ନେସନ୍ ଇଜ୍ ନୋନ୍ ବାଇ ଇଟ୍‌ସ ଥିଏଟର ।' ଅର୍ଥାତ୍ ଯେଉଁଦେଶର ନାଟକ ଯେତେ ସମୃଦ୍ଧ, ସେଇ ଦେଶ ସେତେ ସୁସଭ୍ୟ । 'ଥିଏଟର ଅଫ୍ ଅପ୍ରେସ୍‌ଡ୍'ର ପ୍ରତିଷ୍ଠାତା ପ୍ରଖ୍ୟାତ ନାଟ୍ୟ ନିର୍ଦ୍ଦେଶକ ଅଗଷ୍ଟ ବୁଆଲ୍‌ଙ୍କ ମତରେ 'ଆମେ ହିଁ ନାଟକ । ଜୀବନ ଭିତରେ ନାଟକ ଅଛି ଏବଂ ନାଟକ ଭିତରେ ଜୀବନ ଅଛି ।' ତାଙ୍କ ମତରେ ନାଟ୍ୟକଳାର ମୁଖ୍ୟଉଦ୍ଦେଶ୍ୟ ହେଲା - ଆମ ଆଖି ଆଗରେ ଘଟି ଯାଉଥିବା ଦୈନନ୍ଦିନ ଜୀବନର ଅଗଣିତ ଦୃଶ୍ୟାବଳୀ ପ୍ରତି ଲୋକମାନଙ୍କୁ ସମ୍ବେଦନଶୀଳ ଓ ସଚେତନ କରିବା । ନାଟକ ଆମର ଆଖି ଖୋଲିଦିଏ । ଏଣୁ କେବଳ କଳାକାରମାନେ ହିଁ ତିଆରି କରିପାରିବେ ଭିନ୍ନ ଏକ ସୁନ୍ଦର ଦୁନିଆ ମଞ୍ଚ ମାଧ୍ୟମରେ, ଅଭିନୟ ମାଧ୍ୟମରେ । ଗୋଟିଏ ସୁନ୍ଦର ସୁସ୍ଥ ଶୋଷଣମୁକ୍ତ ସମାଜ ଗଠନର କେବଳ ସୃଜନଶୀଳ କଳାକାର ପାଖରେ ହିଁ ଅଛି । ସେ ଚାହିଁଲେ ସମାଜ ବଦଳି ଯିବ । ସେଇଥିପାଇଁ କୁହାଯାଇଛି 'ଥିଏଟର ଇଜ୍ ଆନ୍ ଇନଷ୍ଟ୍ରୁମେଣ୍ଟ ଅଫ୍ ସୋସିଆଲ୍ ଚେଞ୍ଜ'।। ଜନମନୋରଞ୍ଜନ ଓ ଜନସଚେତନା ବିକାଶର ସର୍ବୋତ୍ତମ ମାଧ୍ୟମ ହେଉଛି ନାଟକ । ଅନ୍ୟାୟ, ଅନୀତି, ଶୋଷଣ ଓ ଦୁର୍ନୀତି ବିରୋଧରେ ଲଢ଼ିବାର ସର୍ବଶ୍ରେଷ୍ଠ ଆୟୁଧ ହେଉଛି ନାଟକ ।

ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ସମାଜରେ ଶାନ୍ତି ଫେରାଇ ଆଣିବାର ଏକ ଅମୋଘ ଅସ୍ତ୍ର । ଜଣେ ନାଗରିକ ହେବା ଅର୍ଥ କେବଳ ସାମାଜିକ ଜୀବନ ବଞ୍ଚିବା ନୁହେଁ, ବରଂ ସମାଜରେ ପରିବର୍ତ୍ତନ ଆଣିବା । ଯୁଗେ ଯୁଗେ ନାଟକ ମନୋରଞ୍ଜନ ଭିତର ଦେଇ ମଣିଷକୁ ଆତ୍ମସଚେତନ କରିଛି । ସମାଜର ଦୋଷତ୍ରୁଟିକୁ ସମାଲୋଚନା କରିଛି । ଏହି ସମାଲୋଚନା ଅନ୍ତରାଳରେ ରହିଛି ସମାଜ ପରିବର୍ତ୍ତନର ସ୍ୱର । ସମାଜରେ ଦେଖା ଦେଇଥିବା ସାମାଜିକ ବିଶୃଙ୍ଖଳାର କାରଣ ଅନୁସନ୍ଧାନ କରିଛି ନାଟକ । ସମାଜର ପ୍ରତ୍ୟେକ ଘଟଣା ଉପରେ ତୀକ୍ଷଣ ଦୃଷ୍ଟି ରଖିଛି । ସମାଜ ଓ ଦେଶ ପାଇଁ ନାଟକଠାରୁ ବଳିଷ୍ଠ ମାଧ୍ୟମ ଜଗତରେ କିଛି ନ ଥାଇପାରେ । ନାଟକ ସମାଜକୁ ଅତି ସହଜରେ, ଅତିକମ୍ ସମୟରେ ପ୍ରଭାବିତ କରିପାରେ ।

ସମ୍ପ୍ରତି ଓଡ଼ିଆ ନାଟକ ଗତାନୁଗତିକ ଧାରାରୁ ମୁକ୍ତ ହୋଇପାରିଛି । ଆଜିର ନାଟକରେ ଯୁଗ ଯନ୍ତ୍ରଣାର ଚିହ୍ନ, ଯୁବପିଢ଼ିର ସଂଘର୍ଷପୂର୍ଣ୍ଣ ଚିତ୍ର, ବରିଷ୍ଠ ନାଗରିକମାନଙ୍କର ଅବହେଳିତ ଅବସ୍ଥାର ଚିତ୍ର ଦେଖାଯାଇଛି । ଧରାବନ୍ଧା ହସ-କାନ୍ଦର କାହାଣୀକୁ ନେଇ ନାଟକ ଲେଖା ବନ୍ଦ ହୋଇ ଘଟଣା ଓ ଦୁର୍ଘଟଣାକୁ ନେଇ ନାଟକ ଲେଖା ଯାଉଛି । ସମାଜରେ ବୈଜ୍ଞାନିକ ଚିନ୍ତାଧାରାର ଅଭିବୃଦ୍ଧି ସହିତ ନାଟକରେ ବିଜ୍ଞାନଭିତ୍ତିକ ଚିନ୍ତାଧାରା ମାନ ମଧ୍ୟ ବିକାଶଲାଭ କରିଛି । ସମୟ ପ୍ରଭାବରେ ବଦଳି ଯାଉଥିବା ନୂଆ ରୂପକୁ ନାଟକରେ ସ୍ୱୀକାର କରାଯାଇଛି ।

ସେହିପରି ଦର୍ଶକଙ୍କୁ ଆକୃଷ୍ଟ କରି ରଖିବାକୁ ହେଲେ ନାଟକକୁ ଜୀବନର ନିକଟବର୍ତ୍ତୀ କରିବାକୁ ପଡୁଛି । ଆଧୁନିକ ମଣିଷ ଯେତିକି ଆଗକୁ ବଢୁଛି, ସେତିକି ବ୍ୟସ୍ତତା ବିଜଡ଼ିତ ହେଉଛି । ଦୀର୍ଘସମୟ ଧରି ନାଟକ ଦେଖିବାର ଅଭ୍ୟାସ ଓ ଧୈର୍ଯ୍ୟ ଦର୍ଶକମାନଙ୍କର ଆଉ ନାହିଁ । ମନୋରଞ୍ଜନ ପାଇଁ ପରିସର ବି ବଢ଼ି ଗଲାଣି । ତା' ସହିତ କମ୍ ସମୟ ମଧ୍ୟରେ ଅଧିକ ଜିନିଷ ପାଇଯିବାର ପ୍ରବୃତ୍ତିଟି ମଣିଷର ମାନସିକତାକୁ ପରିବର୍ତ୍ତନ କରିସାରିଲାଣି । ଏଣୁ ନାଟକର ସଂଳାପ ସଂକ୍ଷିପ୍ତ ଓ ଶାଣିତ କରିବାକୁ ପଡୁଛି । ଜୀବନ ଯେହେତୁ ପ୍ରବହମାନ ଧାରା ଏବଂ ସଦା ପରିବର୍ତ୍ତନଶୀଳ, ତା' ସହିତ ତାଳ ଦେଇ ନାଟକ, ନାଟ୍ୟ ଶିଳ୍ପୀଙ୍କୁ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପଖୁଆଇ, ତାଳ ମିଶାଇ ଚାଲିବାକୁ ହେଉଛି ।

ନାଟକ ସମାଜର ଦର୍ପଣ । ସମାଜର ଦୋଷ ଦୁର୍ବଳତା ନାଟକ ମାଧ୍ୟମରେ ହିଁ ମୂଳ ଉତ୍ପାଟନ କରାଯାଇପାରିବ । ନାଟକ ଜାତି ଗଢ଼େ, ଚିରନ୍ତନ ମାନବାତ୍ମାକୁ ତୋଳି ଧରେ, ଅଞ୍ଚଳର କଥା କହୁ କହୁ ଅରଣ୍ୟର କଥା ବି କହେ । ଦେଶର କଥା କହୁ କହୁ ପୃଥିବୀର କଥା କହେ । ସେ ଯେତବେଳେ ଯାହା କହେ, ଯେଉଁଠି କହେ, ସବୁବେଳେ ସବୁଠି ମଣିଷର କଥା କହେ । ତା' ଜୀବନର ବାର୍ତ୍ତା ଶୁଣାଏ । ନାଟକର ବାର୍ତ୍ତା ମଣିଷର ଚେତନାକୁ ଆନ୍ଦୋଳିତ କରେ । ସମାଜରେ ଏକ ଆନ୍ଦୋଳନର ଧାରା ପ୍ରବାହିତ ହୁଏ । ତା'ପରେ ଆସେ ପରିବର୍ତ୍ତନ । କାରଣ ଏହା ସିଧା ଲୋକଙ୍କ ପାଖକୁ ଯାଏ, ଲୋକଙ୍କ ପ୍ରତ୍ୟକ୍ଷ ସାମନା କରେ । ନ୍ୟାୟ-ଅନ୍ୟାୟର ତୁଳନା କରି ସଠିକ୍ ମୂଲ୍ୟଟି ସଂସ୍ଥାପନ କରିଥାଏ । ଏଣୁ ନାଟକ ହିଁ ସମାଜ ସଂସ୍କାରର ଅମୋଘ ଅସ୍ତ୍ର ।

**ବ୍ରହ୍ମପୁର, ମୋ: ୯୪୩୭୫୬୨୯୫୫**

# ତାପମାତ୍ରା ବୃଦ୍ଧିର କାରଣ

**ସତ୍ୟନାରାୟଣ ଦେହୁରୀ**

ଟିଟିଲାଗଡ଼କୁ ଟପି ଭାରତର ସବୁଠାରୁ ଉତ୍ତପ୍ତ ଜିଲ୍ଲା ଭାବରେ ବୌଦ୍ଧ କୁଖ୍ୟାତି ଅର୍ଜନ କରିଛି । ମାର୍ଚ୍ଚମାସରୁ ଏହାର ପାରଦ ୪୦ ଡିଗ୍ରୀ ଉପରକୁ ଗଲାଣି । ଆଗକୁ ସ୍ଥିତି ଆହୁରି ଉଦ୍‌ବେଗଜନକ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି । ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ପରିବେଶବିଜ୍ଞାନୀମାନେ ଏହାବାଦ୍ ଆହୁରି ଅନେକ କାରଣ ବିଷୟରେ ତର୍ଜମା କରୁଛନ୍ତି ।

ବିଶେଷଜ୍ଞମାନେ ଏହାର ଯେଉଁକେତେକ ପ୍ରାଥମିକ କାରଣ ଠାବ କରିଛନ୍ତି ସେଥିମଧ୍ୟରେ - ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ଅନେକଗୁଡ଼ିଏ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳକୁ ଅଟକାଇ ରଖିବାଯୋଗୁଁ ସେପ୍ଟେମ୍ବର-ଅକ୍ଟୋବର ମାସରୁ ନଦୀର ପାଣି ଶୁଖିଯାଉଛି । ମାର୍ଚ୍ଚ ମାସରେ ବୌଦ୍ଧ ସହରକୁ ଜଳଯୋଗାଣ ପାଇଁ ମଧ୍ୟ ପାଣିର ଅଭାବ ଦେଖାଦେଉଛି । ନଦୀଶଯ୍ୟା କେବଳ ବାଲି ଓ ପଥରରେ ଶୋଭା ପାଉଛି ଏବଂ ସୂର୍ଯ୍ୟକିରଣରେ ଉତ୍ତପ୍ତ ହୋଇ ତାପମାତ୍ରା ବିକିରଣ ହେଉଛି । ବୌଦ୍ଧର ଦକ୍ଷିଣ ପଶ୍ଚିମକୁ ଘେରି ରହିଥିବା ଜଙ୍ଗଲରେ ଫେବୃଆରୀ, ମାର୍ଚ୍ଚ ମାସ ବେଳକୁ ନିଆଁ ଲାଗୁଛି । ମହୁଲ ସଂଗ୍ରହ ଉଦ୍ଦେଶ୍ୟରେ ଗଛମୂଳକୁ ସଫା କରିବା ପାଇଁ ଏବଂ କେନ୍ଦୁପତ୍ର ସଂଗ୍ରହ ନିଆଁ ଲଗାଯାଉଥିବା ଅଭିଯୋଗ ହେଉଛି । ସମସ୍ୟା ହେଉଛି ନିଆଁ ଲଗାଇ ଜଙ୍ଗଲ ସଫା କରାଯାଏ, କିନ୍ତୁ ଲିଭାଇବା କଥା ଭୁଲି ଯାଆନ୍ତି । ଫଳରେ ତାହା ଧୀରେ ଧୀରେ ଜଙ୍ଗଲକୁ ବ୍ୟାପିଯାଏ । ବନବାସୀମାନେ ପୋଡୁଚାଷ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାନ୍ତି । ବୌଦ୍ଧ ଜିଲ୍ଲା ଏବେ ଗଞ୍ଜେଇ ଚାଷର ପେଣ୍ଠ ପାଲଟି ଯାଇଛି । ଚାଷ କ୍ଷେତ୍ର ପ୍ରସ୍ତୁତ ପାଇଁ ମଧ୍ୟ ଜଙ୍ଗଲରେ ନିଆଁ ଲଗାଯାଏ । ସେହି ନିଆଁ ଚାରିଆଡ଼େ ବ୍ୟାପିଯାଏ ଏବଂ ତାପମାତ୍ରା ବଢ଼ିବାର ଅନ୍ୟତମ କାରଣ ହୁଏ । କାଠ ଓ କୋଇଲା ମାଫିଆମାନେ ଅଧିକାଂଶ ଜଙ୍ଗଲରେ ନିଆଁ ଲଗାଇଥା'ନ୍ତି । ଏହିପରି ବିଭିନ୍ନ କାରଣରୁ ନିଆଁ ଲାଗି ତାପମାତ୍ରା ବୃଦ୍ଧି ହୋଇଥାଏ । ତଥ୍ୟାନୁଯାୟୀ ବୌଦ୍ଧ ଜିଲ୍ଲାର ୬୫ ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି । ବନ ବିଭାଗ ନିଆଁ ଲିଭାଇବା ପାଇଁ ଯଦିବି ଚେଷ୍ଟା ଚଳାଇଛନ୍ତି ସଫଳ ହୋଇପାରୁ ନାହାନ୍ତି ।

ଅବାଧ ବୃକ୍ଷ ଛେଦନ ବୌଦ୍ଧ ଜିଲ୍ଲାର ତାପମାନ ବୃଦ୍ଧିର ଆଉ ଏକ କାରଣ । ରାସ୍ତା ପ୍ରଶସ୍ତକରଣ ପାଇଁ ବଡ଼ ପୁରୁଣା ଗଛ ସବୁ ହଜାର ହଜାର ସଂଖ୍ୟାରେ କାଟି ଦିଆଯାଉଛି । ତା' ବଦଳରେ ଯେଉଁ ନୂଆ ଚାରା ସବୁ ଲଗା ଯାଉଛି ତାହା ଉତ୍ତାପ ଶୋଷଣ ପାଇଁ ସମର୍ଥ ନୁହେଁ । ସାମାଜିକ ବନୀକରଣ ଯୋଜନାରେ ଅନେକ ସ୍ଥାନରେ ଚାରାରୋପଣ କରାଯାଉଛି, କିନ୍ତୁ ତାହାର ରକ୍ଷଣାବେକ୍ଷଣ ନ ହେବାରୁ ଏହି ଅଭିଯାନ ସଫଳ ହୋଇପାରୁନାହିଁ । ଏଥିସହିତ ସହର, ମଫସଲ ସବୁଆଡ଼େ ଘର, ରାସ୍ତା, ଘାଟ ସିମେଣ୍ଟ ଓ କଂକ୍ରିଟରେ ରୂପାନ୍ତରିତ ହେବାରେ ଲାଗିଛି । ଏଣୁ ତାପମାତ୍ରା ବିକିରଣ ହୋଇ ପରିବେଶକୁ ଉତ୍ତପ୍ତ କରୁଛି ।

ଏହିପରି ବିଭିନ୍ନ କାରଣ ପାଇଁ ବୌଦ୍ଧର ତାପମାତ୍ରା ସମଗ୍ର ଭାରତରେ ଅଧିକ ହେବାର ଦେଖାଯାଉଛି । ଏହାକୁ ରୋକିବା ପାଇଁ ସମସ୍ତଙ୍କ ପ୍ରୟାସ ହେବା ଆବଶ୍ୟକ । ବନୀକରଣକୁ ସଫଳ କରି ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ସବୁସ୍ତରରେ ଉଦ୍ୟମ ହେଲେ ଯାଇ ତାପମାତ୍ରା ନିୟନ୍ତ୍ରଣରେ ରହିପାରିବ ।

**ରାଧାନଗର(ବୌଦ୍ଧ),**
**ମୋ: ୯୯୩୮୭୫୮୩୫୩**

# ଭଦ୍ରାଙ୍କ ବ୍ରହ୍ମାସ୍ୱରୂପ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ସୃଷ୍ଟି ସର୍ଜନା ହେବା ପୂର୍ବରୁ ଆଦିଶକ୍ତି ଆଦିମାତା ଯୋଗମାୟା ନିଜ ଶ୍ରୀଅଙ୍ଗରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ସୃଷ୍ଟି କଲେ । ସେ ବ୍ରହ୍ମାଙ୍କୁ ସୃଷ୍ଟି ସର୍ଜନା କରିବାର ଦାୟିତ୍ୱ, ବିଷ୍ଣୁଙ୍କୁ ପାଳନର ଦାୟିତ୍ୱ ଏବଂ ମହେଶ୍ୱରଙ୍କୁ ସଂହାରର ଦାୟିତ୍ୱ ସମର୍ପଣ କଲେ । ମାତାଙ୍କ ଆଦେଶରେ ବ୍ରହ୍ମା ଓ ବିଷ୍ଣୁ ନିଜନିଜ ଦାୟିତ୍ୱ ସମ୍ପନ୍ନ କରୁଥିବା ବେଳେ ସଂହାର ସମୟ ଉପସ୍ଥିତ ହୋଇ ନ ଥିବାରୁ ଶିବ ତପସ୍ୟାରେ ମଗ୍ନ ଥିଲେ । ଦିନେ ଆଦିମାତା ଯୋଗମାୟା ମହେଶ୍ୱର ଶିବଙ୍କୁ ପ୍ରଣୟ ଭିକ୍ଷା କଲେ । ବ୍ରହ୍ମା ଓ ବିଷ୍ଣୁ ଏ କଥା ଜାଣିପାରି ବ୍ୟଥିତ ହେଲେ ଏବଂ ମାତାଙ୍କୁ ଭର୍ତ୍ସନା କଲେ । ଏଥିରେ କ୍ରୋଧିତା ହୋଇ ମାତା ଦୁଇ ପୁତ୍ରଙ୍କୁ ଅଭିଶାପ ଦେଲେ - 'ତୁମେ ଦୁହେଁ ନିଜ ମାତାଙ୍କୁ ଭର୍ତ୍ସନା କରି ପାପ ଅର୍ଜନ କରିଛ । ଯୋନି ନିନ୍ଦା କରିଥିବା ଅପରାଧରେ ବ୍ରହ୍ମା ସ୍ତ୍ରୀ ରୂପ ଗ୍ରହଣ କରିବେ । ସେହି ଅପରାଧ ପାଇଁ ବିଷ୍ଣୁ ବାରମ୍ବାର ସ୍ତ୍ରୀ ଯୋନିରେ ଅବତାର ଗ୍ରହଣ କରି ଲୀଳା ରଚନା କରିବେ ।' ତେଣୁ ବିଷ୍ଣୁ ବିଭିନ୍ନ ଯୁଗରେ ଅବତାର ଗ୍ରହଣ କରି ଅନେକ ମାତାଙ୍କ ଗର୍ଭରୁ ଜନ୍ମ ଗ୍ରହଣ କଲେ ଏବଂ ବ୍ରହ୍ମା କଳିଯୁଗରେ ସୁଭଦ୍ରା ରୂପେ ଶ୍ରୀମନ୍ଦିରରେ ଆରାଧିତ ହେଲେ ।

ଏହି ଲୋକକଥାର ବର୍ଣ୍ଣନା ମହାତ୍ମା ଯଶୋବନ୍ତ ଦାସ ସ୍ୱଲିଖିତ 'ପ୍ରେମ ଭକ୍ତି ବ୍ରହ୍ମ ଗୀତା'ରେ ଉଲ୍ଲେଖ କରିଛନ୍ତି । କୃଷ୍ଣାର୍ଜୁନ ସମ୍ବାଦ ଶୈଳୀରେ ଲିଖିତ ଏହି ପୁସ୍ତକରେ କୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି- **'ତହୁଁ ସେ ଆମ୍ଭେ ତିନି ଭ୍ରାତ ଯେକାନ୍ତେ ଭାଳିଲୁ ଗୁପତ / ରହିଲୁ ସେ ପୁରୁଷୋତ୍ତମ ନିତ୍ୟ ରାହାସ ଅନୁପମ / ଯେ ରୁଦ୍ର ବଳଭଦ୍ର ରୂପ ଅଟନ୍ତି ଅନନ୍ତ ସ୍ୱରୂପ / ଆମ୍ଭେ ଶ୍ରୀଜଗନ୍ନାଥ ଦେହୀ ବ୍ରହ୍ମା ସୁଭଦ୍ରା ହୋଇ ତହିଁ / ରାଧା ଗୁପତ ଅଙ୍ଗ ହେଉ ବ୍ରହ୍ମା ବୋଲିଣ ନ ବୋଲାଉ / ନ ଥିବ ହସ୍ତ ପଦ ଚାରି ସ୍ତିରୀ ସ୍ୱରୂପ ମାତ୍ର ଧରି ।'** ଶିଖର ଦାସଙ୍କ ଦ୍ୱାରା ଲିଖିତ 'ନୀଳସୁନ୍ଦର ଗୀତା'ରେ ରଚିତ ଲୋକକଥା ଅନୁଯାୟୀ - ଥରେ ଗୋପାଳକୃଷ୍ଣ ଗୋପାଳ ବାଳକମାନଙ୍କ ସହ ଗୋକୁଳରେ ଗାଈ ଚରାଉ ଥିଲେ । ବ୍ରହ୍ମା ଶ୍ରୀକୃଷ୍ଣଙ୍କୁ ପରୀକ୍ଷା କରିବା ପାଇଁ ଗୋଠରୁ ବାଛୁରୀମାନଙ୍କୁ ହରଣ କରିନେଲେ । ବାଛୁରୀମାନେ ଗୋଠରେ ନ ଥିବା ଦେଖି ନନ୍ଦରାଜା ଶ୍ରୀକୃଷ୍ଣଙ୍କୁ ଗାଳି କରିବାକୁ ଲାଗିଲେ । ସେ ବିଷୟରେ ସ୍ୱୟଂ ଶ୍ରୀକୃଷ୍ଣ କହୁଛନ୍ତି - **'ଚଳି ଧରି ନନ୍ଦ ଛାଟ ମାଇଲାକ ମୋତେ ବଛାମାନ ଖୋଜି ଆଣ ମୋହର ତୁରିତେ / ନେଉଟିଣ ନନ୍ଦରାଏ ନିଜ ପୁରେ ଗଲା ଶୁଣ ଧନଞ୍ଜୟ ମୋର ଛଳ ଯେ ପଶିଲା / ଗୋବଛା ଗୋପାଳ ପୁଅ ଦେହୁ ଜାତ କଲି ଅପୂଜିତ ହୁଅ ବୋଲି ବ୍ରହ୍ମାଙ୍କୁ କହିଲି ।'** ବାଛୁରୀ ଚୋରି ଅପରାଧ ପାଇଁ ଶ୍ରୀକୃଷ୍ଣ ବ୍ରହ୍ମାଙ୍କୁ ଅପୂଜ୍ୟ ରହିବା ପାଇଁ ଅଭିଶାପ ଦେଲେ । ଅଭିଶପ୍ତ ବ୍ରହ୍ମା ଦୁଃଖିତ ଓ ଅନୁତପ୍ତ ହୋଇ ଦୋଷ କ୍ଷମା କରିବା ପାଇଁ ପ୍ରାର୍ଥନା କଲେ । ସେ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ କହିଲେ - 'ବ୍ରହ୍ମା! ଆମ୍ଭେ ଦୁଇ ଭାଇ କଳିଯୁଗରେ ନୀଳାଚଳରେ ଜଗନ୍ନାଥ ବଳଭଦ୍ର ରୂପେ ଆରାଧିତ ହେବୁ । ସେତେବେଳେ ତୁମେ ନାରୀ ସ୍ୱରୂପରେ ସୁଭଦ୍ରା ନାମ ଗ୍ରହଣ କରି ଗୁପ୍ତରେ ଆମ୍ଭ ସହ ପୂଜା ପାଇବ । - **'କଳିରେ ଦାରୁବ୍ରହ୍ମ ହେବି ମୁହିଁ ଏ ମୋର ଶାପ୍ୟ ତ ମେଣ୍ଟି ଯିବ ନାହିଁ / ଗୁପତେ ପୂଜା ପାଇବୁ ଭାଇଙ୍କ ସହିତେ ନ ଚିହ୍ନିବେ ବୋଲି ଲୋକେ ବୋଲିବେ ସୁଭଦ୍ରେ / ଶୁଣ ଫାଲଗୁନୀ ମୋର ଶାପ୍ୟର ମହିମା ସୁଭଦ୍ରାରୂପେ ପୂଜା ପାଇବେଟି ବ୍ରହ୍ମା / ଦୁଇ ପୂଜା ଗୁପତେ ଘେନିବେ ବେଦ ଚାରି ସୁଭଦ୍ରା ବୋଲି ବୋଲିବେ ମଞ୍ଚ ନାରୀ ।'** ତତ୍ତ୍ୱଦର୍ଶୀ ମୁନିଋଷିମାନେ ଯଦିଓ ଜାଣି ପାରିବେ ଯେ ବ୍ରହ୍ମା ନିଜର ପାପ ହରଣ ପାଇଁ ତପସ୍ୟା କରୁଛନ୍ତି, ସାଧାରଣ ଲୋକ ତାଙ୍କୁ ଚିହ୍ନି ନ ପାରି ନାରୀ ସ୍ୱରୂପରେ ସୁଭଦ୍ରା ରୂପେ ପୂଜା କରିବେ ।

ମତାନ୍ତରରେ ଶ୍ରୀଚୈତନ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ ପରେ ଅବତାରୀ ଶ୍ରୀଜଗନ୍ନାଥଙ୍କୁ ତାଙ୍କର ମାନବାବତାର ଗୋପାଳକୃଷ୍ଣ ରୂପେ ଉପସ୍ଥାପିତ କରିବା ପାଇଁ ଶାସକୀୟ ପୃଷ୍ଠପୋଷକତାର ମାଆ ସୁଭଦ୍ରାଙ୍କୁ କୃଷ୍ଣବଳରାମଙ୍କ ଭଉଣୀ ତଥା ଅର୍ଜୁନ ପତ୍ନୀ ସୁଭଦ୍ରା ରୂପେ ଉପସ୍ଥାପିତ କରିବା ପ୍ରୟାସ କରାଯାଇଥିଲା । ତେଣୁ ପଞ୍ଚସଖା ଏବଂ ତାଙ୍କର ଅନୁଗାମୀମାନେ ସୁଭଦ୍ରାଙ୍କ ସୁଭଦ୍ରାସ୍ୱରୂପକୁ ଗୌଣ କରି ତାଙ୍କୁ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ସ୍ୱରୂପରେ ଉପସ୍ଥାପନ କରିବା କଥା ଚିନ୍ତା କଲେ । ସେମାନଙ୍କ ପୂର୍ବରୁ ଆଦିକବି ଶାରଳା ଦାସ ରତ୍ନ ସିଂହାସନର ତ୍ରିମୂର୍ତ୍ତିଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ରୂପେ ବର୍ଣନା କରିଥିଲେ **'ପୀତ କୁସୁମ ବରନ ସେହି ବ୍ରହ୍ମା ମୂର୍ତ୍ତି ଡାହାଣେ ଶୁକଳ ବର୍ଣ ମହାଦେବ ଜ୍ୟୋତି / ରୂପରେ ତ ନାରାୟଣ ବର୍ଣ ଅଟେ କଳା ବ୍ରହ୍ମା ବିଷ୍ଣୁ ମହେଶ୍ୱର ତିନି ଦେବ ମେଳା ।'** ମହାପୁରୁଷ ଅଚ୍ୟୁତାନନ୍ଦଙ୍କ 'ମନ୍ମଥ ଚନ୍ଦ୍ରିକା'ର ବର୍ଣ୍ଣନାନୁସାରେ - **'ଜଗନ୍ନାଥ ରୂପ ଗୋଟି ସତ ବିଷ୍ଣୁ ସେହି ବ୍ରହ୍ମାଟି ସୁଭଦ୍ରା ଦେବୀ ମଧ୍ୟେ ଛନ୍ତି ରହି / ହରି ହଳଧର ମନ ତ୍ରିମାୟା ପୁରୁଷ କିଛି ନ ଜାଣନ୍ତି ସଦା କାଳରେ ଉଦାସ ।'**

**ମୋ: ୯୯୦୦୦୮୩୪୩୩**

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।



ସ୍ଥାୟୀ ନିଯୁକ୍ତି ଦାବି

# ନନ୍ଦନକାନନ ଅସ୍ଥାୟୀ କର୍ମଚାରୀଙ୍କ ଧାରଣା



**୧୫ଦିନ ସମୟ ନେଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ**

ନନ୍ଦନକାନନ, ୨୫।୩(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଅସ୍ଥାୟୀ ଭାବେ (ଆଉଟ୍ ସୋର୍ସି) କାର୍ଯ୍ୟରତ କର୍ମଚାରୀ ସଂଘ ତରଫରୁ ସ୍ଥାୟୀ ନିଯୁକ୍ତି ଏବଂ ସରକାରୀ ବେତନ ପ୍ରଦାନ କରିବା ସମେତ ଅନ୍ୟାନ୍ୟ ସୁବିଧା ପୂରଣ କରିବା ଦାବିରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ତେବେ ସକାଳ ୭ଟାରୁ ଧାରଣା ଦେବା ପରେ ବିଳମ୍ବିତ ରାତିରେ ନନ୍ଦନକାନନ ଥାନା ଅଧିକାରିଣୀ ସମିତା ମିଶ୍ରଙ୍କ ସହିତ ନନ୍ଦନକାନନ ଅସ୍ଥାୟୀ କର୍ମଚାରୀମାନଙ୍କ ଏକ ଦଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ସଚିବଙ୍କ ସହ ଏନେଇ ସାକ୍ଷାତ୍ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଏହାର ସମାଧାନ ପାଇଁ ୧୫ଦିନ ସମୟ ନେଇଥିବା ସଙ୍ଘର ସଭାପତି ଜୟନ୍ତ ରାଉତ ପ୍ରକାଶ କରିଛନ୍ତି। ତେବେ ୧୫ଦିନ ପରେ ଯଦି କର୍ମଚାରୀମାନଙ୍କ ଦାବିଗୁଡ଼ିକ ସମାଧାନ ନ ହୁଏ, ପୁଣି ଆଗାମୀ କାର୍ଯ୍ୟପନ୍ଥା ଅବଲମ୍ବନ କରାଯିବ ବୋଲି କହିବା ସହ ଦରକାର ପଡ଼ିଲେ ପୁଣି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବା ନେଇ ମଧ କହିଛନ୍ତି। ନନ୍ଦନକାନନ କାମଚଳା ପ୍ରବେଶ ଫାଟକ ସମ୍ମୁଖରେ କର୍ମଚାରୀ ସଂଘର ସଭାପତି ଜୟନ୍ତ ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାକୁ ନନ୍ଦନକାନନ ଗାଇଡ୍ ସଂଘ ଓ ବୁଦ୍ଧିଜୀବୀମାନେ ସମର୍ଥନ କରିଥିଲେ। ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କୁନାଲ ରାଉତ, ଗାଇଡ୍ ସଂଘର ସଭାପତି ସୁମନ୍ତ ସୁନ୍ଦରରାୟ ଓ ସମ୍ପାଦକ ସନାତନ ରାଉତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

କର୍ମଚାରୀ ସଂଘ ତରଫରୁ ଖାଲି ପଡ଼ିଥିବା ସ୍ଥାୟୀ ପଦରେ ଅସ୍ଥାୟୀ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇ ସ୍ଥାୟୀ ମାନ୍ୟତା ପ୍ରଦାନ କରାଯିବା ନେଇ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କଠାରୁ ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖି ଅନୁରୋଧ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଫଳରେ କର୍ମଚାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନନ୍ଦନକାନନ ଚିଡ଼ିଆଖାନାର ବହୁ କର୍ମଚାରୀଙ୍କ ଅବସର ପରେ ୧୦୩ଟି ଚତୁର୍ଥ ଶ୍ରେଣୀ ପଦ ଖାଲି ପଡ଼ିଛି। ବର୍ତ୍ତମାନ ସୁଦ୍ଧା ଖାଲି ପଡ଼ିଥିବା ପଦ ପୂରଣ ହୋଇପାରିନାହିଁ। କର୍ମଚାରୀମାନେ ଦିନକୁ ୮ଘଣ୍ଟା ବଦଳରେ ୧୦ଘଣ୍ଟା କାମ କରୁଛନ୍ତି। ସେମାନଙ୍କର କୌଣସି ମୌଳିକ ସମସ୍ୟା ସମାଧାନ ହେଉନାହିଁ। ଏହି ଅସ୍ଥାୟୀ କର୍ମଚାରୀମାନେ ଜନ୍ତୁ ସେବାଠାରୁ ଆରମ୍ଭ କରି ପରିବେଶ, ପରିମଳ ଓ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇ ଆସୁଛନ୍ତି। ଅଥଚ ଏମାନେ ଅବହେଳିତ ଓ ଉପେକ୍ଷିତ ଭାବେ ରହି ଆସିଛନ୍ତି। ଏମାନଙ୍କୁ ବରିଷ୍ଠତା ଭିତ୍ତିରେ ସ୍ଥାୟୀ କରିବାକୁ ସଂଘ ବାରମ୍ବାର ଦାବି କରିଆସୁଛି। ଏନେଇ ସଂଘ ତରଫରୁ ଜଙ୍ଗଲ ବିଭାଗ ମନ୍ତ୍ରୀ, ସଚିବ, ପିସିସିଏଫ୍, ଜିଲ୍ଲାପାଳ, ନନ୍ଦନକାନନ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଭୁବନେଶ୍ୱର ଡିସିପି ଓ ନନ୍ଦନକାନନ ଥାନାକୁ ଚିଠି ପ୍ରେରଣ କରାଯାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଯଦି ସରକାର ଦେଇଥିବା ୧୫ ଦିନର ମହଲତରେ ସରକାର କି ନନ୍ଦନକାନନ କର୍ତ୍ତୃପକ୍ଷ ଏହାର ତୁରନ୍ତ ସମାଧାନ ନ କରନ୍ତି, ତେବେ ଆଗାମୀ ଦିନରେ ସମସ୍ତ ଆଉଟ୍ ସୋର୍ସି କର୍ମଚାରୀ କାର୍ଯ୍ୟ ବର୍ଜନ ସହ ଧାରଣାରେ ବସିବେ ବୋଲି ସଭାପତି ଶ୍ରୀ ରାଉତ ଚେତାବନୀ ଦେଇଛନ୍ତି।

## ୫ରେ ରୁକୁଣା ରଥଯାତ୍ରା; ଆଜି ଚକଅଖ ଅନୁକୂଳ



ଭୁବନେଶ୍ୱର, ୨୫।୩(ସମିସ): ଆସନ୍ତା ୫ ତାରିଖରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ଏନେଇ ବୁଧବାର ରୁକୁଣା ରଥର ଚକଅଖ ଅନୁକୂଳ ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଦିନ ୧୧ଟାରୁ ୧୨ଟା ଭିତରେ ଚକଅଖ ଅନୁକୂଳ ହେବ। ରଥଖଳାରେ ଚକ ସହ ଅଖ ଡେରା ହେବ ଓ କଳସ ସ୍ଥାପନା ହୋଇ ପୂଜାପଣ୍ଡାଙ୍କ ଦ୍ୱାରା ପୂଜା ଓ ଶେଷରେ ଆଳତୀ ହେବ। ସୋମବାର ଦୁଇଟା ଚକ ଲେଉଟା ସାରିଥିବାବେଳେ ମଙ୍ଗଳବାର ଆଉ ଦୁଇଟି ଚକ ଲେଉଟା ଯାଇ ଅଖ କାମ ଆରମ୍ଭ ହୋଇଥିଲା। ରଥଯାତ୍ରା ପାଖେଇ ଆସିଲାଣି। ଦିନ ମଧ ଆଉ ହାତରେ ନାହିଁ। ଏଥିପାଇଁ ବୁଧବାର ଚକଅଖ ଅନୁକୂଳ ହେବ ବୋଲି ରଥ ନିର୍ମାଣର ମୁଖ୍ୟ ସୋମନାଥ ମହାରଣା କହିଛନ୍ତି। ଚୈତ୍ର ଶୁକ୍ଳ ଅଷ୍ଟମୀ ବା ଅଶୋକାଷ୍ଟମୀ ତିଥିରେ ତ୍ରିଭୁବନାଧିପତି ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଦେବଦଳନ ରୁକୁଣା ରଥଯାତ୍ରା ନିମନ୍ତେ ମହାରଣା ସେବାୟତଙ୍କ ଦ୍ୱାରା ରଥଖଳାରେ ୬୫ରୁ ୬୮ ଜଣ ସେବାୟତ ମହାରଣା ଓ ମହାରଣା କାରିଗର ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବୃଷଭଧ୍ୱଜ ରୁକୁଣା ରଥରେ ଆରୁଢ଼ ହୋଇ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ଦେବୀ ଦୁର୍ଗା ଓ ଦୋଳଗୋବିନ୍ଦଙ୍କ ସହ ବିଜେ କରିବେ ରାମେଶ୍ୱର ତୀର୍ଥକୁ।

## ୩୦ରେ ଜୀ ସାର୍ଥକରେ 'ଅଜବ ଏ ପ୍ରେମ କାହାଣୀ'




ଭୁବନେଶ୍ୱର, ୨୫।୩(ସମିସ): ସମୟ ସହିତ ଓଡ଼ିଆ ସିନେମାର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆସନ୍ତା ୩୦ ତାରିଖରେ ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର 'ଅଜବ ଏ ପ୍ରେମ କାହାଣୀ'କୁ ଜୀ-ସାର୍ଥକରେ ଦେଖିବାକୁ ପାଇବେ ସିନେପ୍ରେମୀ। ଏସ୍‌ପିପି ପ୍ରଡକ୍ସନ୍ ବ୍ୟାନର ଦ୍ୱାରା କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ରାଶେଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମାରେ ମୁଖ୍ୟ ନାୟକ ଭାବରେ ଶ୍ରୀଜିତ୍ ମହାପାତ୍ର ଓ ନାୟିକା ଭାବରେ ଭକ୍ତି ପଟ୍ଟନାୟକ ନଜର ଆସିବେ। ସିନେମାରେ ସଙ୍ଗୀତ ଦାୟିତ୍ୱ ଗୁଡ଼ିଲି ରଥ ନେଇଥିବାବେଳେ ଲିପ୍ସା ମହାପାତ୍ର, ବିଷ୍ଣୁ ମୋହନ କବି, ଲୋପାମୁଦ୍ରା ଦାସ ଓ ରୂପେଶ ପାତ୍ର କଣ୍ଠଦାନ କରିଛନ୍ତି। ଗୀତ ରଚନା କରିଛନ୍ତି ସୂର୍ଯ୍ୟ ମହାପାତ୍ର। ସେହିପରି କାହାଣୀ, ଚିତ୍ରନାଟ୍ୟ, ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ। ଚଳଚ୍ଚିତ୍ରର କାହାଣୀ ଆରମ୍ଭ ହୋଇଛି ଗୌରବଠାରୁ। ନିଜ ଜୀବନର ନୂଆ ଯାତ୍ରା ଆରମ୍ଭ କରିବା ପାଇଁ ସେ ଭୁବନେଶ୍ୱର ଚାଲି ଆସେ ଓ ଏମିତି ଏକ ଘରଭଡ଼ା ନିଏ ଯାହା ୪ ବର୍ଷ ହେବ ବନ୍ଦ ପଡ଼ିଥିଲା। ସେହି ଘରେ ରହିବା ଭିତରେ ଗୌରବର ଦେଖା ହୋଇଥାଏ ସ୍ମିତା ସହ। ଆଉ ଗୌରବର ଜୀବନରେ ଘଟିଥାଏ କିଛି ଅଲୌକିକ ଘଟଣା। ଧୀରେ ଧୀରେ ଘରେ ଘଟୁଥିବା ଏମିତି କିଛି ଘଟଣାରୁ ଗୌରବକୁ ସ୍ମିତାର ଅତୀତ ବିଷୟରେ ଜଣାପଡ଼େ। ଗୌରବ ଓ ସ୍ମିତାର ଏହି ଯାତ୍ରାରେ କ'ଣ କ'ଣ ସବୁ ରୋଚକ ଘଟଣା ଘଟୁଛି ତାହା ସମ୍ପୂର୍ଣ୍ଣ ଫିଲ୍ମରେ ଦେଖିବାକୁ ମିଳିବ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ପ୍ରତୀକ ସିଲ୍ କହିଛନ୍ତି।

ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟରର କାର୍ଯ୍ୟକର୍ତ୍ତା ନିର୍ବାଚନ

## ସୁଧିରଞ୍ଜନ ମିଶ୍ର ହେଲେ ନୂତନ ଅଧ୍ୟକ୍ଷ



ଭୁବନେଶ୍ୱର, ୨୫।୩(ସମିସ): ପବ୍ଲିକ ରିଲେସନ୍ସ ସୋସାଇଟି ଅଫ୍ ଇଣ୍ଡିଆ (ପିଆର୍‌ଏସ୍‌ଆଇ) ଭୁବନେଶ୍ୱର ଚାପ୍ଟରର ୬ଷ୍ଠ ବାର୍ଷିକ ସାଧାରଣ ବୈଠକ ଓ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପିପିଏଲ୍ କର୍ପୋରେଟ୍ ଆଫେୟାର୍ସର ମୁଖ୍ୟ ସୁଧିରଞ୍ଜନ ମିଶ୍ର ନୂତନ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଉପାଧ୍ୟକ୍ଷ ଭାବେ ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱର ଲିମିଟେଡ୍‌ର କର୍ପୋରେଟ୍ କମ୍ୟୁନିକେସନ ଡିଜିଏମ୍ ଡ. ସଞ୍ଜୟକୁମାର ସାହୁ, ସମ୍ପାଦକ ଭାବେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ ଷ୍ଟେଟ୍ ହେଡ୍ କର୍ପୋରେଟ୍ କମ୍ୟୁନିକେସନ୍ କୃଷ୍ଣଚନ୍ଦ୍ର ମହାପାତ୍ର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। କୋଷାଧ୍ୟକ୍ଷ ଭାବେ କଳିଙ୍ଗ ହସ୍ପିଟାଲ୍‌ର ପିଆର୍ ଆଣ୍ଡ ବ୍ରାଣ୍ଡିଂର କର୍ପୋରେଟ୍ କମ୍ୟୁନିକେସନ ମୁଖ୍ୟ ଅଂଶୁମାନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ଓଏମ୍‌ସିର କର୍ପୋରେଟ୍ କମ୍ୟୁନିକେସନ ଡିଜିଏମ୍ ସନ୍ଦୀପ ସେଠୀ ନିର୍ବାଚିତ ହୋଇଛନ୍ତି। ନୂତନ କମିଟିରେ ଶଶାଙ୍କ ପଟ୍ଟନାୟକ, ଅମରଜ୍ୟୋତି ମହାପାତ୍ର। ତରୁଣ ତୁର୍କ, ସମ୍ବିତ ମହାନ୍ତି, ଧରିତ୍ରୀ ଶତପଥୀ, ଦିପାନ୍ୱିତା ମିଶ୍ର, ଡ. ଅନୁରାଗ ସାହୁ ପ୍ରମୁଖ ରହିଛନ୍ତି। ନବନିର୍ବାଚିତ ଟିମ୍ କର୍ମଶାଳା, ଆଲୋଚନାଚକ୍ର, ଛାତ୍ରଛାତ୍ରୀଙ୍କ ନିମନ୍ତେ ପିଆର୍ ବୁଟ୍ କ୍ୟାମ୍ପ୍ ଆୟୋଜନ ସହିତ ଇଭେଣ୍ଟ ନେଟ୍‌ୱର୍କ ଜରିଆରେ ଜନସମ୍ପର୍କକୁ ଏକ ବୃତ୍ତି ଭାବରେ ଅଭିବୃଦ୍ଧି ଓ ବିକାଶ ପଥରେ ଆଗେଇନେବେ ବୋଲି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି।

## 'ଚେଞ୍ଜିଂ ଦ ଷ୍ଟାର୍ସ: ଡବଲ୍-ଏଜ୍‌ଡ ସୋର୍ଡ ଅଫ୍ ମଡର୍ଣ୍ଣ ସକ୍ସେସ୍' ଉନ୍ମୋଚିତ

ଭୁବନେଶ୍ୱର, ୨୫।୩(ସମିସ): ମାନବସମ୍ବଳ ବିଭାଗରେ ଜଣାଶୁଣା ବ୍ୟକ୍ତିତ୍ୱ ତଥା ମାର୍ଗଦର୍ଶକ ସମ୍ବିତ ପଟ୍ଟନାୟକଙ୍କ ପ୍ରଥମ ପୁସ୍ତକ 'ଚେଞ୍ଜିଂ ଦ ଷ୍ଟାର୍ସ ଡବଲ୍-ଏଜ୍‌ଡ ସୋର୍ଡ ଅଫ୍ ମଡର୍ଣ୍ଣ ସକ୍ସେସ୍' ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଭାଷାବିତ୍ ତଥା ସମାଜ ବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଡ. ବିଜନ୍ ବାସିନୀ ମହାନ୍ତି, ବିଷ୍ଣୁବ୍ରତ ରାଉତରାୟ, ବିଶିଷ୍ଟ ଲେଖକ ଡ. ପ୍ରଦୀପ କୁମାର ଦାସ, ଲେଖକଙ୍କ ପିତା ସୁବୋଧ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ।

## ଉତ୍କଳ ମହିଳା ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, ୨୫।୩(ସମିସ): ଉତ୍କଳ ମହିଳା ସମିତି, ସିପିଆଇ, ବସ୍ତି ମହାସଂଘର ପୂର୍ବତନ ନେତ୍ରୀ ପ୍ରମିଳା ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମିୟ ମହାନ୍ତିଙ୍କ ସଭାପତିତ୍ୱରେ ବଡ଼ଗଡ଼ସ୍ଥିତ ନେତାଜୀ ଯୁବକ ସଂଘ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବହୁ ବ୍ୟକ୍ତି ଯୋଗଦେଇ ତାଙ୍କ ତ୍ୟାଗ, ସେବା ଓ ପରୋପକାରିତାକୁ ମନେପକାଇଥିଲେ। ଏବେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଶୋଷଣ ବିରୋଧରେ ତାଙ୍କର ଆବଶ୍ୟକତା ମନେପକାଇ ତାଙ୍କ ନୀତି ଆଦର୍ଶକୁ କାର୍ଯ୍ୟକାରୀ କଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତବ୍ୟ ରଖିଥିଲେ। ଏଥିରେ ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ବସନ୍ତ ପାଇକରାୟ, ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ପ୍ରବୀଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## 'ବିକାଶ ପ୍ରରୋଚିତ ବିସ୍ଥାପନ' ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୨୫।୩(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ପକ୍ଷରୁ 'ବିକାଶ ପ୍ରରୋଚିତ ବିସ୍ଥାପନ' ଉପରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ବରିଷ୍ଠ ପ୍ରଫେସର ଓ ଗବେଷକ ଯୋଗଦେଇଥିଲେ। ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ଗରଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ବିକାଶ ଓ ବିସ୍ଥାପନର ବିଭିନ୍ନ ଦିଗ, ଆଦିମ ଅଧିବାସୀଙ୍କ ଉପରେ ଏହାର ପ୍ରଭାବ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଯୁକ୍ତି ସଂସ୍ଥାନ କାନପୁର ଉତ୍ତରପ୍ରଦେଶର ପ୍ରଫେସର୍ ବିନୟ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗର ପୂର୍ବତନ କୁଳପତି ପ୍ରଫେସର ବିଶ୍ୱଜିତ୍ ଘୋଷ୍, ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର୍ ଅଖିଳ ବିହାରୀ ଓତା ଯୋଗଦେଇ ବିକାଶ ଏବଂ ତଦ୍ୱାରା ହେଉଥିବା ବିସ୍ଥାପନର ବିଭିନ୍ନ ଦୃଷ୍ଟିକୋଣ, ସାଙ୍ଘାତିକ ପ୍ରଭାବ, ନ୍ୟାୟିକ ଦିଗ ଓ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଦୀନବନ୍ଧୁ ସାହୁ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ବିବରଣୀ ଦେଇଥିବାବେଳେ ସହକାରୀ ପ୍ରଫେସର ତନୟା ମହାନ୍ତି ଓ ଅତିଥି ସହକାରୀ ପ୍ରଫେସର ଅନ୍ୱେଷା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ ଜଣ ଗବେଷକ ନିଜର ଗବେଷଣା ଉପସ୍ଥାପନ କରିଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଗବେଷକ ଯୋଗଦେଇଥିଲେ। ପରିଶେଷରେ ବିଭାଗର ଅନ୍ୟତମ ସହକାରୀ ପ୍ରଫେସର ସସ୍ମିତା ସୋରେନ୍ ଓ ପପେଶ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।




## ସତ୍‌ସଙ୍ଗ ଅଧିବେଶନ ଉଦ୍‌ଯାପିତ



ଭୁବନେଶ୍ୱର, ୨୫।୩(ସମିସ): ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୭ତମ ଜନ୍ମ ମହୋତ୍ସବ ଅବସରରେ ଏକ ବାର୍ଷିକ ସତ୍‌ସଙ୍ଗ ଅଧିବେଶନ ପୋଖରୀପୁଟ କାର୍‌ଗିଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମାଉସୀ ମା' ସତ୍‌ସଙ୍ଗ ଭାଇ ଓ ମା'ମାନଙ୍କ ମିଳିତ ସହଯୋଗରେ ଦୁଇଦିନ ଧରି ହୋଇଥିବା ଏହି ଅଧିବେଶନରେ ଉଷାକୀର୍ତ୍ତନ, ଉଷାବିନତୀ ପ୍ରାର୍ଥନା, ସାମୂହିକ ଧ୍ୟାନ ଓ ବାଣୀପାଠ, ଗୀତାପାଠ, ନିଃଶୁଳ୍କ ଡାକ୍ତରୀ ପରୀକ୍ଷା ଓ ଡାକ୍ତରୀ ପରାମର୍ଶ ପରେ ପାମ୍ଫ୍ଲେଟ୍ ପାଠ ହୋଇଥିଲା। ଏଥିସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ମାତୃ ସମ୍ମିଳନୀ, ସନ୍ଧ୍ୟା ବିନତୀ ପ୍ରାର୍ଥନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସାଧାରଣ ସଭା କରାଯାଇଥିଲା। ଏଥିରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଆସିଥିବା ଗୁରୁ ଭାଇ ଓ ମା'ମାନେ ଯୋଗଦେଇଥିଲେ।

## ଦୀନକୃଷ୍ଣଙ୍କ ସାହିତ୍ୟରେ ଭରି ରହିଛି ଭକ୍ତିଚେତନା




**ଓଡ଼ିଆ ସାହିତ୍ୟ ସମାରୋହର ଦ୍ୱିତୀୟ ଦିବସ**

ଭୁବନେଶ୍ୱର, ୨୫।୩(ସମିସ): ସମର୍ପିତଭାବ ଓ ଅନନ୍ୟ ଭକ୍ତିରସର ପ୍ଲାବନରେ ଓଡ଼ିଆ ସାହିତ୍ୟକୁ ସିକ୍ତ କରିଛନ୍ତି ଭକ୍ତକବି ଦୀନକୃଷ୍ଣ। ତାଙ୍କ ରଚନାର ଛତ୍ରେ ଛତ୍ରେ ଭରି ରହିଛି ଅମୃତମୟ ଭକ୍ତିଚେତନା ବୋଲି ମତ ପ୍ରକାଶ ପାଇଛି। ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀର ରୌପ୍ୟଜୟନ୍ତୀ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ପଞ୍ଚଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର 'କୃଷ୍ଣକଲ୍ଲୋଳ' ଶୀର୍ଷକ ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର କବି ଦୀନକୃଷ୍ଣଙ୍କ ଲଳିତ-ମଧୁର ପଦଲାଳିତ୍ୟର ଅନୁଶୀଳନ ଓ ଅଧ୍ୟୟନ ଦ୍ୱାରା ଶାନ୍ତି ମିଳିଥାଏ ଓ ଆଧୁନିକ ସମୟରେ ଏହି ଶାନ୍ତିପ୍ରାପ୍ତି ହିଁ ଆମ ପ୍ରତ୍ୟେକଙ୍କ ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଛନ୍ତି। ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର କୁଳସଚିବ ବାମଦେବ ଆଚାର୍ଯ୍ୟ କବିଙ୍କ ଜଣାଣକୁ ପିଲାଦିନୁ ପଢ଼ିବାର ଅନୁଭୂତି ବଖାଣିବା ସହ ସଙ୍ଗୀତମୟ ଭକ୍ତିକାବ୍ୟନିର୍ମାଣରେ ଦୀନକୃଷ୍ଣଙ୍କ ପଟୁତା ଅନନ୍ୟ ବୋଲି କହିଥିଲେ। ଶୈଳବାଳା ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷାସାହିତ୍ୟ ବିଭାଗ ମୁଖ୍ୟ ଡ. ସଞ୍ଚିତା ମିଶ୍ର ଦୀନକୃଷ୍ଣଙ୍କ ସାହିତ୍ୟରେ ନିର୍ମଳ ଭକ୍ତିଚେତନାର ଅବତାରଣା କରିଥିବା ବେଳେ ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ କବି ଦୀନକୃଷ୍ଣଙ୍କ ରସକଲ୍ଲୋଳ ଗ୍ରନ୍ଥର ନାମକରଣର ଯଥାର୍ଥତାର ପ୍ରତିପାଦନ ସହ ତାଙ୍କର ଭକ୍ତିବୈଶିଷ୍ଟ୍ୟ ଓ ଆଧ୍ୟାତ୍ମିକ ଉତ୍ତରଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ 'ନାଦବ୍ରହ୍ମ'ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପିନୀ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ଭଞ୍ଜସଙ୍ଗୀତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବା ବେଳେ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହ ଆଗାମୀ ମାର୍ଚ୍ଚ ୨୮ ତାରିଖ ଯାଏଁ ଚାଲିବ।

କଳିଯୁଗର ଶ୍ରବଣ କୁମାର ଡି. କ୍ରିଷ୍ଣାକୁମାର

# ସ୍କୁଟରରେ ମାଆଙ୍କୁ ବିଦେଶ ଭ୍ରମଣ

■ ଏପର୍ଯ୍ୟନ୍ତ କଲେଣି ୯୩ ହଜାର ୬୭୫ କିଲୋମିଟର ସ୍କୁଟର ଯାତ୍ରା

ଭୁବନେଶ୍ୱର, ୨୫।୩(ସମିସ): ତ୍ରେତୟାଯୁଗର ଶ୍ରବଣକୁମାରଙ୍କ ଚରିତ୍ର ବିଷୟରେ ଆମେ ସମସ୍ତେ ଊଣାଅଧିକେ ଅବଗତ। କିନ୍ତୁ ଏ କଳିଯୁଗରେ ଶ୍ରବଣକୁମାରଙ୍କ ପଦାଙ୍କ ଅନୁସରଣ କରିଥିବା ଜଣେ ଯୋଗ୍ୟ ସନ୍ତାନ ହେଉଛନ୍ତି ୪୫ ବର୍ଷୀୟ ଡି. କ୍ରିଷ୍ଣାକୁମାର। ଶ୍ରବଣକୁମାରଙ୍କ ପରି କାନ୍ଧରେ ମାତାପିତାଙ୍କ ଭାର ବହନ କରିନଥିଲେ ମଧ ପିତାଙ୍କ ଦେହାନ୍ତ ପରେ ତାଙ୍କ ଦୁଇଚକିଆ ଯାନରେ ମାତାଙ୍କୁ ସାରା ଭାରତ ଭ୍ରମଣ କରିବାର ସଂକଳ୍ପ ନେଇଛନ୍ତି। ଏହି କ୍ରମରେ ସେ ଭୁବନେଶ୍ୱର ପହଞ୍ଚିଛନ୍ତି ଥିଲେ କର୍ଣ୍ଣାଟକର ଡି. କ୍ରିଷ୍ଣାକୁମାର ଓ ତାଙ୍କ ମାଆ ଚୁଡ଼ାରତ୍ନମା।

ଡି. କ୍ରିଷ୍ଣକୁମାର କହିଛନ୍ତି ଯେ ସମସ୍ତଙ୍କର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ହେଉ ଅବା ଧର୍ମାନୁଷ୍ଠାନ ସ୍ଥାନ ବୁଲିବାକୁ ଭଲ ଲାଗେ। ମୋ ମାଆଙ୍କୁ ମଧ ଏହା ବେଶ୍ ପସନ୍ଦ। କିନ୍ତୁ ଆମର ଯୌଥ ପରିବାର ଜଞ୍ଜାଳ ଭିତରୁ ଫୁର୍‌ସତ୍ ପାଇ ନ ଥିବାରୁ ସେ ନିଜ ଇଚ୍ଛାକୁ ମନରେ ରଖି ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପ୍ରତି ନିଜର କର୍ତ୍ତବ୍ୟ ପାଳନ କରୁଥିଲେ। ଗୋଟେ ଦିନ ଆମେ କଥା ହେଉଥିବାବେଳେ ମୁଁ ମାଆଙ୍କୁ ଏକ ମନ୍ଦିର ବିଷୟରେ ପଚାରିବାରୁ ସେ କହିଥିଲେ ଯେ ନିକଟସ୍ଥ ମନ୍ଦିରକୁ ବି ସେ ଯାଇପାରି ନାହାନ୍ତି। କେବଳ ଆମମାନଙ୍କ ପାଇଁ ନିଜକଥା ଭୁଲି ଯାଇଥିବା ମାଆଙ୍କଠାରୁ ଏହା ଶୁଣି କଷ୍ଟ ଅନୁଭବ ହୋଇଥିଲା। ତେଣୁ ପୁଅ ଭାବେ ଯଦିଓ ମାଆ ଋଣ କେହି ସୁଝି ପାରିନାହାନ୍ତି। ତଥାପି ମୁଁ ସେହିଦିନଠାରୁ ସଂକଳ୍ପ ନେଇଥିଲି ମାଆଙ୍କୁ କିଛି ମାତ୍ରାରେ ଖୁସି କରିବାକୁ। କାରଣ ମୁଁ ଏକମାତ୍ର ପୁଅ। ତାଙ୍କର ଇଚ୍ଛା ପୂରଣ କରିବା ମୋର କର୍ତ୍ତବ୍ୟ। ତେବେ ଡି. କ୍ରିଷ୍ଣାକୁମାର କର୍ପୋରେଟ୍ ଚାକିରି କରୁଥିବାବେଳେ ଚାକିରି ଛାଡ଼ି ମାଆଙ୍କ ସେବାରେ ନିଜକୁ ସମର୍ପି ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଡି. କ୍ରିଷ୍ଣାକୁମାର ସ୍କୁଟରରେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ଯେଉଁ ସ୍କୁଟର ତାଙ୍କ ବାପା ତାଙ୍କୁ ପ୍ରଥମ ଉପହାର ଦେଇଥିଲେ। ତେଣୁ ଏହି ସ୍କୁଟର ହେଉଛି ବାପାଙ୍କ ପ୍ରତିରୂପ। ଏବେ ସ୍କୁଟରରେ ସେ ମାଆଙ୍କୁ ନେଇ ଗଲାବେଳେ ବାପା ସାଙ୍ଗରେ ଥିବା ଭଳି ଅନୁଭବ ହୋଇଥାଏ ବୋଲି ସେ କହିଛନ୍ତି। ଏପର୍ଯ୍ୟନ୍ତ ସେ ୯୩ ହଜାର ୬୭୫ କିଲୋମିଟର ଭ୍ରମଣ କରିସାରିଛନ୍ତି। ନେପାଳ, ଭୁଟାନ ଓ ମ୍ୟାଁମାର ବି ସ୍କୁଟରରେ ବୁଲି ଦେବଦେବୀଙ୍କୁ ଦର୍ଶନ କରାଇଛନ୍ତି। ଓଡ଼ିଶାରେ ବଲାଙ୍ଗିର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ପୁରୀ, କୋଣାର୍କ, ରାଉରକେଲା ଆଦି ଭ୍ରମଣ କରି ଭୁବନେଶ୍ୱରରେ ମଧ ବିଭିନ୍ନ ମନ୍ଦିର ଦର୍ଶନ କରିବା ପରେ କୋଲକାତା ଯାତ୍ରା କରିଛନ୍ତି।







## କଣ୍ଢେଇ ମେଳଣ ପାଇଁ ଚଳଚଞ୍ଚଳ ଭଗବାନପୁର

# ୩୦ ବିମାନରେ ବିରାଜିବେ ପିଲାଙ୍କ କଣ୍ଢେଇ

ଭୁବନେଶ୍ୱର, ୨୫।୩(ସମିସ): ଆଉ ଦିନ କେଇଟା ପରେ ଓଡ଼ିଶା ପ୍ରସିଦ୍ଧ କଣ୍ଢେଇ ମେଳଣ। ସେଥିପାଇଁ ଚଳଚଞ୍ଚଳ ହେଲାଣି ଭଗବାନପୁର ଅଞ୍ଚଳ। ସୁସଜ୍ଜିତ ବିମାନରେ ଟିକିଟିକି କଣ୍ଢେଇ। ବିଶାଳ ଶୋଭାଯାତ୍ରାରେ ବିମାନଗୁଡ଼ିକୁ କରାଯାଏ ଗ୍ରାମ ପରିକ୍ରମା। ବାଜା, ବାଣରେ କମ୍ପେ ଗାଁ। ଓଡ଼ିଶାରେ ହଜିଯାଉଥିବା କଳା, ସଂସ୍କୃତିକୁ ସାଉଁଟିବାର ପ୍ରୟାସରେ ପ୍ରତିବର୍ଷ ଆୟୋଜିତ ହେଉଛି ଭଗବାନପୁର କଣ୍ଢେଇ ମେଳଣ। ଏକଦା ଗାଁର କିଛି ଛୋଟ ପିଲାଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ମେଳଣ ଏବେ ଗ୍ରାମବାସୀଙ୍କ ପାଇଁ ପରମ୍ପରା ପାଲଟିଛି। ଏହା ଏବେ ଗାଁର ପାରମ୍ପରିକ ଗଣପର୍ବ ଭାବେ ପାଳିତ ହେଉଛି। ଚଳିତ ବର୍ଷ ୩୦ ବିମାନରେ ଶୋଭା ପାଇବେ ପିଲାଙ୍କ ହାତ ତିଆରି କଣ୍ଢେଇ।

### ହଜିଯାଉଥିବା କଳାକୁ ନେଇ ପ୍ରଦର୍ଶିତ ହେବ କଣ୍ଢେଇ ନାଚ





ଏହି କଣ୍ଢେଇ ମେଳଣ ଆରମ୍ଭ ହେବାର ସେପରି କିଛି ନିର୍ଦ୍ଦିଷ୍ଟ ଦିନ ହୁଏତ କାହାର ମନେ ନାହିଁ। ହେଲେ ୧୯୭୭ ମସିହାରେ ପ୍ରଥମ କରି କଣ୍ଢେଇ ମେଳଣର କମିଟି ଗଠିତ ହୋଇଥିଲା। ଏହି ମେଳଣ ପ୍ରତିବର୍ଷ ମଧୁ ଅମାବାସ୍ୟାରେ ଅର୍ଥାତ୍ ଦୋଳପୂର୍ଣ୍ଣିମାର ୧୫ ଦିନ ପରେ ଆରମ୍ଭ ହୋଇଥାଏ। ଦୋଳ ବା ବିମାନରେ କଣ୍ଢେଇ ରଖି ପୂଜା କରାଯାଉଥିବାରୁ ଏହାକୁ କଣ୍ଢେଇ ମେଳଣ ବେଲି କୁହାଯାଇଥାଏ। ଅମରି, ବାଉଁଶ କାଠି, କାଗଜ ଓ ରଙ୍ଗିନ୍ କପଡ଼ାରେ ଦୋଳ କରି ଗ୍ରାମର ଆରାଧ୍ୟ ଦେବୀ ମା' ଛୋଟି ଭୁଆସୁଣୀଙ୍କ ନିକଟକୁ ନିଆଯାଏ। ସେଠାରେ ନଡ଼ିଆ ବାଢ଼େଇ ଆରମ୍ଭ ହୁଏ ୩ ଦିନର ଏହି ମେଳଣ। କୁନିକୁନି ପିଲାମାନଙ୍କ କାନ୍ଧରେ କୁନିକୁନି ବିମାନରେ ଶୋଭା ପାଉଥିବା ବିଭିନ୍ନ ପ୍ରକାରର କଣ୍ଢେଇଙ୍କୁ ଗ୍ରାମ ପରିକ୍ରମା କରାଯାଇ ମା' ଛୋଟି ଭୁଆସୁଣୀଙ୍କ ମେଳଣ ପଡ଼ିଆକୁ ନିଆଯାଏ। କେଉଁ ବିମାନରେ ଟେଡି ବିୟର ଥାଏ ତ କେଉଁ ବିମାନରେ ବାର୍ବିଡଲ୍। ପୁଣି କେଉଁଠି ଛୋଟାଭିମ୍ ଭଳି କଣ୍ଢେଇ ବିମାନରେ ବିରାଜମାନ ହେବାର ମଧ୍ୟ ଏଠାରେ ଦେଖିବାକୁ ମିଳେ। କାରଣ ବିଭିନ୍ନ ସ୍ଥାନରେ ଦୋଳରେ ରାଧାକୃଷ୍ଣଙ୍କୁ ରଖି ପୂଜା କରାଯାଉଥିବା ବେଳେ ଏଠାରେ ଗ୍ରାମର କୁନି କୁନି ପିଲାଙ୍କ ଦ୍ୱାରା ତିଆରି କରାଯାଉଥିବା କଣ୍ଢେଇ ପୂଜା ପାଇଥା'ନ୍ତି। ୮ରୁ ୧୨ବର୍ଷ ବୟସର ପିଲାମାନେ ବିମାନ କାନ୍ଧେଇଥିବା ବେଳେ ସେମାନଙ୍କ ଆଗରେ ରୁହେ ବିରାଟ ପଟୁଆର। ପ୍ରତି ବର୍ଷ ଶୋଭାଯାତ୍ରାରେ ଘୋଡ଼ା ନାଚ, ବାଘ, ଭାଲୁ, ହରିଣ, ବଣ ମଣିଷ, ଟାକୁଟାକୁଆ ଚଢ଼େଇ ନାଚ ଓ ଷଣ୍ଢ ନାଚ ଆକର୍ଷଣ ସାଜି ଆସୁଛି। ଚଳିତ ବର୍ଷ ପାତ୍ରପଡ଼ାର ସିଜୁଆ, ବାଲିଆପଡ଼ା, କାଶୀପୁର, ବିଜିପୁର, ତମାଣ୍ଡୋ, ଦେଉଳିଆପାଟଣା ଓ ଅରିସଲରୁ ୩୦ଟି ସୁସଜ୍ଜିତ ବିମାନ ଏହି ଶୋଭାଯାତ୍ରାରେ ସାମିଲ୍ ହେବେ। ୨୮ ତାରିଖଠାରୁ ୪ ଦିନ ପର୍ଯ୍ୟନ୍ତ ବିମାନ ଖୁଣ୍ଟି ଲାଗି ହୋଇ ରହିବେ। ପ୍ରଥମେ ଜମାଣ ଉତ୍ସବ ପାଳନ ହେବ। ଶେଷରେ ଏପ୍ରିଲ ୧ ତାରିଖରେ ହରିହର ଭେଟ ଆୟୋଜିତ ହେବ। ଯେଉଁଥିରେ ଦିଅଁ ମିଳନ କାର୍ଯ୍ୟକ୍ରମ ହୋଇଥାଏ। ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚଳିତ ବର୍ଷ ମେଳଣର ବିଶେଷ ଆକର୍ଷଣ ସାଜିବ ଗଞ୍ଜାମର ମା' ବ୍ୟାଘ୍ରଦେବୀ କଣ୍ଢେଇ ଅପେରା। ଏହି ଅପେରା ଦୁଇ ଦିନ ଧରି ପରିବେଷଣ ହେବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ୪ ଜଣଙ୍କୁ ସମ୍ମାନିତ କରାଯିବ ବୋଲି କମିଟିର ସଭାପତି ରବୀନ୍ଦ୍ରନାଥ ସାହୁ ସୂଚନା ଦେଇଛନ୍ତି।

**ଚାଟେରୀ ଭୋଗ**

ରାଧାକୃଷ୍ଣଙ୍କ ନିକଟରେ ଦିଆଯାଉଥିବା ଚାଟେରୀ ଭୋଗ ପରି ଏଠାରେ ମଧ୍ୟ ଏହି ଭୋଗ ଦିଆଯାଏ। ଦାଣ୍ଡରେ ବେଦୀ ତିଆରି କରାଯାଇ କଣ୍ଢେଇମାନଙ୍କୁ ସେଠାରେ ଭୋଗ ଦିଆଯାଇଥାଏ। ଏହି ଭୋଗ ଗ୍ରାମବାସୀଙ୍କ ଦ୍ୱାରା ହିଁ ପ୍ରସ୍ତୁତ କରାଯାଏ। ଖଇ, ଲିଆ ଓ ବିଭିନ୍ନ ଫଳ ଆଦିରେ ପ୍ରସ୍ତୁତ ହୁଏ ଚାଟେରୀ ଭୋଗ। ଏହି ଭୋଗ ଖାଇବା ପରେ ବିମାନରେ ଠାକୁରଙ୍କୁ କଣ୍ଢେଇ ମଣ୍ଡପକୁ ନିଆଯାଇଥାଏ। ଯାହାକୁ ଖୁଣ୍ଟି ଲାଗି କୁହାଯାଏ।

## 'ଓଡ଼ିଶା ଜ୍ଞାନ ପ୍ରଣାଳୀ: ସ୍ୱଦେଶୀ ଜ୍ଞାନ ଏବଂ ବୌଦ୍ଧିକ ପରମ୍ପରା' କର୍ମଶାଳା ଉଦ୍‌ଯାପିତ



ଭୁବନେଶ୍ୱର, ୨୫।୩(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ସଂସ୍କୃତ ବିଭାଗରେ ଅନୁଷ୍ଠିତ ଦୁଇଦିନିଆ ରାଷ୍ଟ୍ରୀୟ ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। 'ଓଡ଼ିଶା ଜ୍ଞାନ ପ୍ରଣାଳୀ: ସ୍ୱଦେଶୀ ଜ୍ଞାନ ଏବଂ ବୌଦ୍ଧିକ ପରମ୍ପରା' ଶୀର୍ଷକ ଏହି ଆଲୋଚନାଚକ୍ରରେ ଉତ୍କଳୀୟ ଜ୍ଞାନ ପରମ୍ପରା, ସାରଳା ସାହିତ୍ୟ, ପୋଥି ପରମ୍ପରା, ଜ୍ୟୋତିଷ ଶାସ୍ତ୍ର, ବ୍ୟାକରଣ ପରମ୍ପରା ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବ୍ରହ୍ମବାକ୍ ଶୈକ୍ଷଣୀୟ ସଂସ୍ଥାର ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି କର୍ମଶାଳାରେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜେଏନ୍‌ୟୁର ଓଡ଼ିଆ ବିଭାଗ ପ୍ରଫେସର ଉଦୟନାଥ ସାହୁ ସମ୍ମାନିତ ଅତିଥି, ଅରୁଣ ଉପାଧ୍ୟାୟ ମୁଖ୍ୟବକ୍ତା, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝୁମ୍‌କୀ ରଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ପ୍ରଫେସର ସୁବାସ ଚନ୍ଦ୍ର ଦାଶ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ବିଭାଗୀୟ ମୁଖ୍ୟ ଡ. ସୁଜିତ୍ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଡ. ଶାନ୍ତିପ୍ରିୟା ଦେବୀ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର୍ ଚକ୍ରଧର ବେହେରା, ଡ. ମମତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ବଳିଦାନ ଦିବସରେ ରକ୍ତଦାନ ଶିବିର




ଭୁବନେଶ୍ୱର, ୨୫।୩(ସମିସ): ସେଣ୍ଟ୍ରାଲ ଟୁଲ୍ ଟ୍ରେନିଂ ସେଣ୍ଟର୍ (ସିଟିଟିସି), ପଟିଆ, ଭୁବନେଶ୍ୱର ଅଡିଟୋରିୟମ୍‌ରେ ସହିଦ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କ ବଳିଦାନ ଦିବସ ଉପଲକ୍ଷେ ସିଟିଟିସି ପରିସରରେ ଏକ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଫ୍‌ବିଡି ଓ ନିଫା ସହାୟତାରେ ଆୟୋଜିତ ଏହି ଶିବିରରେ ଅତିଥି ଭାବେ ସିଟିଟିସିର ମହାପ୍ରବନ୍ଧକ ଏସ୍ ରାଜଶେଖର, ଉପମହାପ୍ରବନ୍ଧକ ଡ. କେଏମ୍ ରାଜନ, ସୁଶାନ୍ତ କୁମାର ରାଉତ, କିଶୋର ଚନ୍ଦ୍ର ନାୟକ, ସୁରେନ୍ଦ୍ର ଆଲ୍ଲୁ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ୟାପିଟାଲ ହସ୍ପିଟାଲସ୍ଥିତ ଓଡ଼ିଶା ରକ୍ତ କେନ୍ଦ୍ରର ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ର, ଭୁବନେଶ୍ୱର ରେଡ୍‌କ୍ରସ୍ ରକ୍ତ କେନ୍ଦ୍ରର ଅଧିକାରୀ ଡ. ରଘୁନାଥ ବେଉରା, ଡ. ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଓଡ଼ିଶା ଯୁବ ରେଡ୍‌କ୍ରସ ଅଧିକାରୀ ଓ ତାଙ୍କ ଟିମ୍ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ୍ ୧୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ସିଟିଟିସିର ପ୍ରଶାସନିକ ମୁଖ୍ୟ ଏସ୍‌କେ ରାଉତ, ସ୍ୱର୍ଣ୍ଣଲତା ସାହୁ, ଶଶାଙ୍କ ଶେଖର ସାହୁ, ବିଶ୍ୱରଞ୍ଜନ ପରିଚାଳନା କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରୀ ସଭାପତି ଡ. ନରେଶ ଚନ୍ଦ୍ର ସାହୁ ସିଟିଟିସିର ଏହି ଉଦ୍ୟମ ପାଇଁ କୃତଜ୍ଞତା ଜଣାଇଛନ୍ତି।

## ଏପ୍ରିଲ୍ ୧୪ରେ ନମାମି ମନ୍ଦାକିନୀ ପକ୍ଷରୁ ନବବର୍ଷ ମହୋତ୍ସବ

ଭୁବନେଶ୍ୱର, ୨୫।୩(ସମିସ): ସାଂସ୍କୃତିକ ସଂଗଠନ 'ନମାମି ମନ୍ଦାକିନୀ ପରିଷଦ' ପକ୍ଷରୁ ପ୍ରତିବର୍ଷ ପରି ଆସନ୍ତା ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଅବସରରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହେବାକୁ ଯାଉଛି ନବବର୍ଷ ମହୋତ୍ସବ। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଆଗେଇ ନେବା ସହିତ ଲୋପ୍ ପାଉଥିବା କଳା, ଲୋକଗୀତ, ଲୋକନାଟକ, ଢଗ, ବୋଲିବାଣୀ, ସାମରିକ କ୍ରୀଡ଼ା, ପାଇକ ନୃତ୍ୟ, ସଙ୍ଗୀତ, ବୀରତ୍ୱ, ପାଲା, ଦାସକାଠିଆ ପ୍ରମୁଖ ଉପରେ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହାସହିତ ବ୍ୟାପକ ପ୍ରଚାରପ୍ରସାର ମଧ୍ୟ କରାଯିବ ବୋଲି ଏହାର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ମତବ୍ୟକ୍ତ କରିଛନ୍ତି। ନଦୀମାନଙ୍କ ସୁରକ୍ଷା ସହିତ ପୂଜନ, ପୁନରୁଦ୍ଧାର ପ୍ରମୁଖକୁ ଗୁରୁତ୍ୱ ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ମହାନ ପରମ୍ପରାକୁ ବଜାୟ ରଖିବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ବିଭିନ୍ନ ସ୍ଥାନରେ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯିବ। ଅଭିଯାନ ପକ୍ଷରୁ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ବିଜୟ ପରିଡ଼ା, ଓଡ଼ିଶା ନାଗରିକ ମହାମଞ୍ଚର ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

## ଓଡ଼ିଶା ପ୍ରଶାସନିକ ସେବାର ଅଫିସର ଟ୍ରେନିଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

# 'ଆତ୍ମବିଶ୍ୱାସର ସହ ଜନସାଧାରଣଙ୍କ ସେବା କର'



ଭୁବନେଶ୍ୱର, ୨୫।୩(ସମିସ): ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶା ରାଜସ୍ୱ ସେବାରୁ ଓଡ଼ିଶା ପ୍ରଶାସନିକ ସେବାକୁ ପଦୋନ୍ନତିପ୍ରାପ୍ତ ୭୧ ଅଫିସର ଟ୍ରେନି ଓ ପ୍ରତ୍ୟକ୍ଷଭାବେ ନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା-୨୦୨୨ ବ୍ୟାଚ୍‌ର ୭୮ ଅଫିସର ଟ୍ରେନି ରାଜ୍ୟପାଳଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ଅଫିସର ଟ୍ରେନିମାନଙ୍କୁ ପରାମର୍ଶ ଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ନିଜ ମଧ୍ୟରେ ଶିଖିବାର ପ୍ରବୃତ୍ତିକୁ ଜାରି ରଖି ଜ୍ଞାନର ପରିଧିକୁ ବ୍ୟାପକ କରି ଦୃଢ଼ ଆତ୍ମବିଶ୍ୱାସର ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରିବାକୁ ଉଦ୍‌ବୋଧନ ଦେଇଛନ୍ତି। ବିଭିନ୍ନ ଅଞ୍ଚଳର ବିଶେଷତ୍ୱ, ଅଭିନବ ପ୍ରୟାସ, ଜୀବନ-ଜୀବିକା ବାବଦରେ ସର୍ବଦା ଅପ୍‌ଡେଟ୍ ରହିବା ପାଇଁ ଦୈନିକ ସମ୍ବାଦପତ୍ର, ନ୍ୟୁଜ୍ ଚ୍ୟାନେଲ୍‌ର ବ୍ୟବହାର ସହିତ ପଢ଼ିବାର ଆଗ୍ରହକୁ ଜାଗ୍ରତ ରଖିବା ପାଇଁ ରାଜ୍ୟପାଳ ସେମାନଙ୍କୁ ପରାମର୍ଶ ଦେବା ସହ ଅଧିକାରୀମାନଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ। ଏହି ସାକ୍ଷାତ୍ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଡ. ମୋନାଲିସା ଲେଙ୍କା ଏକାଡେମୀ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଅଫିସର୍ସ ଟ୍ରେନିଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ଅଫିସର୍ସ ଟ୍ରେନିଙ୍କ ପକ୍ଷରୁ ବିକାଶ ସାହୁ, ସାୟେଦା ନାୟେଲା, ଦିବ୍ୟରଞ୍ଜନ ବିଶ୍ୱାଳ ଓ ମଧୁସ୍ମିତା ବିଶି ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଥିଲେ। ଶେଷରେ ଆକାଂକ୍ଷା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ପ୍ରାନ୍ତୀୟ ମାରୱାଡି ଯୁବ ମୋର୍ଚ୍ଚାର ବାର୍ଷିକ ସଭା




ଭୁବନେଶ୍ୱର, ୨୫।୩(ସମିସ): ଓଡ଼ିଶା ପ୍ରାନ୍ତୀୟ ମାରୱାଡି ଯୁବ ମୋର୍ଚ୍ଚାର ୧୩ତମ ବାର୍ଷିକ ସଭା କଟକ ରୋଡ୍ ସ୍ଥିତ ଟେରାପନ୍ଥ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସନ୍ତା ୨ ବର୍ଷ ପାଇଁ ଓଡ଼ିଶା ମାରୱାଡି ଯୁବମୋର୍ଚ୍ଚାର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ନିର୍ବାଚନରେ ରାଜ୍ୟର ଶହେରୁ ଉର୍ଦ୍ଧ୍ୱ ମାରୱାଡି ଯୁବମୋର୍ଚ୍ଚା ବ୍ରାଞ୍ଚର ୬୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ନିର୍ବାଚନରେ ରାଉରକେଲାର ଅଜୟ ଶର୍ମା ଆସନ୍ତା ୨ ବର୍ଷ ନିମନ୍ତେ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଉପସଭାପତି ଭାବେ ଭୁବନେଶ୍ୱର ମଣ୍ଡଳରୁ ଅରୁଣ ଅଗ୍ରୱାଲ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ବାର୍ଷିକ ଉତ୍ସବରେ ଅଲ୍ ଇଣ୍ଡିଆ ମାରୱାଡି ଯୁବମୋର୍ଚ୍ଚାର ସଭାପତି ସୁରେଶ ଜୈନ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ପରାଗ ଅଗ୍ରୱାଲ, ହରିଶ ଅଗ୍ରୱାଲ, ପ୍ରତୀକ ଅଗ୍ରୱାଲ, କମଳ ଗୁପ୍ତା ଓ ବିକାଶ ବଥୱାଲ ପରିଚାଳନା କରିଥିଲେ।




ଭାରତ ସରକାରଙ୍କ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରୀତମ୍ ପୁରୁକାୟସ୍ଥଙ୍କ ଦ୍ୱାରା ସ୍ୱଚ୍ଛତା ପକ୍ଷରେ ୟୁନିଟ୍-୪ ସ୍ଥିତ ଇସ୍ପାତ ଭବନରେ ଚାରାରୋପଣ।

# ଗୋଟିପୁଅ ନୃତ୍ୟରେ ଦର୍ଶକ ବିଭୋର

## ମହେଶ୍ୱର ମହାପାତ୍ରଙ୍କୁ 'ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍ ଗୋଟିପୁଅ' ସମ୍ମାନ

ଭୁବନେଶ୍ୱର, ୨୫।୩(ସମିସ): ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟଭିତ୍ତିକ ୧୨ତମ ଗୋଟିପୁଅ ନୃତ୍ୟ ଉତ୍ସବ ଓ ଆରାଧନା ସମ୍ମାନ-୨୦୨୪ ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆରାଧନାର ସମ୍ପାଦକ ଚିତ୍ରସେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଟିପୁଅ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍, ଆରାଧନାର ସଭାପତି ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଲିଙ୍ଗରାଜ ବାରିକ, ଗୁରୁ ବିଜୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ଗୁରୁ ଲିଙ୍ଗରାଜ ବାରିକ, ଗୁରୁ ଭାଗିରଥି ମହାପାତ୍ର, ଗୁରୁ ଅନନ୍ତ ବେହେରା, ଗୁରୁ ବାବୁଲି ଭୂୟାଁ, ଗୁରୁ ଚନ୍ଦ୍ରମଣି ପ୍ରଧାନ, ଗୁରୁ ପ୍ରିୟବ୍ରତ ପଲାଇ ଗୋଟିପୁଅରେ ଏକକ ନୃତ୍ୟ ଅଭିନୟ ପରିବେଷଣ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶୁଭଧ ଚନ୍ଦ୍ର ଆଚାର୍ଯ୍ୟ, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍, ଆରାଧନାର ସଭାପତି ଡ. ସ୍ନେହପ୍ରଭା ସାମନ୍ତରାୟ, ସାମ୍ବାଦିକ ଚୌଧୁରୀ ଅଭିତାଭ ଦାସ, ଗୋପାଳକୃଷ୍ଣ ମହାପାତ୍ର, ଗୁରୁ ଧନେଶ୍ୱର ସ୍ୱାଇଁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୫୦ଜଣ ଗୋଟିପୁଅ ଗୁରୁ ଏବଂ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ମହେଶ୍ୱର ମହାପାତ୍ରଙ୍କୁ 'ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍ ଗୋଟିପୁଅ ସମ୍ମାନ', ଗୁରୁ ଭାଗିରଥି ମହାପାତ୍ରଙ୍କୁ 'ଗୁରୁ ବୀରବର ସାହୁ ସ୍ମୃତି ସମ୍ମାନ' ଏବଂ ଉମେଶ ଚନ୍ଦ୍ର ବାରିକଙ୍କୁ 'ଗୋଟିପୁଅ ଯୁବ ପ୍ରତିଭା' ପୁରସ୍କାର ପ୍ରଦାନ କରାଯାଇଥିଲା। ମଧୁସ୍ମିତା, ସ୍ମୃତିମୟୀ, ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।




# ସେଲିବ୍ରିଟି ମାଷ୍ଟରସେଫ୍ ଇଣ୍ଡିଆରେ ସ୍ୱତନ୍ତ୍ର ଓଡ଼ିଶା ଖାଦ୍ୟ

## ଚ୍ୟାଲେଞ୍ଜରେ 'ପଖାଳ ଥାଳି' ଓ 'ସାତ୍ତ୍ୱିକ ମନ୍ଦିର ଖାଦ୍ୟ'



ଭୁବନେଶ୍ୱର, ୨୫।୩(ସମିସ): ଓଡ଼ିଶାର ସମୃଦ୍ଧ ପାରମ୍ପରିକ ବ୍ୟଞ୍ଜନ ଓ ଖାଦ୍ୟ ପ୍ରସ୍ତୁତି ଶୈଳୀକୁ ଜାତୀୟ ସ୍ତରରେ ଲୋକପ୍ରିୟ କରିବା ନିମନ୍ତେ ସୋନି ଟିଭି ଚ୍ୟାନେଲରେ ପ୍ରସାରିତ ସେଲିବ୍ରିଟି ମାଷ୍ଟରସେଫ୍‌ର ବିଶେଷ କାର୍ଯ୍ୟକ୍ରମରେ ସେଫ୍ ପ୍ରତିଯୋଗୀମାନେ ସ୍ୱତନ୍ତ୍ର ଓଡ଼ିଶା ଖାଦ୍ୟ ପ୍ରସ୍ତୁତ ଓ ପରିବେଷଣ କରିବେ। ପ୍ରଥମ ଥର ପାଇଁ ଓଡ଼ିଆ ଅସ୍ମିତାର ପରିଚୟ ପଖାଳ ଥାଳି ଏବଂ ପବିତ୍ର ମନ୍ଦିର ଖାଦ୍ୟକୁ ପରିବେଷଣ କରି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ଖାଦ୍ୟ ପରମ୍ପରାକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଦର୍ଶକଙ୍କ ନିକଟରେ ଉପସ୍ଥାପନ କରାଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋନି ଟିଭିରେ ପ୍ରସାରିତ ସେଲିବ୍ରିଟି ମାଷ୍ଟରସେଫ୍ ଇଣ୍ଡିଆ ଓଡ଼ିଶା ଖାଦ୍ୟ ଚ୍ୟାଲେଞ୍ଜ ସହିତ ଫାଇନାଲରେ ପହଞ୍ଚିଥିବା ସମସ୍ତ ପ୍ରତିଭାବାନ ସେଲିବ୍ରିଟି ସେଫ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଆ ଖାଦ୍ୟଶୈଳୀକୁ ବିଶ୍ୱସ୍ତରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ସହ ଗର୍ବର ସହ ଓଡିଆ ଖାଦ୍ୟର ସ୍ୱାଦକୁ ନିଜ ସମ୍ପ୍ରଦାୟରେ ବାଣ୍ଟିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭାରତ ତଥା ବିଶ୍ୱର ଥିବା ସମସ୍ତ ପ୍ରବାସୀ ଓଡିଆମାନଙ୍କୁ ଅନୁରୋଧ କରିଛନ୍ତି। ଖାଦ୍ୟ ପର୍ଯ୍ୟଟନରେ ସମଗ୍ର ଭାରତରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିପ୍ରକାଶ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ପରିଚାଳିତ କରାଯାଉଛି। ଏଥିରେ ଓଡ଼ିଶାର ବିବିଧ ଖାଦ୍ୟ ସଂସ୍କୃତି, ଅନନ୍ୟ ଉପାଦାନ ଏବଂ ସମୟ ନିର୍ଦ୍ଧାରିତ ରୋଷେଇ କଳା କୌଶଳକୁ ପ୍ରଦର୍ଶନ କରାଯିବା ସହ ଓଡ଼ିଶା କୁଜିନ୍ (ଖାଦ୍ୟ) ଚ୍ୟାଲେଞ୍ଜକୁ ଏକ ଅଂଶ ଭାବେ ଗ୍ରହଣ କରି ସେଲିବ୍ରିଟି ସେଫମାନେ ଓଡ଼ିଶାର ଦୁଇଟି ପ୍ରମୁଖ ଖାଦ୍ୟ ପରମ୍ପରା 'ଓଡ଼ିଆ ଖାଦ୍ୟ ଥାଳି' ଏବଂ 'ଓଡ଼ିଶା ପ୍ରସାଦ ଖାଦ୍ୟ' ସଂସ୍କୃତିକୁ ପୁନର୍ଜୀବିତ କରିବାରେ ରୋମାଞ୍ଚକର ଟାସ୍କ ଗ୍ରହଣ କରିବେ। ତେବେ ସେଲିବ୍ରିଟି ମାଷ୍ଟରସେଫ୍ ଇଣ୍ଡିଆରେ ଓଡ଼ିଶା ଖାଦ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଘୋଷଣା ସୋସିଆଲ ମିଡିଆରେ ବ୍ୟାପକ ଉତ୍ସାହ ସୃଷ୍ଟି କରିଥିବା ବେଳେ ଖାଦ୍ୟ ପ୍ରେମୀ, ରୋଷେୟା ଏବଂ ଓଡ଼ିଆ ସଂସ୍କୃତି ପ୍ରେମୀମାନେ ଏହି ଅଭିଯାନକୁ ସମର୍ଥନ କରିଛନ୍ତି। ପର୍ଯ୍ୟଟନ ବିଭାଗ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକରେ ମଧ୍ୟ ଏହି ଅଭିଯାନକୁ ପ୍ରଚାର କରିବା ସହ ଦର୍ଶକମାନଙ୍କ ମଧ୍ୟରେ ଓଡ଼ିଶା ଖାଦ୍ୟର ସମୃଦ୍ଧି ଏବଂ ଏହାର ରୋଷେଇ ପରମ୍ପରାକୁ ଉତ୍ସାହିତ କରୁଛି। ତେବେ ସାରା ଦେଶ ଖାଦ୍ୟ ପ୍ରେମୀମାନେ ୨୬ ରୁ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ସେଲିବ୍ରିଟି ମାଷ୍ଟରସେଫ୍‌ରେ ଯୋଗଦେଇ ଓଡ଼ିଶାର ପାରମ୍ପରିକ ଖାଦ୍ୟର ସାକ୍ଷୀ ହେବା ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ଅନୁରୋଧ କରାଯାଉଛି ବୋଲି ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂହ କହିଛନ୍ତି।

# ଉପଜିଲ୍ଲାପାଳଙ୍କ ଜାଲ୍ ଦସ୍ତଖତ କରି ଟଙ୍କା ଉଠାଇନେଲେ

**କରଞ୍ଜିଆ,୨୫।୩(ସମିସ):** ପାଞ୍ଚପୀଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ଜାଲ ଦସ୍ତଖତ ଏବଂ ସିଲ୍ ମାରି ବିସ୍ଥାପିତମାନେ କ୍ଷତିପୂରଣ ଓ ସହାୟତା ରାଶି ସେମାନଙ୍କ ସ୍ଥାୟୀ ଜମାଖାତାରୁ ଲକ୍ଷାଧିକ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ କରଞ୍ଜିଆ ଥାନାରେ

## ବିସ୍ଥାପିତଙ୍କ ନାଁରେ ଅଭିଯୋଗ କଲେ ଉପଜିଲ୍ଲାପାଳ

ଉପଜିଲ୍ଲାପାଳ ଲିଖିତ ଅଭିଯୋଗ କରିଛନ୍ତି। ଏପରି ଏକ ଘଟଣା ଘଟିଛି, ଶିମିଳିପାଳ କୋର ଅଞ୍ଚଳରୁ ବିସ୍ଥାପିତ ହୋଇ କରଞ୍ଜିଆ ବ୍ଲକର ଖଣ୍ଡିଆଦର, ସିଆଳିନଇ ଓ ପାହାଡ଼ମଡ଼କ ଗାଁରେ।

ଶିମିଳିପାଳ କୋର୍ ଅଞ୍ଚଳରୁ ବିସ୍ଥାପିତ ହୋଇ ଆସିଥିବା ପରିବାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେଥିରୁ ସେମାନଙ୍କ ସ୍ଥାୟୀ ଜମା ଖାତାରେ ୯.୬ ଲକ୍ଷ ଏବଂ ସାଧାରଣ ଜମା ଖାତାରେ ୪୦ ହଜାର ଟଙ୍କା ରଖାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ, ଉପଜିଲ୍ଲାପାଳଙ୍କ ବିନା ଅନୁମତିରେ ଏହି ସ୍ଥାୟୀ ଜମା ଖାତାରୁ ଟଙ୍କା ଉଠାଣ ହୋଇପାରିବ ନାହିଁ ବୋଲି ଦର୍ଶାଯାଇଥିଲା। କିନ୍ତୁ ବିସ୍ଥାପିତମାନେ ବିଭିନ୍ନ ସମୟରେ ପାଞ୍ଚପୀଢ଼ ଉପଜିଲ୍ଲାପାଳଙ୍କ ଜାଲ ଦସ୍ତଖତ ଓ ସିଲ୍ ମାରି ୟୁନିଅନ୍ ବ୍ୟାଙ୍କର କର୍ମଚାରୀଙ୍କୁ ଭୁଆଁ ବୁଲାଇ ସେମାନଙ୍କ ସ୍ଥାୟୀ ଜମାରାଶି ଖାତାରୁ ଲକ୍ଷାଧିକ ଟଙ୍କା ଉଠାଇ ନେଇଛନ୍ତି। ଏ ସଂପର୍କରେ ଜଣାପଡ଼ିବା ପରେ ଉପଜିଲ୍ଲାପାଳ ଗତ ଫେବୃଆରୀ ୫ ତାରିଖରେ ଲିଖିତ ଅଭିଯୋଗ କରିଥିବା ବେଳେ ଆଜି ଏହି ଘଟଣା ପଦାକୁ ଆସିଛି। ତେବେ ୭ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଜିଲ୍ଲାପାଳ ଶ୍ରୀ ଚାନ୍ଦ କରଞ୍ଜିଆ ଥାନାକୁ ନିବେଦନ କରିଥିଲେ। କିନ୍ତୁ ଇତିମଧ୍ୟରେ ୨ ମାସ ବିତିଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବିସ୍ଥାପିତମାନେ କାହିଁକି ଜାଲ ଦସ୍ତଖତ କରି ଟଙ୍କା ଉଠାଇଲେ, କିଏ ତାଙ୍କୁ ଏପରି କରିବାକୁ ପ୍ରବର୍ତ୍ତାଇଲା; ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଉପଜିଲ୍ଲାପାଳ ଶ୍ରୀ ଚାନ୍ଦଙ୍କୁ ଯୋଗାଯୋଗ କରିବାରୁ ଥାନାରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି କହିଥିଲେ।

# ତେଲଙ୍ଗାନାରେ ଓଡ଼ିଆ ଦାଦନ ଶ୍ରମିକ ମୃତ

**ବରଗଡ଼, ୨୫। ୩(ସମିସ):** ପୁଣି ଜଣେ ଦାଦନ ଶ୍ରମିକ ଶବ ହୋଇ ଗାଁକୁ ଫେରିଛନ୍ତି। ଆଜି ଏମିତି ଏକ ହୃଦୟ ବିଦାରକ ଘଟଣା ବରଗଡ଼ ଉପଖଣ୍ଡ ନାଗେନପାଲି ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ, ହୀରା ମୁଣ୍ଡା (୪୦)। ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନାଗେନପାଲିର ଦୁର୍ଗା ମୁଣ୍ଡା, ନିଜ ସ୍ତ୍ରୀ ହୀରା ଓ ଦୁଇ ପିଲାଙ୍କୁ ଧରି ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କରିମନଗରସ୍ଥିତ ଏକ ଇଟା ଫ୍ୟାକ୍ଟ୍ରିରେ ପୂରା ପରିବାର କାମ କରୁଥିଲେ। ତେବେ କାମ କରୁଥିବା ବେଳେ ଏକ ଦୁର୍ଘଟଣାରେ ହୀରାଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ମାମଲାରୁ ବଞ୍ଚିବା ପାଇଁ ମାଲିକ ଦୁର୍ଗାଙ୍କୁ ଶୀଘ୍ର ସେଠାରୁ ଚାଲିଯିବାକୁ ଧମକାଇଥିଲା। ଏପରିକି, ମାଲିକ ପାଖରେ ଆଉ ତିନି ମାସର ଦରମା ବାକି ରହିଥିଲେ ବି ସେ ଦେବାକୁ ରୋକଠୋକ୍ ମନା କରିଦେଇଥିଲା। ଏନେଇ ଦୁର୍ଗା ଅଭିଯୋଗ କରିବାରୁ ତେଲଙ୍ଗାନା କୋଠପାଲି ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅଦାଲତ ନିୟମ ଉଲ୍ଲଙ୍ଘନ ପଛରେ କାହାର ସ୍ୱାର୍ଥ

# ପଦୋନ୍ନତିରୁ ବଞ୍ଚିତ ହେବେ ଅସଂରକ୍ଷିତବର୍ଗ କର୍ମଚାରୀ

**ଭୁବନେଶ୍ୱର,୨୪।୩(ସମିସ):** ସଂରକ୍ଷିତ ବର୍ଗର କର୍ମଚାରୀଙ୍କୁ ଅଣସଂରକ୍ଷିତ ପଦବୀକୁ ପଦୋନ୍ନତି ଦେବାକୁ ସୁପରିଶ୍ କରାଯିବା ପରେ ଆରମ୍ଭ ହୋଇଛି ବିବାଦ। ସରକାର ୨୭ ଫେବୃଆରୀରେ ପୂର୍ବରୁ ପ୍ରତ୍ୟାହୃତ ହୋଇଥିବା ତଫସିଲଭୁକ୍ତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୬ ମେ' ୨୦୨୪ ନିର୍ଦ୍ଦେଶାବଳୀକୁ ପୁନଃ ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେବାପରେ ସାଧାରଣବର୍ଗର କର୍ମଚାରୀଙ୍କ ମଧ୍ୟରେ ଆସନ୍ତୋଷ ଦେଖା ଦେଇଛି। ଏହାଦ୍ୱାରା ସଂରକ୍ଷିତ ବର୍ଗର କର୍ମଚାରୀଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ଅଧିକ ପଦଦିଆଯାଉଥିବାବେଳେ ଅନେକ ଯୋଗ୍ୟ, ମେଧାବୀ ସାଧାରଣ ବର୍ଗର କର୍ମଚାରୀଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ ହୋଇଛି।

ପଦବୀ ଭିତ୍ତିକ ପଦୋନ୍ନତି କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଜସ୍ୱ କୌଣସି ନିୟମ ବା ଆଇନ୍ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଆଧାର କରି ଏହି ବ୍ୟବସ୍ଥା ଭାରତବର୍ଷରେ ପ୍ରଚଳିତ ହେଉଛି। ହେଲେ ରାଜ୍ୟରେ ବର୍ତ୍ତମାନର ସରକାର ଏକ ଭିନ୍ନ ବ୍ୟବସ୍ଥା ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଭିନ୍ନ ମାମଲାର ରାୟ ଆଧାରରେ ରାଜ୍ୟ ସରକାର ବିଗତ ୨୦୦୭ ମସିହାରେ ଏକ ନିର୍ଦ୍ଦେଶାବଳୀ ଜାରି କରି ରାଜ୍ୟର ସମସ୍ତ ସେବାରେ ପଦବୀ ଭିତ୍ତିକ ପଦୋନ୍ନତି ନିୟମ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସଂରକ୍ଷିତ ବର୍ଗର କର୍ମଚାରୀଙ୍କୁ ଅସଂରକ୍ଷିତ ପଦକୁ ପଦୋନ୍ନତି

ସେହି ଆଧାରରେ ଆଜି ପର୍ଯ୍ୟନ୍ତ ପଦୋନ୍ନତି ଦିଆଯାଇ ଆସୁଛି। ଏ ନିର୍ଦ୍ଦେଶାବଳୀ ଆଜିର ଦିନରେ ବଳବତ୍ତର ରହିଛି ଓ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରାୟ କାଏମ ରହିଛି। ହେଲେ ନୂଆ ନିର୍ଦ୍ଦେଶାବଳୀ କେଉଁ ଆଧାରରେ ସରକାର ଜାରି କରିଛନ୍ତି ବୋଲି ପ୍ରଶ୍ନ ଉଠିଛି।

କେଉଁ କ୍ୟାଡରରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ନିୟମ ଲାଗିବ ଓ କେଉଁଠାରେ ନୁହେଁ, ତାହା ସଂରକ୍ଷିତବର୍ଗଙ୍କ ଉକ୍ତ କ୍ୟାଡରରେ ଯୋଗଦାନ ସମ୍ପର୍କିତ ତଥ୍ୟ ଆଧାରରେ ସ୍ଥିର କରିବାକୁ ନୂଆ ନିର୍ଦ୍ଦେଶାବଳୀରେ କୁହାଯାଇଥିଲେ ହେଁ, କୌଣସି ବିଭାଗ ତାକୁ ପାଳନ କରୁନାହାନ୍ତି। ଏହି ଆଇନ୍ ବଳରେ ନିର୍ମାଣ ବିଭାଗ, ଗୃହ ବିଭାଗ, ଅର୍ଥ ବିଭାଗ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପଦୋନ୍ନତି କମିଟିର ବୈଠକ ଡାକି ସଂରକ୍ଷିତ ବର୍ଗର କର୍ମଚାରୀଙ୍କୁ ଅଣସଂରକ୍ଷିତ ପଦବୀକୁ ପଦୋନ୍ନତି ଦେବାକୁ ସୁପରିଶ୍ କରିସାରିଛନ୍ତି। ଏଥି ମଧ୍ୟରେ ନିର୍ମାଣ ବିଭାଗ ୫୧ ପଦବୀ, ଅର୍ଥ ବିଭାଗର ୨୬, ଗୃହ ବିଭାଗର ୩୪ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ୪ଟି ପଦବୀ ରହିଛି। ନ୍ୟାୟାଳୟକୁ ଯାଇଥିବା ମାମଲା ମଧ୍ୟରୁ ନିର୍ମାଣ ବିଭାଗ, ଗଞ୍ଜାମ ଅମିନ ପଦୋନ୍ନତି ମାମଲା, ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟକର୍ମୀ ପଦୋନ୍ନତି ମାମଲାରେ ହାଇକୋର୍ଟ ରହିତାଦେଶ ଦେଇଛନ୍ତି। ତଥାପି ସରକାର ଏ ଅବୈଧ ନିର୍ଦ୍ଦେଶାବଳୀ ଉପରେ କୌଣସି ଦ୍ୱିତୀୟ ଚିନ୍ତା କରି ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ରାଜନୈତିକ ଦଳମାନଙ୍କ ବୈଠକ

**ଭୁବନେଶ୍ୱର, ୨୫।୩(ସମିସ):** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ସନ୍ଥଗୋପାଳନ ଆଜି ଅପରାହ୍ନରେ ରାଜନୈତିକ ଦଳମାନଙ୍କ ସହିତ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବୈଠକରେ ବିଜେଡିର ଜାତୀୟ ମୁଖପାତ୍ର ଅମର ପଟ୍ଟନାୟକ, କଂଗ୍ରେସର ଶିବାନନ୍ଦ ରାୟ, ସିପିଏମ୍‌ର ଦୁଷ୍ମନ୍ତ କୁମାର ଦେବ, ବହୁଜନ ସମାଜ ପାର୍ଟିର ମଧୁସୂଦନ ଯାଦବ, ଆମ ଆଦମୀ ପାର୍ଟିର ସୁଦୀପ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇଛନ୍ତି। ବିଗତ



୨୦୨୪ ମସିହା ନିର୍ବାଚନରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ୧୪ଜଣ ବିଧାୟକ ପ୍ରାର୍ଥୀମାନେ ନିର୍ବାଚନ ଖର୍ଚ୍ଚ ବିବରଣୀ ଦାଖଲ କରି ନାହାନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ସନ୍ଥଗୋପାଳନ ପ୍ରକାଶ କରିଥିଲେ। ଭାରତୀୟ ନିର୍ବାଚନ କମିଶନ ମିଡିଆ ପ୍ରମାଣୀକରଣ ଏବଂ ମନିଟରିଂ କମିଟି, ବିଜ୍ଞାପନର ପୂର୍ବ ପ୍ରମାଣୀକରଣ ଏବଂ ଦେୟଯୁକ୍ତ ଖବର ସମ୍ପର୍କରେ ସମନ୍ୱିତ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ସୁପ୍ରିମକୋର୍ଟଙ୍କ ୧୩ ଏପ୍ରିଲ୍ ୨୦୦୪ର ନିର୍ଦ୍ଦେଶ ପରେ ସମସ୍ତ ରାଜନୈତିକ ଦଳଗୁଡ଼ିକୁ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ ଏବଂ ସାମାଜିକ ଗଣମାଧ୍ୟମ ସମେତ ବିଭିନ୍ନ ଗଣମାଧ୍ୟମ ପ୍ଲାଟଫର୍ମରେ ପ୍ରକାଶନ କିମ୍ବା ପ୍ରସାରଣ କରିବା ପୂର୍ବରୁ ଯେକୌଣସି ପ୍ରକାରର ରାଜନୈତିକ ବିଜ୍ଞାପନ ପାଇଁ ପୂର୍ବ ପ୍ରମାଣୀକରଣ ଗ୍ରହଣ କରିବାକୁ ପଡ଼ିବ। ଏହି ନିର୍ଦ୍ଦେଶାବଳୀ କେବଳ ନିର୍ବାଚନ ସମୟ ମଧ୍ୟରେ ନୁହେଁ, ସାରା ବର୍ଷ ପ୍ରଯୁଜ୍ୟ। ସମସ୍ତ ରାଜନୈତିକ ଦଳକୁ ଜିଲ୍ଲାସ୍ତରରେ ସେମାନଙ୍କର ପ୍ରତିନିଧିମାନଙ୍କର ଅଦ୍ୟତନ ଯୋଗାଯୋଗ ବିବରଣୀ ପ୍ରଦାନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ସନ୍ଥଗୋପାଳନ ଅନୁରୋଧ କରିଥିଲେ।

# ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ

**ବଲାଙ୍ଗିର, ୨୪।୩ (ସମିସ):** ହତ୍ୟା କରି ପ୍ରମାଣ ଲୁଚାଇବା ପାଇଁ ଜଙ୍ଗଲରେ ଫୋପାଡ଼ିଦେଲେ ଶବ। ବଲାଙ୍ଗିର ସଦର ଥାନା ଅଞ୍ଚଳରେ ଏପରି ଏକ ଜଘନ୍ୟ ହତ୍ୟାକାଣ୍ଡ ଆଜି ପଦାକୁ ଆସିଛି। ମୃତକ ହେଲେ, ଡୁମେରଝରନ୍ ଗାଁର ଶତ୍ରୁଘ୍ନ ପଟେଲ (୪୫)। ସୋମବାର ରାତିରେ ବଲାଙ୍ଗିର ସଦର ଥାନା ଅଧୀନ ଡୁମେରଝରନ ଜଙ୍ଗଲ ଭିତରେ ଥିବା ଏକ ନାଳରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ୫ ସଂଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଥିବା ବେଳେ ପୁଲିସ୍ ବିଭିନ୍ନ ଦିଗକୁ ନେଇ ଛାନଭିନ୍ ଆରମ୍ଭ କରିଛି। ସୂଚନାନୁଯାୟୀ, ସୋମବାରଠାରୁ ଶତ୍ରୁଘ୍ନ ନିଖୋଜ ଥିବା ନେଇ ପରିବାରଲୋକ ଥାନାରେ ଅଭିଯୋଗ କରିଥିଲେ। ତେବେ ବହୁ ଖୋଜାଖୋଜି କରିବା ପରେ ବିଳମ୍ବିତ ରାତିରେ ଜଙ୍ଗଲ ଭିତରେ ଥିବା ଏକ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ସଦର ପୁଲିସ ଘଟଣାସ୍ଥଳରୁ ଶବ ଜବତ କରିଥିଲା। ଶତ୍ରୁଘ୍ନ ଜଣେ କାଠ କାରିଗର। ମାମୁଘରେ ରହୁଥିବା ବେଳେ ଡୁମେରଝରନକୁ ଲାଗି ବଡ଼ ସଂରକ୍ଷିତ ଜଙ୍ଗଲ ଭିତରୁ କାଠ ଚାଲାଣ କରୁଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ସହ ତାଙ୍କର ଶତ୍ରୁତା ରହିଥିଲା। ଅପରପକ୍ଷେ, କିଛି ଦିନ ପୂର୍ବରୁ ଜଣେ ପିଇଟି ଶିକ୍ଷକଙ୍କୁ ଆକ୍ରମଣ ହୋଇଥିଲା। ତେଣୁ, ପୁଲିସ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

# ଗାଦି ମାଡ଼ି ବସିଛନ୍ତି ଓଏଏସ୍ ଅଧିକାରୀ

## ନିଜ ଜିଲ୍ଲାରେ ନିଯୁକ୍ତି ପାଇଛନ୍ତି ୧୪୯ ଓଏଏସ୍

**ଭୁବନେଶ୍ୱର,୨୫।୩(ସମିସ):** ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ର ୧୪୯ଜଣ ଅଧିକାରୀ ନିଜ ଜିଲ୍ଲାରେ ଅବସ୍ଥାପିତ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି, ୧୨୧ ଜଣ ଓଏଏସ୍ ନିଜ ପଦବୀରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ବଦଳି କରାଯାଇନାହିଁ। ଆଜି ବିଧାନସଭାରେ ବିଧାୟିକା ସୋଫିଆ ଫିରଦୋସ୍‌ଙ୍କ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କାହାର ୨୦୧୧ ମସିହାରୁ ବଦଳି ହୋଇନାହିଁ ତ ଆଉ କିଏ ୪/୫ ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି। କଟକ, ଭୁବନେଶ୍ୱର, କନ୍ଧମାଳ, ଗଞ୍ଜାମ, ମୟୂରଭଞ୍ଜ, ପୁରୀ, କେନ୍ଦୁଝର, ସୁନ୍ଦରଗଡ଼ ସବୁ ଜିଲ୍ଲାରେ ସମାନ ସ୍ଥିତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ଆବଶ୍ୟକତା ଓ ଜନସାଧାରଣଙ୍କ ସ୍ୱାର୍ଥକୁ ବିଚାର କରି ଓଏଏସ୍ ଅଧିକାରୀଙ୍କ ବଦଳି ନିଷ୍ପତ୍ତି ହୋଇଥାଏ। ଓଏଏସ୍‌ଙ୍କ ବଦଳି ନେଇ ସାଧାରଣ ପ୍ରଶାସନ ବିଭାଗରେ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଅନେକ ଅଧିକାରୀ ଏପରି ଅଛନ୍ତି ବର୍ଷେ ଦୁଇ ବର୍ଷ ଭିତରେ ଏକାଧିକାର ବଦଳି ଆଦେଶ ପାଉଛନ୍ତି। କାର୍ଯ୍ୟରେ ଯୋଗଦେବାର କିଛି ମାସ ଭିତରେ ଗୋଟିଏ ଜିଲ୍ଲାରୁ ଆଉ ଗୋଟିଏ ଜିଲ୍ଲାକୁ ଧାଉଁଛନ୍ତି। ଗୋଟିଏ ବିଭାଗର କାମ ଆରମ୍ଭ କରୁ କରୁ ଆଉ ଗୋଟିଏ ବିଭାଗର ଦାୟିତ୍ୱ ମୁଣ୍ଡାଇବାକୁ ପଡ଼ୁଛି। କିନ୍ତୁ ଶତାଧିକ ଅଧିକାରୀ ବର୍ଷ ବର୍ଷ ଧରି ନିଜ ଘର ପାଖରେ ଅବସ୍ଥାପିତ ହୋଇ ରହୁଛନ୍ତି। ଯୁକ୍ତିଯୁକ୍ତ କାରଣ ନଥିଲେ ବି ସେମାନଙ୍କ ବଦଳି ଆଦେଶ ବାହାରୁନାହିଁ। ଏହାକୁ ନେଇ ପ୍ରଶାସନିକ ମହଲରେ କ୍ଷୋଭ ପ୍ରକାଶ ପାଇବାରେ ଲାଗିଛି।

■ ବିଦ୍ୟୁତ ମିଟର ତ୍ରୁଟି ଓ ଜରିମାନା ପଇଠ ପ୍ରସଙ୍ଗ

# ଖାଉଟି ବିବାଦ ଅନ୍ତର୍ଗତ ନୁହେଁ: ହାଇକୋର୍ଟ

**କଟକ,୨୫। ୩(ସମିସ):** ତ୍ରୁଟିପୂର୍ଣ୍ଣ ବିଦ୍ୟୁତ ମିଟରକୁ ବଦଳାଇବା ସଂକ୍ରାନ୍ତୀୟ ଦାବି ଓ ଯାଞ୍ଚକାରୀ ଅଧିକାରୀଙ୍କ ଦ୍ୱାରା ମିଟର ବାଇପାସ କରି ବିଦ୍ୟୁତ ବ୍ୟବହାର କରାଯାଉଥିବା ନେଇ ବାହାରିଥିବା ନିଷ୍କର୍ଷ ପ୍ରସଙ୍ଗରେ ହୋଇଥିବା ଆବେଦନ ଖାଉଟି ବିବାଦ ଅନ୍ତର୍ଗତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏହି ବିବାଦ ସମାଧାନ ପାଇଁ ଖାଉଟି ବିବାଦ ସମାଧାନ ଆୟୋଗ ଉପଯୁକ୍ତ ଫୋରମ୍ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ବିକ୍ରମାଦିତ୍ୟ ଶତପଥୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିଦ୍ୟୁତ ମିଟରରେ ତ୍ରୁଟି ଥିବା ବେଳେ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଯାଞ୍ଚରୁ ତାଙ୍କ ମିଟର ବାଇପାସ ହୋଇଥିବା ଜଣାପଡ଼ିବାରୁ ୩୫ହଜାର ଟଙ୍କା ପଇଠ ପାଇଁ କୁହାଯାଇଥିଲା।

# ଗଞ୍ଜେଇ କାରବାରରେ ଜବତ ଗାଡ଼ି ହସ୍ତାନ୍ତର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୫।୩(ସମିସ):** ପୁଲିସ ହେପାଜତରେ ଜବତ ଗାଡ଼ି ଯଦି ଅନିଶ୍ଚିତ ସମୟ ପାଇଁ ପଡ଼ି ରହିଥାଏ, ତାହା ମାମଲାର ଅଗ୍ରଗତିରେ ସହାୟକ ହୋଇନଥାଏ ବରଂ ଏଭଳି ସ୍ଥିତିରେ ପଞ୍ଜୀକୃତ ମାଲିକଙ୍କ ଅନୁଚିତ କ୍ଷତି ହୋଇଥାଏ ବୋଲି ହାଇକୋର୍ଟ କହିଛନ୍ତି। ଚୋରା ଗଞ୍ଜେଇ କାରବାର ମାମଲାରେ ଜବତ ହୋଇଥିବା ଏକ ଗାଡ଼ିକୁ ଖଲାସ କରିବା ପ୍ରସଙ୍ଗରେ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ଉକ୍ତ ଗାଡ଼ିକୁ ଆବେଦନକାରୀଙ୍କୁ ହସ୍ତାନ୍ତର ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ। ରାଜେଶ କୁମାର ସାହୁଙ୍କ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉକି, ଗତ ୨୦୨୩ ମାର୍ଚ୍ଚ ୩୦ରେ ଫିରିଙ୍ଗିଆ ଥାନା ପୁଲିସ ଏକ ଅଟୋ ରିକ୍ସା ସହ ଏଥିରେ ଭର୍ତ୍ତି ହୋଇଯାଉଥିବା ୭୮ କିଲୋ ଗଞ୍ଜେଇକୁ ଜବତ କରିଥିଲା। ଏନ୍‌ଡିପିଏସ ଆଇନରେ ମାମଲା ରୁଜୁ ସହ ଅଭିଯୁକ୍ତ ରାଜେଶ କୁମାର ସାହୁଙ୍କୁ ଗିରଫ କରିଥିଲା। ତେବେ ବର୍ଷାଧିକ କାଳ ଧରି ଏହି ଗାଡ଼ି ଖରା ବର୍ଷାରେ ପଡ଼ି ରହିଥିବାରୁ ଏହାକୁ ହସ୍ତାନ୍ତର ପାଇଁ ଆବେଦନକାରୀ ନିମ୍ନ ଅଦାଲତରେ ଆବେଦନ କରିଥିଲେ। ତେବେ ମାମଲା ବିଚାରାଧିନ ଥିବା ଦର୍ଶାଇ ତାଙ୍କ ଆବେଦନକୁ ଖାରଜ କରିଦିଆଯାଇଥିଲା। ଏହାକୁ ବିରୋଧ କରି ସେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।

■ କନଷ୍ଟେବଲ ନିଯୁକ୍ତି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

# ସର୍ବୋଚ୍ଚ ବୟସ ସୀମା ୩ବର୍ଷ କୋହଳ ହେବ

**କଟକ,୨୫ ।୩(ସମିସ):** ବିଭିନ୍ନ ବଟାଲିୟନରେ ସିପାହୀ ଓ କନଷ୍ଟେବଳ ପଦ ପୂରଣ ପାଇଁ ଅନୁଷ୍ଠିତ ନିଯୁକ୍ତି ପରୀକ୍ଷାରେ ସର୍ବୋଚ୍ଚ ବୟସସୀମାକୁ ନେଇ ଲାଗି ରହିଥିବା ଅଦାଲତୀ ବିବାଦର ଅବସାନ ଘଟିଛି। ଉପରୋକ୍ତ ପଦରେ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୩ବର୍ଷ କୋହଳ କରାଯିବ ବୋଲି ଉଚ୍ଚସ୍ତରୀୟ କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନେଇ ହାଇକୋର୍ଟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏଥିରେ ମଧ୍ୟ ସମସ୍ତ ପକ୍ଷ ସମ୍ମତି ପ୍ରକାଶ କରିଥିଲେ। ତେବେ ସରକାରଙ୍କ ନିଷ୍ପତ୍ତିକୁ ବିଚାରକୁ ନେଇ ଉକ୍ତ ପଦବୀ ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୩ ବର୍ଷ କୋହଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସର୍ବୋଚ୍ଚ ବୟସ ସୀମାକୁ ୬ବର୍ଷ କୋହଳ ପାଇଁ ଜଣକିଆ ବିଚାରପତି ପ୍ରଦାନ କରିଥିବା ୨୦୨୪, ଡିସେମ୍ବର ୫ର ରାୟ ବିରୋଧରେ ରାଜ୍ୟ ସରକାର ଦାୟର କରିଥିବା ରିଟ୍ ଅପିଲର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

## ରେଜ୍ ଫାଉଣ୍ଡେସନ୍‌ର ଚତୁର୍ଥ ସ୍ୱୟଂସିଦ୍ଧା ସମ୍ମାନ -୨୦୨୫

# ୮ ଜଣ ପ୍ରତିଭାବାନ ମହିଳା ସମ୍ମାନିତ




**କଟକ,୨୫।୩(ସମିସ):** ମଙ୍ଗଳବାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରେଜ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ୪ର୍ଥ ସ୍ୱୟଂସିଦ୍ଧା ସମ୍ମାନ- ୨୦୨୫ କଟକର ଶିଖରପୁରସ୍ଥିତ ଏକ ଘରୋଇ ହୋଟେଲଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂ ଉଦ୍‌ଘାଟନ କରିଥିବା ବେଳେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡିଚରଣ ରଥ, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ବରିଷ୍ଠ ସାମ୍ବାଦିକ କୃଷ୍ଣପ୍ରସାଦ ଦାସ, ସାଇବର କ୍ରାଇମ ଓ ଇକୋନୋମିକ୍ ଅଫେନ୍ସ ବିଭାଗର ସହଯୋଗୀ ଶୁଭଶ୍ରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ତଥା ବିଶିଷ୍ଟ ମହିଳା ଶିଳ୍ପୋଦ୍ୟୋଗୀ ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ସଂପାଦକ ଅବିନାଶ ସିଂ ସ୍ୱାଗତ ଭାଷଣ ରଖିଥିଲେ। ଅଧ୍ୟକ୍ଷା ଶ୍ରୀମତୀ ସାହୁ କହିଲେ ଯେ ୪ବର୍ଷର ପ୍ରୟାସରେ ରେଜ୍ ଫାଉଣ୍ଡେସନ୍ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଅନେକ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେଇ ଅନେକ ଲୋକଙ୍କ ମୁହଁରେ ହସ ଫୁଟାଇ ପାରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ, ପିତା ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଡ଼. ଶରତ କୁମାର ସାହୁଙ୍କ ମାର୍ଗଦର୍ଶନ ଓ ଓଡ଼ିଶାବାସୀଙ୍କ ଭଲ ପାଇବାକୁ ପାଥେୟ କରି ଫାଉଣ୍ଡେସନ୍ ସ୍ୱଳ୍ପ ସମୟ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟିକ ସଂସ୍ଥାନ, କ୍ରୀଡା, ଅନ୍ନଦାନ, ତଥା ସର୍ବୋପରି କର୍କଟ ପୀଡିତ ଶିଶୁମାନଙ୍କ ପାଇଁ କାର୍ଯ୍ୟକ୍ରମ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଏହି ଅବସରରେ ୮ଜଣ ବିଶିଷ୍ଟ ସଫଳ ମହିଳାଙ୍କୁ ସେମାନଙ୍କର ସାଧନା ଓ ସ୍ୱୀକୃତି ପାଇଁ ସ୍ୱୟଂସିଦ୍ଧା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶିକା (ସ୍ୱାଧୀନ) ଆର୍ଯ୍ୟା କୁମାରୀ ପାଣିଗ୍ରାହୀ, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ବିଶିଷ୍ଟ ସମାଜସେବୀ ସଞ୍ଜୟ ଜେନା, ୪୭ନଂ ୱାର୍ଡର କର୍ପୋରେଟର ଇଂ ସୁବ୍ରତ ଘଡ଼େଇ ଓ ମହାନଦୀ ବିହାର ଉନ୍ନୟନ ପରିଷଦର ସଂପାଦକ ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଓ ସାମାଜିକକର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉଲ୍ଲାସ ଚନ୍ଦ୍ର ବେହୁରା ସଞ୍ଚାଳନ କରିଥିଲେ। ଶ୍ରୀକାନ୍ତ ମହାପାତ୍ର, ଶିଳ୍ପା ଦାସ, ଚିନ୍ମୟୀ ଭୂୟାଁ ଓ ହ୍ୱାଇଟ କାନଭାସର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଧକ୍କାଦେଲା ହାଇୱା, ଚାପିଦେଲା ରୋଲର୍

## ନିର୍ମାଣାଧୀନ ରାସ୍ତାରେ ୨ ମୃତ, ୧ ଗୁରୁତର

**କାମାକ୍ଷାନଗର, ୨୫ ।୩ (ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରେକୁଲା ସତ୍‌ସଙ୍ଗ କେନ୍ଦ୍ର ସମ୍ମୁଖରେ ସୋମବାର ବିଳମ୍ବିତ ରାତିରେ ରାସ୍ତା କାମ ଚାଲିଥିବା ବେଳେ ଏକ ବଡ଼ ଦୁର୍ଘଟଣା ଘଟିଛି। ପିଚୁ କାମରେ ନିୟୋଜିତ ରୋଲରକୁ ଏକ ହାଇୱା ଧକ୍କା ଦେବାରୁ ରୋଲର୍‌ରେ ଚାପି ହୋଇ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ପୂର୍ତ୍ତ ବିଭାଗ କର୍ମଚାରୀ ଓ ଅନ୍ୟ ଜଣେ ଶ୍ରମିକ। ସେମାନେ ହେଲେ, ରେକୁଲା ଗ୍ରାମର ପୂର୍ତ୍ତ ବିଭାଗ କର୍ମଚାରୀ କ୍ଷୀରୋଦ ସାହୁ (୪୦) ଓ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ରେତବ ଗ୍ରାମର ବାବୁଲି ଶବର (୪୭)। ସେହିପରି ଏହି ଦୁର୍ଘଟଣାରେ ପାଲଲହଡ଼ା ଥାନା କୃତିବାସପୁର ଗାମର ବିଶ୍ୱନାଥ ମୁଣ୍ଡ (୩୨) ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରେ ଟାୟାର ଜାଳି ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ, ଦୀର୍ଘ ୫ ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଫଳରେ ୫ ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ିମଟର ଅଟକି ରହିଥିଲା। ଅନ୍ୟପଟେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

**କ୍ଷତିପୂରଣ ଦାବିରେ ୫ ଘଣ୍ଟା ରାସ୍ତାରୋକ**

**୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି**

## ଦଇତାପତି ନିଯୋଗର ନୂତନ କର୍ମକର୍ତ୍ତା

# ଗଣେଶ ସଭାପତି ଓ ଟିକିପୁଅ ସମ୍ପାଦକ





**ପୁରୀ,୨୫।୩(ସମିସ):** ଦଇତାପତି ନିଯୋଗ ନିର୍ବାଚନକୁ ନେଇ କିଛିଦିନ ଧରି ଚାଲିଥିବା ଆଲୋଚନାର ପରିସମାପ୍ତି ଘଟିଛି। ନିଯୋଗର ନୂଆ କର୍ମକର୍ତ୍ତା ଚୟନ କରାଯାଇଛି। ଗଣେଶ ଦାସମହାପାତ୍ର ସଭାପତି, ରାମକୃଷ୍ଣ ଦାସମହାପାତ୍ର (ଟିକିପୁଅ) ସମ୍ପାଦକ, ଗଣପତି ଦାସମହାପାତ୍ର ଉପସଭାପତି, ଜଗବନ୍ଧୁ ଦାସମହାପାତ୍ର ସହ ସମ୍ପାଦକ ଏବଂ କାର୍ତ୍ତିକ କୁମାର ଦାସ ମହାପାତ୍ର କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ଗତ ୨୩ ତାରିଖରେ ନିଯୋଗ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଥିଲେ।

# ଗଞ୍ଜେଇ କାରବାରରେ ଯବାନ

**ମନମୁଣ୍ଡା, ୨୫ ।୩ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନାରେ ଆଣ୍ଟି ନକ୍ସଲ ଅପରେସନ ପାଇଁ ନିୟୋଜିତ ୩ଜଣ ଆଇଆର୍‌ବି ଯବାନ ଗଞ୍ଜେଇ କାରବାରରେ ସଂପୃକ୍ତ ଘଟଣା ଅଲୋଡ଼ନ ସୃଷ୍ଟି କରିଛି। ସେମାନଙ୍କ ଠାରୁ ୧୫.୯୩୦ କେଜି ଗଞ୍ଜେଇ ଜବତ କରାଯାଇଛି। ଆଣ୍ଟି ନକ୍ସଲ ଅପରେସନ ପାଇଁ ଏକ ପ୍ଲାଟୁନ ଆଇଆରବି ଯବାନ ମନମୁଣ୍ଡା ଥାନାରେ ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ବେଆଇନ ଭାବେ ଗଞ୍ଜେଇ ଗଚ୍ଛିତ ରଖିଥିବା ଏସ୍‌ପି ରାହୁଲ ଗୋଏଲ ଜାଣିବାକୁ ପାଇଥିଲେ। ସେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ମନମୁଣ୍ଡାକୁ ପଠାଇଥିଲେ। ଉକ୍ତ ଟିମ୍ ସୋମବାର ମନମୁଣ୍ଡା ଥାନା ବ୍ୟାରେକରେ ଚଢ଼ଉ କରିଥିଲେ।

## କଟକରେ ଓଡ଼ିଶା କଂଗ୍ରେସ ପ୍ରଭାରୀ

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଲଲ୍ଲୁ

**କଟକ, ୨୫।୩ (ସମିସ):** ରାଜ୍ୟ ବିଜେପି ସରକାର ଉପରେ ବର୍ଷିଛନ୍ତି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ। ଆଜି କଟକ ଗସ୍ତରେ ଆସି ସେ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସର ନିର୍ବାଚିତ ବିଧାୟକମାନେ ଗୃହରେ ଲୋକଙ୍କ କଥା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ନାବାଳିକା ଶୋଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଥିବା ବେଳେ ସେମାନଙ୍କୁ ନିଲମ୍ବିତ କରାଯାଉଛି। ଏହା କ'ଣ ଓଡ଼ିଆ ଅସ୍ମିତାର ଉଦାହରଣ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ଗଣତନ୍ତ୍ରକୁ ହତ୍ୟା କରିସାରିଲାଣି। ତେଣୁ ଆସନ୍ତା ୨୭ ତାରିଖ ଆନ୍ଦୋଳନ ନିର୍ଣ୍ଣାୟକ ହେବ ବୋଲି ଅଜୟ କୁମାର ଚେତାବନୀ ଦେଇଛନ୍ତି।

ଏହି ଅବସରରେ ବିଧାୟିକା ସୋଫିଆ ଫିରଦୋସ୍ କହିଛନ୍ତି, ଏ ବିଜେପି ସରକାର କୌଣସି କଥା ଶୁଣିବା ଅବସ୍ଥାରେ ନାହିଁ। କଂଗ୍ରେସ ଏକ ହାଉସ୍ କମିଟି ଗଠନ କରିବାକୁ ଦାବି କରୁଥିବା ବେଳେ ଦଳର ବିଧାୟକଙ୍କୁ ନିଲମ୍ବିତ କରାଯାଉଛି। ତେଣୁ କଂଗ୍ରେସ ଏ ସରକାର ବିରୋଧରେ ଗୃହରେ ଓ ବାହାରେ ଘମାଘୋଟ ଲଢ଼େଇ ଜାରି ରଖିବ ବୋଲି ସୋଫିଆ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଆଜି ସନ୍ଧ୍ୟାରେ ଏଆଇସିସି ଇନ୍‌ଚାର୍ଜ ତଥା ପ୍ରଦେଶ କଂଗ୍ରେସ ପ୍ରଭାରୀ ଶ୍ରୀ ଲଲ୍ଲୁ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ବିଧାୟିକା ସୋଫିଆ ଫିରଦୋସ୍ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ତାଙ୍କୁ ଏବଂ ସହ ପ୍ରଭାରୀ ରୋଜଲିନା ତିର୍କୀଙ୍କୁ ସ୍ୱାଗତ ଜଣାଇଥିଲେ।



କାର୍ଯ୍ୟକ୍ରମରେ ଗିରିବାଳା ବେହେରା, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ସୂର୍ଯ୍ୟକାନ୍ତ ରାଉତ, ଶୈଳବାଳା ଜେନା, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, କେଦାର ପୃଷ୍ଟି, କର୍ପୋରେଟର ସନ୍ତୋଷ ଭୋଳ, ଭାନୁ ସେନାପତି, ଲିଜା ରାଉତ, ଜେ କାମେଶ ରାଓ, ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୮୪ ● ପାଉଣ୍ଡ ୧୧୦.୯୮
- ୟୁରୋ ୯୨.୨୪ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୧,୮୫୦ (ଭୁବନେଶ୍ୱର)
- ରୁପା : ୧,୦୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୦୧୭.୦୦
- ନିଫ୍ଟି ୨୩,୬୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ଟ୍ରମ୍ପଙ୍କ ନୂଆ ଟାରିଫ୍ ଧମକ

# ଭେନେଜୁଏଲାରୁ ତେଲ କିଣୁଥିଲେ ୨୫% ଶୁଳ୍କ

ୱାଶିଂଟନ,୨୫।୩(ଏଜେନ୍ସି)





ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବା ଶୁଳ୍କ ମାଡ଼ ଜାରି ରହିଛି। ଟ୍ରମ୍ପ ଭେନେଜୁଏଲାରୁ ତେଲ ଏବଂ ଗ୍ୟାସ କିଣୁଥିବା ଦେଶମାନଙ୍କ ଉପରେ ୨୫% ଅତିରିକ୍ତ ଶୁଳ୍କ ଘୋଷଣା କରିଛନ୍ତି। ଏହାସହିତ ଭେନେଜୁଏଲା ଉପରେ ମଧ୍ୟ ନୂଆ ଶୁଳ୍କ ଲାଗୁ କରିଛନ୍ତି କରି ଟ୍ରମ୍ପ। ଏହି ଶୁଳ୍କ ଆସନ୍ତା ଏପ୍ରିଲ ୨ ରୁ ଲାଗୁ ହେବ। ଟ୍ରୁଥ ସୋସିଆଲ୍ ପୋଷ୍ଟରେ, ଟ୍ରମ୍ପ କହିଛନ୍ତି ଯେ ଭେନେଜୁଏଲା ଆମେରିକା ପ୍ରତି «ଅତ୍ୟନ୍ତ ଶତ୍ରୁତା ଆଚରଣ କରୁଛି»। ତେଣୁ ଏହି ଦେଶରୁ ତେଲ କିଣୁଥିବା ଦେଶଗୁଡ଼ିକୁ ଆମେରିକା ସହିତ ବ୍ୟବସାୟ କାରବାର କଲେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ଏଥିରେ ଭାରତ ମଧ୍ୟ କ୍ଷତିଗ୍ରସ୍ତ ହେବ ବୋଲି ଜଣାପଡିଛି।

## ପ୍ରଭାବିତ ହେବ ଭାରତ

## ରିଲାଏନ୍ସ କିଣୁଛି ୯୦% ତେଲ

ସେ ଆହୁରି କହିଛନ୍ତି ଯେ ଭେନେଜୁଏଲା ଆମେରିକାର ଦ୍ୱିତୀୟ ସର୍ବାଧିକ ଶୁଳ୍କର ସମ୍ମୁଖୀନ ହେବ। କାରଣ ଏହା ଟ୍ରେନ ଡି ଆରାଗୁଆ ଗ୍ୟାଙ୍ଗର ଘର ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଏହି ନିଷ୍ପତ୍ତି ରିଲାଏନ୍ସ ଭଳି କିଛି ଭାରତୀୟ କମ୍ପାନୀର ସମସ୍ୟା ବଢ଼ାଇପାରେ। ଭାରତ ଆମଦାନୀ କରୁଥିବା ପ୍ରାୟ ୯୦% ତେଲ ରିଲାଏନ୍ସ ଭେନେଜୁଏଲାରୁ କିଣିଥାଏ। ଟ୍ରମ୍ପଙ୍କ ସଦ୍ୟତମ ଶୁଳ୍କ ଧମକ ଭେନେଜୁଏଲା ଏବଂ ଚୀନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ସଦୃଶ ଦେଖା ଯାଉଛି। ଏକ ରିପୋର୍ଟ ଅନୁଯାୟୀ, ଡିସେମ୍ବର ୨୦୨୩ରେ ଭାରତ ଭେନେଜୁଏଲାରୁ ପ୍ରତିଦିନ ପ୍ରାୟ ୧,୯୧,୬୦୦ ବ୍ୟାରେଲ ଅଶୋଧିତ ତେଲ ଆମଦାନୀ କରିଥିଲା। ୨୦୨୪ ଜାନୁଆରୀ ରେ ଏହା ଦୈନିକ ୨,୫୪,୦୦୦ ବ୍ୟାରେଲକୁ ବୃଦ୍ଧି ପାଇଥିଲା। ଏହା ଭେନେଜୁଏଲାର ମୋଟ ତୈଳ ରପ୍ତାନିର ୫୦% ଥିଲା। ଅର୍ଥାତ୍, ଭାରତ ଭେନେଜୁଏଲାର ବିକ୍ରି ହୋଇଥିବା ତୈଳର ଅଧା କିଣିଥିଲା। ଭାରତ ଗୋଟିଏ ବର୍ଷରେ ଭେନେଜୁଏଲାରୁ ୨୨ ନିୟୁତ ବ୍ୟାରେଲ ତେଲ କିଣିଛି। ଏହା ଭାରତର ମୋଟ ଅଶୋଧିତ ତୈଳ ଆମଦାନୀର ୧.୫% ଥିଲା। ୨୦୨୫ ରେ, ଭାରତ ଗତ ବର୍ଷ ତୁଳନାରେ ପଡ଼ୋଶୀ ଦେଶରୁ କମ୍ ତେଲ କିଣିଛି।

ଭାରତ ଏହାର ତେଲ ଆବଶ୍ୟକତାର ୮୫%ରୁ ଅଧିକ ଆମଦାନୀ କରେ। ଭେନେଜୁଏଲାର ତେଲ ଭାରତକୁ ଅପେକ୍ଷାକୃତ ଶସ୍ତାରେ ଉପଲବ୍ଧ କାରଣ ଏହା ଭାରୀ ଅଶୋଧିତ ତେଲ, ଯାହାକୁ ଭାରତୀୟ ରିଫାଇନାରୀଗୁଡ଼ିକ ସହଜରେ ପ୍ରକ୍ରିୟାକରଣ କରିପାରିବେ। ଏହା ରୁଷ ଏବଂ ମଧ୍ୟପ୍ରାଚ୍ୟରୁ ମିଳୁଥିବା ତେଲ ତୁଳନାରେ ରିଆତି ମୂଲ୍ୟରେ ଉପଲବ୍ଧ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଟ୍ରମ୍ପଙ୍କ ନିଷ୍ପତ୍ତି କିଛି ଭାରତୀୟ କମ୍ପାନୀ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ସମ୍ପ୍ରତି ଭେନେଜୁଏଲାରୁ ତେଲ କିଣିବା ଆରମ୍ଭ କରିଥିଲେ। ୨୦୨୪ ମସିହାରେ, ଭାରତ ଭେନେଜୁଏଲାରୁ ୨୨ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଥିଲା। ଭେନେଜୁଏଲାର ତୈଳ ରପ୍ତାନିର ସବୁଠାରୁ ବଡ଼ ଆମଦାନୀକାରୀ ହେଉଛି ଚୀନ୍। ଏହି ଦେଶ ଚୀନକୁ ୧୦ ବିଲିୟନ ଡଲାରରୁ ଅଧିକ ଋଣୀ, ଯାହାକୁ ସେ ତେଲ ବିନିମୟରେ ପରିଶୋଧ କରେ। ୨୦୨୪ରେ, ଚୀନ୍ ଦୈନିକହାରାହାରି ୩,୫୧,୦୦୦ ବ୍ୟାରେଲ ତେଲ କିଣିଥିଲା। ଏହା ଭେନେଜୁଏଲାର ମୋଟ ତୈଳ ରପ୍ତାନିର ପ୍ରାୟ ଅଧା ଥିଲା।

### ଭାରତରେ ଆମେରିକାର ବାଣିଜ୍ୟ ପ୍ରତିନିଧି ଦଳ

*ନୂଆଦିଲ୍ଲୀ,୨୫।୩(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ମଧ୍ୟରେ ଆମେରିକାର ବାଣିଜ୍ୟ ପ୍ରତିନିଧି ଦଳ ଭାରତରେ ଆସି ପହଞ୍ଚିଛି। ଦକ୍ଷିଣ ଏବଂ ମଧ୍ୟ ଏସିଆ ପାଇଁ ବାଣିଜ୍ୟ ବ୍ୟାପାର ଦାୟିତ୍ୱରେ ଥିବା ବ୍ରେଣ୍ଡନ ଲିଞ୍ଚଙ୍କ ନେତୃତ୍ୱରେ ଆମେରିକୀୟ ବାଣିଜ୍ୟ ପ୍ରତିନିଧି ଦଳ ମଙ୍ଗଳବାର ପାଞ୍ଚ ଦିନିଆ ଗସ୍ତରେ ଭାରତ ଆସି ପହଞ୍ଚିଛନ୍ତି। ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ଢାଞ୍ଚା ପ୍ରସ୍ତୁତ କରିବା ଦୃଷ୍ଟିରୁ ମାର୍ଚ୍ଚ ୨୫ ରୁ ୨୯ ପର୍ଯ୍ୟନ୍ତ ଆମେରିକୀୟ ପ୍ରତିନିଧିମଣ୍ଡଳର ଗସ୍ତକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଟ୍ରମ୍ପ କହିଛନ୍ତି ଯେ ନୂଆଦିଲ୍ଲୀ ସହିତ ତାଙ୍କର ବହୁତ ଭଲ ସମ୍ପର୍କ ଅଛି, କିନ୍ତୁ ସମସ୍ୟା ହେଉଛି ଶୁଳ୍କ ଢ଼ାଞ୍ଚା। ଆମେରିକା ନୂତନ ଶୁଳ୍କ ବ୍ୟବସ୍ଥାରୁ ଭାରତକୁ କୌଣସି ଆଶ୍ୱସ୍ତି ଦେବ ନାହିଁ ଏବଂ ପାରସ୍ପରିକ ଶୁଳ୍କ ନୀତି ଅନୁସାରେ ଏପ୍ରିଲ ୨ରୁ ଭାରତରେ ମଧ୍ୟ ଏହାକୁ ଲାଗୁ କରିବ। ସୋମବାର ସଂସଦ ଭବନରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏବଂ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଶୁଳ୍କ ବିବାଦ ମାମଲାରେ ଏ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ବିଷୟରେ ଅବଗତ କରାଇଥିଲେ।*

● ନରମିଲା ଭାରତ

## ୨୩ ବିଲିୟନ ଡଲାରର ଆମେରିକା ଉତ୍ପାଦ ଉପରୁ ଶୁଳ୍କ ହ୍ରାସ କରିବ

ନୂଆଦିଲ୍ଲୀ,୨୫।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରୁ ଭାରତ ସମେତ ଅନେକ ଦେଶ ଉପରେ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଭାରତ ଆମେରିକାରୁ ଆସୁଥିବା ୨୩ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ ବିଚାର କରୁଛି। ଏହାର ଲକ୍ଷ୍ୟ ହେଉଛି ଭାରତରୁ ଆମେରିକାକୁ ହେଉଥିବା ୬୬ ବିଲିୟନ ଡଲାରର ରପ୍ତାନିକୁ ସୁରକ୍ଷାଦ୍ୱେ। ଚୀନ୍ ପରେ, ଆମେରିକା ହେଉଛି ଭାରତର ଦ୍ୱିତୀୟ ସର୍ବବୃହତ ବାଣିଜ୍ୟିକ ସହଯୋଗୀ। ଭାରତ ଏହାକୁ କୌଣସି ମୂଲ୍ୟରେ ହରାଇବାକୁ ଚାହୁଁନାହିଁ। ଦୁଇ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଆଲୋଚନା ଚାଲିଛି।



ଭାରତ ଏହି ଚୁକ୍ତିର ପ୍ରଥମ ପର୍ଯ୍ୟାୟରେ ଆମେରିକାରୁ ଆସୁଥିବା ଅଧାରୁ ଅଧିକ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ ପ୍ରସ୍ତୁତ। ଏହି କଟକଣା ବହୁ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ହେବ। ଏହାର ଉଦ୍ଦେଶ୍ୟ ହେଉଛି ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ପ୍ରତିଶୋଧମୂଳକ ଶୁଳ୍କକୁ ଏଡାଇବା। ଏକ ବିଶ୍ଳେଷଣ ଅନୁଯାୟୀ, ଟ୍ରମ୍ପଙ୍କ ପ୍ରତିଶୋଧମୂଳକ ଶୁଳ୍କ ଭାରତର ଆମେରିକାକୁ ହେଉଥିବା ୬୬ ବିଲିୟନ ଡଲାରର ରପ୍ତାନିର ୮୭%କୁ ପ୍ରଭାବିତ କରିବ। ଭାରତ ଆମେରିକାରୁ ଆମଦାନୀ ହେଉଥିବା ୫୫% ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଛି। ବର୍ତ୍ତମାନ, ଏହି ସାମଗ୍ରୀ ଉପରେ ୫% ରୁ ୩୦% ପର୍ଯ୍ୟନ୍ତ ଶୁଳ୍କ ରହିଛି। ସୂତ୍ର ଅନୁଯାୟୀ, ଭାରତ ୨୩ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କକୁ ଯଥେଷ୍ଟ ହ୍ରାସ କିମ୍ବା ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିବାକୁ ମଧ୍ୟ ଇଚ୍ଛୁକ।

## ଚିତ୍‌କାରା ବିଶ୍ୱବିଦ୍ୟାଳୟ ଦ୍ୱାରା ଜୟଆଲୁକ୍କାସ୍ ସମ୍ମାନିତ

ଭୁବନେଶ୍ୱର,୨୫।୩(ସମିସ)

ଚିତ୍‌କାରା ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୁଏଲାରୀ ବ୍ରାଣ୍ଡ ଜୟଆଲୁକ୍କାସ୍‌କୁ ସମ୍ମାନିତ କରାଯାଇଛି। ବିଶ୍ୱବିଦ୍ୟାଳୟ ଜୟଆଲୁକ୍କାସ୍‌କୁ ସାହିତ୍ୟରେ ଡକ୍ଟରେଟ୍ ଡିଗ୍ରୀ (ସମ୍ମାନଜନକ ଉପାଧି) ପ୍ରଦାନ କରିଛି। ଭାରତୀୟ ଜୁଏଲାରୀକୁ ବିଶ୍ୱ ସ୍ତରରେ ଆଧୁନିକୀକରଣ କରିବା, ଔଦ୍ୟୋଗିକତା ଏବଂ ମାନବସେବା କ୍ଷେତ୍ରକୁ ଯୋଗଦାନ ପାଇଁ ଜୟଆଲୁକ୍କାସ୍‌କୁ ଏହି ସମ୍ମାନ ମିଳିଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମାଜ ଏବଂ ଗୋଷ୍ଠୀ ପ୍ରତି ଜୟଆଲୁକ୍କାସ୍‌ର ରହିଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ଅଶୋକ କେ ଚିତ୍‌କାରା, ପ୍ରୋ-ଚାନ୍‌ସେଲର ଡ. ମଧୁ ଚିତ୍‌କାର, କୁଳପତି ଡ. ସନ୍ଧୀର ଶର୍ମା, ପ୍ରୋ ଭାଇସ୍ ଚାନ୍‌ସେଲର ଡ. କବିତା ତରାଗି, ଫାକଲ୍ଟି, ବିଶ୍ୱବିଦ୍ୟାଳୟର ଅଧିକାରୀ ଏବଂ ଅନ୍ୟ ଅତିଥି ବୃନ୍ଦ ଯୋଗଦେଇଥିଲେ। ଏଥିରେ ଯୋଗଦେଇ ପ୍ରୋ-ଚାନ୍‌ସେଲର ଡ. ମଧୁ ଚିତ୍‌କାର କହିଲେ, ଜୟଆଲୁକ୍କାସ୍‌କୁ ସାହିତ୍ୟରେ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିବାରୁ ଆମେ ଗର୍ବିତ। ଏହି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ପରେ ଜୁଏଲାରୀ ବ୍ରାଣ୍ଡ ପକ୍ଷରୁ ଜୟ ଆଲୁକ୍କାସ୍ ଛାତ୍ରଛାତ୍ରୀ ଏବଂ ଫାକଲ୍ଟିଙ୍କ ସହ ମତବିନିମୟ କରିଥିଲେ। ଏହି ଅବସରରେ ଜୟଆଲୁକ୍କାସ୍ ଏବଂ ଚିତ୍‌କାରା ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଜୟଆଲୁକ୍କାସ୍ ଭାରତୀୟ ଜୁଏଲାରୀ ରିଟେଲ ବ୍ୟବସାୟକୁ ସାରା ବିଶ୍ୱରେ ପ୍ରତିଫଳିତ କରିଛନ୍ତି। ଜୟଆଲୁକ୍କାସ୍ ଗ୍ରୁପର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବେ ସେ ବିଶ୍ୱର ୧୨ ଦେଶରେ ଜୁଏଲାରୀ ବ୍ରାଣ୍ଡର ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରିଛନ୍ତି। ୧୯୮୭ରେ ୟୁଏଇରେ ତାଙ୍କର ପ୍ରଥମ ଜୁଏଲେରୀ ଶୋ ' ରୁମ୍ ପ୍ରତିଷ୍ଠା କରିଥିଲେ।

## ଲୋକସଭାରେ ଅର୍ଥ ବିଲ୍ ୨୦୨୫କୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୫।୩(ଏଜେନ୍ସି)

ଲୋକସଭାରେ ଅର୍ଥ ବିଲ୍ ୨୦୨୫ ଅନୁମୋଦନ ଲାଭ କରିଛି। ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ସଂଶୋଧିତ ଅର୍ଥ ବିଲ୍ ୨୦୨୫କୁ ଉପସ୍ଥାପନ କରିଥିଲେ। ଏଥିରେ ୩୫ ଟି ସଂଶୋଧନକରାଯାଇଛି। ଏହି ସଂଶୋଧନରେ ଅନ୍‌ଲାଇନ୍ ବିଜ୍ଞାପନ ଉପରେ ୬ ପ୍ରତିଶତ ଡିଜିଟାଲ୍ ଟିକସ ବା ଗୁଗଲ୍ ଟିକସକୁ ଶେଷ କରିବା ବିଷୟ ରହିଛି। ଏବେ ଏହି ବିଲ୍‌କୁ ରାଜ୍ୟସଭାରେ ଆଗତ କରାଯିବ । ଯଦି ରାଜ୍ୟସଭାରେ ସଂଶୋଧିତ ବିଲ୍ ୨୦୨୫କୁ ମଞ୍ଜୁରି ମିଳିଯାଏ ତେବେ ଏହି ବିଧେୟକ ସମ୍ପୂର୍ଣ୍ଣ ହୋଇଯିବ। ୨୦୨୫-୨୬ ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ବଜେଟରେ ମୋଟ ୫୦.୬୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଅନୁମାନ ରଖାଯାଇଛି, ଯାହା ବର୍ତ୍ତମାନ ଆର୍ଥିକବର୍ଷ ତୁଳନାରେ ୭.୪ ପ୍ରତିଶତ ଅଧିକ। ଅର୍ଥମନ୍ତ୍ରୀ ସଂସଦରେ ଏହି ପ୍ରସ୍ତାବକୁ ଉପସ୍ଥାପନ କରି କହିଥିଲେ, ମୁଁ ବିଜ୍ଞାପନ ପାଇଁ ୬ ପ୍ରତିଶତ ସମାନତା ଶୁଳ୍କକୁ ରଦ୍ଦ କରିବା ପାଇଁ ପ୍ରସ୍ତାବ ରଖିଛି। ଅନ୍ତରାଷ୍ଟ୍ରୀୟ ଆର୍ଥିକ ସ୍ଥିତିରେ ଅନିଶ୍ଚିତତାକୁ ଦୂର କରିବା ପାଇଁ ଅନ୍‌ଲାଇନ୍ ବିଜ୍ଞାପନ ଉପରେ ସମାନତା ଶୁଳ୍କ ଶେଷ କରାଯିବ। ଆଗାମୀ ଆର୍ଥିକବର୍ଷ ପାଇଁ ପ୍ରସ୍ତାବିତ ପୁଞ୍ଜିଗତ ବ୍ୟୟ ୧୧.୨୨ ଲକ୍ଷ କୋଟି ଟଙ୍କା ସ୍ଥିର କରାଯାଇଛି, ଏଥିରେ ୧୫.୪୮ ଲକ୍ଷ କୋଟି ଟଙ୍କା ପ୍ରଭାବୀ ପୁଞ୍ଜିଗତ ବ୍ୟୟ ସାମିଲ। ବଜେଟରେ ୪୨.୭୦ ଲକ୍ଷ କୋଟି ଟଙ୍କାର ମୋଟ ଟିକସ ରାଜସ୍ୱ ସଂଗ୍ରହ ଅନୁମାନ କରାଯାଇଛି ଓ ୧୪.୦୧ ଲକ୍ଷ କୋଟି ଟଙ୍କାର ଋଣ ନେଇ ଅନୁମାନ କରାଯାଇଛି।




**କରାଯାଇଛି ୩୫ ସଂଶୋଧନ**

କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଣ୍ଟନ କରାଯାଇଛି। ଏଥିରେ ୨୦୨୫ ଏପ୍ରିଲ୍ ୧ରୁ ଆରମ୍ଭ ହେବାକୁ ଥିବା ଆର୍ଥିକବର୍ଷ ପାଇଁ ୫,୪୧,୮୫୦.୨୧ କୋଟି ଟଙ୍କା ସ୍ଥିର କରାଯାଇଛି। ଏହା ଚଳିତ ଆର୍ଥିକବର୍ଷ ପାଇଁ ଆବଣ୍ଟିତ ୪,୧୫,୩୫୬.୨୫ କୋଟି ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି। କେନ୍ଦ୍ରୀୟ ଯୋଜନା ପାଇଁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୬.୨୯ ଲକ୍ଷ କୋଟି ଟଙ୍କା ଆବଣ୍ଟିତ କରାଯାଇଛି, ଯାହା ୨୦୨୪-୨୫ର ୧୫.୧୩ ଲକ୍ଷ କୋଟି ତୁଳନାରେ ଅଧିକ।

## ଇଭି ବ୍ୟାଟେରୀ ଯନ୍ତ୍ରାଂଶ ଉପରୁ ଶୁଳ୍କ ହଟାଇଲା ଭାରତ

ନୂଆଦିଲ୍ଲୀ, ୨୫।୩ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ବୈଦ୍ୟୁତିକ ଯାନ (ଇଭି) ଏବଂ ମୋବାଇଲ ଫୋନ୍ ନିର୍ମାତାଙ୍କୁ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ଏହି ଅନୁକ୍ରମରେ ମଙ୍ଗଳବାର ସରକାର ଇଭି ବ୍ୟାଟେରୀ ଯନ୍ତ୍ରାଂଶ ଉପରୁ ଶୁଳ୍କ ହଟାଇ ଦେଇଛନ୍ତି। ଏଥିରେ ଉଭୟର ଉତ୍ପାଦନରେ ବ୍ୟବହୃତ ହେଉଥବା କିଛି ଯନ୍ତ୍ରାଂଶର ଆମଦାନୀ ଶୁଳ୍କକୁ ଶେଷ କରିଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ଘରୋଇ ଉତ୍ପାଦନ ଏବଂ ରପ୍ତାନିକୁ ପ୍ରୋତ୍ସାହନ ଦେବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ସଂସଦରେ ଅର୍ଥ ବିଲ୍ ୨-୨୫ ଗୃହୀତ ହେବା ପୂର୍ବରୁ ସୀତାରମଣ କହିଲେ ଏହି ପଦୋକ୍ଷପ ଦ୍ୱାରା ଘରୋଇ ଉତ୍ପାଦନ ବଢ଼ିବା ଲାଗି କଞ୍ଚା ମାଲ ଉପରୁ ଆମଦାନୀ ଶୁଳ୍କ ମଧ୍ୟ କରାଯାଇଛି।

## ସାମସଙ୍ଗ ଉପରେ ଭାରତର ୫୦୦୦ କୋଟି ଟିକସ ଦାବି

ନୂଆଦିଲ୍ଲୀ, ୨୫।୩(ଏଜେନ୍ସି)

ଟେଲିକମ୍ ଉପକରଣ ଆମଦାନୀ ଉପରେ ଶୁଳ୍କ ଏଡାଇଥିବାରୁ ସାମସଙ୍ଗ ଉପରେ ଭାରତ ସରକାର ୬୦୧ ନିୟୁତ ଡଲାର ବା ୫,୧୫୫ କୋଟି ଟଙ୍କାର ଟିକସ ଦାବି କରିଛନ୍ତି। ଶତ ପ୍ରତିଶତ ଜୋରିମାନା ସହ ଏହି ବକେୟା ଟିକସ ରାଶି ପଇଠ କରିବାକୁ ଭାରତ ସାମସଙ୍ଗ ଏବଂ ଏହାର କାର୍ଯ୍ୟନିର୍ବାହୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଏକ ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଏହା ସାମ୍ପ୍ରତିକ ବର୍ଷଗୁଡ଼ିକରେ ବକେୟା ଟିକସ କ୍ଷେତ୍ରରେ ସବୁଠାରୁ ବଡ଼ ଦାବି କୁହାଯାଇପାରେ। ଏହି ଦାବି ଭାରତରେ ସାମସଙ୍ଗର ଗତ ବର୍ଷର ୯୫୫ ନିୟୁତ ଡଲାର ନିଟ୍ ଲାଭର ଏକ ବଡ଼

**ଲାଗିବ ଶତ ପ୍ରତିଶତ ଜୋରିମାନା**

ଅଂଶ, ଯେଉଁଠାରେ ଏହା ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବଜାରର ସବୁଠାରୁ ବଡ଼ କମ୍ପାନୀମାନଙ୍କ ମଧ୍ୟରୁ ଗୋଟିଏ। ଏହାକୁ ଟିକସ ଟ୍ରିବ୍ୟୁନାଲ କିମ୍ବା କୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରିବ।

କମ୍ପାନୀ, ଯାହା ଏହାର ନେଟୱାର୍କ ଡିଭିଜନ ମାଧ୍ୟମରେ ଟେଲିକମ୍ ଉପକରଣ ଆମଦାନୀ କରେ, ମୋବାଇଲ୍ ଟାୱାରରେ ବ୍ୟବହୃତ ଏକ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ୍ ଉପାଦାନ ଉପରେ ୧୦% କିମ୍ବା ୨୦% ଶୁଳ୍କ ଏଡାଇବା ପାଇଁ ଆମଦାନୀକୁ ଭୁଲ ବର୍ଗୀକରଣ କରିବା ନେଇ ୨୦୨୩ ମସିହାରେ କମ୍ପାନୀ ଚେତାବନୀ ପାଇଥିଲା। ଏହା କୋଟିପତି ମୁକେଶ ଅମ୍ବାନୀଙ୍କ ଟେଲିକମ୍ ଜାଏଣ୍ଟ, ରିଲାଏନ୍ସ ଜିଓକୁ ଏହି ଜିନିଷଗୁଡ଼ିକ ଆମଦାନୀ ଏବଂ ବିକ୍ରି କରିଥିଲା। ସାମସଙ୍ଗ ଭାରତର ଟିକସ କର୍ତ୍ତୃପକ୍ଷଙ୍କୁ ଯାଞ୍ଚ ଛାଡିବାକୁ ଚାପ ପକାଇଥିଲା, କହିଥିଲା ଯେ ଏହି ଉପାଦାନ ଶୁଳ୍କ ଆକର୍ଷିତ କରୁନାହିଁ।

## ଅନ୍‌ଲାଇନ୍ ସପିଙ୍ଗ୍ ପାଇଁ ଦେବାକୁ ପଡ଼ିବ ଅତିରିକ୍ତ ୪୯ ଟଙ୍କା

ନୂଆଦିଲ୍ଲୀ,୨୫।୩(ଏଜେନ୍ସି): ଦେଶରେ ଅନଲାଇନ୍ ସପିଙ୍ଗ୍ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଲୋକମାନେ ଏବେ ଘରେ ବସି ଆବଶ୍ୟକ ଜିନିଷ ଅର୍ଡର କରୁଛନ୍ତି। ଅନ୍‌ଲାଇନ୍ ସପିଙ୍ଗ୍‌ରେ ଆମାଜନ ଏବଂ ଫ୍ଲିପକାର୍ଟ ବଡ଼ କମ୍ପାନୀ । କିନ୍ତୁ ଏବେ ଅନଲାଇନ୍‌ରେ ସପିଂ କରୁଥିବା ଲୋକଙ୍କୁ ୪୯ ଟଙ୍କା ଅତିରିକ୍ତ ପ୍ରୋସେସିଂ ଫି' ଦେବାକୁ ପଡିବ, ଯଦି ସେ ଇନଷ୍ଟାଣ୍ଟ ବ୍ୟାଙ୍କ ଡିସକାଉଣ୍ଟ (ଆଇବିଡି) ଲାଭ ଉଠାନ୍ତି। ଯଦି ବ୍ୟାଙ୍କ ରିଆତି ୫୦୦ ଟଙ୍କାରୁ ଅଧିକ ହୁଏ ତେବେ ଗ୍ରାହକଙ୍କୁ ଅତିରିକ୍ତ ୪୯ ଟଙ୍କା ଦେବାକୁ ପଡିବ, ଯାହା ତାଙ୍କର ମୋଟ ସଞ୍ଚୟକୁ ପ୍ରଭାବିତ କରିବ। ଏହି ଶୁଳ୍କ ଆମାଜନ ଦ୍ୱାରା ଲାଗୁ କରାଯାଇଛି। ରିପୋର୍ଟ ଅନୁସାରେ, ଏହି ଚାର୍ଜ ଆମାଜନ ପ୍ରାଇମ ସଦସ୍ୟଙ୍କ ଉପରେ ମଧ୍ୟ ଲାଗୁ ହେବ। ଆମାଜନ ଅନୁଯାୟୀ, ବ୍ୟାଙ୍କ ଅଫରଗୁଡ଼ିକର ମ୍ୟାନେଜ, ଏକତ୍ରୀକରଣ ଏବଂ ପ୍ରକ୍ରିୟାକରଣ ଖର୍ଚ୍ଚକୁ ଭରଣା କରିବା ପାଇଁ ଏହି ଶୁଳ୍କ ଆଦାୟ କରାଯାଉଛି । ଯଦି ଜଣେ ଗ୍ରାହକ ୧୦,୦୦୦ ଟଙ୍କାର କ୍ରୟ କରନ୍ତି ଏବଂ ୧୦% ଅର୍ଥାତ୍ ୧୦୦୦ ଟଙ୍କା ବ୍ୟାଙ୍କ ରିଆତି ପାଆନ୍ତି, ତେବେ ତାଙ୍କୁ ୯,୦୦୦ ଟଙ୍କା ପରିବର୍ତ୍ତେ ୯,୦୪୯ ଟଙ୍କା ଦେବାକୁ ପଡିବ। ଫ୍ଲିପକାର୍ଟ ପୂର୍ବରୁ ଏପରି ପ୍ରୋସେସିଂ ଫି' ନେଉଛି। ଏବେ ଆମାଜନ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିଛି। ଯଦିଓ ଗ୍ରାହକ ଅର୍ଡର ବାତିଲ କରନ୍ତି କିମ୍ବା ଫେରସ୍ତ କରନ୍ତି, ତଥାପି ୪୯ ଟଙ୍କା ପ୍ରୋସେସିଂ ଫି' ଫେରସ୍ତ କରାଯିବ ନାହିଁ।

**ଲାଗିବ ଅତିରିକ୍ତ ପ୍ରୋସେସିଂ ଫି'**

## ୟୁକୋ ବ୍ୟାଙ୍କ ପକ୍ଷରୁ କୃଷି, ଏମ୍‌ଏସ୍‌ଏମ୍‌ଇ ଓ କାସା ମହୋତ୍ସବ



ଭୁବନେଶ୍ୱର,୨୫।୩(ସମିସ): ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ଦ୍ୱାରା କୃଷି, ଏମ୍‌ଏସ୍‌ଏମ୍‌ଇ ଏବଂ କାସା କାର୍ଣ୍ଣିଭାଲ କୁମା କନ୍‌ଭେନସନ୍, ବରୁଣେଇ ରୋଡ ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଣ୍ଣିଭାଲରେ ଏମ୍‌ଏସ୍‌ଏମ୍‌ଇ, କୃଷି, ବିଶିଷ୍ଟ ଗ୍ରାହକ ବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠି ଏବଂ ବ୍ୟାଙ୍କ ମିତ୍ରମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଏଲ୍‌ବିସି, ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଗୌତମ ପାତ୍ର,କୋଲକାତା ମୁଖ୍ୟ କାର୍ଯ୍ୟାଳୟର ରିକଭରି ଡିପାର୍ଟମେଣ୍ଟର ମହାପ୍ରବନ୍ଧକ ଅଙ୍କିତ ରାଣା, ବରୁଣେଇ ଇଣ୍ଡଷ୍ଟ୍ରିଆଲ ଆସୋସିଏସନ୍‌ର ସଭାପତି ଶିବ ନାରାୟଣ ମିଶ୍ର ଏବଂ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ତଥା ଉପ ମହାପ୍ରବନ୍ଧକ ଚିନ୍ମୟ କୁମାର ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବରୁଣେଇ ଇଣ୍ଡଷ୍ଟ୍ରିଆଲ ଆସୋସିଏସନ୍‌ର ଅଧ୍ୟକ୍ଷ ଶ୍ରୀ ମିଶ୍ର ବ୍ୟାଙ୍କିଙ୍ଗ୍ ସେବା କିପରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଯଥେଷ୍ଟ ଅଭିବୃଦ୍ଧିରେ ସହାୟତା ବିଷୟରେ ଆଲୋଚନା କରିଥିଲେ।

### ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ପର୍କରେ ରିଜର୍ଭ ବ୍ୟାଙ୍କର ବଡ଼ ନିଷ୍ପତ୍ତି

# ୫୦ ହଜାର ଯାଏ ଛୋଟ ଋଣରେ ଲାଗିପାରିବନି ଅତ୍ୟଧିକ ଚାର୍ଜ

ନୂଆଦିଲ୍ଲୀ,୨୫।୩(ଏଜେନ୍ସି)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସ୍ପଷ୍ଟ କରିଛି ଯେ, ଦେଶର ବ୍ୟାଙ୍କଗୁଡ଼ିକ ଏଣିକି ଅଗ୍ରାଧିକାର କ୍ଷେତ୍ର ଋଣ (ପିଏସଏଲ) ବର୍ଗ ଅଧୀନରେ ବିଶେଷକରି କ୍ଷୁଦ୍ର ଋଣ ଉପରେ ଅତ୍ୟଧିକ ଶୁଳ୍କ ଆଦାୟ କରିପାରିବେନାହିଁ। ଏ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ଅଗ୍ରାଧିକାର କ୍ଷେତ୍ରର କ୍ଷୁଦ୍ର ଋଣ ଉପରେ ବ୍ୟାଙ୍କ କୌଣସି ପ୍ରବେଶ ଶୁଳ୍କ ଆଦାୟ କରିପାରିବେନାହିଁ। ଆରବିଆଇ ଅନୁଯାୟୀ, ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରାଥମିକତା କ୍ଷେତ୍ର ଋଣ ଉପରେ କୌଣସି ଋଣ ସମ୍ବନ୍ଧୀୟ ଅତିରିକ୍ତ ସେବା ଚାର୍ଜ କିମ୍ବା ଯାଞ୍ଚ ଚାର୍ଜ ନିଆଯିବନାହିଁ। ଏହି ପଦକ୍ଷେପ କ୍ଷୁଦ୍ର ଋଣଗ୍ରହୀତାଙ୍କ ପାଇଁ ଅନାବଶ୍ୟକ ଆର୍ଥିକ ବୋଝରୁ ସୁରକ୍ଷା ଏବଂ ନ୍ୟାୟପୂର୍ଣ୍ଣ ଋଣ ପ୍ରଦାନ ଅଭ୍ୟାସକୁ ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ।

## ବ୍ୟାଙ୍କ ନେଇପାରିବେନି ଅତ୍ୟଧିକ ସେବା କିମ୍ବା ଯାଞ୍ଚ ଶୁଳ୍କ

## ଏପ୍ରିଲ ପହିଲାରୁ ହେବ ଲାଗୁ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପ୍ରାଥମିକତା କ୍ଷେତ୍ର ଋଣ (ପିଏସଏଲ) ଉପରେ ନୂଆ ମାଷ୍ଟର ନିର୍ଦ୍ଦେଶାବଳୀ ଜାରି କରିଛି, ଯାହା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ଏହା ୨୦୨୦ ମସିହାରୁ ପ୍ରଚଳିତ ଆର୍‌ବିଆଇର ନିର୍ଦ୍ଦେଶାବଳୀକୁ ବଦଳାଇବ। ଏହି ନିର୍ଦ୍ଦେଶାବଳୀରେ, କେନ୍ଦ୍ରୀୟ ବ୍ୟାଙ୍କ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି) ଠାରୁ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅଧିଗ୍ରହଣିତ ସୁନା ଅଳଙ୍କାର ଉପରେ ନିଆଯାଇଥିବା ଋଣକୁ ପ୍ରାଥମିକତା କ୍ଷେତ୍ର ଋଣ ବର୍ଗରେ ବିବେଚନା କରାଯିବ ନାହିଁ। ଅଗ୍ରାଧିକାର କ୍ଷେତ୍ର ଋଣ ହେଉଛି ଭାରତରେ ରିଜର୍ଭ ବ୍ୟାଙ୍କଦ୍ୱାରା ସ୍ଥିର କରାଯାଇଥିବା ଏକ ନିୟାମକ ଆବଶ୍ୟକତା। ଏହା ଅଧୀନରେ, ବ୍ୟାଙ୍କଗୁଡ଼ିକୁ ଅର୍ଥନୀତିର କିଛି ବିଶେଷ କ୍ଷେତ୍ରକୁ ସେମାନଙ୍କର ଋଣର ଏକ ଅଂଶ ଦେବାକୁ ପଡିବ। ଏହି କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି, ଦାରିଦ୍ର୍ୟ ହ୍ରାସ ଏବଂ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। କିନ୍ତୁ ବିପଦ କିମ୍ବା କମ୍ ଲାଭ ହେତୁ ବ୍ୟାଙ୍କଗୁଡ଼ିକ ଏଥିରେ ନିବେଶ କରନ୍ତିନାହିଁ। ଏହି ନୀତି ସମାଜର ଅବହେଳିତ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଯେପରିକି ଚାଷୀ, କ୍ଷୁଦ୍ର ବ୍ୟବସାୟ ଏବଂ ନିମ୍ନ ଆୟ ପରିବାରକୁ ସୁଲଭ ଋଣ ପ୍ରଦାନ କରିବାକୁ ସକ୍ଷମ କରିଥାଏ।



## ସ୍ୱେଟରରେ ଯାତ୍ରା ସ୍ମୃତି

ଶୀତ ଆସିଲେ ଲୋଡ଼ା ପଡ଼େ ସ୍ୱେଟର । ହେଲେ ସ୍ୱେଟର ମଧ୍ୟ ଯାତ୍ରା ସ୍ମୃତିକୁ ସବୁଦିନ ପାଇଁ ସାଇତି ରଖିବାର ଏକ ସୁନ୍ଦର ବିକଳ୍ପ । ୪୩ ବର୍ଷୀୟ ସାମ୍ ବାର୍ସ୍କି ମ୍ୟାରିଲ୍ୟାଣ୍ଡର ବାଲ୍‌ଟିମୋର୍‌ରେ ରହନ୍ତି । ସ୍ୱେଟର ବୁଣାରେ ସେ ଏକ ନିଆରା ଓ ପ୍ରେରଣାପ୍ରଦ କାମ କରୁଛନ୍ତି । ସେ କୌଣସି ସ୍ଥାନକୁ ଯାତ୍ରା କଲେ, ସେହି ସ୍ଥାନର ବିଶେଷତାକୁ ସ୍ୱେଟରରେ ବୁଣି ଦେଖାନ୍ତି । କେବଳ ସେତିକି ନୁହେଁ, ସେହି ସ୍ୱେଟରକୁ ପିନ୍ଧି ସେଠାରେ ସେ ସେଲ୍‌ଫି ନିଅନ୍ତି । ତାଙ୍କର ଏହି କାମ ଯୋଗୁଁ ସାମ୍ ଏବେ ସାମାଜିକ ଗଣମାଧ୍ୟମର ଚର୍ଚ୍ଚିତ ଚେହେରା ପାଲଟିଛନ୍ତି । ବୁଣାବୁଣି କାମ ସାମ୍‌ଙ୍କ ସଉକ ନୁହେଁ, ଜୀବନର ଏକ ଅଂଶ ପାଲଟିଛି । ସେ ବିଗତ ୧୮ ବର୍ଷ ମଧ୍ୟରେ ୧୫୦ରୁ ଅଧିକ ସ୍ୱେଟର ବୁଣିଛନ୍ତି । ଏଥିରୁ ୧୦୦ ସ୍ୱେଟର ସେ ବିଶ୍ୱର ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପିନ୍ଧି ଫଟୋ ଉଠାଇଛନ୍ତି । ଟାଇମ୍ସ ସ୍କୋୟାର୍ ଠୁ ଆରମ୍ଭ କରି ଗୋଲ୍‌ଡେନ୍ ଗେଟ୍ ବ୍ରିଜ୍ ଭଳି ପ୍ରସିଦ୍ଧ ସ୍ଥାନରେ ସାମ୍ ସ୍ୱେଟର ପିନ୍ଧି ନଜର ଆସିଛନ୍ତି । ସେ ତାଙ୍କର ଏହି ସ୍ୱେଟର ମାଧ୍ୟମରେ ଐତିହାସିକ ମହତ୍ତ୍ୱକୁ ସୁନ୍ଦର ଭାବେ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । ୧୯୯୯ ମସିହାରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ସେ ନର୍ସିଂ ପଢ଼ା ଛାଡ଼ିଲେ । ଏହାପରେ ଅନେକ ସମସ୍ୟା ସାମ୍ନା କଲେ । ତେବେ ଦିନେ ସୂତା ଦୋକାନର କର୍ମଚାରୀଙ୍କୁ ଭେଟିବା ପରେ ବୁଣାବୁଣି କାର୍ଯ୍ୟ ପାଇଁ ଉତ୍ସାହିତ ହେଲେ । ଧୀରେ ଧୀରେ ତାଙ୍କ ସଉକ କଳାରେ ପହଞ୍ଚିଲା । ଯାହାକି ପରବର୍ତ୍ତୀ ସମୟରେ ତାଙ୍କ ଜୀବନର ଅଂଶ ପାଲଟିଲା । ସ୍ୱେଟର ବୁଣିବା କାମ ତାଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବା ସହ ଏକ ନୂଆ ଦିଗ ଦେଖାଇଲା । ଏହା ମାଧ୍ୟମରେ ସେ ପ୍ରତ୍ୟେକ ସ୍ଥାନର ଆଶ୍ଚର୍ଯ୍ୟ ଓ ବିବିଧତାକୁ ଅନୁଭବ କରନ୍ତି । ସେହିପରି କୌଣସି ସ୍ଥାନର ବିଶେଷତା ଏବଂ ସୁନ୍ଦରତାକୁ ସ୍ୱେଟରରେ ଉତାରିବା ଅତ୍ୟନ୍ତ ରୋମାଞ୍ଚକର ହୋଇଥାଏ ବୋଲି ସାମ୍ କୁହନ୍ତି । ସ୍ୱେଟରରେ ସେ ପ୍ରକୃତି, ସ୍ଥାପତ୍ୟ, ଐତିହାସିକ ସ୍ମାରକୀ ଏବଂ ପ୍ରତ୍ୟେକ ସ୍ଥାନର ସ୍ୱତନ୍ତ୍ର ପରିଚୟକୁ ବୁଣନ୍ତି । ସେ ଚାହାନ୍ତି, ତାଙ୍କ ସ୍ୱେଟର ସଂଗ୍ରହରେ ଆମେରିକାର ୫୦ ରାଜ୍ୟର ପ୍ରମୁଖ ସ୍ଥାନ ଓ ସ୍ମାରକୀ ସାମିଲ ହେଉ । ଏଭଳି ସ୍ୱେଟର ତାଙ୍କୁ ବୁଣିବା ଲାଗି ମାସେ ଲାଗେ । ତେବେ ତାଙ୍କ ବୁଣିବା କାର୍ଯ୍ୟ କେବଳ ଏକ କଳା ନୁହେଁ, ବରଂ ଏହା ତାଙ୍କ ଯାତ୍ରାର ଏକ ଅଂଶ ।



## ୧୪ ବର୍ଷ ପରେ ଈଶାଙ୍କ ଲେଉଟାଣି



ବଲିଉଡ୍ ଅଭିନେତ୍ରୀ ଈଶା ଦେଓଲ ଦୀର୍ଘ ୧୪ ବର୍ଷ ପରେ ବଡ଼ ପରଦାକୁ ଫେରିଛନ୍ତି । ବିକ୍ରମ ଭଟ୍ଟଙ୍କ ନିର୍ଦ୍ଦେଶିତ 'ତୁମ୍‌କୋ ମେରି କସମ୍' ମାଧ୍ୟମରେ ସେ ପୁଣି ଥରେ ଅଭିନୟ ଦୁନିଆକୁ ଫେରିଛନ୍ତି । ଈଶା ଅନେକ ହିଟ୍ ସିନେମା ଭେଟି ଦେଇଥିଲେ ମଧ୍ୟ ତାଙ୍କ ମା' ହେମାମାଳିନୀଙ୍କ ଭଳି ତାଙ୍କୁ ଆଶାତୀତ ସଫଳତା ମିଳି ନାହିଁ । ସେ ୨୦୦୨ ମସିହାରେ 'କୋଇ ମେରେ ଦିଲ୍ ସେ ପୁଛେ'ରୁ ଫିଲ୍ମ ଦୁନିଆରେ ପାଦ ରଖିଥିଲେ । ଏହାପରେ ସେ ଗୋଟିଏ ପରେ ଗୋଟିଏ ସିନେମା ଦର୍ଶକଙ୍କୁ ଭେଟି ଦେଇଥିଲେ । ଈଶା ତାଙ୍କ କ୍ୟାରିୟରରେ ୩୪ଟି ଫିଲ୍ମ କରିଛନ୍ତି । ସେ ଦୁଇଟି ସନ୍ତାନର ଜନନୀ ହେବା ପରେ ସିନେମାରୁ ବ୍ରେକ୍ ନେଇଥିଲେ । ଅନ୍ୟ ପକ୍ଷରେ ସ୍ୱାମୀ ଭରତ ତଖତାନୀଙ୍କ ସହ ବିବାହ ବିଚ୍ଛେଦ ଘଟିବାରୁ ସେ ଏବେ ଫିଲ୍ମ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ତେବେ ଏକ୍ଷେତ୍ରରେ ତାଙ୍କୁ କେତେ ସଫଳତା ମିଳୁଛି, ତାହା ଆଗାମୀ ଦିନରେ ଜଣାପଡ଼ିବ ।

## ବୋଲ ମାନୁଛି ରୋବଟ୍

ଏବେ ଅନେକ କାମ ରୋବଟ୍ କରିବାକୁ ସକ୍ଷମ । ଏହାକୁ ଦୃଷ୍ଟିରେ ରଖି ଚୀନ୍‌ର ଲୋକପ୍ରିୟ ସୋସିଆଲ ମିଡିଆ ଇନଫ୍ଲୁଏନସର ଝାଙ୍ଗ୍ ଜେନ୍‌ୟୁଆନ୍(୨୫) ଏକ ରୋବଟ୍‌କୁ ଭଡ଼ାରେ ନେଇଛନ୍ତି । ଏହି ରୋବଟ୍ଟି ତାଙ୍କୁ ଦୈନନ୍ଦିନ କାମ କରିବାରେ ସାହାଯ୍ୟ କରୁଛି । ଏହି ଘଟଣା ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଝାଙ୍ଗ୍ ମାର୍ଚ୍ଚ ୧୩ରେ ଏହି ହ୍ୟୁମୋନଏଡ୍ ରୋବଟ୍ ସହ ପୂରା ଦିନ ଅତିବାହିତ କରିବାର ଏକ ଭିଡିଓ ସେୟାର୍ କରିଛନ୍ତି । ଚୀନ୍‌ର ସବୁଠୁ ଉନ୍ନତ ହ୍ୟୁମାନଏଡ୍ ରୋବଟ୍ ମଧ୍ୟରୁ ଜି୧କୁ ସେ ଦିନକ ପାଇଁ ଭଡ଼ାରେ ନେଇଛନ୍ତି । ଏ ଲାଗି ୧.୨ ଲକ୍ଷ ଟଙ୍କା ସେ ଖର୍ଚ୍ଚ କରିଛନ୍ତି । ଗତବର୍ଷ ଏହି ରୋବଟ୍‌ଟିକୁ ୟୁନିଟ୍ରି ରୋବଟିକ୍ସ କମ୍ପାନି ଦ୍ୱାରା ପରିଚିତ କରାଯାଇଥିଲା । ଉକ୍ତ ରୋବଟ୍‌ର ଉଚ୍ଚତା ୧୨୭ ସେମି ଏବଂ ଓଜନ ୩୫ କିଲୋଗ୍ରାମ୍ । ରୋବଟ୍‌ଟି ବେଶ୍ ଫୂର୍ତ୍ତିମୟ ଏବଂ ମାର୍ଶଲ ଆର୍ଟ ମଧ୍ୟ କରିପାରେ । ସେହିପରି ଏଠାକାର ଟ୍ରେଡିଂ ପ୍ଲାଟ୍‌ଫର୍ମର କିଛି ବ୍ୟବହାରକାରୀ ଜି୧ କିଣି ଭଡ଼ାରେ ସେବା ପ୍ରଦାନ କରୁଛନ୍ତି । ଝାଙ୍ଗ୍ ଏହି ରୋବଟ୍‌ର ବ୍ୟବହାର ରୋଷେଇ, ସଫାସଫି ଏବଂ ଡେଟ୍‌ରେ ଯିବା ପାଇଁ ଉପଯୋଗ କରୁଛନ୍ତି । ସେହିପରି ଭିଡିଓରୁ ଦେଖିବାକୁ ମିଳୁଛି ଝାଙ୍ଗ୍‌ଙ୍କ ପ୍ରତ୍ୟେକ କଥା ରୋବଟ୍ ମାନୁଛି । ରୋବଟ୍ ଚଟାଣରେ ଶୋଇଥିବା ବେଳେ ଏହାକୁ ଛିଡ଼ା ହେବା ପାଇଁ କୁହାଗଲେ, ଏହା ନିଜ ଅଙ୍ଗକୁ ମୋଡ଼ି ତୁରନ୍ତ ଠିଆ ହୋଇଥାଏ । ଏହାପରେ ଜି୧ ଉତ୍ସାହପୂର୍ବକ ଝାଙ୍ଗ୍‌ଙ୍କ ଅଭିବାଦନ କରୁଥିବା ଦେଖାଯାଉଛି । ରୋବଟ୍‌ଟି ଦିନ ତମାମ ଝାଙ୍ଗ୍ ସହିତ ରହେ । ଏହି ପ୍ରକାରେ ସେ ଝାଙ୍ଗ୍‌ଙ୍କ ଏକାକୀତ୍ୱକୁ ମଧ୍ୟ ଦୂର କରୁଥିବା ଜଣାପଡ଼ିଛି ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ । ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ମନ ପ୍ରସନ୍ନ ରହିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ନିବେଶ ଲାଗି ଉପଯୁକ୍ତ ସମୟ ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ । ଭୁଲ୍ କାମରୁ ଦୂରେଇ ରହିବେ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । ଦୁର୍ଗା ଚାଳିଶା ପାଠ କରିବା ଭଲ । କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ । ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ବଚନରେ ମଧୁରତା ରକ୍ଷା କରିବେ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ । କାମରୁ ଲାଭ ଓ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମ ସମ୍ପର୍କ ସୁଖମୟ ହେବ ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ । କୌଣସି ସମସ୍ୟାରେ ପଡ଼ିପାରନ୍ତି । ପରିଶ୍ରମ ଅନୁସାରେ ସଫଳତା ମିଳିବ । ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ ।

**ମକର:** ବିବାହ ପ୍ରସ୍ତାବ ଆସିବ । ଧନଲାଭ ଯୋଗ ଅଛି । କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ । ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ ।

**ମୀନ:** ମାନସିକ ଶାନ୍ତି ପାଇବେ । ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ ।

## ଆଜିର ଇତିହାସ

- ୧୫୫୨: ଗୁରୁ ଅମର ଦାସ ଶିଖ୍‌ମାନଙ୍କର ତୃତୀୟ ଗୁରୁ ହେଲେ ।
- ୧୮୧୨: ଭେନେଜୁଏଲାର କାରାକାସରେ ଭୟଙ୍କର ଭୂମିକମ୍ପରେ ୨୦ ହଜାର ଲୋକ ପ୍ରାଣ ହରାଇଲେ ।
- ୧୯୦୭: ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକା ମହାଦେବୀ ବର୍ମାଙ୍କ ଜନ୍ମ ।
- ୧୯୭୨: ରାଷ୍ଟ୍ରପତି ଭି.ଭି ଗିରି ପ୍ରଥମ ଅନ୍ତର୍ଜାତୀୟ ସଂସ୍କୃତ ସମ୍ମିଳନୀକୁ ଉଦ୍‌ଘାଟନ କଲେ ।
- ୧୯୭୪: ଜଙ୍ଗଲ ସୁରକ୍ଷା ଉଦ୍ଦେଶ୍ୟରେ ଭାରତରେ ଚିପ୍‌କୋ ଆନ୍ଦୋଳନ ଆରମ୍ଭ ।
- ୨୦୦୬- ମେଲବର୍ଣ୍ଣରେ ୧୮ ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ ।

# ଖେଳ ଦୁନିଆ

## ପ୍ରଭାତ ସ୍ମାରକୀ ଟି-୨୦ କ୍ରିକେଟ

## ଜାଆଁଳାକୁ ହରାଇ ଫାଇନାଲରେ ଯଦୁପୁର




ଭୁବନେଶ୍ୱର,୨୫।୩ (ସମିସ): ବିକାଶ ରାଉତଙ୍କ ଅଲରାଉଣ୍ଡ ସଫଳତା ବଳରେ ଯଦୁପୁର କ୍ରିକେଟ କ୍ଲବ୍ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ପ୍ରଭାତ ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ଖେଳାଯାଇଥିବା ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜାଆଁଳା ୯ ୱିକେଟରେ ୨୨୫ ରନ୍ କରିଥିଲା । ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୪୫ ବଲ୍‌ରେ ୧୧ ଚୌକା ଓ ୭ ଛକା ସହ ୧୦୧ ରନ୍ କରିଥିଲେ । ଜବାବରେ ଯଦୁପୁର କ୍ରିକେଟ କ୍ଲବ୍ ଗୋଟିଏ ଓଭର ଖେଳ ବାକିଥାଇ ୩ ୱିକେଟରେ ୨୨୬ ରନ୍ କରିବା ସହ ମ୍ୟାଚ୍ ଜିତିଥିଲା । ଦଳ ପକ୍ଷରୁ ଜିତେନ୍ଦ୍ର ଦାସ ୪୪ ବଲ୍‌ରେ ଅପରାଜିତ ୯୭ ରନ୍ ଓ ମହମ୍ମଦ୍ ସୁଲେମାନ ୧୧ ବଲ୍‌ରେ ୫୦ ରନ୍ କରିଥିଲେ । କିନ୍ତୁ ବୋଲିଂରେ ୫୭ ରନ୍ ଦେଇ ୩ଟି ୱିକେଟ ନେବା ଓ ବ୍ୟାଟିଂରେ ୩୫ ବଲ୍‌ରୁ ୭ ଚୌକା ଓ ୪ ଛକା ସହ ୬୧ ରନ୍ କରିଥିବା ଯଦୁପୁରର ବିକାଶ ରାଉତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ପରାଜିତ ଦଳର ଜଗନ୍ନାଥ ଗୋଟାଙ୍କ ୩ ୱିକେଟ କିଛି କାମ ଦେଇ ନ ଥିଲା । ମାର୍ଚ୍ଚ ୩୦ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

ଖେଳ ଶେଷରେ ପଟ୍ଟନାୟକ ଏଣ୍ଟରପ୍ରାଇଜର୍ସର ମୁଖ୍ୟ ଶକ୍ତିକୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅବିନାଶ ପଟ୍ଟନାୟକ ଓ ଖଗେଶ୍ୱର ସୁବୁଦ୍ଧି ଖେଳ ପରିଚାଳନା କରିଥିଲେ । ଆସନ୍ତାକାଲିଠାରୁ ଗ୍ରୁପ୍-ବି'ର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ କଲ୍ୟାଣପୁର ସହ ଗଙ୍ଗପଡ଼ାର ମୁକାବିଲା ହେବ ।

## ଆଇସିସି ମହିଳା ଟି-୨୦ ର୍‍ୟାଙ୍କିଂ

## ସ୍ଥାନ ବଜାୟ ରଖିଲେ ମନ୍ଧାନା, ଦୀପ୍ତି

ଦୁବାଇ,୨୫।୩(ଏଜେନ୍ସି): ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଓ ଅଲରାଉଣ୍ଡର ଦିପ୍ତୀ ଶର୍ମା ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି । ମନ୍ଧାନା ବ୍ୟାଟିଂ ଓ ଦୀପ୍ତି ବୋଲିଂ ତାଲିକାର ତୃତୀୟ ସ୍ଥାନରେ ପୂର୍ବପରି ରହିଛନ୍ତି । ବ୍ୟାଟିଂରେ ଶ୍ରେଷ୍ଠ-୧୦ରେ ଆଉ କୌଣସି ଭାରତୀୟ ସ୍ଥାନ ପାଇନାହାନ୍ତି । ତେବେ ଅଧିନାୟିକା ହରମନପ୍ରୀତ କୌର ଏକାଦଶ ସ୍ଥାନରେ ରହିଛନ୍ତି । ଜେମିମା ରୋଡ୍ରିଗ୍ସେଜ ୧୫ ଓ ଶେଫାଳୀ ବର୍ମା ୧୪ତମ ସ୍ଥାନରେ ରହିଛନ୍ତି । ଅଷ୍ଟ୍ରେଲିଆର ବେଥ୍ ମୁନି ତାଲିକାର ଶୀର୍ଷସ୍ଥାନରେ ରହିଛନ୍ତି । ସେହିପରି ବୋଲିଂ ତାଲିକାରେ ଇଂଲଣ୍ଡର ସୋଫି ଏକ୍ଲେଷ୍ଟୋନ ଓ ପାକିସ୍ତାନର ସାଦିଆ ଇକ୍‌ବାଲ ଯଥାକ୍ରମରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଅଲରାଉଣ୍ଡର ର୍‍ୟାଙ୍କିଙ୍ଗରେ ମଧ୍ୟ ଦୀପ୍ତି ତୃତୀୟ ସ୍ଥାନରେ ରହିଛନ୍ତି । ଅଷ୍ଟ୍ରେଲିଆର ହେଲି ମାଥ୍ୟୁସ ଶୀର୍ଷ ଓ ନ୍ୟୁଜିଲାଣ୍ଡର ଆମେଲିଆ କେର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

■ ଜାତୀୟ ମହିଳା ହକି ଲିଗ୍

## ମିଜୋରାମ ସୁଟ୍‌ଆଉଟ୍; ଶୀର୍ଷରେ ଓଡ଼ିଶା




ଭୁବନେଶ୍ୱର, ୨୫।୩ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିରେ ଚାଲିଥିବା ୨୧ ବର୍ଷରୁ କମ୍ ଜାତୀୟ ମହିଳା ହକି ଲିଗ୍‌ର ଫାଇନାଲ ଫେଜ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ସୁଟ୍ ଆଉଟ୍‌ରେ ୨-୦ (୧-୧) ଗୋଲ୍‌ରେ ମିଜୋରାମକୁ ପରାସ୍ତ କରିଛି । ଓଡ଼ିଶା ଏଥିସହ ୬ଷ୍ଠ ମ୍ୟାଚରୁ ୫ମ ବିଜୟ ହାସଲ କରି ୧୫ ପଏଣ୍ଟ ସହ ଟେବଲ୍ ଶୀର୍ଷକୁ ଉଠିଛି । ଓଡ଼ିଶା ଏଥିପୂର୍ବରୁ ବେଙ୍ଗଲ (୧-୦ ଗୋଲ), ମହାରାଷ୍ଟ୍ର (୧-୦), ମଣିପୁର (୫-୧) ଓ ହରିୟାଣା (୨-୦)କୁ ପରାସ୍ତ କରିଥିବାବେଳେ ମଧ୍ୟପ୍ରଦେଶ (୧-୦) ନିକଟରୁ ପରାଜୟବରଣ କରିଥିଲା । ଗୁରୁବାର ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ମଙ୍ଗଳବାର ମିଜୋରାମ ବିପକ୍ଷ ମ୍ୟାଚର ଆରମ୍ଭରୁ ଓଡ଼ିଶା ଅଗ୍ରଣୀ ନେବାରେ ସଫଳ ହୋଇଥିଲା । ପ୍ରଥମ କ୍ୱାର୍ଟରର ୫ମ ମିନିଟ୍‌ରେ ସଞ୍ଜନା କିରୋ ଏକ ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାକୁ ୧-୦ରେ ଆଗୁଆ କରାଇଥିଲେ । ଏହାପରେ ୪ର୍ଥ କ୍ୱାର୍ଟର ପର୍ଯ୍ୟନ୍ତ ଓଡ଼ିଶା ଏହି ଅଗ୍ରଣୀକୁ ବଜାୟ ରଖିଥିଲା । କିନ୍ତୁ ମ୍ୟାଚ୍ ଶେଷ ହେବାକୁ ୫ ମିନିଟ୍ ବାକି ଥିବାବେଳେ ମିଜୋରାମର ଲାଲଟ୍‌ଲାଞ୍ଜୁଙ୍ଗି ଏହି ଗୋଲ୍‌ଟି ଶୁଝାଇଦେବାରୁ ୧-୧'ର ବରାବରସ୍ଥିତିକୁ ଆସିଥିଲା । ଏହାପରେ ପେନାଲ୍ଟି ସୁଟ୍‌ଆଉଟ୍ ହୋଇଥିଲା । ଏଥିରେ ଓଡ଼ିଶାର ଅଧିନାୟିକା ସୁମି ମୁଣ୍ଡାରୀ ଓ ଦୃପ୍ତି ନାୟକ ଗୋଟିଏ ଲେଖାଏ ଗୋଲ୍‌ଥିଲେ । ଅପରପକ୍ଷରେ ମିଜୋରାମ ପ୍ରଥମ ୪ଟି ପ୍ରୟାସରେ ଗୋଟିଏ ହେଲେ ଗୋଲ୍ ଦେଇପାରି ନ ଥିଲା । ଫଳରେ ଓଡ଼ିଶା ୨-୦ରେ ବାଜିମାତ୍ କରିନେଇଥିଲା । ଓଡ଼ିଶା ଗୋଲ୍‌ରକ୍ଷକ ନମସି ଜାରିକା ସୁଟ୍‌ଆଉଟ୍‌ରେ ମିଜୋରାମର ୪ଟି ଯାକ ସଟ୍‌କୁ ଅଟକାଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## କିଟ୍‌ରେ ତୀରନ୍ଦାଜୀ ଚୟନ ଶିବିର ଆରମ୍ଭ

**ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭୁବନେଶ୍ୱର, ୨୫।୩ (ସମିସ): ଜର୍ମାନୀରେ ଆଗାମୀ ଜୁଲାଇ ୧୬ରୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୩୨ତମ ସଂସ୍କରଣ ଆରମ୍ଭ ହେବ । ଏଥିଲାଗି ଭାରତୀୟ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଦଳର ଚୟନ ଶିବିର ମଙ୍ଗଳବାରଠାରୁ କିଟ୍ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଛି । ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ୩ ଦିନିଆ ଚୟନ ଶିବିରରେ ଦେଶର ୧୦୦ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ପାଖାପାଖି ୩୦୦ ପୁରୁଷ ଓ ମହିଳା ତୀରନ୍ଦାଜ ଅଂଶଗ୍ରହଣ କରିଛନ୍ତି । ଏଥିରୁ ମନୋନୀତ ତୀରନ୍ଦାଜ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରୁ ଖେଳିବେ । ଏହି ଶିବିରରେ ଚୟନ କମିଟିରେ ଅର୍ଜ୍ଜୁନ ପୁରସ୍କାର ବିଜେତା ଅଲିମ୍ପିଆନ ରାହୁଲ ବାନାର୍ଜୀ, ତୀରନ୍ଦାଜୀ ପ୍ରଶିକ୍ଷକ ରାଜେଶ ହାସଦାକ, ଜାତୀୟ ତୀରନ୍ଦାଜୀ ପ୍ରଶିକ୍ଷକ ସୁରିନ୍ଦର ସିଂହ ରାନ୍ଧୱାଲ ଓ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ରହିଛନ୍ତି । କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭକାମନା ଜଣାଇଛନ୍ତି । ଆଗାମୀ ଦିନରେ କିଟ୍‌ରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ଭଲିବଲ୍, ଟେନିସ ଓ ଆଥ୍‌ଲେଟିକ୍ସର ଚୟନ ଶିବିର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

## ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟ୍‌ବଲରେ ଓଡ଼ିଶା ରନର୍ସଅପ୍




ଭୁବନେଶ୍ୱର, ୨୫।୩ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଅନୁଷ୍ଠିତ ପ୍ରଥମ ଆଂଶିକ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ରନର୍ସଅପ୍ ହୋଇଛି । ବୁଲ୍ସଆଇ ଅନୁଷ୍ଠାନ ପକ୍ଷରୁ ଭାଗନେଇଥିବା ଓଡ଼ିଶା ଦଳ ଫାଇନାଲରେ କେରଳ ନିକଟରୁ ୨-୧ ଗୋଲ୍‌ରେ ହାରିଯାଇଥିଲା । ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୩ ମ୍ୟାଚରୁ ୨ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିଲା । ଓଡ଼ିଶା ଲିଗ୍‌ରେ ହରିୟାଣାକୁ ୨୦-୦ ଓ ଦିଲ୍ଲୀକୁ ୩-୧ ଗୋଲରେ ହରାଇଥିବାବେଳେ କେରଳ ନିକଟରୁ ୧-୦ରେ ପରାସ୍ତ ହୋଇଥିଲା । ଏହାପରେ ସେମିଫାଇନାଲରେ ୩-୧ ଗୋଲରେ ଉତ୍ତରାଖଣ୍ଡକୁ ପରାସ୍ତ କରି ଓଡ଼ିଶା ଫାଇନାଲରେ ପହଞ୍ଚିଥିଲା । ଓଡ଼ିଶାର ଅଧିନାୟକ ରାମଦାସ ମୁର୍ମୁ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ । ଓଡ଼ିଶା ଦଳ: ରାମଦାସ ମୁର୍ମୁ (ଅଧିନାୟକ), ଶରତ ରଞ୍ଜନ ସିଂ, ବୈଦ୍ୟନାଥ ହାଁସଦା, ବାଲିଆ କିସ୍କୁ, ଗୁରଭା ମୁର୍ମୁ, ହିକିମ ମୁର୍ମୁ, ଆକାଶ ପଡ଼ିଆମୀ (ଗୋଲ୍‌କିପର), ପ୍ରଶିକ୍ଷକ- ତ୍ରିଲୋଚନ ବେଉରା ।

## ■ ଫିଫା ଦୁର୍ନୀତି ମାମଲା

# ବ୍ଲାଟର, ପ୍ଲାଟିନି ପୁଣି ଦୋଷମୁକ୍ତ



**ମୁଟେଞ୍ଜ (ସ୍ୱିଜରଲାଣ୍ଡ),୨୫ ।୩(ଏଜେନ୍ସି):** ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫାର ପୂର୍ବତନ ଅଧ୍ୟକ୍ଷ ସେପ୍ପ ବ୍ଲାଟର ଓ ପୂର୍ବତନ ଫ୍ରେଞ୍ଚ ଫୁଟବଲର ତଥା ଫୁଟବଲ ପ୍ରଶାସକ ମାଇକେଲ୍ ପ୍ଲାଟିନି ପୁଣି ଥରେ ଦୁର୍ନୀତ ମାମଲାରେ ଦୋଷମୁକ୍ତ ହୋଇଛନ୍ତି । ଦୁହିଁଙ୍କ ବିରୋଧରେ ଫିଫାରେ ହୋଇଥିବା ଦୁର୍ନୀତି ନେଇ ସାଂଘାତିକ ଅଭିଯୋଗ କରାଯାଇଥିଲା । ଏ ସଂକ୍ରାନ୍ତରେ ସୁଇଜରଲାଣ୍ଡର ଏକ କ୍ରିମିନାଲ କୋର୍ଟ ଏହି ଦୁଇଜଣ ବରିଷ୍ଠ ଫୁଟବଲ ପ୍ରଶାସକଙ୍କୁ ଦୁର୍ନୀତି ଅଭିଯୋଗରୁ ମୁକ୍ତ କରିଛି । ପୂର୍ବରୁ ଅଢେଇ ବର୍ଷ ତଳେ ଅନ୍ୟଏକ ଦୁର୍ନୀତି ମାମଲାରେ କୋର୍ଟ ଦୁଇଜଣଙ୍କୁ ଦୁର୍ନୀତି ଅଭିଯୋଗରୁ ମୁକ୍ତ କରିଥିଲା । ବିଶ୍ୱ ଫୁଟବଲ ଏକଦା ବ୍ଲାଟର ଓ ପ୍ଲାଟିନି ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିଥିଲେ । ଦୁହିଁଙ୍କ ବିରୋଧରେ ଠକାମି, ଷଡଯନ୍ତ୍ର ଓ ମିସ୍ ମ୍ୟାନେଜମେଣ୍ଟ ନେଇ ଏକାଧିକ ଅଭିଯୋଗ କରାଯାଇଥିଲା । ୨୦୧୧ରୁ ଦୁହେଁ ଫିଫାର ପାଣ୍ଠିକୁ ନେଇ ୨ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୭ କୋଟି ୧୪ ଲକ୍ଷ ଟଙ୍କା ଦୁର୍ନୀତି କରିଥିବାର ଅଭିଯୋଗ କରାଯାଇଥିଲା । ବ୍ଲାଟର ଓ ପ୍ଲାଟିନି ଉଭୟ ଏବେ ୮ ୯ ବର୍ଷରେ ପଦାର୍ପଣ କରିଛନ୍ତି ।

## ■ ଆଇସିସି ଏଲିଟ୍ ପ୍ୟାନେଲ୍

# ସ୍ଥାନ ବଜାୟ ରଖିଲେ ଭାରତୀୟ ଅମ୍ପାୟର ନିତିନ

**ଦୁବାଇ,୨୫ ।୩(ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏଲିଟ୍ ପ୍ୟାନେଲରେ ସାମିଲଥିବା ଅମ୍ପାୟରଙ୍କ ନାମ ମଙ୍ଗଳବାର ଘୋଷଣା କରିଛି । ଏକମାତ୍ର ଭାରତୀୟ ଭାବେ ନିତିନ ମେନନ ଏହି ପ୍ୟାନେଲରେ ସ୍ଥାନ ବଜାୟରଖିଛନ୍ତି । ଏହି ପ୍ୟାନେଲରେ ନୂଆ ଅମ୍ପାୟର ଭବେ ଆଲ୍ଲାହୁଦ୍ଦିନ ପାଲେକର ଓ ଇଂଲଣ୍ଡର ଆଲେକ୍ସ ହ୍ୱାର୍ଫଙ୍କୁ ସ୍ଥାନ ମିଳିଛି । ରିଚାର୍ଡ ଇଲିଂୱର୍ଥ ପରେ ନିତିନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ମାଇକେଲ ଗଫ୍ ଓ ଜୋଏଲ ୱିଲସନଙ୍କ ବଦଳରେ ପାଲେକର ଓ ହ୍ୱାର୍ଫଙ୍କୁ ସ୍ଥାନ ମିଳିଛି । ଆଇସିସି ଅଧ୍ୟକ୍ଷ ଜୟ ଶାହା ପ୍ୟାନେଲରେ ସାମିଲଥିବା ସବୁ ଅମ୍ପାୟରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ପାଲେକର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

**ଏଲିଟ୍ ପ୍ୟାନେଲ ଅମ୍ପାୟାର ତାଲିକା (୨୦୨୫-୨୬):** କୁମାର ଧର୍ମସେନା (ଶ୍ରୀଲଙ୍କା), କ୍ରିଷ୍ଟୋଫର ଗାଫାନେ (ନ୍ୟୁଜିଲାଣ୍ଡ), ଆଡ୍ରିଆନ ହୋଲ୍ଡଷ୍ଟକ ଓ ଆଲ୍ଲାହୁଦ୍ଦିନ ପାଲେକର (ଦକ୍ଷିଣ ଆଫ୍ରିକା), ରିଚାର୍ଡ ଇଲିଂୱର୍ଥ, ରିଚାର୍ଡ କେଟଲବରୋ, ଆଲେକ୍ସ ହ୍ୱାର୍ଫ (ଇଂଲଣ୍ଡ), ନିତିନ ମେନନ (ଭାରତ), ଅହସାନ ରାଜା (ପାକିସ୍ତାନ), ପଲ ରିଫିଲ, ରଡନୀ ଟକର (ଅଷ୍ଟ୍ରେଲିଆ) ଓ ସର୍ଫୁଦୌଲ୍ଲା ଇବ୍ନେ ସାହିଦ (ବାଂଲାଦେଶ) ।

## ■ ୨୦୨୫ ମହିଳା ବିଶ୍ୱକପ୍

# ଚଣ୍ଡିଗଡ଼ର ନୂଆ ଷ୍ଟାଡିୟମରେ ଖେଳାଯିବ ଫାଇନାଲ

**ନୂଆଦିଲ୍ଲୀ,୨୫ ।୩(ଏଜେନ୍ସି):** ଚଳିତବର୍ଷ ଭାରତରେ ଖେଳାଯିବାକୁ ଥିବା ମିହିଳା ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଚଣ୍ଡିଗଡ଼ ଉପକଣ୍ଠସ୍ଥ ମୁଲ୍ଲାନପୁରସ୍ଥିତ ନୂଆ ମହାରାଜା ଯାଦବିନ୍ଦ୍ର ସିଂହ ଷ୍ଟାଡିୟମରେ ଆୟୋଜନ ହେବ । ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୯ରୁ ଆରମ୍ଭ ହୋଇ ଅକ୍ଟୋବର ୨୬ରେ ଶେଷ ହେବ ବୋଲି କ୍ରିକ୍‌ଇନଫୋ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି । ୮ଟି ଦେଶକୁ ନେଇ ଏହି ବିଶ୍ୱକପ୍ ଖେଳାଯିବ ଓ ବିଶାଖାପାଟଣା, ତିରୁବନନ୍ଦପୁରମ, ରାୟପୁର, ଇନ୍ଦୋର ଓ ମୁଲ୍ଲାନପୁରରେ ମ୍ୟାଚ୍‌ଗୁଡିକ ଆୟୋଜନ ହେବ । ମୁଲାନପୁର, ତିରୁବନନ୍ଦପୁରମ ଓ ରାୟପୁରରେ ଏପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇନାହିଁ । ଏହି ବିଶ୍ୱକପ୍ ଖେଳିବାକୁ ଆୟୋଜକ ଭାରତ ସମେତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ଯୋଗ୍ୟତା ଅର୍ଜନ କରିସାରିଛନ୍ତି । ବାକି ଦୁଇଟି ଦଳ କ୍ୱାଲିଫାୟର ଖେଳି ଯୋଗ୍ୟତା ଅର୍ଜନ କରିବେ । ଉଲ୍ଲେଖଥାଉ କି, ଭାରତ ୨୦୧୭ ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିବା ବେଳେ ଓ ୨୦୨୨ ବିଶ୍ୱକପ୍‌ର କ୍ୱାର୍ଟରଫାଇନାଲ ପରାସ୍ତ ହୋଇଥିଲା ।

## ଶ୍ରେୟସ ଶତକରୁ ବଞ୍ଚିତ; ସୁଦର୍ଶନ ଓ ବଟଲରଙ୍କ ଅର୍ଦ୍ଧଶତକ ବ୍ୟର୍ଥ

# ଗୁଜରାଟ ଜ୍ୟାଣ୍ଟସକୁ ହରାଇଲା ପଞ୍ଜାବ କିଙ୍ଗସ

**ଅହମ୍ମଦାବାଦ୍, ୨୫।୩ (ଏଜେନ୍ସି):**

ଶ୍ରେୟସ ଆୟରଙ୍କ ଅପରାଜିତ ଅର୍ଦ୍ଧଶତକ ଓ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁଁ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍-୧୮'ର ପଞ୍ଚମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ ୧୧ ରନ୍‌ରେ ଗୁଜରାଟ ଜ୍ୟାଣ୍ଟସକୁ ପରାସ୍ତ କରିଛି । ଏହି ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ୫ ୱିକେଟରେ କରିଥିଲା୨୪୩ ରନ୍ । ଶ୍ରେୟସ ୪୨ ବଲ୍‌ରୁ ଅପରାଜିତ ୯୭, ଡେବ୍ୟୁଟାଣ୍ଟ ପ୍ରିୟାଂଶ ଆର୍ଯ୍ୟ ୪୭ ଓ ଶଶାଙ୍କ ସିଂ ଅପରାଜିତ ୪୩ ରନ୍ କରିଥିଲେ । ଜବାବରେ ୨୪୪ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୩୨ ରନ୍ କରିବାକୁ ସମର୍ଥ ହୋଇଥିଲା । ସାଇ ସୁଦର୍ଶନ ୪୧ବଲ୍‌ରେ ୭୪, ଜୋଶ ବଟଲର ୩୩ ବଲ୍‌ରେ ୫୪, ସେର୍ଫାନ ରଦରଫୋର୍ଡ ୨୮ ବଲ୍‌ରେ ୪୬ ଓ ଅଧିନାୟକ ଶୁବମନ ଗିଲ୍ ୧୪ ବଲ୍‌ରେ ୩୩ ରନ୍ କରିଥିଲେ ମଧ୍ୟ କେହି ମ୍ୟାଚ୍ ବିଜୟୀ ଇନିଂସ ଖେଳିପାରି ନ ଥିଲେ । ରନ୍ ଚେଜ୍‌ବେଳେ ବଟଲର ଓ ରଦରଫୋର୍ଡ ପ୍ଲେଡ୍ ଅନ୍ ହେବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା । ବିଜୟୀ ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂହ ୨ଟି, ମାର୍କୋ ଯାନସେନ ଓ ଗ୍ଲେନ୍ ମ୍ୟାକ୍ସୱେଲ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ ।

| ଶ୍ରେୟସ | ଶଶାଙ୍କ |
|---|---|
| ବଲ୍-୪୨ | ବଲ୍-୧୬ |
| ରନ୍- ୯୭* | ରନ୍- ୪୪* |
| ଚୌକା- ୫ | ଚୌକା- ୬ |
| ଛକା- ୯ | ଛକା- ୨ |



**ଆଇପିଏଲ୍‌ରେ ଆଜି**
ରାଜସ୍ଥାନ ବନାମ କୋଲକାତା
ରାତି ୭.୩୦ / ଗୌହାଟୀ | ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ

### ଡେବ୍ୟୁରେ ଚମକିଲେ ପ୍ରିୟାଂଶ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗସ ୩ ଓଭରରେ ୨୮ ରନ୍ ଉଠାଇ ଧମାକାଦାର ଆରମ୍ଭ କରିଥିଲା । ଚତୁର୍ଥ ଓଭରର ପ୍ରଥମ ବଲ୍‌ରେ ପ୍ରଭସିମରନ ସିଂହ ଆଉଟ ହେବା ପରେ ରନ୍ ଗତି ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା । ଡେବ୍ୟୁଟାଣ୍ଟ ଓପନର ପ୍ରିୟାଂଶ ଆର୍ଯ୍ୟ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବୋଲରଙ୍କ ସ୍ପିଡ୍ କିମ୍ବା ଷ୍ଟାଟସ ଦେଖି ଭୟଭୀତ ହୋଇ ନ ଥିଲେ । ସେ ମାତ୍ର ୨୩ ବଲ୍ ଖେଳି ୭ ଚୌକା ଓ ୨ ଛକା ସହ ୪୭ ରନ୍ କରି ପଞ୍ଜାବ ଇନିଂସରେ ଚମକ ଖେଳାଇଥିଲେ । ସେ ଓ ଆୟର ଦ୍ୱିତୀୟ ୱିକେଟରେ ୨୧ ବଲ୍‌ରୁ ୫୧ ରନ୍ କରି ଇନିଂସର ମୂଳଦୁଆ ପକାଇଥିଲେ । ଏହା ପରେ ପଞ୍ଜାବ ୨ଟି ୱିକେଟ ଶୀଘ୍ର ହରାଇବା ପରେ ଶ୍ରେୟସ ଓ ମାର୍କସ ଷ୍ଟୋଇନିସ୍‌ଙ୍କ ୫ମ ୱିକେଟ ଯୋଡି ୨୮ ବଲ୍‌ରୁ ୫୮ ରନ୍ ଉଠାଇ ଦଳକୁ ଭଲ ସ୍କୋର ଅଭିମୁଖେ ନେଇଯାଇଥିଲେ । ଷ୍ଟୋଇନିସଙ୍କ ଅବଦାନ ୨୦ ରନ୍ ଥିଲା । ତାଙ୍କ ଆଉଟ ପରେ ଶ୍ରେୟସ ଓ ଶଶାଙ୍କ ସିଂ ଗୁଜରାଟ ବୋଲରଙ୍କୁ ନିର୍ମମ ପ୍ରହାର କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ । ଏମାନେ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରୁ ୨୮ ବଲ୍‌ରେ ୮୧ ରନ୍ ଉଠାଇ ପଞ୍ଜାବକୁ ଏକ ବିଶାଳ ସ୍କୋରରେ ପହଞ୍ଚାଇଥିଲେ । ଏମାନଙ୍କ ଯୋଗୁ ପଞ୍ଜାବ ଶେଷ ୫ ଓଭରରେ ୮୭ରନ୍ ଉଠାଇଥିଲା । ବିସ୍ଫୋରକ ବ୍ୟାଟିଂ ଲାଗି ଖ୍ୟାତି ଲାଭ କରିଥିବା ଶଶାଙ୍କ ମାତ୍ର ୧୬ ବଲ୍‌ରୁ ୬ ଚୌକା ଓ ୨ ଛକା ବଳରେ ୪୪ ରନ୍ କରିଥିଲେ । ଏହା ଫଳରେ ଶ୍ରେୟସ ଶତକ ହାସଲରୁ ବଞ୍ଚିତ ହୋଇଥିଲେ । ପଞ୍ଜାବ ଲାଗି ଅଧିନାୟକ ଭାବେ ଡେବ୍ୟୁ କରିଥିବା ଶ୍ରେୟସ ମାତ୍ର ୪୨ ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୯ ଛକା ସହ ୯୭ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ । ଗତବର୍ଷ ତାଙ୍କ ନେତୃତ୍ୱରେ କୋଲକାତା ଚାମ୍ପିଅନ୍ ହୋଇଥିଲା । ଗୁଜରାଟ ପକ୍ଷରୁ ତାମିଲନାଡୁ ବାମହାତୀ ସ୍ପିନର ରବିଶ୍ରୀନିବାସନ ସାଇ କିଶୋର ୪ ଓଭରରେ ୩୦ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ ।

**ଶୂନରେ ଆଉଟ: ମ୍ୟାକ୍ସୱେଲଙ୍କ ରେକର୍ଡ**

ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ପ୍ରଥମ ବଲ୍‌ରେ ସାଇ କିଶୋରଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ । ଫଳରେ ସେ ରେକର୍ଡ ୧୯ଥର ଲାଗି ଆଇପିଏଲ୍‌ରେ ଶୂନ୍‌ରେ ଆଉଟ ହୋଇଥିଲେ । ତାଙ୍କ ପଛକୁ ରୋହିତ ଶର୍ମା ଓ ଦିନେଶ କାର୍ତ୍ତିକ ୧୮ ଥର ଲେଖାଏଁ, ପୀୟୂଷ ଚାୱଲା ଓ ସୁନୀଲ ନାରାୟଣ ୧୬ଥର ଲେଖାଏଁ ଶୂନରେ ଆଉଟ ହୋଇଛନ୍ତି ।

# 'ଅନ୍ୟାୟ ଓ ଅଣଦେଖାର ଶିକାର ହୋଇଥିଲି'



**ନୂଆଦିଲ୍ଲୀ,୨୫ ।୩ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ସୋମବାର ରାତିରେ ଏକ ରୋମାଞ୍ଚକ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୧ ୱିକେଟ୍‌ରେ ଲକ୍ଷ୍ନୌ ସୁପର୍ ଜ୍ୟାଣ୍ଟସକୁ ପରାସ୍ତ କରିଥିଲା । ୨୧୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ପଞ୍ଜାବ ଏକଦା ୭ ରନରେ ୩ ୱିକେଟ୍ ହରାଇ ସଙ୍କଟରେ ରହିଥିଲା । ତେବେ ମଧ୍ୟକ୍ରମରେ ଆଶୁତୋଷ ଶର୍ମା ୩୧ ବଲରୁ ଅପରାଜିତ ୬୬ ରନର ପାଳି ଖେଳି ଲକ୍ଷ୍ନୌ ହାତରୁ ବିଜୟ ଛଡ଼ାଇ ଆଣିଥିଲେ । ଘରୋଇ କ୍ରିକେଟ୍‌ରେ ରେଳବାଇ ଟିମ୍‌ରୁ ଖେଳୁଥିବା ଆଶୁତୋଷଙ୍କ ଏହି ମ୍ୟାଚ୍ ବିଜୟୀ ବିସ୍ଫୋରକ ପାଳିକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା । ତେବେ ପୂର୍ବରୁ ମଧ୍ୟପ୍ରଦେଶ ଟିମ୍‌ରୁ ଘରୋଇ କ୍ରିକେଟ୍ ଖେଳୁଥିବାବେଳେ ଭଲ ପ୍ରଦର୍ଶନ ସତ୍ତ୍ୱେ କିପରି ମୁଖ୍ୟ ପ୍ରଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ଅନ୍ୟାୟ ଓ ଅଣଦେଖାର ଶିକାର ହୋଇଥିଲେ ଆଶୁତୋଷ ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି ।

ଏକ ସାକ୍ଷାତ୍‌କାରରେ ୨୬ ବର୍ଷୀୟ ଆଶୁତୋଷ କହିଛନ୍ତି, '୨୦୧୯-୨୦ ସିଜନରେ ଏବଂ ଟିମ୍ ସିଲେକ୍ସନ ମ୍ୟାଚରେ ଭଲ ପ୍ରଦର୍ଶନ ସତ୍ତ୍ୱେ ପଣ୍ଡିତ ମୋତେ ଦଳରେ ନେଇ ନ ଥିଲେ । ବୋଧ ମୁଁ ତାଙ୍କୁ ଭଲ ଲାଗୁ ନ ଥିଲି । ଚୟନ ହୋଇ ନ ପାରିବାରୁ ମୁଁ ଡିପ୍ରେସନକୁ ଚାଲିଯାଇଥିଲି । ମୋର କ'ଣ ଭୁଲ ଥିଲା ଓ କାହିଁକି ଦଳରୁ ବାଦ୍ ଦିଆଯାଇଥିଲା ସେନେଇ କିଛି ସ୍ପଷ୍ଟୀକରଣ ରଖାଯାଇ ନ ଥିଲା । ଭଲ ପ୍ରଦର୍ଶସ ସତ୍ତ୍ୱେ ମୁଁ ଅନ୍ୟାୟ ଓ ଅଣଦେଖାର ଶିକାର ହୋଇଥିଲି ।' ଉଲ୍ଲେଖଯୋଗ୍ୟ, ଆଶୁତୋଷ ୨୦୧୭ରେ ମଧ୍ୟପ୍ରଦେଶ ପାଇଁ ଟି-୨୦ ଓ ୨୦୧୯ ରେ ଲିଷ୍ଟ-ଏ କ୍ରିକେଟ୍‌ରେ ପାଦ ଥାପିଥିଲେ । ଏପରିକି ସେହିବର୍ଷ ମଧ୍ୟପ୍ରଦେଶ ପାଇଁ ଖେଳିଥିବା ଶେଷ ଟି-୨୦ ମ୍ୟାଚରେ ୮୪ ରନ କରିଥିଲେ । ଏହାପରେ ୨୦୨୦ ସିଜନରେ ଚନ୍ଦ୍ରକାନ୍ତଙ୍କୁ ମଧ୍ୟପ୍ରଦେଶର ନୂଆ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା । ସେହି ସିଜନରେ ଟି-୨୦ ଟିମ୍ ଲାଗି ଚୟନ ଶିବିରରେ ସେ ୪୦-୪୫ଟି ବଲରେ ୯୦ ରନର ଦ୍ରୁତ ପାଳି ଖେଳିଥିଲେ । ଏହାସତ୍ତ୍ୱେ ତାଙ୍କୁ ଚନ୍ଦ୍ରକାନ୍ତ ଦଳରେ ନେଇ ନ ଥିଲେ । ଏହାପରେ ଆଶୁତୋଷ ରେଳବାଇ ଟିମ୍‌ରେ ଖେଳିବାର ସୁଯୋଗ ପାଇଥିଲେ ।

## ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର

# ଭାରତ-ବାଂଲାଦେଶ ମ୍ୟାଚ୍ ଗୋଲ୍‌ଶୂନ୍ୟ

**ଶିଲଂ,୨୫ ।୩(ଏଜେନ୍ସି):** ସ୍ଥାନୀୟ ଜବାହରଲାଲ୍ ନେହରୁ ଷ୍ଟାଡିୟମରେ ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟର ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଛି । କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଅଭିଜ୍ଞ ଭାରତୀୟ ଷ୍ଟ୍ରାଇକର ସୁନୀଲ ଛେତ୍ରୀ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲେ । ସେ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲେ । ଭାରତ ପାଇଁ ଲିଷ୍ଟନ କୋଲାକୋ ଓ ଶୁଭାଶିଷ ବୋଷ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ଗ୍ରୁପ୍ ସି'ରେ ଏବେ ଭାରତୀୟ ଫୁଟବଲ ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ଗୁଡିକରେ ସିଙ୍ଗାପୁର ଓ ହଂକଂକୁ ଭେଟିବ । ଘରୋଇ ପରିବେଶରୁ ଭାରତ ଫାଇଦା ଉଠାଇପାରି ନଥିଲା । ଆଗକୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେବ । ଭାରତ ଏବେ ଜୁନ୍ ୧୦ରେ ହଂକଂ ଓ ଅକ୍ଟୋବର ୯ ରେ ସିଙ୍ଗାପୁରକୁ ଭେଟିବ । ଇଂଲଣ୍ଡ ଜନ୍ମିତ ବାଂଲାଦେଶ ୨୭ ବର୍ଷୀୟ ମିଡ୍‌ଫିଲ୍ଡର ହମଜା ଚୌଧୁରୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଲିସେଷ୍ଟର ସିଟ୍ ପାଇଁ ୫୭ଟି ପ୍ରିମିୟର ଲିଗ୍ ମ୍ୟାଚ୍ ଖେଳିଛନ୍ତି ।

## ■ କ୍ରୀଡ଼ା ଦମ୍ପତି କଳହ

# ଥାନାରେ ସ୍ୱାମୀଙ୍କୁ ବାଡ଼େଇଲେ ବକ୍ସର ସ୍ୱିଟୀ



**ହିସାର,୨୫ ।୩ (ଏଜେନ୍ସି):** ଜଣାଶୁଣା ଭାରତୀୟ କ୍ରୀଡ଼ା ଦମ୍ପତି ଦୀପକ ନିୱାସ ହୁଡା ଓ ସ୍ୱିଟୀ ବୁରାଙ୍କ ପାରିବାରିକ ବିବାଦ ଏବେ ଖବରର ଶିରୋନାମାରେ ରହିଛି । ପୂର୍ବତନ ବିଶ୍ୱ ଚାମ୍ପିଅନ ମହିଳା ବକ୍ସର ସ୍ୱିଟୀ ଓ ତାଙ୍କ ସ୍ୱାମୀ ତଥା ଭାରତୀୟ କବାଡ଼ି ଖେଳାଳି ଦୀପକଙ୍କ ମଧ୍ୟରେ ଛାଡ଼ପତ୍ର ନେଇ ପ୍ରକ୍ରିୟା ଜାରି ରହିଛି । ତେବେ ଏହି ସମୟରେ ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି । ଯେଉଁଥିରେ ଦେଖିବାକୁ ମିଳିଛି ଯେ ହରିୟାଣାର ହିସାରାସ୍ଥିତ ଏକ ପୁଲିସ ଷ୍ଟେସନ ମଧ୍ୟରେ ସ୍ୱିଟୀ ତାଙ୍କ ସ୍ୱାମୀ ଦୀପକଙ୍କୁ ବାଡ଼େଇବା ସହ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଏହା ମାର୍ଚ୍ଚ ୧୫ ତାରିଖର ଘଟଣା ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ନିର୍ଯ୍ୟାତନା ମାମଲାରେ ବୟାନ ରେକର୍ଡ ଲାଗି ଉଭୟଙ୍କୁ ଥାନାକୁ ଡକାଯାଇଥିଲା । ଉଭୟ ପରିବାର ସଦସ୍ୟ ମଧ୍ୟ ସାଥିରେ ଉପସ୍ଥିତ ରହିଥିଲେ । ତେବେ ଏହି ସମୟରେ ପୁଲିସ ଉପସ୍ଥିତି ସତ୍ତ୍ୱେ ହଠାତ୍ ସ୍ୱିଟୀ ଓ ଦୀପକଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା । ଏହାପରେ ପ୍ରଥମେ ବୁରା ରାଗିଯାଇ ଚେୟାରରୁ ଉଠି ଦୀପକଙ୍କ ତଣ୍ଟିକୁ ଚିପିଦେଉଛନ୍ତି । ତେବେ ପରିବାର ସଦସ୍ୟଙ୍କ ହସ୍ତକ୍ଷେପ ପରେ ଏକ ବଡ଼ ଅଘଟଣକୁ ଅଟକାଯାଇପାରିଥିଲା ।

ଏଠାରେ ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୧୧ରେ ସ୍ୱିଟୀ ଅଧିକ ଯୌତୁକ ଓ ନିର୍ଯ୍ୟାତନା ଅଭିଯୋଗ ନେଇ ଦୀପକଙ୍କଠାରୁ ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି । ହିସାରା ଏସ୍‌ପିଙ୍କୁ ଭେଟି ସ୍ୱିଟୀ କହିଥିଲେ, ସେ ଦୀପକଙ୍କ ସହ ଆଉ ରହିବାକୁ ଚାହୁଁନାହାନ୍ତି ଏବଂ କେବଳ ଛାଡ଼ପତ୍ର ହିଁ ଚାହୁଁଛନ୍ତି । ୨୦୨୨ରେ ଏହି ଚର୍ଚ୍ଚିତ କ୍ରୀଡ଼ାବିତ୍ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ।

# ଆଇପିଏଲ୍ କମେଣ୍ଟ୍ରିରୁ କାହିଁକି ବାଦ୍ ପଡ଼ିଲେ ଇର୍‌ଫାନ୍ ପଠାନ

**ନୂଆଦିଲ୍ଲୀ,୨୫।୩ (ଏଜେନ୍ସି):** ଭାରତ ତଥା ବିଶ୍ୱର ସର୍ବଶ୍ରେଷ୍ଠ ଟି-୨୦ ପେସାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଇପିଏଲ୍ ମାର୍ଚ୍ଚ ୨୨ରୁ ଧମାକାଦାର ଢ଼ଙ୍ଗରେ ଆରମ୍ଭ ହୋଇଛି । କେକେଆର ଓ ଆର୍‌ସିବି ମଧ୍ୟରେ ଖେଳାଯାଇଥିବା ଏହି ମୁକାବିଲାଟି ନାଟକୀୟ ହେବା ସହ ଆଇପିଏଲ୍‌ର ରୋମାଞ୍ଚ ବଢ଼ାଇଛି । କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭରେ ଗୋଟିଏ ଅଭାବ ପରିଲକ୍ଷିତ ହୋଇଛି । ତାହା ହେଉଛି ଇର୍‌ଫାନ୍ ପଠାନଙ୍କ ଧାରାବିବରଣୀ ବା କମେଣ୍ଟ୍ରି । ମାଇକ୍‌ରେ କାହିଁକି ଇର୍‌ଫାନ୍‌ଙ୍କ କଥା ଶୁଣାଗଲାନି ତାହାର ତର୍ଜମା ଓ ତଦନ୍ତ ବିଭିନ୍ନ ଗଣମାଧ୍ୟମ ଦ୍ୱାରା କରାଯାଇ କାରଣ ଜଣାପଡ଼ିଛି । ଇର୍‌ଫାନ୍‌ଙ୍କ ଅନୁପସ୍ଥିତିର ମୁଖ୍ୟ କାରଣ ହେଲା ବିଭିନ୍ନ ଭାରତୀୟ ଖେଳାଳିଙ୍କ ବିରୋଧରେ ଅଶୋଭନୀୟ ମତାମତ ଦେବା । ସେମାନଙ୍କ ସହ ସାକ୍ଷାତକାର ବେଳେ ବ୍ୟକ୍ତିଗତ ଶତ୍ରୁତାକୁ ନେଇ ପ୍ରଶ୍ନକରିବା । ଅଷ୍ଟ୍ରେଲିଆ ଗସ୍ତବେଳେ ଭାରତୀୟ କ୍ରିକେଟ ଦଳ ଖରାପ ପ୍ରଦର୍ଶନ କରି ଟେଷ୍ଟ ସିରିଜ୍ ହାରିଥିଲା । ଏଭଳି ସମୟରେ ଖେଳାଳିମାନେ ଚାପରେ ଥିଲାବେଳେ ସେମାନଙ୍କୁ ଅପମାନିତ କଲାଭଳି ମନ୍ତବ୍ୟ ଦେଇଥିଲେ



ଇର୍‌ଫାନ୍ ପଠାନ । ଭାରତୀୟ ଦଳର ଜଣେ ପ୍ରମୁଖ ଖେଳାଳି ତାଙ୍କ ଟେଲିଫୋନ ନମ୍ବର ବ୍ଲକ୍ କରିଦେଇଥିଲେ ବୋଲି ପ୍ରକାଶ କରିଛନ୍ତି । ବିଶେଷ କରି ବିରାଟ କୋହଲିଙ୍କ ବିରୋଧରେ ତାଙ୍କର ମତାମତ ଆଦୌ ଗ୍ରହଣୀୟ ହୋଇ ନ ଥିଲା । ଇର୍‌ଫାନ୍‌ଙ୍କ ଏପରି ବ୍ୟବହାରରେ ଅତିଷ୍ଠ ହୋଇ ଖେଳାଳିମାନେ ବିସିସିଆଇ ନିକଟରେ ଅଭିଯୋଗ କରିଥିଲେ । ଏହା ଫଳରେ ଇର୍‌ଫାନ୍‌ଙ୍କ ଧାରାବିବରଣୀ ପ୍ୟାନେଲରୁ ବାଦ୍ ଦିଆଯାଇଛି ବୋଲି ଜାଣିବାକୁ ମିଳିଛି ।

ଇର୍‌ଫାନ୍ ଜଣେ ଭଲ ଖେଳାଳି ଓ ୨୦୨୦ରେ ପେସାଦାର କ୍ରିକେଟରୁ ଅବସର ନେବାପରେ କମେଣ୍ଟ୍ରି ବା ଧାରାବିବରଣୀକୁ ଦ୍ୱିତୀୟ କ୍ୟାରିୟର ଭାବେ ଗ୍ରହଣ କରିଥିଲେ । ଏବେ ବିସିସିଆଇ ତାଙ୍କୁ ବିଦା କରିବା ପରେ ସେ ମଧ୍ୟ ଚୁପ୍ ହୋଇ ବସି ନାହାନ୍ତି । ସେ ସଙ୍ଗେ ସଙ୍ଗେ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ସେଥିରେ ତାଙ୍କ ପ୍ରତିକ୍ରିୟା ଓ ମତାମତ ଦେବାରେ ଲାଗିଛନ୍ତି । ଏହି ଚ୍ୟାନେଲର ନାମ ରଖାଯାଇଛି 'ସିଧି ବାତ୍ ୱିଥ୍ ଇର୍‌ଫାନ୍ ପଠାନ' । ଏହାର ଆରମ୍ଭ ହେବା ମାତ୍ରେ ହଜାର ହଜାର ଦର୍ଶକ ଏହାକୁ ଦେଖିସାରିଲେଣି । ଏହି ଚ୍ୟାନେଲ ମାଧ୍ୟମରେ ଇର୍‌ଫାନ୍ ତାଙ୍କ ଶାଣିତ ମତାମତ ଦେବାକୁ ଆଦୌ ଭୁଲି ନାହାନ୍ତି । ପୂର୍ବରୁ ସଞ୍ଜୟ ମଞ୍ଜରେକର ଓ ହର୍ଷ ଭୋଗ୍‌ଲେଙ୍କୁ ମଧ୍ୟ ଆଇପିଏଲ୍ ଧାରାବିବରଣୀରୁ ବାହାର କରାଯାଇଥିଲା ।

# ୨୦୩୨ ଅଲିମ୍ପିକ୍ସ ପରେ ଭଙ୍ଗାଯିବ ଗାବ୍‌ବା ଷ୍ଟାଡିୟମ୍



**ବ୍ରିସ୍‌ବେନ୍, ୨୫।୩ (ଏଜେନ୍ସି):** ବିଶ୍ୱ ତଥା ଅଷ୍ଟ୍ରେଲିଆର ଅନ୍ୟତମ ଆଇକନିକ କ୍ରିକେଟ ଷ୍ଟାଡିୟମ୍ ଗାବ୍‌ବାକୁ ୨୦୩୨ ଅଲିମ୍ପିକ୍ସ ପରେ ଆଉ ଦେଖିବାକୁ ମିଳିବ ନାହିଁ । ଏହି ବର୍ଷ ବ୍ରିସ୍‌ବେନ୍‌ରେ ଅଲିମ୍ପିକ୍ସ ଆୟୋଜିତ ହେବ । ଭିକ୍ଟୋରିଆ ପାର୍କରେ ନୂଆକରି ନିର୍ମାଣ ହେବାକୁ ଥିବା ୬୩,୦୦୦ ଦର୍ଶକ କ୍ଷମତା ବିଶିଷ୍ଟ ଷ୍ଟାଡିୟମ୍‌ରେ ଅଲିମ୍ପିକ୍ସର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହେବ । ଏହା ପରେ ଏଠାରେ କ୍ରିକେଟ ଷ୍ଟାଡିୟମ୍ ହେବ । ୧୯୩୧ରୁ ଗାବ୍‌ବାରେ କ୍ରିକେଟ ଖେଳ ହୋଇଆସୁଛି । ଏଠାରେ ଏଯାଏ ୬୭ଟି ଟେଷ୍ଟ, ୨ଟି ମହିଳା ଟେଷ୍ଟ ଆୟୋଜିତ ହୋଇଆସୁଛି । ଏଠାରେ ଅଷ୍ଟ୍ରେଲିଆ ୧୯୮୮ରୁ ୨୦୨୧ ଯାଏ ଟେଷ୍ଟ କ୍ରିକେଟରେ ଅପରାଜେୟ ରହିଥିଲା । ପାରମ୍ପରିକ ଭାବେ ଅଷ୍ଟ୍ରେଲିଆ ଗସ୍ତରେ ଆସୁଥିବା ଭ୍ରମଣକାରୀ ଦଳ ଗାବ୍‌ବାରେ ପ୍ରଥମ ଟେଷ୍ଟ ଖେଳିଥାନ୍ତି । ଦୀର୍ଘଦିନ ପରେ ୨୦୩୨ରୁ ଏହି ପରମ୍ପରା ଭାଙ୍ଗିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ ।

## କୋର୍ଟଙ୍କ ନିର୍ଦ୍ଦେଶ

# ଜବତ ହେବ ସାକିବଙ୍କ ସମ୍ପତ୍ତି

**ଢ଼ାକା,୨୫।୩ (ଏଜେନ୍ସି):** ଜବତ ହେବ ବାଂଲାଦେଶର ସୁପରଷ୍ଟାର କ୍ରିକେଟର ତଥା ଆୱାମୀ ଲିଗ୍ ଏମ୍‌ପି ସାକିବ ଅଲ ହସନଙ୍କ ସମ୍ପତ୍ତି । ଏପରି ଏକ ନିର୍ଦ୍ଦେଶ ଦେଇଛନ୍ତି ବାଂଲାଦେଶର ଏକ ନ୍ୟାୟାଳୟ । ଏହାର କାରଣ ହେଲା ଚେକ୍ ଅବମାନନା । ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ସେଖ ହସିନାଙ୍କ ସମର୍ଥକ ଭାବେ ସାକିବଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି । ସେଖ ହସିନା ବାଂଲାଦେଶରୁ ଯିବା ପରଠାରୁ ସାକିବ ଦେଶ ବାହାରେ ରହୁଛନ୍ତି । ଏଭଳି ଅବସ୍ଥାରେ ତାଙ୍କ ବିରୋଧରେ ଗୋଟିକ ପରେ ଗୋଟିଏ ଅଭିଯୋଗ ଆସିବାରେ ଲାଗିଛି ।

ଘଟଣାରୁ ଜଣାଯାଇଛି ସାକିବଙ୍କ ଏକ ଆଗ୍ରୋ ଫାର୍ମ ରହିଛି । ଏହି ଫାର୍ମ ଆଇଏଫ୍‌ଆଇସି ବ୍ୟାଙ୍କଠାରୁ ୩ ଲକ୍ଷ ଡଲାର ଋଣ ନେଇଥିଲା । ଏହି ଋଣ ଶୁଝିବା ବାବଦକୁ ବ୍ୟାଙ୍କ ପକ୍ଷରୁ ୪୧.୫ ଲକ୍ଷ ଟଙ୍କାର ଦୁଇଟି କିସ୍ତି ବ୍ୟାଙ୍କରେ ଦିଆଯାଇଥିଲା । କିନ୍ତୁ ଏହି ଫାର୍ମ ଆକାଉଣ୍ଟରେ ପର୍ଯ୍ୟାପ୍ତ ଅର୍ଥ ନ ଥିବାରୁ ଚେକ୍ ବାଉନ୍ସ ହୋଇଥିଲା । ଏହି ଚେକ୍ ବାଉନ୍ସ ମାମଲାର ବିଚାର କରି ଢ଼ାକାର ଏକ କୋର୍ଟ ସାକିବଙ୍କ ସମ୍ପତ୍ତି ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବାଂଲାଦେଶରେ ଶେଖ ହସିନା ସରକାରର ପତନ ପରଠାରୁ ବିଦେଶରେ ରହୁଛନ୍ତି ସାକିବ । ଏଣୁ ସେ କୋର୍ଟରେ ତାଙ୍କ ପକ୍ଷ ରଖିବାକୁ ସମର୍ଥ ହେଉନାହାନ୍ତି କିମ୍ବା ତାଙ୍କ ଫାର୍ମକୁ ଚଳାଇବାଲାଗି ସରକାର ସହଯୋଗ କରୁନାହାନ୍ତି । ଏଭଳି ସ୍ଥଳେ ଦିନକୁ ଦିନ ସାକିବଙ୍କ ସମସ୍ୟା ବଢ଼ିବାରେ



ଲାଗିଛି । ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ସାକିବ ବାଂଲାଦେଶ ପକ୍ଷରୁ ୭୧ ଟେଷ୍ଟ, ୨୪୭ ଦିନିକିଆ ଓ ୧୨୯ଟି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଖେଳିଛନ୍ତି । ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ୭୧୨ଟି ୱିକେଟ ନେଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS